# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୩୦/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 30/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୧୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 125 | ମୂଲ୍ୟ ₹୭/-




**କ୍ରିତି ବଖାଣିଲେ ମନକଥା**

ବହୁ ସଂଘର୍ଷର ସମ୍ମୁଖୀନ ହୋଇ ବଲିଉଡ୍‌ରେ ନିଜସ୍ୱ ପରିଚୟ ସୃଷ୍ଟି କରିଥିବା କରିଥିବା କହିଛନ୍ତି କ୍ରିତି ସାନନ୍।

୧୧

୧୬

**ଗେଲ୍‌ଙ୍କୁ ଟପିଲେ କୋହଲି**

ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ସର୍ବାଧିକ ଛକା ମାରିବାରେ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇଛନ୍ତି ବିରାଟ କୋହଲି।



# ପାରଦ ଛୁଇଁଲା ୪୦ ଡିଗ୍ରୀ

**ଏବର୍ଷରେ ପ୍ରଥମ**

## ୫ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା



ଭୁବନେଶ୍ୱର,୨୯।୩(ଅନିଲ ଦାସ)

ଗତ କିଛିଦିନ ହେବ ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ସକାଳ ୮ଟାରୁ ମାଡ଼ିଆସୁଛି ପ୍ରଚଣ୍ଡ ଗ୍ରୀଷ୍ମ। ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଦେହ ମୁଣ୍ଡ ଜଳିପୋଡ଼ି ଗଲାଭଳି ଲାଗୁଛି। ଚଳିତବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଅନୁଯାୟୀ, ଟିଟିଲାଗଡ଼, ବଲାଙ୍ଗୀର, ବୌଦ୍ଧ, ଭବାନୀପାଟଣା ଓ ନୟାଗଡ଼ରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୩୯.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୩୯.୧, ତାଳଚେର ୩୯.୮, ଫୁଲବାଣୀ ୩୯.୨ ଏବଂ ନବରଙ୍ଗପୁରରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। କଟକ ଓ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ର ୩୭.୪ ଓ ୩୭.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଶେଷକରି ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାରେ ଝଡ଼ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଛି। ଏହାର ପ୍ରଭାବରେ ଆସନ୍ତା ଏପ୍ରିଲ ୮ ତାରିଖ ଯାଏ ତାତି ବଢ଼ିବ ନାହିଁ। ସର୍ବୋଚ୍ଚ ତାପମାତ୍ରା ୩୫ରୁ ୩୯ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବ। ରାତିର ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧିପାଇବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ତାତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି।

# କଂଗ୍ରେସକୁ ୧,୮୦୦ କୋଟିର ଆୟକର ନୋଟିସ

ନୂଆଦିଲ୍ଲୀ,୨୯।୩(ପି.ଟି.)

କଂଗ୍ରେସକୁ ଆୟକର ବିଭାଗ ପକ୍ଷରୁ ସାନି ନୋଟିସ ଜାରି କରାଯାଇ ୧,୮୨୩.୦୮ କୋଟି ଟଙ୍କା ପୈଠ କରିବା ପାଇଁ କୁହାଯାଇଛି। ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳକୁ ଆର୍ଥିକ ଦୃଷ୍ଟିରୁ ପଙ୍ଗୁ କରିଦେବା ଲାଗି ଶାସକ ଭାଜପା ଟିକସ ଆତଙ୍କବାଦ ଚଳାଇଥିବା କଂଗ୍ରେସ ଅଭିଯୋଗ ଆଣିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାଜପାକୁ ତୀବ୍ର ସମାଲୋଚନା କରିଛନ୍ତି।

## ସରକାର ବଦଳିଲେ ଆମେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ: ରାହୁଲ

ସରକାର ଯେତେବେଳେ ବଦଳିବ, ଗଣତନ୍ତ୍ରକୁ ବିବସ୍ତ୍ର କରିଥିବା ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଏହା ଭାଜପା ମନେରଖିବା ଉଚିତ ବୋଲି ରାହୁଲ ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେମାନଙ୍କ ବିରୋଧରେ ଏଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ଯେ ସେମାନେ ଆଉଥରେ ଏଭଳି କରିବାକୁ ସାହସ କରିବେ ନାହିଁ। ଏହା ମୋର ଗ୍ୟାରେଣ୍ଟି ବୋଲି ରାହୁଲ କହିଛନ୍ତି।

ସାନି ଆୟକର ନୋଟିସ ସମ୍ପର୍କରେ କଂଗ୍ରେସ ଶୁକ୍ରବାର ଗଣମାଧ୍ୟମକୁ ଜଣାଇବା ସହ ଭାଜପା ଆୟକର ଆଇନର ଗୁରୁତର ଉଲ୍ଲଂଘନ କରିଥିବା ଅଭିଯୋଗ କରିଛି। ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର



ସାଧାରଣ ସମ୍ପାଦକ ଜୟରାମ ରମେଶ ଏବଂ କୋଷାଧ୍ୟକ୍ଷ ଅଜୟ ମାକେନ୍ କହିଛନ୍ତି, ଆୟକର ଆଇନର ଉଲ୍ଲଂଘନ ପାଇଁ ଗୈରିକ ଦଳ ଉପରେ ଆୟକର କର୍ତ୍ତୃପକ୍ଷ ୪,୬୧୭.୫୮ କୋଟି ଟଙ୍କା ଦାବି କରିବା ଆବଶ୍ୟକ। ମାକେନ କହିଛନ୍ତି, ରାଜନୈତିକ ଦଳଗୁଡ଼ିକ ଫର୍ମ ୨୪ଏ ପୂରଣ କରିଥାନ୍ତି, ଯେଉଁଥିରେ ଚାନ୍ଦା ଦେଇଥିବା ବ୍ୟକ୍ତି ବା ସଂସ୍ଥାଗୁଡ଼ିକର ନାମ ଓ ଠିକଣା ରହିଥାଏ। ଭାଜପା ପ୍ରତିବର୍ଷ ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ ଦାଖଲ କରିଥିବା ଆୟ ବିବରଣୀରେ ଆବଶ୍ୟକ ତଥ୍ୟ ଦେଇନାହିଁ। ଭାଜପା ଇଲେକ୍ଟୋରାଲ ବଣ୍ଡରୁ ୮,୨୦୦ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଥିବାବେଳେ ଏଥିପାଇଁ ☞ପୃଷ୍ଠା-୪

# ୪୪% ଏମ୍‌ପିଙ୍କ ନାଁରେ ଆପରାଧିକ ମାମଲା

**ଏଡିଆର୍ ରିପୋର୍ଟ**

- ଭାଜପାରେ ସର୍ବାଧିକ ଦାଗୀ
- ୫% ଏମ୍‌ପି ବିଲିୟନେୟାର

ନୂଆଦିଲ୍ଲୀ,୨୯।୩(ପି.ଟି.)

ସପ୍ତଦଶ ଲୋକ ସଭାରେ ବର୍ତ୍ତମାନ ୫୧୪ ସଦସ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୫୫ ଜଣ (୪୪%) ଏମ୍‌ପିଙ୍କ ବିରୋଧରେ ଆପରାଧିକ ମାମଲା ବିଚାରାଧୀନ ରହିଛି। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏମ୍‌ପିମାନେ ଦାଖଲ କରିଥିବା ସତ୍ୟପାଠକୁ ବିଶ୍ଳେଷଣ କରି ଏହି ତଥ୍ୟ ସାମ୍ନାକୁ ଆଣିଛି। ସେହିପରି ୫ ପ୍ରତିଶତ ଏମ୍‌ପି ବିଲିୟନେୟାର ରହିଛନ୍ତି, ଯାହାଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟ ଅନୁସାରେ ବର୍ତ୍ତମାନ ୨୯% ଏମ୍‌ପିଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି, ଅପହରଣ ଏବଂ ମହିଳାଙ୍କ ବିରୋଧରେ ଅପରାଧ ଭଳି ସଙ୍ଗିନ ମାମଲା ଚାଲିଛି। ଏମାନଙ୍କ ମଧ୍ୟରୁ ୯ ଜଣଙ୍କ ନାମରେ ହତ୍ୟା ମାମଲା ରହିଛି। ହତ୍ୟା ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣ ହେଲେ ଭାଜପା ଏମ୍‌ପି। ସେହିପରି ନିଜ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିବା ବିଷୟ ୨୮ ଏମ୍‌ପି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ହତ୍ୟା ଉଦ୍ୟମ ଅଭିଯୁକ୍ତଙ୍କ ମଧ୍ୟରୁ ସର୍ବାଧିକ ୨୧ ଜଣ ଭାଜପାର। ଅନୁରୂପ ଭାବେ ୧୬ ଏମ୍‌ପିଙ୍କ ବିରୋଧରେ ବଳାତ୍କାର ସମେତ ମହିଳା ବିରୋଧୀ ଅପରାଧ ମାମଲା ରହିଛି। ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ବିହାର, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଓ ହିମାଚଳ ପ୍ରଦେଶର ୫୦%ରୁ ଅଧିକ ଏମ୍‌ପି ଆପରାଧିକ ମାମଲାର ଅଭିଯୁକ୍ତ।

ଉକ୍ତ ରିପୋର୍ଟରେ ଆଇନ ପ୍ରଣେତାମାନଙ୍କ ଆର୍ଥିକ ସ୍ଥିତି ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଛି। ଭାଜପା ଏବଂ କଂଗ୍ରେସରେ ସର୍ବାଧିକ ବିଲିୟନେୟାର ଏମ୍‌ପି ଅଛନ୍ତି। କଂଗ୍ରେସର ନକୁଳ ନାଥ, ଡି.କେ. ସୁରେଶ ଏବଂ ସ୍ୱାଧୀନ ଏମ୍‌ପି କନୁମୁରୁ ☞ପୃଷ୍ଠା-୪

# ଭାରତରେ ପ୍ରତ୍ୟେକଙ୍କ ଅଧିକାର ସୁରକ୍ଷିତ ହେବା ଆବଶ୍ୟକ

**କେଜ୍‌ରିୱାଲଙ୍କ ଗିରଫଦାରି ଉପରେ ଜାତିସଂଘର ପ୍ରତିକ୍ରିୟା**

ଜାତିସଂଘ,୨୯।୩(ପି.ଟି.)

ଭାରତରେ ତଥା ନିର୍ବାଚନ ହେଉଥିବା ଯେକୌଣସି ଦେଶରେ ଲୋକମାନଙ୍କ ରାଜନୈତିକ ଓ ନାଗରିକ ଅଧିକାର ସୁରକ୍ଷିତ ହେବା ଏବଂ ସମସ୍ତେ ମୁକ୍ତ ଓ ସ୍ୱଚ୍ଛ ବାତାବରଣରେ ଭୋଟ ଦେବାକୁ ସକ୍ଷମ ହେବା ଆବଶ୍ୟକ ବୋଲି ଆମେ ଆଶା କରୁଥିବା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ କହିଛନ୍ତି। ଭାରତରେ ଲୋକ ସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫ କରାଯିବ ବଂ ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯିବା ଘଟଣାକୁ ନେଇ ଭାରତରେ ରାଜନୈତିକ ଅଶାନ୍ତି ଦେଖାଦେଇଛି। ଏହା ଉପରେ ଏକ ପ୍ରଶ୍ନର ଉତ୍ତରରେ ଷ୍ଟିଫେନ୍ ଉପରୋକ୍ତ ମନ୍ତବ୍ୟ ରଖିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେଜ୍‌ରିୱାଲଙ୍କୁ ଗିରଫ କରିବା ପରେ ସ୍ୱଚ୍ଛ ଓ ନିରପେକ୍ଷ ବିଚାରର ଅଧିକାର ତାଙ୍କୁ ମିଳିବା ଆବଶ୍ୟକ ବୋଲି ଜର୍ମାନ ସ୍ମରଣ କରାଇଦେଇଥିଲା। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ତେଣୁ ଏହି ମାମଲାରେ ନ୍ୟାୟପାଳିକାର ନିରପେକ୍ଷତା ☞ପୃଷ୍ଠା-୪











## କେନ୍ଦୁଝର ବଳଦେବଜୀଉ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

କେନ୍ଦୁଝର,୨୯।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ମନ୍ଦିର ହୁଣ୍ଡି ଭାଙ୍ଗି ଗୁରୁବାର ରାତିରେ ଚୋରି ହୋଇଛି। ମନ୍ଦିର ପ୍ରବେଶ ଦ୍ୱାରରେ ଥିବା ଏହି ହୁଣ୍ଡି ତାଡି ସେଥିରେ ଥିବା ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଲୁଟ୍ ହୋଇଛି। ତେବେ ପୁରୁଣା ଟଙ୍କା ଏବଂ ଖୁଚୁରା ପଇସା ଦୁର୍ବୃତ୍ତମାନେ ନ ନେଇ ହୁଣ୍ଡି ନିକଟରେ ପକାଇ ପଳାଇଛନ୍ତି। ଗତ ରଥଯାତ୍ରା ପରଠୁ ହୁଣ୍ଡି ଖୋଲାଯାଇ ନ ଥିବାବେଳେ ଏଥିରେ ଲକ୍ଷାଧିକ ଟଙ୍କା ଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ହୁଣ୍ଡି ନିକଟରେ ଲାଗିଥିବା ସିସିଟିଭି କାମ କରୁ ନ ଥିବା ଟାଉନ ଥାନା ପୋଲିସ ଯାଞ୍ଚ ବେଳେ ଜାଣିବାକୁ ପାଇଛି। ମନ୍ଦିରରେ ଲାଗିଥିବା ଅନ୍ୟ ଏକ ସିସିଟିଭିରେ ୨ଜଣ ଦୁର୍ବୃତ୍ତଙ୍କ ଫଟୋ କଏଦ ହୋଇଛି, ଯାହାକୁ ଦେଖିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଦିଲ୍ଲୀରେ ଜଳ ଚିନ୍ତା





ଆଜି ହିଁ ଆଣନ୍ତୁ
ଇନ୍‌ଭର୍ଟର ଏୟାରକଣ୍ଡିସନର
1.5T ମାତ୍ର
ଟ.26999# ରେ
Fixed EMI - 1999*
# Price inclusive of Cash Back Offer
50 YEARS
SERVING EXCELLENCE
Symbol of Trust
Beat the Heat
iPhone 15
At an Exchange Effective Price of ₹39900*
Inclusive of ₹6000* instant cashback on credit cards of ICICI Bank SBI card
Store Discount Flat ₹8000
+ Exchange Bonus upto ₹6000
LG OLED
Price Starts From : ₹ 95999*
EMI - 2999*
CASH BACK UPTO ₹ 12500*
LED
Price Starts From : ₹ 8900*
EMI - 742*
2 YEARS warranty
VICTUS
Upto 10000 BANK CASHBACK*
Extended Warranty @ Re 1 per day only*
Price Starts From : ₹ 10999*
Price Starts From : ₹ 4999*
Inverter Price Starts From : ₹ 3999*
Battery Price Starts From : ₹ 6999*
LUMINOUS
V-GUARD
VT 155D
HYDRAULIC STORAGE BEDS
CUSHION HEAD BOARD BEDS
SPD DINING SETS
4 SEATER DINING
OFFICE TABLE
LCD UNITS
Furniture Available at : Patrapada - Bhubaneswar | CDA-Cuttack | Angul | Puri | Nimapada | Jagatsinghpur | Paradeep
Nayagarh | Kalapathar | Balugaon | Jajpur Town | Chandikhole | Athagarh
NO COST EMI 1 EMI OFF
ZERO DOWN PAYMENT*
BAJAJ FINSERV
IDFC FIRST Bank
HDFC BANK We understand your world
HDB FINANCIAL SERVICES
WIDECARE SECURE YOUR PRODUCT WITH EXTENDED WARRANTY
ENJOY 2 YEARS COMPLIMENTARY EXTENDED WARRANTY*
7.5% INSTANT DISCOUNT* SBI card
*Min. Trxn.: ₹15,000; Max. Discount: ₹5,250 per card. Also valid on EMI Trxns. Validity: 16 Mar - 22 Apr 2024. T&C Apply.
GD Symbol of Trust
GUPTA DISTRIBUTORS
No.1 Retail Chain Stores
28 STORES
ELECTRONICS, MOBILE,CAMERA,LAPTOP, HOME APPLIANCES & FURNITURE
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob- 8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square,Grand Road, Mob: 7008989310, JATNI- Near Axis Bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303
70+ brands
175+ Category
For Sales & Service 7735455025
*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK .




## ୨୦ ମିନିଟ୍ ଅଟକିଲା ବନ୍ଦେ ଭାରତ

**ବ୍ରହ୍ମପୁର, ୨୯।୩ (ସୁବାସ ଚନ୍ଦ୍ର ପାଢ଼ୀ)**

ଭୁବନେଶ୍ୱରରୁ ବ୍ରହ୍ମପୁର ଦେଇ ବିଶାଖାପାଟଣା ଅଭିମୁଖେ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ ଧକ୍କାରେ ଶୁକ୍ରବାର ଏକ ଷଣ୍ଢର ମୃତ୍ୟୁ ହୋଇଛି। ଏଥିଯୋଗୁ ଟ୍ରେନ୍‌ଟି ପ୍ରାୟ ୨୦ ମିନିଟ ଧରି ଅଟକି ରହିଥିଲା। ଲୋକୋ ପାଇଲଟ ଇଞ୍ଜିନର ସ୍ଥିତି ଯାଞ୍ଚ କରିବା ପରେ ସବୁ ଠିକ ଥିବାରୁ ପୁଣି ଟ୍ରେନ ଯାତ୍ରା ଆରମ୍ଭ କରିଥିଲା ବୋଲି ଆରପିଏଫ ଇନ୍ସପେକ୍ଟର ଡି.ସି.ନାୟକ କହିଛନ୍ତି। ଶୁକ୍ରବାର ସକାଳ ପ୍ରାୟ ୭ଟା ୫ ମିନିଟରେ ବନ୍ଦେ ଭାରତ ଏକ୍ସପ୍ରେସ ବ୍ରହ୍ମପୁର ପଟେ ଆସୁଥିଲା। ଜଗନ୍ନାଥପୁର ରେଳ ଷ୍ଟେଶନ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ସେହିପରି ଲୋକୋ ପାଇଲଟ ଜରୁରିକାଳୀନ ବ୍ରେକ ଦେଇ ଟ୍ରେନ ଅଟକାଇଥିଲେ। ସୌଭାଗ୍ୟବଶତଃ ଯାତ୍ରୀଙ୍କ କିଛି କ୍ଷତି ହୋଇନାହିଁ। ବ୍ରହ୍ମପୁର ଆରପିଏଫ ମଧ୍ୟ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।





# ଓଡ଼ିଆ ଭାଷାରେ ଆଇପିଏଲ୍ କମେଣ୍ଟ୍ରି ବନ୍ଦ

### ସୋସିଆଲ ମିଡିଆରେ ତେଜୁଛି ଅସନ୍ତୋଷ

**ଭୁବନେଶ୍ୱର, ୨୯।୩ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷାକୁ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଯେତିକି ଗୁରୁତ୍ୱ ମିଳିବା କଥା ସେତିକି ମିଳୁନାହିଁ। ଭାଷାର ବ୍ୟବହାର କମୁଛି। ଓଡ଼ିଶାର କିଛି ବି ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଗଲେ ସମସ୍ତେ ସିନା ଖୁସି ହୋଇ ଗର୍ବର କଥା ବୋଲି କହୁଛନ୍ତି, ମାତ୍ର କ୍ରମାଗତ ଭାବେ କିଭଳି ଓଡ଼ିଶା, ଓଡ଼ିଆ ଭାଷା ବିଶ୍ୱ ଦରବାରରେ ବଜାୟ ରହିବ ସେ ନେଇ ସେପରି ପ୍ରୟାସ ହେଉନାହିଁ। ଗତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କ୍ରିକେଟ ଖେଳ ସମୟରେ ବିଭିନ୍ନ ଆଞ୍ଚଳିକ ଭାଷାରେ କମେଣ୍ଟ୍ରି ଆରମ୍ଭ ହୋଇଥିଲା, ଯେଉଁଥିରେ ଓଡ଼ିଆ ଭାଷା ମଧ୍ୟ ସାମିଲ ଥିଲା। ଏହା ସମସ୍ତ ଓଡ଼ିଆଙ୍କୁ ଖୁସି ଦେଇଥିଲା। ମାତ୍ର ଏଥର ଅନ୍ୟାନ୍ୟ ଆଞ୍ଚଳିକ ଭାଷା ରହିଥିବାବେଳେ ବାଦ୍ ପଡ଼ିଛି ଓଡ଼ିଆ ଭାଷା। ଯାହାକୁ ନେଇ ସୋସିଆଲ ମିଡ଼ିଆରେ ଆଇପିଏଲ୍ ବ୍ରଡ୍‌କାଷ୍ଟରଙ୍କୁ କଡ଼ା ସମାଲୋଚନା କରିଛନ୍ତି ଓଡ଼ିଶାବାସୀ। 'ବଏକଟ୍ ଜିଓ ସିନେମା, ବ୍ରିଙ୍ଗ୍ ବ୍ୟାକ୍ ଆଇପିଏଲ୍ ଇନ୍ ଓଡ଼ିଆ' ହ୍ୟାସ୍‌ଟ୍ୟାଗ୍‌କୁ ଅନେକେ ସମର୍ଥନ ଦେବା ସହ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଏପରିକି ଅନେକେ ୟୁଜର୍ସ ଦିନକ ପାଇଁ ଜିଓ ସିନେମା ଆପ୍‌କୁ ଅନ୍‌ଇନ୍‌ଷ୍ଟଲ୍ କରି ପ୍ରତିବାଦ ଜଣାଇଥିବା ସୂଚନା ମିଳିଛି। ଏପରିସ୍ଥିତିରେ ଆଇପିଏଲ୍‌ରେ ଓଡ଼ିଆ କମେଣ୍ଟ୍ରି ପୁଣି ଆରମ୍ଭ ପାଇଁ ରାଜ୍ୟ ସରକାର ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ କାହିଁକି ଉଦ୍ୟମ କରୁନାହିଁ ବୋଲି ପ୍ରଶ୍ନ ଉଠୁଛି।

ଗତବର୍ଷ ଆଇପିଏଲ୍‌ରେ ୧୨ଟି ଆଞ୍ଚଳିକ ଭାଷାରେ ପ୍ରଥମଥର ଜିଓ ସିନେମାରେ କମେଣ୍ଟ୍ରି ଆରମ୍ଭ ହୋଇଥିଲା। ଚଳିତବର୍ଷ ୨୨ମାର୍ଚ୍ଚରୁ ଆରମ୍ଭ ହୋଇଥିବା ଆଇପିଏଲ୍ ମେ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଇଂଲିଶ, ହିନ୍ଦୀ, ବେଙ୍ଗଲି, ମରାଠୀ, ତେଲୁଗୁ, ତାମିଲ, ଗୁଜରାଟୀ, କନ୍ନଡ଼, ମାଲୟାଲମ୍, ଭୋଜପୁରୀ, ପଞ୍ଜାବୀ, ହରିୟାଣି ଆଦି ଭାଷାରେ କମେଣ୍ଟ୍ରି ହେଉଛି। ଏଥର ଓଡ଼ିଆ ଭାଷାରେ ଆଇପିଏଲ୍ କମେଣ୍ଟ୍ରି ଶୁଣିବାକୁ ଓଡ଼ିଆ ଦର୍ଶକ ଅପେକ୍ଷା କରିଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଛି। କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ କାହିଁକି ବାଦ୍ ପଡ଼ିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏମିତିକି ନିଜକୁ ବଡ଼ ବଡ଼ ସାହିତ୍ୟିକ ବା ଭାଷାବିତ୍ କହୁଥିବା ବ୍ୟକ୍ତିବିଶେଷ କାହିଁକି ଏ ନେଇ ମୁହଁ ଖୋଲୁ ନାହାନ୍ତି ବୋଲି ସୋସିଆଲ ମିଡ଼ିଆରେ ସମାଲୋଚନା ହୋଇଛି। ଜିଓ ସିନେମା ଆପ୍‌କୁ ଡିଲିଟ କରି କିଛି ରେସପନ୍ସ ପାଇବାକୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମଧ୍ୟ କେତେଜଣ ୟୁଜର୍ସ ଦିନକ ପାଇଁ 'ଅନଇନ୍‌ଷ୍ଟଲିଙ୍ଗ ଜିଓ ସିନେମା' ହାସ୍‌ଟ୍ୟାଗ୍‌ର ଡାକରା ଦେଇଥିଲେ। ଅନେକେ ଏହି ଆପ୍‌କୁ ଅନଇନ୍‌ଷ୍ଟଲ କରି ସ୍କ୍ରିନ୍‌ସଟ୍ ମଧ୍ୟ ଶେୟାର କରିଥିଲେ। ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରରେ ଓ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ଅନେକ କିଛି ଯୋଜନା କରୁଛନ୍ତି। ମାତ୍ର କେଉଁ କାରଣ ପାଇଁ ଏଥର ଓଡ଼ିଆ ଭାଷାକୁ ବାଦ୍ ଦିଆଯାଇଛି ସେନେଇ ରାଜ୍ୟ ସରକାର ଚୁପ୍ ରହିଥିବାରୁ ସମସ୍ତଙ୍କ ମନରେ ସନ୍ଦେହ ଉପୁଜିଛି।


ଅବୁଝା ପୁଅ
@AbujhaPua

Odia People , Please don't igonre this tweet. 🙏

- ଗଲା ବର୍ଷ ଆଇପିଏଲରେ ୧୨ ଟି ଆଞ୍ଚଳିକ ଭାଷାରେ ପ୍ରଥମ ଥର ପାଇଁ କମେଣ୍ଟ୍ରି ଆରମ୍ଭ କରିଥିଲା Jio Cinema। ତା ଭିତରେ ଓଡ଼ିଆ ମଧ୍ୟ ସାମିଲ୍ ଥିଲା।
- ପ୍ରଥମ ଥର ପାଇଁ ଓଡ଼ିଆରେ ଏମିତି କିଛି କାର୍ଯ୍ୟକ୍ରମ ହେଉଥିବରୁ ଲୋକମାନେ ବହୁତ୍ ଉତ୍ସାହିତ ହେବା ସହ ସହଯୋଗ ବି...

7:45 am · 17 Mar 24 · 39.1K Views

119 Reposts 26 Quotes 457 Likes

16 Bookmarks

ଅବୁଝା ପୁଅ @AbujhaPua · 17 Mar
Replying to @AbujhaPua
କରିଥିଲେ। ଏବେ ବି ଚାହିଁଲେ, ଆପଣ ମାନେ ଏସବୁକୁ #IPLinOdia Hashtag ରେ ଦେଖି ପାରିବେ।
- ଆଶା ଥିଲା, ଚଳିତ ବର୍ଷ ଆଇପିଏଲରେ ମଧ୍ୟ ଓଡ଼ିଆ ଭାଷାର କମେଣ୍ଟ୍ରି ତାର ପୂର୍ବ ସଫଳତା ଦୋହରାଇବ। ଦର୍ଶକ ଭାବେ ଆମେ ମଧ୍ୟ ଓଡ଼ିଆ ଭାଷାରେ ପୁଣିଥରେ

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ହୋଇଥିବା ପୋଷ୍ଟ।

### 'ଆମ ଭାଷା ପ୍ରତି ଉଚିତ ହୋଇନାହିଁ'


ନିଶାନ୍ତ ମାଜିଠିଆ

ଗତ ଆଇପିଏଲ୍‌ରେ ଓଡ଼ିଆ କମେଣ୍ଟ୍ରି ଟିମ୍‌ର ପ୍ରୋଜେକ୍ଟ ମୁଖ୍ୟ ଥିବା ନିଶାନ୍ତ ମାଜିଠିଆ କହିଛନ୍ତି, ମୋ ପାଖେ ଯାହା ସୂଚନା ଅଛି ଆଞ୍ଚଳିକ ଭାଷାରେ ଦେଖିଥିବା କମ୍ ଦର୍ଶକଙ୍କ ମଧ୍ୟରେ ଆମ ଭାଷା ଓଡ଼ିଆ ରହିଥିଲା। ଏଥିସହ ଆଇପିଏଲରେ ଓଡିଶାରୁ କୌଣସି ଖେଳାଳି ନାହାନ୍ତି। ତେଣୁ ଓଡିଆରେ କରି କିଛି ଫାଇଦା ହେଉନି ବୋଲି ଶୁଣିବାକୁ ମିଳିଲା। ପ୍ରଥମଥର ସୁଯୋଗ ମିଳିଥିଲା, ବହୁ ଭଲ ପାଇବା ପାଇଥିଲୁ। କିଛି ଭୁଲ୍ ବି ହୋଇଥିଲା, ଟ୍ରୋଲ୍ ମଧ୍ୟ ହୋଇଥିଲୁ। ଏତେ ବଡ଼ ପ୍ଲାଟ୍‌ଫର୍ମକୁ ସଂପୂର୍ଣ୍ଣ ଠିକ୍ ଭାବେ ସମ୍ଭାଳିବାକୁ ଆମେ ପୂରା ଚେଷ୍ଟା କରିଥିଲୁ। ଦେଖିବାକୁ ଗଲେ ମାଲୟାଲମ୍ ଭାଷାରେ ମଧ୍ୟ ଖେଳାଳି ନାହାନ୍ତି। ଏଥର ଆଇପିଏଲ ପୂର୍ବରୁ ଫାଇନାଲ ପ୍ରଦର୍ଶନ ପାଇଁ ଅଲଗା ଭାଷାକୁ ସୁଯୋଗ ଦିଆଯାଇଥିଲା, କିନ୍ତୁ ଓଡ଼ିଆକୁ ମିଳିଲାନି। ଏଇଟା ନିହାତି ଆମ ଭାଷା ପ୍ରତି ଉଚିତ ହୋଇନାହିଁ। ଆମକୁ ଆଉଥରେ ସୁଯୋଗ ମିଳିବା କଥା।

## ୭୦ ହଜାର ମୁହାଁ ସୁନା ଦର

### ଅଫର ଘୋଷଣା କଲେ ଗହଣା ଷ୍ଟୋର୍

**ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)**



ଦିନକୁ ଦିନ ସୁନାଦର ବଢ଼ିବାରେ ଲାଗିଛି। ଚଳିତ ମାସରେ ଭାରତୀୟ ବଜାରରେ ୧୦ ଗ୍ରାମ ସୁନା ମୂଲ୍ୟରେ ୪ରୁ ୫ ହଜାର ଟଙ୍କା ବୃଦ୍ଧି ପାଇଛି। ଭୁବନେଶ୍ୱରରେ ମାର୍ଚ୍ଚ ପହିଲାରେ ୨୨ କ୍ୟାରେଟ୍ ସୁନାଦର ୧୦ଗ୍ରାମ୍ ପିଛା ୫୮,୨୩୦ ଟଙ୍କା ରହିଥିବାବେଳେ ଏହା କ୍ରମାଗତ ବୃଦ୍ଧି ପାଇ ବୁଧବାର ୬୨, ୩୪୨ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ମାସକରେ ୪,୧୧୨ ଟଙ୍କା ବଢ଼ିଛି। ୨୪ କ୍ୟାରେଟ ସୁନାଦର ମାସ ଆରମ୍ଭରୁ ୧୦ ଗ୍ରାମ୍ ପିଛା ୬୩ ହଜାର ୫୬୯ ଟଙ୍କା ରହିଥିବାବେଳେ ଏଥିରେ ୪,୪୯୦ଟଙ୍କା ବଢ଼ି ବର୍ତ୍ତମାନ ୬୮, ୦୫୯ ଟଙ୍କାରେ ପହଞ୍ଚିଛି। ସେହିପରି ସପ୍ତାହକରେ ୨୨ କ୍ୟାରେଟ୍ ସୁନାଦର ୧,୧୫୪ ଟଙ୍କା ଓ ୨୪ କ୍ୟାରେଟ୍ ସୁନାଦରରେ ୧୨୬୧ ଟଙ୍କା ବଢ଼ିଛି। ଏପରି ସ୍ଥିତି ଲାଗି ରହିଲେ ଖୁବ୍‌ଶୀଘ୍ର ଏହା ୭୦ହଜାର ଡେଇଁବ ଓ ଅକ୍ଷୟ ତୃତୀୟା ପୂର୍ବରୁ ସୁନା ଭରି ୭୫ ହଜାର ଛୁଇଁପାରେ ବୋଲି ବଜାର ବିଶେଷଜ୍ଞ ଆକଳନ କରିଛନ୍ତି। ଅନ୍ୟପକ୍ଷରେ ରୁପା ଦରରେ ମଧ୍ୟ ବୃଦ୍ଧି ଘଟି ୭୪ ହଜାର ୨୭୫.୨୫ ଟଙ୍କାରେ ପହଞ୍ଚିଛି। ଫେବୃଆରୀ ୨୯ ସୁଦ୍ଧା ଏହା ୬୯, ୪୫୦.୬୨ ଟଙ୍କା ରହିଥିଲା। ତେଣୁ ମାସକରେ ରୁପା ଦର ୪,୮୨୪.୭୭୫.୨୫ ଟଙ୍କା ବୃଦ୍ଧି ହୋଇଛି। ସୁନା ଓ ରୁପାର ଏପରି ମୂଲ୍ୟବୃଦ୍ଧିକୁ ନେଇ ଚିନ୍ତାରେ ପଡିଛନ୍ତି ଗ୍ରାହକ। ବିଶେଷକରି ଯେଉଁମାନଙ୍କର ବିବାହ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହିଛି, ସେମାନେ ଅଧିକ ଚିନ୍ତାରେ ପଡିଛନ୍ତି। ତେବେ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସହରର ବିଭିନ୍ନ ବଡବଡ଼ ଗହଣା ଷ୍ଟୋର୍ ବିଭିନ୍ନ ପ୍ରକାର ଅଫର ରଖିଛନ୍ତି।

ଅନ୍ତର୍ଜାତୀୟ ବଜାର ସୁନା କାରବାର ଭାରତୀୟ ବଜାରକୁ ପ୍ରଭାବିତ କରୁଛି। ଗୁରୁବାର ଏଥିରେ ୧.୯୦ ପ୍ରତିଶତ ହ୍ରାସ ପାଇ ୨୨୫୪.୮୦ ଆମେରୀକୀୟ ଡଲାରରେ କାରବାର ବନ୍ଦ ରହିଥିଲା। ଶୁକ୍ରବାର ଗୁଡ୍ ଫ୍ରାଇଡେ' ରହିଥିବାରୁ ମାର୍କେଟ ବନ୍ଦ ରହିଥିବାବେଳେ ସୋମବାର କାରବାର ଆରମ୍ଭ ହେବ। ତେବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମୁଥିବାରୁ ସୁନାଦର ବଢୁଥିବା ବିଶେଷଜ୍ଞଙ୍କ ମତ ରହିଛି। ଋଷ ସହ ୟୁକ୍ରେନ ଓ ହମାସ ସହ ଇସ୍ରାଏଲ ଯୁଦ୍ଧ ସୁନାଦର ବୃଦ୍ଧିର ଆଉଏକ କାରଣ ବୋଲି କୁହାଯାଉଛି।

ଗହଣା ଷ୍ଟୋର୍ ଜୟଲୁକ୍ସାସର ବ୍ରାଞ୍ଚ ମ୍ୟାନେଜର ସୁବାଶ ଏକ୍କଙ୍କ କହିବାନୁସାରେ, ବଢୁଥିବା ଦର ବ୍ୟବସାୟକୁ ପ୍ରଭାବିତ କରିନାହିଁ। ଗ୍ରାହକଙ୍କ ପାଇଁ ଷ୍ଟୋର୍ ପକ୍ଷରୁ ଗଢ଼ା ମଜୁରି ଉପରେ ସର୍ବାଧିକ ରିହାତି ପ୍ରଦାନ କରାଯାଉଛି। ସେହିପରି ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ ଷ୍ଟୋରର ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ କହିଛନ୍ତି, ମାସକ ମଧ୍ୟରେ ୪ରୁ ୫ ହଜାର ଟଙ୍କା ସୁନାଦର ବୃଦ୍ଧି ପାଇଥିଲେ ମଧ୍ୟ ଗ୍ରାହକଙ୍କ ଅତୁଟ ଭରସା ଯୋଗୁ ବ୍ୟବସାୟ ପ୍ରଭାବିତ ହୋଇନାହିଁ। ସେହିଭଳି ଗ୍ରାହକଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଛି। ପୂର୍ବରୁ ଗହଣା ବୁକିଂ କରୁଥିବା ଗ୍ରାହକ ବୁକିଂ ତାରିଖ ବା ଗହଣା କିଣିବା ଦିନ ମଧ୍ୟରୁ ଯେଉଁଦିନ ସର୍ବନିମ୍ନ ମୂଲ୍ୟ ରହୁଛି ସେଇ ଦରରେ ଗହଣା କ୍ରୟ କରିପାରିବେ।

## ଆଜି ବାର୍ ଆସୋସିଏଶନ ନିର୍ବାଚନ

**କଟକ, ୨୯।୩ (କାର୍ତ୍ତିକ ସାହୁ)**

ରାଜ୍ୟ ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଅନୁବନ୍ଧିତ ଆଇନଜୀବୀ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମେତ ରାଜ୍ୟର ବାର୍ ଆସୋସିଏଶନ୍‌ଗୁଡ଼ିକରେ ବିଭିନ୍ନ ପଦବୀରେ ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଶେଷ ହୋଇଛି। ଅପରପକ୍ଷରେ ମତଦାନ ନିମନ୍ତେ ପ୍ରାର୍ଥୀ ଓ ଭୋଟ ଦେବାକୁ ଥିବା ଆଇନଜୀବୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ନିୟମ ଅନୁସାରେ ଜଣେ ଆଇନଜୀବୀ କେବଳ ଗୋଟିଏ ବାର୍ ପାଇଁ ମତାଧିକାର ସାବ୍ୟସ୍ତ କରିପାରିବେ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନରେ ସଭାପତି ପଦବୀ ପାଇଁ ବିଜୟ କୁମାର ଦାଶ, ମିଲନ କୁମାର ବନ୍ତୁ, ସୌମ୍ୟକାନ୍ତ ପାଢ଼ୀ ଓ ଉଲ୍ଲାସ ଚନ୍ଦ୍ର ମହାନ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ଉପସଭାପତି ପଦବୀ ନିମନ୍ତେ ନମିତା ଚକ୍ରବର୍ତ୍ତୀ, ପଦ୍ମନାଭ ଚୌଧୁରୀ, କରୁଣାକର ରଥ, ପ୍ରଦୀପ କୁମାର ମହାପାତ୍ର ଓ ରବୀନ୍ଦ୍ର ନାଥ ପାଲ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମ୍ପାଦକ ପଦବୀ ପାଇଁ ଅଭିଜିତ୍ ପଟ୍ଟନାୟକ, ବିଭୁ ପ୍ରସନ୍ନ ମହାପାତ୍ର, ବିଭୂତି ଭୂଷଣ ଚୌଧୁରୀ, ଦିଲ୍ଲୀପ କୁମାର ରାୟ, ହୃଦାନନ୍ଦ ମହାପାତ୍ର, ରଞ୍ଜନ କୁମାର ନାୟକ ଓ ରଞ୍ଜିତ ମହାନ୍ତି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଯୁଗ୍ମ ସମ୍ପାଦକ ପଦବୀ ଲାଗି ଅଶୋକ କୁମାର ଆପଟ, ପଦ୍ମାଳୟା ମହାପାତ୍ର ଓ ସୋମନାଥ ଶତପଥୀ, ସହକାରୀ ସମ୍ପାଦକ ପଦବୀ ପାଇଁ ଅଭିଜିତ୍ ଦାସ, ବାସୁଦେବ ବାରିକ, ମହେଶ୍ୱର ଦାଶ ଓ ସାରଦା ପ୍ରସାଦ ମହାନ୍ତି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସହକାରୀ ସମ୍ପାଦକ(ପାଠାଗାର) ପଦବୀ ନିମନ୍ତେ ଭବାନୀ ଶଙ୍କର ପାଣିଗ୍ରାହୀ, ଦୀପ୍ତି ନାରାୟଣ ପଟ୍ଟନାୟକ, ରାଜ୍ କୁମାର ସୂତାର, ସପନ କୁମାର ପାଲ, ଶ୍ରଦ୍ଧାଞ୍ଜଳି ସାହୁ ଓ ସୁନିତା ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଥିସହ ୯ ଜଣିଆ କାର୍ଯ୍ୟକାରୀ ସଦସ୍ୟ ପଦବୀ ପାଇଁ ୧୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ରାଜ୍ୟସ୍ତରୀୟ କଳା ଶିବିରରେ ଯୋଗଦେଲେ ୧୦୬ କୃତୀ ଶିଶୁ ପ୍ରତିଯୋଗୀ

**ଭୁବନେଶ୍ୱର, ୨୯।୩ (ଶର୍ମିଷ୍ଠା ପାଣିଗ୍ରାହୀ)**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଅନ୍ୟତମ ଶାଖା ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଦ୍ୱିଦିବସୀୟ କଳା ଶିବିର ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନମନ୍ଦିର ପରିସରରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ବିନୋଦ ମହାରଣା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଦୃଶ୍ୟକଳା ବିଭାଗର ମୁଖ୍ୟ ଶିଳ୍ପୀ ରାଜବଲ୍ଲଭ ସାହୁ ଏଥିରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ କିଶୋର ଚନ୍ଦ୍ର ଦାସ ଯୋଗଦେଇ ଉତ୍କୃଷ୍ଟ କଳାର ପ୍ରଦେଶ ଉତ୍କଳରେ କଳାର ପ୍ରଚାର ପ୍ରସାର ନିମନ୍ତେ ଆହ୍ୱାନ ଦେଇଥିଲେ। ଶିଳ୍ପୀ ରବୀନ୍ଦ୍ରନାଥ ସାହୁ ସଂଯୋଜନା କରିଥିବାବେଳେ ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଅଧ୍ୟାପକ ବନମାଳୀ ପଣ୍ଡା ବିବେକାନନ୍ଦ ଲୋକ ସଂସଦର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଶିଳ୍ପୀ ତନୟା ସାହୁ ପ୍ରାରମ୍ଭିକ ବନ୍ଦନା ଓ ସଂସଦର ଆଜୀବନ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ଜେନା ବିବେକ ବାଣୀ ପାଠ କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ ଆଶିଷ କୁମାର ରାଠୋର ଧନ୍ୟବାଦ ଅର୍ପଣ କରିଥିଲେ। ଶିଳ୍ପୀ ମହେଶ କୁମାର ପାଣ୍ଡେ, ପ୍ରଶାନ୍ତ କୁମାର ବେହେରା, ଲମ୍ବୋଦର ସାହୁ, କେଦାରନାଥ କୁଣ୍ଡୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ରାଜ୍ୟର ସମସ୍ତ ଜିଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ୧୦୬ ଶିଶୁ କଳାକାର ଯୋଗଦେଇଥିଲେ।




## ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ିଗଲା ଅଟୋ


ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ି ଯାଇଥିବା ଅଟୋ।

**ବୈଶିଙ୍ଗା, ୨୯।୩(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରୁପ୍‌ସା-ବୈଶିଙ୍ଗା ରାସ୍ତାର ବଙ୍ଗାଳିଡାହି ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଅଟୋ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ିଯାଇଛି। ପିଞ୍ଚାବଣିଆ ହୋଲି ମେଳାରୁ ୪ ଜଣ ଯାତ୍ରୀଙ୍କୁ ନେଇ ଦ୍ରୁତ ଗତିରେ ଫେରୁଥିବା ଅଟୋଟି ବଙ୍ଗାଳିଡାହି ଛକ ନିକଟରେ ପ୍ରଥମେ ଜଣେ ବାଇକ୍ ଚାଳକଙ୍କୁ ଅତିକ୍ରମ କରିବା ସମୟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ତା ଉପରକୁ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ସେଥିରେ ବସିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ତେବେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୈଶିଙ୍ଗା ପୋଲିସ ଅଟୋକୁ ଜବତ କରି ତଦନ୍ତ ଚଳାଇଛି।

## ଆଚରଣ ବିଧି ସହ ପାଳନ ହେବ ଓଡ଼ିଶା ଦିବସ

- ସଭାକୁ କୌଣସି ରାଜନେତାଙ୍କୁ ଆମନ୍ତ୍ରଣ ମନା
- ଦଳୀୟ ପ୍ରଚାର, ଲୋଗୋ ବ୍ୟବହାରକୁ ବାରଣ

**ଭୁବନେଶ୍ୱର, ୨୯।୩ (ଶର୍ମିଷ୍ଠା ପାଣିଗ୍ରାହୀ)**

ଚଳିତ ବର୍ଷ ଆଦର୍ଶ ଆଚରଣ ବିଧି ସହ ଓଡ଼ିଶା ଦିବସ ରାଜ୍ୟ, ଜିଲା ଓ ଉପଖଣ୍ଡ ସ୍ତରରେ ପାଳନ ହେବ। ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ୩ ଆର୍‌ଡିସି ଜୋନ୍‌ର ଉପନିର୍ଦ୍ଦେଶକ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ଯୋଗଦେଇଥିଲେ। ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ମୁତାବକ ଓଡ଼ିଶା ଦିବସ ପାଳନର ରୂପରେଖ ସମ୍ପର୍କରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଓଡ଼ିଶା ଦିବସ ପାଳନ ଅବସରରେ ଜିଲାରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ରେକର୍ଡ ମାଧ୍ୟମରେ କେବଳ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇ ପ୍ରାତଃ ସମୟରେ ପ୍ରଭାତଫେରି ଅନୁଷ୍ଠିତ ହେବ। ଜିଲାପାଳଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ପ୍ରମୁଖଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରଙ୍କ ଅବଦାନ ନେଇ ସାଧାରଣ ସଭା ଆୟୋଜନ କରାଯିବ। ସଭାକୁ ୧୮ ବର୍ଷରୁ କମ୍ ବୟସ ଛାତ୍ରୀଛାତ୍ରଙ୍କୁ ଆମନ୍ତ୍ରଣ କରାଯିବ ଓ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବ। ଏହାବ୍ୟତୀତ ବରପୁତ୍ରଙ୍କ ରଚନାରୁ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଜିଲା ଓ ଉପଖଣ୍ଡର ପ୍ରମୁଖ ସରକାରୀ କୋଠାବାଡ଼ିଗୁଡ଼ିକର ଆଲୋକସଜ୍ଜା କରାଯାଇପାରିବ। ହେଲେ କାର୍ଯ୍ୟକ୍ରମକୁ କୌଣସି ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ କରାଯିବ ନାହିଁ କିମ୍ବା କୌଣସି ସରକାରୀ କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ଏବଂ ଦଳୀୟ ଲୋଗୋ ଆଦିର ବ୍ୟବହାର କରାଯାଇପାରିବ ନାହିଁ। ରାଜନୈତିକ ଭାଷଣ ଓ ପ୍ରଚାର ସହ କୌଣସି ପ୍ରକାର ଶୋଭାଯାତ୍ରା, ମାନପତ୍ର ଏବଂ ଫଳକ ଆଦି ପ୍ରଦାନ ନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇପାରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ସାଇ ଇନଷ୍ଟିଚିଉଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିକୁ ମିଳିଲା ପୁଣି ଏକ ବଡ଼ ସଫଳତା


ପ୍ରାରମ୍ଭିକ ଅବସ୍ଥାରେ ଥିବା ଗ୍ୟାଷ୍ଟ୍ରିକ କ୍ୟାନସର ଏଣ୍ଡୋସ୍କୋପି ପଦ୍ଧତିରେ ବାହାର କରାଯାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଭୁବନେଶ୍ୱରର ଜଣେ ୩୪ ବର୍ଷୀୟା ମହିଳା ଗ୍ୟାସ୍ ସମସ୍ୟା ନେଇ ଡାକ୍ତର ଆଶୁତୋଷ ମହାପାତ୍ରଙ୍କୁ ଦେଖାଇବାକୁ ଆସିଥିଲେ। ଡାକ୍ତର ଆଶୁତୋଷ ମହାପାତ୍ର ଏଣ୍ଡୋସ୍କୋପି ପରୀକ୍ଷା କରିବା ପରେ ଏହା ପ୍ରାରମ୍ଭିକ ଗ୍ୟାଷ୍ଟ୍ରିକ କ୍ୟାନସର ବୋଲି ନିରୂପଣ କରିଥିଲେ ଏବଂ ବାୟୋପ୍‌ସି (Tissue Biopsy) ପରେ ଡ. କୃଷ୍ଣଚନ୍ଦ୍ର ପାଣି (Dr. Krushna Ch. Pani) ତାହାକୁ Early Gastric Cancer ବୋଲି କହିଥିଲେ। Cancer ର size ଆଠ 8mm ଥିଲା (ମି.ମି.)। ଡାକ୍ତର ଶୋନମୁନ୍ ମହାପାତ୍ର ତାହାକୁ Endoscopic Submucosal Dissection (ESD) ପଦ୍ଧତିରେ ସମ୍ପୂର୍ଣ୍ଣ ଭାବରେ ପାକସ୍ଥଳୀରୁ କ୍ୟାନସରକୁ ବାହାର କରିଥିଲେ। ଏହାଦ୍ୱାରା ଏକ ବଡ଼ ସର୍ଜରୀ ଏଡ଼ାଇ ଦିଆଯାଇପାରିଥିଲା - ପାକସ୍ଥଳୀ ବାହାର କରିବାକୁ ପଡ଼ି ନ ଥିଲା।

ସାଇ ଇନଷ୍ଟିଚିଉଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏଣ୍ଡ ଲିଭର ସାଇନ୍ସ ଭାରତବର୍ଷରେ ପ୍ରାରମ୍ଭିକ ଗ୍ୟାଷ୍ଟ୍ରିକ କ୍ୟାନସର ନିରୂପଣ କରିବାରେ ଅଗ୍ରଣୀ ସ୍ଥାନରେ ରହିଛି। ଡା. ଶୋନମୁନ୍ ମହାପାତ୍ର କହନ୍ତି, ଆଗାମୀ ଦିନରେ ବହୁ ସଂଖ୍ୟକ Early Gastric Cancer ନିରୂପଣ ହେବ ଏବଂ ESD ପଦ୍ଧତିରେ ତାହା ବାହାର କରିବା ଅତ୍ୟନ୍ତ ଭଲ ପଦ୍ଧତି, ଯେଉଁଥିରେ ପାକସ୍ଥଳୀ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରହିଥାଏ।

ଡାକ୍ତର ଆଶୁତୋଷ ମହାପାତ୍ର ସାଇ ଇନଷ୍ଟିଚିଉଟର ସଫଳତା ପାଇଁ କହନ୍ତି ଯେ ଦଳଗତ କାର୍ଯ୍ୟ (Team Work) ସବୁଠାରୁ ଉପଯୋଗୀ। ଡାକ୍ତର ଆଶୁତୋଷ ମହାପାତ୍ର ଗ୍ୟାଷ୍ଟ୍ରାଇଟିସ୍ ଓ ପ୍ରାରମ୍ଭିକ ଗ୍ୟାଷ୍ଟ୍ରିକ କ୍ୟାନସର କିଭଳି ଅତ୍ୟନ୍ତ ସହଜ ଉପାୟରେ ନିରୂପଣ କରିହେବ ତା' ଉପରେ ଗବେଷଣା କରିଛନ୍ତି। ଡାକ୍ତର ଶୋନମୁନ୍ ମହାପାତ୍ର ଗ୍ୟାଷ୍ଟ୍ରିକ କ୍ୟାନସର endoscopy ପଦ୍ଧତିରେ କିପରି ଚିକିତ୍ସା କରାଯିବ ପୃଥିବୀ ପ୍ରସିଦ୍ଧ ମାୟୋକ୍ଲିନିକ୍‌ରୁ ଶିକ୍ଷାପ୍ରାପ୍ତ କରିଛନ୍ତି।

ଡାକ୍ତର ମୋହନ ରାମଚନ୍ଦାନି (Endoscopy Director Asian Institute of Gastroenter-ology) କହନ୍ତି, ସାଇ ଇନଷ୍ଟିଚିଉଟ୍‌ରେ ଜାପାନିଜ୍ Gastroenterology ଯେପରି ଏଣ୍ଡୋସ୍କୋପି ପରୀକ୍ଷା କରନ୍ତି, ଠିକ୍ ସେହିପରି ଡାକ୍ତର ଆଶୁତୋଷ ମହାପାତ୍ର ଏଣ୍ଡୋସ୍କୋପି କରିଥାଆନ୍ତି। ଡାକ୍ତର ଆଶୁତୋଷ ମହାପାତ୍ରଙ୍କୁ ତାଙ୍କର ଏହି ଗବେଷଣା ପାଇଁ ପ୍ରାରମ୍ଭିକ ଗ୍ୟାଷ୍ଟ୍ରିକ କ୍ୟାନସର ଉପରେ ସନ୍ଦର୍ଭ ଉପସ୍ଥାପନ ଦେଶରେ ବିଭିନ୍ନ Endoscopy (ଏଣ୍ଡୋସ୍କୋପି) ସମ୍ମିଳନୀରେ କରିଛନ୍ତି ନିକଟରେ ପୃଥିବୀ ପ୍ରସିଦ୍ଧ ଡାକ୍ତର ନାଗେଶ୍ୱର ରେଡ୍ଡିଙ୍କର Asian Institute of Gastroenterologyରେ ସେ ତାଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ।

**ଆଜିର ମନ୍ତବ୍ୟ**

“ଭାରତ ଓ ୟୁକ୍ରେନ୍ ପାରମ୍ପରିକ ବନ୍ଧୁ। କିନ୍ତୁ ଦୁଇ ରାଷ୍ଟ୍ର ମିଳିତ ଭାବେ ପାରସ୍ପରିକ ସହଯୋଗ କ୍ଷେତ୍ରରେ ଆହୁରି ବହୁତ କିଛି କରିପାରିବେ।
–ଡିମିଟ୍ରୋ କୁଲେବା, ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- 'ଓଡ଼ିଶା ଲେଖିକା ସଂସଦ' ଭୁବନେଶ୍ୱରର ଏକତ୍ରିଂଶତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ଅପରାହ୍ନ ୫ଟା ୩୦।
- ନୀଳିମା ପଟ୍ଟନାୟକଙ୍କ କବିତା ସଙ୍କଳନ 'ସ୍ମୃତିର ଉପବନ' ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା ୩୦।
- ବେଣ୍ଣୁପୁର ଦୋଳ ମେଳଣ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପରିସର, ବେଣ୍ଣୁପୁର, ସମୟ: ପୂର୍ବାହ୍ନ ୧୧ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ପ୍ରତାପରୁଦ୍ରପୁର ସ୍ଥିତ ପାଲା ମଣ୍ଡପ, ବାଲିଅନ୍ତା, ସମୟ: ରାତି ୭ଟା।
- ଶ୍ରୀନିକୁଞ୍ଜ ବିହାରୀ ଦେବ ଗୋପାଳ ସଂଘ ଆନୁକୂଲ୍ୟରେ ବାର୍ଷିକ ଲଉଡ଼ି ମହୋତ୍ସବ, ସ୍ଥାନ: ଅଣ୍ଡିଲୋ ଗ୍ରାମ ପୂଜା ମଣ୍ଡପ, ବାଲିଅନ୍ତା, ସମୟ ରାତି ୭ଟା ୩୦।
- ପରମେଶ୍ୱର ଦେବଙ୍କ ପଞ୍ଚୁଦୋଳ ମେଳଣ, ସ୍ଥାନ: ଦାରୁଠେଙ୍ଗ, ସମୟ: ରାତି ୯ଟା।

## ପୁରୀ

- ପୁରୀ ବାର୍ ଆସୋସିଏଶନ୍‌ର ନିର୍ବାଚନ, ସ୍ଥାନ: ବାର୍ ଆସୋସିଏଶନ୍ ପରିସର, ସମୟ: ସକାଳ ୮ଟା।
- ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପୁରୀ ବଳଗଣ୍ଡି ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୀ ଗୋପବନ୍ଧୁ ଭବନ ପରିସର, ସମୟ: ସକାଳ ୯ଟା ୩୦।
- ସାହିଯାତ ବୈଠକ, ସ୍ଥାନ: ପୁରୀ ସର୍କିଟ ହାଉସ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବଜରଙ୍ଗୀ କ୍ରିକେଟ କ୍ଲବ ପକ୍ଷରୁ ପ୍ରଥମ ବଜରଙ୍ଗୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ସମାରୋହ, ସ୍ଥାନ: ଭଗବତୀପୁର, ସାଇଁଶ ଶାସନ, ନିମାପଡ଼ା, ସମୟ: ଅପରାହ୍ନ ୪ଟା।
- ମାଲୁଦ ପଞ୍ଚୁଦୋଳ ଯାତ୍ରା ଉଦ୍‌ଘାଟନ, ସ୍ଥାନ: ମାଲୁଦ, କୃଷ୍ଣପ୍ରସାଦ, ସମୟ: ସନ୍ଧ୍ୟା ୫ଟା।
- ଓଡ଼ିଶୀ ନୃତ୍ୟ ଓ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଗାୟନ, ସ୍ଥାନ: ଗୁରୁକୁଳ ପରିସର, ବଡ଼ହାଟ, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ପ୍ରସିଦ୍ଧ ବକ୍ରେଶ୍ୱର ଦେବଙ୍କ ଜମାଣ ଉତ୍ସବ, ସ୍ଥାନ: ୨୨ଗୁଣ୍ଠ ମେଳଣ ପଡ଼ିଆ ବଳଙ୍ଗା, ସମୟ: ରାତି ୧୨ଟା।

## କଟକ

- ସେଣ୍ଟର ଫର୍ ଏନ୍‌ଭାର୍ନମେଣ୍ଟାଲ ଷ୍ଟଡିଜ୍ ପକ୍ଷରୁ କର୍ମଶାଳା, ସ୍ଥାନ: ନେହରୁ ନୋଡାଲ ଉଚ୍ଚ ବିଦ୍ୟାପୀଠ, ନୂଆବଜାର, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଶଙ୍ଖାମେରୀ, ବଡ଼ମ୍ବା, ସମୟ ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ ଉତ୍ସବ, ସ୍ଥାନ: କଟକ ତୁଳସୀପୁର, ସମୟ: ଅପରାହ୍ନ ୪ଟା ୩୦।
- ମା'ଦକ୍ଷିଣକାଳୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଶଙ୍ଖାମେରୀ, ବଡ଼ମ୍ବା, ସମୟ: ସନ୍ଧ୍ୟା ୬ଟା।
- କଟକ କଳାବିକାଶ କେନ୍ଦ୍ର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ରାମଚରିତ ମାନସ ଓ ନବାହ୍ନ ପାରାୟଣ, ସ୍ଥାନ: ହଟକେଶ୍ୱର ଦେବଙ୍କ ପୀଠ, ବାଘମାରୀ(ବେଗୁନିଆ),ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଅଙ୍କୁରାରୋପଣ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, କଣ୍ଟାବାଡ଼, ସମୟ: ଅପରାହ୍ନ ୪ଟା।
- ବାଛରା ପଞ୍ଚୁଦୋଳ ମେଳଣ ଉଦ୍‌ଯାପନ, ସ୍ଥାନ: ବାଛରା ଗ୍ରାମ, ଜଟଣୀ ସମୟ: ସନ୍ଧ୍ୟା ୬ଟା।
- ଗୁରୁଜଙ୍ଗ ପଞ୍ଚୁଦୋଳ ମେଳଣ ଆରମ୍ଭ, ସ୍ଥାନ: ମେଳଣ ପଡ଼ିଆ ଗୁରୁଜଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ବାସୁଦେବପୁର ଦୋଳମେଲଣ ପଡିଆ, ବାଲିଆପାଳ, ସମୟ: ରାତି ୯ଟା।

## ଭଦ୍ରକ

- ଓକିଲ ସଂଘ ନିର୍ବାଚନ, ସ୍ଥାନ: ପୁରୁଣା କୋର୍ଟ ପରିସର, ଭଦ୍ରକ, ସମୟ: ସକାଳ ୮ଟା।
- ଚଣ୍ଡୀପାଠ ଓ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଗିରିଧାରୀ ନଗର ମଙ୍ଗଳା ମନ୍ଦିର, ଆଡ଼ିଆ, ବନ୍ତ, ସମୟ: ସକାଳ ୮ଟା।
- ଓକିଲ ସଂଘ ନିର୍ବାଚନ, ସ୍ଥାନ: ଧାମନଗର କୋର୍ଟ ପରିସର, ସମୟ: ସକାଳ ୮ଟା।
- ଓକିଲ ସଂଘ ନିର୍ବାଚନ, ସ୍ଥାନ: ବାସୁଦେବପୁର କୋର୍ଟ ପରିସର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ନିଳୋକ ସାଧନା ବିଦ୍ୟାମନ୍ଦିର, ବନ୍ତ, ସମୟ: ସକାଳ ୯ଟା।

## କେନ୍ଦୁଝର

- ଦୋଳ ମେଳଣ ଯାତ୍ରା, ସ୍ଥାନ: ଘସିପୁରା ବ୍ଲକ ଅଧୀନ ବାତୋ,ସମୟ: ପ୍ରାତଃ ୪ଟା।
- ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରତିଷ୍ଠା ଏବଂ ବାବା ବଳିଆଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ହାଟଡ଼ିହୀ ବ୍ଲକ ଶାଳନିଆ,ସମୟ : ପ୍ରାତଃ ୫ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ପାଟଣା ବ୍ଲକ ଗୁଲୁଦିପଶି ମଣ୍ଡପ, ସମୟ: ସକାଳ ୬ଟା।
- ଭାଜପାର ଗୃହ ସମ୍ପର୍କ ଅଭିଯାନ ଏବଂ କର୍ମୀ ବୈଠକ, ସ୍ଥାନ:ହାଟଡ଼ିହୀ ବ୍ଲକ ସମଣା ଓ ହଦଗଡ଼ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ବଡ଼ବିଲ ବାର ଆସୋସିଏସନ ନିର୍ବାଚନ, ସ୍ଥାନ: ବଡ଼ବିଲ ଜେଏମ୍‌ଏଫସି କୋର୍ଟ ପରିସର, ସମୟ: ସକାଳ ୮ଟାରୁ ଅପରାହ୍ନ ୩ଟା।
- ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: ଘସିପୁରା ବ୍ଲକ ଅଧୀନ ମଧୁକେଶରୀ,ସମୟ: ସନ୍ଧ୍ୟା ୬ଟା।
- ଦୋଳ ପୂର୍ଣ୍ଣିମା ଅବସରରେ ବାଦି ପାଲା, ସ୍ଥାନ: ଆନନ୍ଦପୁର ବ୍ଲକ ଅଧୀନ କଣ୍ଟିପାଳ,ସମୟ: ରାତି ୮ଟା।
- ୬୯ତମ ବାଦିପାଲା ମହୋତ୍ସବ, ସ୍ଥାନ: ପାଟଣା ବ୍ଲକ ଅଧୀନ ସ୍ୱାମ ପାଲାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ବିଧାୟକଙ୍କୁ ବିଜେଡି କର୍ମୀଙ୍କ ପକ୍ଷରୁ ସ୍ୱାଗତ ସଭା, ସ୍ଥାନ: ପାଟଣା ବ୍ଲକ ଟାଙ୍ଗରପଡ଼ା ସନା ତୋଟା, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- କାଠରୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: କୁଳିଅଣା ବ୍ଲକ ଅନ୍ତର୍ଗତ କାଠରୁମା,ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କୁଳିଅଣା ବ୍ଲକ ଅଧୀନ ଆମ୍ବୁଆ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଇରଙ୍ଗପୁର ବାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ବାର୍ ଆସୋସିଏସନ ହଲ୍, ସମୟ: ସକାଳ ୮ଟାରୁ ଅପରାହ୍ନ ୩ଟା।
- ଗ୍ରାମ୍ୟ ଦାନ୍ତାଳ ପୂଜା, ସ୍ଥାନ: ଚିତ୍ରଡ଼ା ଗ୍ରାମର ସମସ୍ତ ଦେବୀ ପୀଠ. ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ଗଞ୍ଜାମ ଓକିଲ ସଂଘ ନିର୍ବାଚନ, ସ୍ଥାନ: ଗଞ୍ଜାମ ବାର ଆସୋସିଏଶନ,ସମୟ: ସକାଳ ୮ଟା।

## ଗଞ୍ଜାମ

- ନାମ ସଂକୀର୍ତ୍ତନ ଯଜ୍ଞ ଆରମ୍ଭ
- ସ୍ଥାନ: ବୁଗୁଡ଼ା ରାମଗଡ,ସମୟ: ସକାଳ ୭ଟା।
- ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭଞ୍ଜନଗର ବ୍ଲକ ଘୁଟୁଲିଗୁଡା, ସମୟ: ସକାଳ ୯ଟା।
- ଶ୍ରୀଅରବିନ୍ଦ ସ୍ୱତନ୍ତ୍ର ପାଠଚକ୍ର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା।
- ଦିବ୍ୟ ଜୀବନ ସଂଘ ତାମନାଡ ଶାଖା ପକ୍ଷରୁ ପ୍ରବଚନ, ସ୍ଥାନ: ଭଞ୍ଜନଗର ବ୍ଲକ ରଙ୍ଗାମେରୁ, ସମୟ: ସନ୍ଧ୍ୟା ୬ଟା।
- ନାଟକ ଉଦ୍‌ଘାଟନ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ରାତି ୯ଟା।

## ଗଜପତି

- ଭାଜପାର ପଦଯାତ୍ରା,ସ୍ଥାନ: ମୋହନା ବ୍ଲକ ଲୁହାଗୁଡ଼ି, ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ

- ଶ୍ରୀ ଗଣପତି ହୁଣ୍ଡା ପ୍ରାଇଭେଟ୍ ଲିମିଟେଡର ନୂତନ ଶୋ–ରୁମ୍ ଉଦ୍‌ଘାଟିତ, ସ୍ଥାନ: ଜିରିଡାମାଳି କାମାକ୍ଷାନଗର, ସମୟ: ଅପରାହ୍ନ ୩ ଟା।
- ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସପ୍ତମ ବାର୍ଷିକ ଉତ୍ସବ ଓ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ରାଧାକୃଷ୍ଣ ମେଳନ ପଡିଆ, ବିଜୁପଟ୍ଟନାୟକ ବସ୍‌ଷ୍ଟାଣ୍ଡ ସାମ୍ନା କାମାକ୍ଷାନଗର, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ଜିଲା କାରାଗାରର ଜିଲାପାଳଙ୍କ ସମୀକ୍ଷା, ସ୍ଥାନ: ଜିଲା କାରାଗାର, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ବିଭାଗ ଅଧିକାରୀଙ୍କ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜୁଭେନାଲ ଜଷ୍ଟିସ ବୋର୍ଡ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଦିବାରାତ୍ର ପଞ୍ଚଦୋଳ ଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ଜରଡା ଗ୍ରାମ, ସମୟ: ଅପରାହ୍ନ ୩ ଟା।
- ରାଧାକୃଷ୍ଣଙ୍କ ଦୋଳଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ଚାଙ୍ଗୁଡିଆ ଓ ଗହମ ଗ୍ରାମ ଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୭ଟା।
- ବାର୍ଷିକ ପଞ୍ଚଦୋଳ ଯାତ୍ରା ଉତ୍ସବ, ସ୍ଥାନ: ରେଙ୍ଗାଳି ଥାନା ଅଞ୍ଚଳ ଭାଲିଆବେଡ଼ା ଗ୍ରାମ, ସମୟ: ରାତି ୮ଟା।

## ଜଗତ୍‌ସିଂହପୁର

- ପାରାଦୀପ କ୍ରିକେଟ ଲିଗ୍ (ପିସିଏଲ)ଟୁର୍ଣ୍ଣାମେଣ୍ଟ, ସ୍ଥାନ: ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ, ପାରାଦୀପ, ସମୟ : ପୂର୍ବାହ୍ନ ୧୦ଟା।
- ମୁଣ୍ଡାପଡା ବସ୍ତି କମିଟିର ବାର୍ଷିକ ଉତ୍ସବ ଓ ତ୍ରିନାଥ ମେଳା, ସ୍ଥାନ: ନୂଆବଜାର ପାରାଦୀପ, ସମୟ: ଅପରାହ୍ନ ୩ଟା।
- ଦିବଙ୍ଗତ ନେତା ଡା.ଦାମୋଦର ରାଉତଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନୂଆବଜାର ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବଟବାବା ଭାରତୀ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ବିଜୟନଗର, ମହାକାଳପଡା, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବାସୁଦେବ ମହାପୀଠ, କୋଟିଲା, ମହାକାଳପଡା, ସମୟ: ସନ୍ଧ୍ୟା ୭ଟା।
- ପଞ୍ଚୁଦୋଳ ମେଳଣ ଉତ୍ସବ ଓ ରଙ୍ଗଖେଳ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ଅବିର ହୋଲି ଉତ୍ସବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଜାରକା ମେଳଣ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଜାରକା ମହୋତ୍ସବ ପଡ଼ିଆ, ସମୟ: ରାତ୍ର ୧୦ଟା।

## ନୟାଗଡ଼

- ପଞ୍ଚୁଦୋଳ ଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ବନମାଳିପୁର ମେଳଣ ପଡ଼ିଆ, ସମୟ:ପୂର୍ବାହ୍ନ ସାଢ଼େ ୧୧ଟା।
- ପଞ୍ଚୁଦୋଳ ଯାତ୍ରା, ସ୍ଥାନ: ନୟାଗଡ଼ ବ୍ଲକ୍ ଇଟାମାଟି ମେଡ଼ିକାଲ ପଡ଼ିଆ, ସମୟ:ରାତି ୧୧ଟା।

## ରାୟଗଡ଼ା

- ଗୁଣପୁର ଓକିଲ ସଂଘ ନିର୍ବାଚନ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସକାଳ ୮ଟା।
- ୪ର୍ଥ ଆନ୍ତର୍ଜାତୀୟ କର୍ମଶାଳା ଉଦ୍‌ଘାଟନ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ପୋଲିଂ ଅଧିକାରୀଙ୍କୁ ପ୍ରଥମ ପାର୍ଯ୍ୟାୟ ତାଲିମ, ସ୍ଥାନ: ନବରଙ୍ଗପୁର ଆରସିଡି ନୋଡାଲ ହାଇସ୍କୁଲ, ସମୟ: ସକାଳ ୯ଟା ୩୦।
- ପ୍ରିଜାଇଡିଂ, ପୋଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- କୋରାପୁଟ ଓକିଲ ସଂଘ ନିର୍ବାଚନ, ସ୍ଥାନ: କୋରାପୁଟ ବାର୍ ଆସୋସିଏଶନ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଚିତ୍ରକୋଣ୍ଡାସ୍ଥିତ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଜିଲା ଓକିଲ ସଂଘର ଭୋଟ ଗ୍ରହଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ ସକାଳ ୮ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ତିନିଦିନିଆ ଆଧ୍ୟାତ୍ମିକ ସମାବେଶ, ସ୍ଥାନ: ଶାସନ ନିକଟ ପାବନ ସରୋବର, ସକାଳ ୯ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ବାର୍ଷିକ ଆଥ୍‌ଲେଟିକ ମିଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯।
- ରେଡକ୍ରସର ଆଜୀବନ ସଦସ୍ୟଙ୍କୁ ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଖପ୍ରାଖୋଲ ବ୍ଲକ ଘୁନସର୍ ଗାଁରେ ଆୟୋଜିତ ଷୋହଳ ପ୍ରହର ନାମ ଯଜ୍ଞର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଘୁନସର୍, ସମୟ: ପୂର୍ବାହ୍ନ ୧୦ଟା।
- ଗାୟତ୍ରୀ ଯଜ୍ଞର ପୂର୍ଣ୍ଣାହୁତି, ପ୍ରସାଦ ସେବନ, ସ୍ଥାନ: ତୁଷୁରା ଗାୟତ୍ରୀ ଶକ୍ତିପୀଠ, ସମୟ: ସକାଳ ୯ରୁ ଅପରାହ୍ନ ୨ଟା।
- ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବର ଉଦ୍‌ଯାପନୀ, ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ଅପରାହ୍ନ ୩ ଟା।

## ସୁବର୍ଣ୍ଣପୁର

- ବହଳପଦର ପ୍ରିମିଅର ଲିଗ୍ କ୍ରିକେଟର ଦ୍ୱିତୀୟ ଦିବସ, ସ୍ଥାନ: ବହଳପଦର ଖଳପଡିଆ,ବୀରମହାରାଜପୁର,ସମୟ: ସକାଳ ୮ ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଓ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବିନିକା ସିଦ୍ଧାର୍ଥ ଜୁନିୟର କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ପଣାସଂକ୍ରାନ୍ତି ପାଇଁ ପ୍ରସ୍ତୁତି ବୈଠକ,ସ୍ଥାନ:ଦିଗିଶିରା ହନୁମାନ ମନ୍ଦିର ପରିସର,ଡୁଙ୍ଗୁରିପାଲି, ପୂର୍ବାହ୍ନ ୧୧ଟା।
- ଝାମୁଯାତ୍ରା, ସ୍ଥାନ: ଉଲୁଣ୍ଡା ବ୍ଲକ ଦୁଲଦୁଲା, ସମୟ: ଅପରାହ୍ନ ୩ଟା ।

## ରାଉରକେଲା

- ଅଭିରାମ ଯୋଗାଶ୍ରମରେ କଳସ ଶୋଭାଯାତ୍ରା, ସ୍ଥାନ: ଅଭିରାମପାଲ୍ଲୀ, ସେକ୍ଟର–୬, ସମୟ: ସକାଳ ୭ଟା।
- ରାଉରକେଲା ଓକିଲ ସଂଘର ନିର୍ବାଚନ, ସ୍ଥାନ: ନୂଆକୋର୍ଟ, ସମୟ: ସକାଳ ୮ଟା।
- ଅଭିରାମ ଯୋଗାଶ୍ରମର ବାର୍ଷିକୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସେକ୍ଟର–୫, ସମୟ: ସକାଳ ୭ଟା।
- ଗଙ୍ଗାଧରପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଗଙ୍ଗାଧରପାଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ୱେଷା ଦି ହେଲ୍‌ପିଂ ହେଣ୍ଡର ସାମୂହିକ ଜନ୍ମୋତ୍ସବ, ସ୍ଥାନ: ଆଶାଦୀପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରିମ୍ସରେ ମିଡିଆ କନ୍‌କ୍ଲେଭ, ସ୍ଥାନ: ରିମ୍ସ ପ୍ରେକ୍ଷାଳୟ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ।
- ୭ମ ଚକ୍ରଧାରୀ ଡ୍ୟାନ୍ସ ଫେଷ୍ଟିଭାଲର ତୃତୀୟ ସନ୍ଧ୍ୟା, ସ୍ଥାନ: ଛେଣ୍ଡ ମେହେର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ମନ୍ଦିର, ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କେନ୍ଦପାଲି, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ସାଧାରଣ ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଙ୍ଗ ଅଧିକାରୀଙ୍କ ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ମହିଳା ମହାବିଦ୍ୟାଳୟ, ଧର୍ମଗଡ ବାଳକ ଉଚ୍ଚ ବିଦ୍ୟାଳୟ, ସ୍ଥାନ: ପୂର୍ବାହ୍ନ ୧୦ଟା।
- ଏସ୍‌ଏଚ୍‌ଜି ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ଦାସିଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲା ଓକିଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆପଡ଼ା ଜିଲା ସିଭିଲ ବାର୍ ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।
- ଆଦିବାସୀ ଓ ହରିଜନ ଉନ୍ନୟନ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସିନାପାଲି ବ୍ଲକ ଚଟିଆଗୁଡା ଆଶ୍ରମ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ଆମ୍ବଗାଁ ପଞ୍ଚାୟତର ଦେଢେଣମାଲରେ ମା' କନ୍ଧେନବୁଢୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ,ସ୍ଥାନ: ଆଦିବାସୀ ଖେଳପଡିଆ ଦେଢେଣମାଲ,କନ୍ଧମାଳ, ସମୟ: ମଧ୍ୟାହ୍ନ ୧୨ ଟା।
- ଉମା ପଞ୍ଚାୟତର ଫଟାମୁଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ, ସ୍ଥାନ: ଫଟାମୁଣ୍ଡା ଖେଳପଡିଆ, କନ୍ଧମାଳ, ସମୟ : ଅପରାହ୍ନ ୧ଟା।
- ଘଣ୍ଟାପଡା କଲୋନୀପଡାରେ ନାମଯଜ୍ଞ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବନ୍ୟା ଆଶ୍ରୟସ୍ଥଳୀ, କନ୍ଧମାଳ,ସମୟ: ଅପରାହ୍ନ ୨ଟା।
- ଘଣ୍ଟାପଡା ଶ୍ରୀଜଗନ୍ନାଥ ନାଟ୍ୟ ସଂସଦ ପକ୍ଷରୁ ରାମନବମୀ ପୂଜା ଓ ନାଟ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଘଣ୍ଟାପଡା ରାମଲୀଳା ନାଟ୍ୟମଣ୍ଡପ, କନ୍ଧମାଳ, ସମୟ: ସନ୍ଧ୍ୟା ୭ଟା।
- ମନୁପାଲିଠାରେ ଷୋଡଶ ବରକନିଆଁ ମହୋତ୍ସବ ଅବସରରେ ନାଗରିକ ସମ୍ବର୍ଦ୍ଧନା ଓ ବାଳିକା ନୃତ୍ୟ, ସ୍ଥାନ: ହନୁମାନ ମନ୍ଦିର, ବରକନିଆଁ ମନୁପାଲି, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ଘଣ୍ଟାପଡା ପଞ୍ଚାୟତର ଲଣ୍ଡାପଦର ଗ୍ରାମରେ କାମନା ଦଣ୍ଡନୃତ୍ୟ, ସ୍ଥାନ: ଲଣ୍ଡାପଦର ଗ୍ରାମ,କନ୍ଧମାଳ, ସମୟ: ରାତି ୯ଟା।

## ଦେବଗଡ଼

- ଓକିଲ ସଂଘ ନିର୍ବାଚନ, ସ୍ଥାନ: କୋର୍ଟ ପରିସର, ସମୟ: ସକାଳ ୮ଟାରୁ ଅପରାହ୍ନ ୨ଟା ।
- ଗ୍ରାମପଞ୍ଚାୟତସ୍ତରୀୟ ସଂଘ ତରଫରୁ କଂସର ହାଟରେ ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ରର ଉଦ୍‌ଘାଟନ, ସ୍ଥାନ: କଂସର ହାଟ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ୱାର୍ଡ ମେମ୍ବର ସଂଘ ପକ୍ଷରୁ ବୈଠକ, ସ୍ଥାନ: ପ୍ରଧାନପାଟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କଥା, ପ୍ରବଚନ, ସ୍ଥାନ: ଲାଲୁସାହି, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ଦୋଳପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭୂୟାଁସାହି, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ନୀଚରାଶିରେ ଅଷ୍ଟମସ୍ଥ ହୋଇଥିବାରୁ ଆର୍ଥିକ ଉନ୍ନତି ସହ ମାନସିକ ଅସ୍ଥିରତା ଲାଗି ରହିବ। ପର୍ଯ୍ୟଟନ, ପରିଭ୍ରମଣ, ଦୂରଯାତ୍ରା ସକାଶେ ବହୁତ ଖର୍ଚ୍ଚାନ୍ତ ହେବେ। ଆତ୍ମୀୟସ୍ୱଜନଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟର ଆଶୁ ଚିକିତ୍ସା ପାଇଁ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ରରେ ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିବ।

**ବୃଷ** ତୃତୀୟାଧିପ ରାଶିକୁ ଅବଲୋକନ କରୁଥିବାରୁ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପ୍ରତ୍ୟେକ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ବାଣିଜ୍ୟ,ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ଦୂରେଇଯିବ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ** ଏକାଦଶସ୍ଥ ବୁଧ ଶନିଙ୍କ ଦୃଷ୍ଟିରେ ରହିଥିବାରୁ ବନ୍ଧୁଙ୍କ ବ୍ୟବହାର ମନକୁ ପାଇବ ନାହିଁ। ପୁନର୍ବସୁ ନକ୍ଷତ୍ର କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ବିଦେଶ ଯାତ୍ରା ପ୍ରତି ଅନୁକୂଳ ସୁଯୋଗ ଆପେ ଆପେ ଜୁଟିଯିବ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିପାରେ।

**କର୍କଟ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ପ୍ରଭାବରୁ ମାନସିକ ଚାପ ଜନିତ ସାମୟିକ ନୈରାଶ୍ୟ ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରୁ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ପ୍ରଶାସନିକ କିମ୍ବା ଆନୁଷ୍ଠାନିକ କାମକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତ ଦେଇ ବସିବେ।

**ସିଂହ** ରାହୁଙ୍କ ସ୍ଥିତି ନେଇ କର୍ତ୍ତବ୍ୟରେ ଅବହେଳା ଜନିତ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଦୀର୍ଘ ଦିନର ପ୍ରତୀକ୍ଷା ପରେ ଆଜି ହଠାତ୍ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି। ଅର୍ଥର ଅଭାବ ଲାଗି ରହିଥିଲେ ମଧ କୌଣସି କାମ ଅଟକିବ ନାହିଁ।

**କନ୍ୟା** ରାଶିରେ କୁଜବତ୍ କେତୁ ମଙ୍ଗଳ ଭଳି ଫଳଦାତା ହେତୁ ସମସ୍ୟା ମଧ୍ୟରେ ନିଜକୁ ଅଣନିଃଶ୍ୱାସୀ ମନେକରିବେ। ପ୍ରତିଯୋଗିତାରେ ସଫଳତା, କଚେରି ମାମଲାରେ ବିଜୟ, ବ୍ୟବସାୟରେ ଉନ୍ନତି ହେତୁ ମନ ଖୁସି ରହିବ। ଶତ୍ରୁତାର ଅବସାନ ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ଚିନ୍ତା କରିପାରନ୍ତି। ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ରାଶିକୁ ବୁଧ ଓ ବୃହସ୍ପତି ଦେଖୁଥିବାରୁ ବିଶିଷ୍ଟବ୍ୟକ୍ତିଙ୍କଠାରୁ ସ୍ନେହ ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ। ଜମିଜମା, ମାମଲାମକଦ୍ଦମା, ତର୍କବିତର୍କ, ବିବାଦୀୟ ଘଟଣାରେ ବିଜୟୀ ହେବେ। ନୂତନ କାର୍ଯ୍ୟ ପାଇଁ ହିତୈଷୀଙ୍କଠାରୁ ପ୍ରେରଣା ମିଳିପାରେ।

**ବିଛା** ମଙ୍ଗଳ କେନ୍ଦ୍ରସ୍ଥାନରେ ଥିବାରୁ ଆଜି ବନ୍ଧୁମାନଙ୍କ ମାଧ୍ୟମରେ କାମ ହାସଲ କରିପାରିବେ। ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିବାର ଆଶଙ୍କାକୁ ଏଡାଇଦେବା ଠିକ୍ ହେବ ନାହିଁ। ଲଘୁକ୍ରୋଧର ବଶବର୍ତ୍ତୀ ହୋଇ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ଭାଗ୍ୟାଧିପତି ଯୁକ୍ତ ବୃହସ୍ପତି ଯୋଗୁ ସମସ୍ୟା ଆସିଲେ ମଧ ସମାଧାନ ହୋଇଯିବ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇପାରେ। ନିର୍ମାଣାଧୀନ କାମରେ ପ୍ରତିବନ୍ଧକ ଦୁଶ୍ଚିନ୍ତା ବଢ଼ାଇଦେବ। ବ୍ୟବସାୟିକ ଉନ୍ନତି, ଅର୍ଥପ୍ରାପ୍ତି, ସହ ବନ୍ଧୁ ମିଳନଜନିତ କେତେକ ଶୁଭଫଳ ମଧ ପାଇପାରନ୍ତି।

**ମକର** ପାରିବେଶିକ ପ୍ରତିକୂଳତା କାର୍ଯ୍ୟହାନିର କାରଣ ବନିଯିବ। ପାରିବାରିକ କଳହ ସାଙ୍ଗକୁ ଆତ୍ମୀୟଙ୍କ ଅସହଯୋଗ ମନକୁ ଆନ୍ଦୋଳିତ କରିପାରେ। ସପ୍ତମାଧିପତି ନୀଚସ୍ଥ ହେତୁ ବ୍ୟବସାୟରେ ମାନମନାନ୍ତର ସାମୟିକ ଭାବରେ ଶାନ୍ତ ରହିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ମିଳିବ।

**କୁମ୍ଭ** ଶନି ଓ ମଙ୍ଗଳ ଏକତ୍ରାବସ୍ଥାନ ଫଳରେ ଆଜି କେତେକ କ୍ଷେତ୍ରରେ ଭଲ କରିବାକୁ ଯାଇ ଓଲଟା ଫଳ ପାଇପାରନ୍ତି। ପାରିବାରିକ କ୍ଷେତ୍ରରେ କେତେକ ଅସ୍ୱାଭାବିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ, ସମ୍ମାନ, ପ୍ରଶଂସା, ଶୁଭେଚ୍ଛା, ସଦିଚ୍ଛା ଲାଭ କରି ଖୁସି ହେବେ। ପୂର୍ବଭାଦ୍ରବ ନକ୍ଷତ୍ର ବନ୍ଧୁ ଭୁଲ୍ ବୁଝିପାରନ୍ତି।

**ମୀନ** ବୃହସ୍ପତିଙ୍କ ପ୍ରଭାବରେ ଆଜି ଆପଣଙ୍କ କଥା ଓ କାମକୁ ଅନ୍ୟମାନେ ସମର୍ଥନ ଜଣାଇବେ। ଆର୍ଥିକ ଉନ୍ନତି ସାଙ୍ଗକୁ ସମସ୍ୟାର ସମାଧାନ ମନକୁ ସ୍ଥିରତା ଆଣିବାରେ ସାହାଯ୍ୟ କରିବ। ବୃଥା, ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ। କର୍ମକ୍ଷେତ୍ର ଓ ବୃତ୍ତିଗତ ଧନ୍ଦାରେ ବିଶେଷ କିଛି ଅସୁବିଧାର ସୂଚନା ନାହିଁ।

ଆଜି ମାର୍ଚ୍ଚ ୩୦ ତାରିଖ, ଚୈତ୍ର କୃଷ୍ଣ ୫ମୀ, ଶନିବାର, ରାଶି ନକ୍ଷତ୍ର–ଅନୁରାଧା/ବିଛା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୧୯ ଗତେ ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୦ ଗତେ ଘ.୧୧।୫୧ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## କଂଗ୍ରେସକୁ ୧,୮୦୦ କୋଟିର ...

ପ୍ରିପେଡ୍, ପୋଷ୍ଟ ପେଡ୍, ପୋଷ୍ଟ ରେଡ୍ ଲାଞ୍ଚ ଏବଂ ସେଲ୍ କମ୍ପାନୀଗୁଡ଼ିକୁ ବ୍ୟବହାର କରିଥିଲା ବୋଲି ଜୟରାମ ଅଭିଯୋଗ ଆଣିଛନ୍ତି। ଭାଜପା ଟିକସ ଆତଙ୍କବାଦରେ ଲିପ୍ତ। ଏହା କଂଗ୍ରେସକୁ ଆର୍ଥିକ ଦୃଷ୍ଟିରୁ ପଙ୍ଗୁ କରିଦେବାକୁ ଉଦ୍ୟମ ଚଳାଇଥିଲେ ମଧ ଆମେ ଡରିଯିବୁ ନାହିଁ ବୋଲି ଜୟରାମ କହିଛନ୍ତି। ଲୋକ ସଭା ନିର୍ବାଚନ ପାଇଁ ଦଳର ପ୍ରଚାର ଜାରି ରହିବ ଏବଂ ଦେଶବାସୀଙ୍କ ପାଇଁ କଂଗ୍ରେସର ଗ୍ୟାରେଣ୍ଟି ସେମାନଙ୍କ ପାଖରେ ପହଞ୍ଚିବ। ନୋଟିସ୍‌ରେ ଆମେ ଡରି ନ ଯାଇ ଅଧିକ ଆକ୍ରମଣାତ୍ମକ ଭାବେ ନିର୍ବାଚନ ଲଢ଼ିବୁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ କହିଛନ୍ତି। କଂଗ୍ରେସ ଓ ଅନ୍ୟ ସମଭାବାପନ୍ନ ବିରୋଧୀ ଦଳଗୁଡ଼ିକୁ ଆୟକର ବିଭାଗ ଟାର୍ଗେଟ କରୁଛି। ଏହି ବିଭାଗ ଏବେ ଭାଜପାର ଛାମୁଆ ସଂଗଠନରେ ପରିଣତ ହୋଇଥିବା ମାକେନ୍ ଅଭିଯୋଗ କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଆୟକର ବିଭାଗ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଅଚଳ କରିଥିବାରୁ ଏହା ବିରୋଧରେ ପିଟିଶନ ସୁପ୍ରିମକୋର୍ଟରେ ଖୁବ୍‌ଶୀଘ୍ର ଶୁଣାଣି ହେବ। ଆୟକର ବିଭାଗ ଜବରଦସ୍ତ କଂଗ୍ରେସ ବ୍ୟାଙ୍କ ଆକାଉଣ୍ଟରୁ ୧୩୫ କୋଟି ଟଙ୍କା ଉଠାଇ ନେଇଥିବା ମାକେନ ଅଭିଯୋଗ ଆଣିଛନ୍ତି।

## ଭାରତରେ ପ୍ରତ୍ୟେକଙ୍କ ...

ଏବଂ ମୌଳିକ ଗଣତାନ୍ତ୍ରିକ ସିଦ୍ଧାନ୍ତ ସମ୍ପର୍କିତ ମାନ ବଜାୟ ରହିବା ଆମେ ଆଶା କରୁଛ ବୋଲି ବର୍ଲିନ କହିଥିଲା। ଆମେରିକା ମଧ କେଜ୍‌ରିୱାଲଙ୍କ ଗିରଫଦାରି ଓ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଅଚଳକୁ ନେଇ ଅନୁରୂପ ମନ୍ତବ୍ୟ ଦେଇଥିଲା। ଏନେଇ ବୁଧବାର ଭାରତ ଆମେରିକା ଦୂତାବାସର ବରିଷ୍ଠ କୂଟନୀତିଜ୍ଞଙ୍କୁ ସମନ କରିବା ପରେ ୱାଶିଂଟନ ସ୍ୱଚ୍ଛ ଓ ଠିକ୍ ସମୟରେ ଆଇନଗତ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରୁଥିବା କହିଥିଲା।

## ୪୪% ଏମ୍‌ପିଙ୍କ ନାଁରେ ...

ରଘୁ ରାମାକ୍ରିଷ୍ଣା ରାଜୁ ସବୁଠୁ ବଡ଼ ଧନୀ ଏମ୍‌ପି ବୋଲି ସେମାନଙ୍କ ସତ୍ୟପାଠରୁ ଜଣାପଡ଼ିଛି। ଶିକ୍ଷାଗତ ଯୋଗ୍ୟତାକୁ ଦେଖିଲେ, ଲୋକ ସଭାର ୭୩%ରୁ ଅଧିକ ସଦସ୍ୟ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ଡିଗ୍ରୀ ହାସଲ କରିଛନ୍ତି। ଅନ୍ୟପକ୍ଷେ ମାତ୍ର ୧୫% ଏମ୍‌ପି ହେଉଛନ୍ତି ମହିଳା।

## କେନ୍ଦୁଝର ବଳଦେବଜୀଉ ...

ପ୍ରାଥମିକ ତଦନ୍ତରୁ ଜଣାପଡିଛି ଦୁର୍ବୃତ୍ତମାନେ ପ୍ରଥମେ ମନ୍ଦିରକୁ ସଂଯୋଗ ହୋଇଥିବା ଇଲେକ୍ଟ୍ରି ତାରକୁ କାଟିଛନ୍ତି। ତା' ପରେ ରାତି ୧ଟା ୪୫ରୁ ୨ଟା ୧୫ମିନିଟ୍ ମଧ୍ୟରେ ଏହି ଘଟଣା ଘଟାଇଛନ୍ତି। ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ଶୋଇଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏହି କାଣ୍ଡ ଭିଆଇଛନ୍ତି। ଶୁକ୍ରବାର ସକାଳେ ହୁଣ୍ଡି ଡାଡ଼ି ଚୋରି ହୋଇଥିବା ଜଣାପଡ଼ିବା ପରେ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର, ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଟାଉନ ଥାନା ଅଧିକାରୀ ରମାକାନ୍ତ ସାଇ ପ୍ରମୁଖ ବଳଦେବଜୀଉ ମନ୍ଦିର ଯାଇ ଯାଞ୍ଚ କରିଛନ୍ତି। କେନ୍ଦୁଝର ଉପଜିଲାପାଳ



ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ହୁଣ୍ଡି।

ତଥା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ତ୍ରିଲୋଚନ ମହାନ୍ତି ମନ୍ଦିର ପରିଦର୍ଶନ କରି ଫେରିଛନ୍ତି। ପୋଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅନୁସନ୍ଧାନ ଜାରି ରଖିଛି। ମନ୍ଦିର ପରିସରରେ ସିକ୍ୟୁରିଟି ବ୍ୟବସ୍ଥା ଏବଂ ସିସିଟିଭି ଥାଇ ମଧ କିପରି ଚୋରି ହେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ବାହୀ ଅଧିକାରୀ ମହାନ୍ତି କହିଛନ୍ତି, ଦୁର୍ବୃତ୍ତମାନେ କେତେ ଟଙ୍କା ଲୁଟି ନେଇଛନ୍ତି ତାହା ଠିକ୍ ଭାବେ ଜଣାପଡ଼ିନାହିଁ। କିଛି ଟଙ୍କା ଛାଡ଼ିଦେଇ ପଳାଇଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମନ୍ଦିର ପରିସରରୁ ଚନ୍ଦନଗଛ ଓ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲେ ହେଁ ଚୋର ଧରାପଡ଼ିନାହାନ୍ତି।

## ପୋଲିସ ସୂଚନାଦାତା ସନ୍ଦେହରେ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୨୯।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ପଖାଞ୍ଜୁର ଅଞ୍ଚଳରେ ଜଣେ ଗ୍ରାମବାସୀଙ୍କୁ ମାଓବାଦୀମାନେ ପୋଲିସ ସୂଚନାଦାତା ସନ୍ଦେହରେ ହତ୍ୟା କରିଛନ୍ତି। ସେ ହେଲେ ପଖାଞ୍ଜୁରର ଭାମରାଗଡ ଥାନା ଅଞ୍ଚଳର ଅଶୋକ ସୋଲଙ୍କି। ଶୁକ୍ରବାର ତାଙ୍କୁ କେତେ ଜଣ ସଶସ୍ତ୍ର ମାଓବାଦୀ ଘରୁ ଉଠାଇ ଆଣି ହତ୍ୟା କରି ପଖାଞ୍ଜୁର ରାସ୍ତା କଡରେ ଫିଙ୍ଗି ଦେଇଥିବା ଜଣାପଡିଛି। ଏଥିସହ ସେଠାରେ ମାଓବାଦୀମାନେ ଏକ ପୋଷ୍ଟର ଲଗାଇ ଅଶୋକ ପୋଲିସ ସୂଚନାଦାତା ଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।




## ଷ୍ଟାଇଲିସ୍ ଫ୍ୟାନ୍ସ୍

### ଆପଣଙ୍କ ଘର ଆପଣଙ୍କ ବ୍ୟକ୍ତିତ୍ୱର ପ୍ରତିଫଳନ । Kühl ଷ୍ଟାଇଲିସ୍ ଏଣ୍ଡ୍ ସ୍ମାର୍ଟ୍ ଫ୍ୟାନ୍ସ୍ ସହିତ ଏହାକୁ ପରବର୍ତ୍ତୀ ସ୍ତରକୁ ନିଅନ୍ତୁ ।

ସେଗୁଡିକର ଅତ୍ୟାଧୁନିକ କଲର ମାଧ୍ୟମରେ, ପ୍ରବାହୀ ସୂକ୍ଷ୍ମ ଲାଇନ୍ ଦ୍ୱାରା ଆବଦ୍ଧ । ଏବଂ ଆଶ୍ଚର୍ଯ୍ୟଜନକ ବିସ୍ତୃତି ଯାହାକି ଆପଣ ଗର୍ବ ଅନୁଭବ କରୁଥିବା ଷ୍ଟାଇଲ୍ କୁ ପ୍ରତିଫଳନ କରେ । ଫ୍ୟାନ୍‌ର ଆକର୍ଷଣୀୟ ସଂଗ୍ରହ ଏତେ ସୌନ୍ଦର୍ଯ୍ୟପୂର୍ଣ୍ଣ ଯେ ତାର ତୁଳନା ନାହିଁ । ଏହା ଅତୁଳନୀୟ ସଂପୂର୍ଣ୍ଣତା ସହିତ କଳାତ୍ମକ ଭାବେ ପ୍ରସ୍ତୁତ । ଏଭଳି ଟେକ୍‌ନୋଲୋଜିରେ ଅଳଂକୃତ ଯାହାକି ଅନ୍ୟ ତୁଳନାରେ ନିଜକୁ ଅଗ୍ରଣୀ ରଖିଛି ।



### ସ୍ମାର୍ଟ୍ ଫିଚର୍‌ସ୍

- 65% ପର୍ଯ୍ୟନ୍ତ ଇଲେକ୍‌ଟ୍ରିସିଟି ସଂଚୟ
- ଅଧିକ ଏୟାର୍‌ଫ୍ଲୋ
- କମ୍-ଶବ୍ଦ
- ରିଭର୍ସ ମୋଡ୍

### ଷ୍ଟାଇଲିସ୍ ଡିଜାଇନ୍

- ଏକ୍ସଟେନ୍‌ସିଭ୍ ଡିଜାଇନ୍ ରେଞ୍ଜ୍
- ସକାଳ ଏବଂ ରାତ୍ରୀ ଲାଇଟ୍
- ଏରୋଡାଇନାମିକ୍ ବ୍ଲେଡ୍‌ସ୍
- ଆକର୍ଷଣୀୟ କଲର୍‌ସ୍

### ଏଗୁଡିକ ଉପରେ କାମ କରିଥାଏ

ରିମୋଟ୍ | ସ୍ମାର୍ଟ୍ ଫୋନ୍ | ଭଏସ୍ କମାଣ୍ଡ୍

MORE STARS MORE SAVINGS POWER SAVINGS GUIDE | IS 374:2019 CM/L- 8800112515 | ଭଏସ୍ ନିୟନ୍ତ୍ରିତ | Warranty 5 YEARS ON BLDC MOTOR 2 YEARS

**ପ୍ରାଇସ୍ ରେଞ୍ଜ୍ ₹2900 ରୁ ₹22000 ପର୍ଯ୍ୟନ୍ତ**

**Kühl®**
Stylish Fans
*Above all.*

*T&C Apply

**For Free Demo: 9582 123 456 | www.kuhl.in | For Details, Scan the QR Code**

**ORISSA • Bhubaneswar: Ketuka Electrical System – 8895682564**; Adhunik Rasoi – 9967242342; The Homemaker – 9438033247; Balaji Distributors – 7854825653; Gajanan Electricals – 7978632763; Shree Balaji Distributors – 7008715226; Mahaveer Electricals – 9853119591; Avantika Enterprises – 9040020680; Anu Agencies -943703448 • **Cuttack: Bharat Engineering Works – 7205428805**; Balaji Distributor – 9853528944; Bhumika Lights – 9437030344; Padmaja – 9937306582; JJ Sales – 9937416380; Sony Trading Agency- 9938716650; Mobile India- 9437169997; Hi Mark – 9778335110 • **Berhampur: Goutam Electronics - 94370 91894**; Gayatri electronics-9437071894; Royal Enterprises – 9437186828; Dadhibaman Enterprises- 98611 21038; Patro Enterprises- 9937077719; Purushottam Enterprises – 9938278516 • **Rourkela: Rishi Enterprises – 8144756526;** Maa Sarala Electricals – 7008198518; Purnamsi Enterprises- 9937724419; Shruti Enterprises- 7008116768; The Fone World- 7008977696; Laxmi Narayan Enterprises – 9861030021; Aaryan Electronics – 9861277821; Satya Enterprises- 7071234678; Amar Watch House – 7008410052; Pradeep Store- 9938022322; Parida Brothers- 9040960097 • **Jeypore: Goutam Distributors - 94370 91894**; Home Needs -8249282660; JM Enterprises-7008578926; Naresh Electricals-9938787068; Sai Ram Enterprises-9937639654; Padhy Electronics-9777920920; Yosoda Digital World -9178122750.Lalit Electronics- 9937970312, Shmuka Steel – 9437037810 , Abinav Dash-9437061540, G N Electronics- 8908112233, Maa durga Electronics-9861357353.

Scan to know more

# ଦିଲ୍ଲୀରେ ଜଳ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ଅରବିନ୍ଦ କେଜ୍‌ରିୱାଲ ଏବେ ଇଡି ହେପାଜତରେ ରହି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଘୋଷଣା କରିଛନ୍ତି। ଏହାସତ୍ତ୍ୱେ ଦିଲ୍ଲୀର ସ୍ୱେରେଜ ଓ ଜଳ ଯୋଗାଣ ବ୍ୟବସ୍ଥାର ପ୍ରଭାବଶାଳୀ କାର୍ଯ୍ୟକ୍ଷମତା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଦିଲ୍ଲୀ ଜଳ ମନ୍ତ୍ରୀ ଅତିଶୀ ମାର୍ଲେନା ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କୁ ନିର୍ଦ୍ଦେଶ ଦେଇଥିବା ଖବର ବାବୁ ପରିସରରେ ଗୁଞ୍ଜରଣ ସୃଷ୍ଟି କରିଛି। ମାର୍ଲେନା ସ୍ପଷ୍ଟ କରିଛନ୍ତି , ଗ୍ରୀଷ୍ମ ମାସରେ ସହରର ପ୍ରତ୍ୟେକ ଅଞ୍ଚଳ ପାଇଁ ପର୍ଯ୍ୟାପ୍ତ ଜଳ ଟ୍ୟାଙ୍କର ଅଛି ବୋଲି କୁମାର ନିଶ୍ଚିତ କରିବା ଆବଶ୍ୟକ। ଏହା ନିଶ୍ଚିତ ଯେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କେଜ୍‌ରିୱାଲଙ୍କୁ ଗିରଫ କରିବା ପରେ ତାଙ୍କ କାର୍ଯ୍ୟ କରିବାକୁ ଅତିଶୀ ଆଗକୁ ବଢ଼ିଛନ୍ତି। ଜଣେ ଦିଲ୍ଲୀବାଲା ଭାବେ ଆପଣ ଦିଲ୍ଲୀ ସରକାର ଏବଂ ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭି.କେ. ସାକ୍ସେନାଙ୍କ ବିବାଦ ବିଷୟରେ ଜାଣିଥିବେ। ତେବେ ଏବକାର ନୂଆ ଆଦେଶ ଏବଂ ମୁଖ୍ୟମନ୍ତ୍ରୀ କାରାଗାରରେ ରହିବା ଘଟଣା ମଜାଦାର ହୋଇଛି। ଦୁଇଜଣଙ୍କ ବିବାଦରେ ମଝିରେ ମୁଖ୍ୟ ଶାସନ ସଚିବ ରହିଥିବାରୁ ଏହି କ୍ଷମତା ଯୁଦ୍ଧ ଟିକେ ଥମିଯାଇଛି। । ସାଧାରଣତଃ ଦିଲ୍ଲୀ ଜଳ ବୋର୍ଡର ଲୋକମାନେ ୱାଟର ଟ୍ୟାଙ୍କର ପରିଚାଳନା କରନ୍ତି । କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ ମୁଖ୍ୟ ସଚିବଙ୍କୁ ଏହା ଉପରେ ନଜର ରଖିବାକୁ ପଡ଼ିବ। କୁମାର ଜଣେ ବରିଷ୍ଠ ବାବୁ ଓ ସେ ଅନେକ ରଣନୀତିକ ପଦକ୍ଷେପ ନେଇଛନ୍ତି। ପର୍ଯ୍ୟବେକ୍ଷକମାନେ ସୂଚିତ କରିଛନ୍ତି ଯେ, କୁମାର ବିଜ୍ଞତାର ସହ କାର୍ଯ୍ୟ କରିଛନ୍ତି ଯାହାକି ତାଙ୍କ ପୂର୍ବ ଅଧିକାରୀ ଯଥା ଏମ୍.ଏମ୍. କୁଟି ଏବଂ ବିଜୟ କୁମାର ଦେବ ହାସଲ କରିପାରି ନ ଥିଲେ।

### ଯୋଜନାବଦ୍ଧ ଅଦଳବଦଳ

ହିମାଚଳ ପ୍ରଦେଶ ଓ ଝାଡ଼ଖଣ୍ଡ ବ୍ୟତୀତ ଅନ୍ୟ ଭାଜପା (ଭାରତୀୟ ଜନତା ପାର୍ଟି) ଶାସିତ ରାଜ୍ୟଗୁଡ଼ିକରେ ଗୃହ ସଚିବମାନଙ୍କର ଅଦଳବଦଳରେ ଅନେକେ ଆଶ୍ଚର୍ଯ୍ୟ ହୋଇଥାଇପାରନ୍ତି। କିନ୍ତୁ ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜୀବ କୁମାରଙ୍କୁ ହଟାଇଦେବେ ବୋଲି ଆଦୌ ଆଶା କରାଯାଇ ନ ଥିଲା। ଏଥିରେ ଆନ୍ତଃ ଦଳୀୟ ଗତିଶୀଳତା ଏକ ଭୂମିକା ଗ୍ରହଣ କରୁଥିବାବେଳେ ନିଜ ଦଳୀୟ ପ୍ରସଙ୍ଗ ମଧ୍ୟ ସମାନ ଭାବେ ମହତ୍ତ୍ୱପୂର୍ଣ୍ଣ, ବିଶେଷକରି ନିର୍ବାଚନ ପ୍ରସଙ୍ଗରେ। ନିର୍ବାଚନ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ଗୃହ ସଚିବଙ୍କ ପରିବର୍ତ୍ତନ ଦ୍ୱାରା ଏହା ପ୍ରମାଣିତ ହୋଇଛି । ଗୁଜରାଟର ଗୃହ ସଚିବଙ୍କ ଦ୍ରୁତ ପରିବର୍ତ୍ତନ ପଛରେ କି ବାର୍ତ୍ତା ରହିଛି ତାହାକୁ ନେଇ ବି ପ୍ରଶ୍ନ ଉଠିଛି। ଅନୁମାନ କରାଯାଉଛି ଯେ, ଏହିସବୁ ନିଷ୍ପତ୍ତି ପଛରେ ପରୋକ୍ଷରେ ଗଭୀର ସଙ୍କେତ ରହିଛି। ବଦଳି ପ୍ରକ୍ରିୟା ସହ ଜଡ଼ିତ ବ୍ୟକ୍ତିମାନେ ମତ ଦିଅନ୍ତି ଯେ, ଆଗକୁ ଏହିପରି ଅଧିକ ନିଷ୍ପତ୍ତି ନିଆଯାଇପାରେ। ପଶ୍ଚିମବଙ୍ଗ ଡିଜିପି ରାଜୀବ କୁମାରଙ୍କ ସ୍ଥାନରେ ସଞ୍ଜୟ ମୁଖାର୍ଜୀଙ୍କୁ ଅବସ୍ଥାପିତ କରିବା ନିଷ୍ପତ୍ତି ନିର୍ବାଚନ ପୂର୍ବରୁ କେନ୍ଦ୍ରର ଏକ ଯୋଜନାବଦ୍ଧ ପଦକ୍ଷେପକୁ ଦର୍ଶାଏ। କୌତୂହଳର ବିଷୟ, ମତ ପରିବର୍ତ୍ତନ ପୂର୍ବରୁ ଆଇପିଏସ୍ ଅଧିକାରୀ ବିବେକ ସାହାଙ୍କୁ ପରବର୍ତ୍ତୀ ଡିଜିପି ଭାବରେ ନିର୍ବାଚନ କମିଟି ବାଛିଥିଲେ ବି ପରେ ମୁଖାର୍ଜୀଙ୍କୁ ଚୟନ କରାଯାଇଥିଲା। ନୂତନ ନିଯୁକ୍ତିକୁ ତୁରନ୍ତ ପାଳନ କରିବାକୁ ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବଙ୍କୁ ନିର୍ବାଚନ ଆୟୋଗର ନିର୍ଦ୍ଦେଶନାମା ସମ୍ଭବତଃ ଏହି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ସମ୍ମୁଖୀନ ହେଉଥିବା ରାଜନୈତିକ ଦୃଶ୍ୟପଟକୁ ନେଇ କେନ୍ଦ୍ରର ବିଚଳିତ ଭାବକୁ ପ୍ରକାଶ କରୁଛି।

### ଆଇଭିଏଫ୍ ବିବାଦ

ପଞ୍ଜାବର ଗାୟକ ସିଦ୍ଧୁ ମୋସେୱାଲାଙ୍କ ମାତାଙ୍କୁ ଦିଆଯାଇଥିବା ଆଇଭିଏଫ୍ ଚିକିତ୍ସା ସମ୍ବନ୍ଧରେ ପଞ୍ଜାବ ସରକାର ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ସଚିବ ଅଜୟ ଶର୍ମାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଏଥିପାଇଁ ଶର୍ମାଙ୍କୁ ୨ସପ୍ତାହ ସମୟ ଦିଆଯାଇଛି । ଏଭଳି ପଦକ୍ଷେପ ଦର୍ଶାଉଛି ଯେ ସରକାର ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ବଲବୀର ସିଂ ନିକଟକୁ ଆଣି ନ ଥିବାରୁ ସରକାର କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ନୁହେଁ ବୋଲି ନୋଟିସରେ ଦର୍ଶାଯାଇଛି। ଆଇଭିଏଫ୍ ମାଧ୍ୟମରେ ଜନ୍ମ ହୋଇଥିବା ତାଙ୍କ ନୂତନ ଶିଶୁପୁତ୍ର ଉପରେ ପଞ୍ଜାବ ସରକାର ତାଙ୍କୁ କଷ୍ଟ ଦେଇଛନ୍ତି ବୋଲି ମୋସେୱାଲାଙ୍କ ପିତା କହିବା ପରେ ଏହି ବିଷୟ ସାମ୍ନାକୁ ଆସିଥିଲା। ବର୍ତ୍ତମାନ ଏହା ଏକ ବଡ଼ ପ୍ରସଙ୍ଗ ହୋଇଥିବାରୁ ଶର୍ମାଙ୍କୁ ୧୯୯୨ ବ୍ୟବସାୟ ନିୟମର ସର୍ତ୍ତାବଳୀ ଅନୁଯାୟୀସ୍ୱାସ୍ଥ୍ୟମନ୍ତ୍ରୀଙ୍କନିକଟରେଏକରିପୋର୍ଟଦାଖଲକରିବାକୁନିର୍ଦ୍ଦେଶଦିଆଯାଇଛି। ଏପରିକି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ମଧ୍ୟ ଏହି ବିଷୟରେ ମୁଣ୍ଡ ଖେଳାଇଛି ଓ ଶର୍ମାଙ୍କଠାରୁ ଏକ ରିପୋର୍ଟ ଚାହୁଁଛି। ସିଦ୍ଧୁଙ୍କ ଦୁଃଖଦ ମୃତ୍ୟୁର ୨ବର୍ଷ ପରେ, ବିଶେଷକରି ଉଭୟ ମାତାପିତା ଏଆଇଭିଏଫ୍ ଚିକିତ୍ସା ପାଇଁ ଯୋଗ୍ୟ ବୟସରୁ ଅଧିକ ହୋଇଥିବାରୁ ଶିଶୁର ଜନ୍ମ ଏକ ଆଲୋଡ଼ନ ସୃଷ୍ଟି କରିଛି । ତଥାପି, ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ସାଧାରଣ ନିର୍ବାଚନରେ ଦେଶ ବ୍ୟସ୍ତ ଥିବାରୁ ସରକାରଙ୍କ କାର୍ଯ୍ୟ ମଧ୍ୟ ଜାରି ରହିବ। ଆଇଏଏସ୍ ଅଧିକାରୀଙ୍କ ଉପରେ ଏଭଳି ପଦକ୍ଷେପ ନିଶ୍ଚିତ କରେ ଯେ ସମସ୍ତେ ନିୟମାନୁସାରେ କାମ କରୁଛନ୍ତି ଓ ବ୍ୟବସ୍ଥାରେ ସ୍ୱଚ୍ଛତା ରହିଛି।

Email: dilipcherian@gmail.com

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 1 | 5 | 6 | | | | |
| | 5 | | | | 7 | | | |
| | | | 2 | | 4 | | | |
| 3 | | 4 | 6 | | 1 | 8 | | |
| | | | | | | 4 | 9 | |
| | | | | 7 | 3 | | | 2 |
| 8 | 3 | 6 | | | | 9 | 4 | |
| | | | | 4 | | | | |
| | | | | | | | 3 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 2 | 9 | 3 | 6 | 1 | 8 | 7 |
| 7 | 3 | 8 | 5 | 2 | 1 | 9 | 4 | 6 |
| 9 | 6 | 1 | 4 | 7 | 8 | 3 | 2 | 5 |
| 8 | 2 | 7 | 1 | 6 | 9 | 5 | 3 | 4 |
| 5 | 1 | 6 | 3 | 8 | 4 | 2 | 7 | 9 |
| 3 | 9 | 4 | 7 | 5 | 2 | 6 | 1 | 8 |
| 2 | 7 | 3 | 8 | 9 | 5 | 4 | 6 | 1 |
| 6 | 4 | 9 | 2 | 1 | 7 | 8 | 5 | 3 |
| 1 | 8 | 5 | 6 | 4 | 3 | 7 | 9 | 2 |

ଗତକାଲିର ଉତ୍ତର

# ଜନପ୍ରତିନିଧିଙ୍କ ଶିକ୍ଷାଗତ ଯୋଗ୍ୟତା



ବୃହସ୍ପତି ସାମଲ

ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶର ଶାସନ ମଙ୍ଗ ସମ୍ଭାଳୁଥିବା ବିଧାୟକ ଓ ସାଂସଦଙ୍କ କୌଣସି ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନ ରହିବା ଏକ ବିଡ଼ମ୍ବନାର ବିଷୟ। ସମ୍ବିଧାନର ଧାରା ୮୪, ଧାରା ୧୦୨, ଧାରା ୧୯୧, ଜନ ପ୍ରତିନିଧି ଅଧିନିୟମ ୧୯୫୧ ଇତ୍ୟାଦିରେ ସାଂସଦ ଏବଂ ବିଧାୟକଙ୍କ ଯୋଗ୍ୟତା ଓ ଅଯୋଗ୍ୟତାକୁ ନେଇ ବିଶେଷ ସର୍ତ୍ତାବଳୀମାନ ଉଲ୍ଲେଖ ଥିଲେ ବି ଶିକ୍ଷାଗତ ଯୋଗ୍ୟତା ଉପରେ ଏସବୁ ନୀରବ। ଅବଶ୍ୟ ସଂସଦ ଚାହିଁଲେ ଉପରୋକ୍ତ ଆଇନରେ ସଂଶୋଧନ ଆଣି ସାଂସଦ ଏବଂ ବିଧାୟକଙ୍କ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରିତ କରିପାରିବ। ହେଲେ, ସମ୍ବିଧାନ ପ୍ରସ୍ତୁତି ସମୟରୁ ଆଜିଯାଏ ଅନେକ ଆଲୋଚନା ପର୍ଯ୍ୟାଲୋଚନା ହେଉଥିଲେ ମଧ୍ୟ ଏ ଦିଗରେ କୌଣସି କ୍ଷମତାସୀନ ସରକାର କିଛି ପଦକ୍ଷେପ ନେଇନାହାନ୍ତି।

ସାଧୀନତା ପ୍ରାପ୍ତି ପରେ ଭାରତର ସମ୍ବିଧାନ ୨୬ ଜାନୁଆରୀ ୧୯୫୦ରୁ ଲାଗୁ ହେଲା ଏବଂ ଭାରତର ପ୍ରଥମ ଲୋକ ସଭାର ସାଧାରଣ ନିର୍ବାଚନ ୨୫ ଅକ୍ଟୋବର ୧୯୫୧ରୁ ୨୧ ଫେବୃଆରୀ ୧୯୫୨ ମଧ୍ୟରେ ମୋଟ ୪୮୯ଟି ଆସନ ପାଇଁ ଅନୁଷ୍ଠିତ ହୋଇଥିଲା। ୧୯୫୧ରେ ଭାରତର ସାକ୍ଷରତା ହାର ମାତ୍ର ୧୮.୩୩% ଥିଲା ; ଅର୍ଥାତ୍ ପ୍ରତ୍ୟେକ ଛଅ ଜଣରେ ପାଞ୍ଚଜଣ ନିରକ୍ଷର ଥିଲେ। ଜଣେ ନିର୍ବାଚିତ ଜନପ୍ରତିନିଧି ହେବାପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯଦିବା ମାଟ୍ରିକୁଲେସନ ସ୍ଥିର କରାଯାଇଥାନ୍ତା, ତେବେ ଏହି ହାର ଆହୁରି କମି ଯାଇଥାନ୍ତା। ତେଣୁ ସମ୍ବିଧାନରେ ଜଣେ ନିର୍ବାଚିତ ଜନପ୍ରତିନିଧି ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ବିଧିବଦ୍ଧ ନିୟମ ପ୍ରଣୟନ କରି ସେହି ଆଧାରରେ ଜନପ୍ରତିନିଧିଙ୍କୁ ନିର୍ବାଚିତ କରାଯାଇଥିଲେ ଭାରତର ୮୨%ରୁ ଊର୍ଦ୍ଧ୍ୱ ନାଗରିକ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାର ସୁଯୋଗରୁ ବଞ୍ଚିତ ହୋଇଥାନ୍ତେ ; ଯାହା ଗଣତନ୍ତ୍ର ପ୍ରତି ଅବମାନନା ହୋଇଥାନ୍ତା ନିଶ୍ଚୟ । ଅଧିକନ୍ତୁ, ଆନୁଷ୍ଠାନିକ ଶିକ୍ଷା ଜ୍ଞାନର ଏକମାତ୍ର ମାପକାଠି ନ ହୋଇପାରେ। ଗଣତନ୍ତ୍ରରେ ଲୋକଙ୍କର ମାନସିକତାକୁ ହୃଦୟଙ୍ଗମ କରି ସଫଳତାର ସହ କାର୍ଯ୍ୟ କରିବାକୁ ଆନୁଷ୍ଠାନିକ ଶିକ୍ଷା ଅପେକ୍ଷା ଅଧିକ ଅଭିଜ୍ଞତା, ନେତୃତ୍ୱ ନେବାର ଗୁଣାବଳୀ, ବିଶ୍ୱସନୀୟତା, ଉପଲବ୍ଧି, ଦୃଷ୍ଟିଭଙ୍ଗୀ ଏବଂ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱର ପ୍ରତିବଦ୍ଧତା ଭଳି ଅନେକ ଗୁଣର ଆବଶ୍ୟକତା




ରହିଛି। ଆବ୍ରାହମ ଲିଙ୍କନ, ହାରି ଏସ୍ ଟ୍ରୁମ୍ୟାନ, ଜର୍ଜ ୱାଶିଂଟନ, ବେନଜାମିନ ଫ୍ରାଙ୍କଲିନ, ଆଣ୍ଡ୍ରିଉ ଜାକ୍‌ସନଙ୍କ ଭଳି ବିଶ୍ୱର ବହୁ ନେତା ସେମାନଙ୍କର ସ୍ୱଳ୍ପ ଆନୁଷ୍ଠାନିକ ଶିକ୍ଷା ସତ୍ତ୍ୱେ ସଫଳ ରାଜନୀତିଜ୍ଞ ହିସାବରେ ଲୋକପ୍ରିୟତାର ଶୀର୍ଷରେ ଅଛନ୍ତି। ତେଣୁ ପ୍ରାରମ୍ଭରୁ ଶିକ୍ଷିତ ଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦେଇଥିଲେ ତାହା ଜନସାଧାରଣଙ୍କ ଆତ୍ମବିଶ୍ୱାସ ପ୍ରତି କୁଠାରାଘାତ ହେବା ସହ ଗଣତନ୍ତ୍ରରେ ସମାନତାର ଅଧିକାରକୁ କ୍ଷୁଣ୍ଣ କରିଥାନ୍ତା ନିଶ୍ଚୟ। କିନ୍ତୁ, ସ୍ୱାଧୀନ ଭାରତରେ ସାକ୍ଷରତା ହାରରେ ନିଶ୍ଚୟ ଅଭିବୃଦ୍ଧି ହେବ, ସମ୍ଭବତଃ ଆମର ଦୂରଦ୍ରଷ୍ଟା ସମ୍ବିଧାନ ପ୍ରଣେତାମାନଙ୍କୁ ଏକଥା ଜଣାଥିଲା। ତେଣୁ ଭବିଷ୍ୟତରେ ସାଂସଦ ଏବଂ ବିଧାୟକଙ୍କ ଯୋଗ୍ୟତା ଓ ଅଯୋଗ୍ୟତାର ସର୍ତ୍ତାବଳୀମାନ ସଂଶୋଧନ କଲାବେଳେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା କଥା ମଧ୍ୟ ବିଚାରକୁ ନେବାପାଇଁ ସମ୍ବିଧାନରେ ସଂସଦକୁ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହରିୟାଣା ସରକାର ୨୦୧୫ରେ ସରପଞ୍ଚ ଏବଂ ପଞ୍ଚାୟତ ସମିତି ଓ ଜିଲା ପରିଷଦ ସଭ୍ୟ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ଶ୍ରେଣୀ (ତଫସିଲଭୁକ୍ତ ଜାତି ଓ ମହିଳାଙ୍କ ପାଇଁ ପୂର୍ବ ମାଧ୍ୟମିକ) ନିର୍ଦ୍ଧାରିତ କରି ପଞ୍ଚାୟତିରାଜ (ସଂଶୋଧନ) ଅଧିନିୟମ ୨୦୧୫ ଦ୍ୱାରା ଯେଉଁ ନ୍ୟାୟିକ ପ୍ରାବଧାନ ଆଣିଥିଲେ, ପରବର୍ତ୍ତୀ ଅଧ୍ୟାୟରେ ତାହା ବିରୋଧରେ ଉଚ୍ଚତମ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା (ରାଜବାଳା ବନାମ ହରିୟାଣା ରାଜ୍ୟ ସରକାର, ୨୦୧୬)। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ସପକ୍ଷରେ ଯୁକ୍ତିବାଢି ଉଚ୍ଚତମ ନ୍ୟାୟାଳୟ କହିଥିଲେ କି କେବଳ ଶିକ୍ଷା ହିଁ ମଣିଷକୁ ଠିକ ଓ ଭୁଲ୍, ଭଲ ଓ ମନ୍ଦ ଭିତରେ ବାଛବିଚାର କରିବାକୁ କ୍ଷମତା ପ୍ରଦାନ କରିଥାଏ। ନିର୍ବାଚିତ ପ୍ରତିନିଧିମାନଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ରହିବା ଜରୁରୀ, ଯାହା ସେମାନଙ୍କୁ ସେମାନଙ୍କର ଉତ୍ତରଦାୟିତ୍ୱକୁ ଅଧିକ ସଫଳତାର ସହ ନିର୍ବାହ କରିବା ପାଇଁ ସକ୍ଷମ କରିବ। ତେଣୁ ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ପ୍ରାବଧାନ ଉତ୍ତମ ପ୍ରଶାସନ ଦୃଷ୍ଟିରୁ ଆଦୌ ଅପ୍ରାସଙ୍ଗିକ ବା ଅଯୌକ୍ତିକ ନୁହେଁ। ପଞ୍ଚାୟତ ସ୍ତରରେ ସରପଞ୍ଚ ଏବଂ ସମିତି ସଭ୍ୟମାନଙ୍କର ସୀମିତ କାର୍ଯ୍ୟାବଳୀ ପାଇଁ ଯେତେବେଳେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ପ୍ରାବଧାନକୁ ଉଚ୍ଚତମ ନ୍ୟାୟାଳୟ ଠିକ ବୋଲି ମତପୋଷଣ କରିଛନ୍ତି, ରାଜ୍ୟ ଓ ଜାତୀୟ ସ୍ତରରେ ଦେଶ ଓ ଦଶର ଉନ୍ନତି ପାଇଁ ପ୍ରମୁଖ ନିୟମ ପ୍ରଣୟନ ସହ ବିଧି ମୁତାବକ ବିଭିନ୍ନ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଦାୟିତ୍ୱବୋଧ ତୁଲେଇବାକୁ ବିଧାୟକ ତଥା ସାଂସଦଙ୍କ ନିମନ୍ତେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯେ ନିହାତି ଜରୁରୀ କହିଲେ ଅତ୍ୟୁକ୍ତି ହେବନାହିଁ।

୧୯୫୧ ତୁଳନାରେ ବର୍ତ୍ତମାନ ଭାରତର ସ୍ଥିତି ଅନେକାଂଶରେ ଉନ୍ନତ। ୧୯୮୧ରେ ସାକ୍ଷରତା ହାର ୪୦.୭୬%ରୁ ବୃଦ୍ଧି ପାଇ ୨୦୧୮ ବେଳକୁ ୭୪.୩୭ରେ ପହଞ୍ଚିସାରିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ତଥ୍ୟ ଅନୁସାରେ ୨୦୨୧ ସୁଦ୍ଧା ଭାରତର ହାରାହାରି ସାକ୍ଷରତା ହାର ୭୭.୭୦%। ଏବର୍ଷ ଏହା ୮୫.୯୫%କୁ ଛୁଇଁବାର ଆଶା। ପିଆର୍‌ଏସ୍ ଲେଜିସଲେଟିଭ ରିସର୍ଚ୍ଚର ସର୍ବେକ୍ଷଣ ଅନୁଯାୟୀ ୨୦୧୪ ସାଧାରଣ ନିର୍ବାଚନରେ ଜିତି ଥିବା ମାତ୍ର ୧୩% ସାଂସଦ ମାଟ୍ରିକ୍ୟୁଲେସନ ଉତ୍ତୀର୍ଣ୍ଣ ହୋଇ ନ ଥିଲେ। ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ଦଳର କଥା ଆଲୋଚନା କଲେ ଜଣାଯାଏ ଯେ ଭାଜପାର ୧୦% ସାଂସଦ ଦଶମ ପାସ୍ କରିଥିଲା ବେଳେ, କଂଗ୍ରେସର ୨% ଏବଂ ଭାଜପାର ୧୦% ଦ୍ୱାଦଶ ପାସ୍ ଥିଲା ବେଳେ, କଂଗ୍ରେସର ୧୬%। ସେହିଭଳି ଭାଜପାର ୨୩% ସାଂସଦ ସ୍ନାତକ ଥିଲା ବେଳେ, କଂଗ୍ରେସର ୧୪% ଏବଂ ଭାଜପାର ୨୫% ସାଂସଦ ସ୍ନାତକୋତ୍ତର ଥିଲା ବେଳେ, କଂଗ୍ରେସର ୩୪%। ସେହିଭଳି ୨୦୧୯ ନିର୍ବାଚନରେ ଜିତିଥିବା ସାଂସଦଙ୍କ ମଧ୍ୟରୁ ୪୩% ସ୍ନାତକ, ୨୫% ସ୍ନାତକୋତ୍ତର ଏବଂ ୪% ଡକ୍ଟରେଟ ଡିଗ୍ରୀଧାରୀ। ତେଣୁ ଶିକ୍ଷିତମାନଙ୍କ ଭାଗୀଦାରି ନିର୍ବାଚନରେ ବଢ଼ିଚାଲିଥିବାବେଳେ, ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ଥିର କରିବାରେ ଏବେ ହୁଏତ କିଛି ଅସୁବିଧା ହୋଇ ନ ପାରେ। ଏହି ପରିପ୍ରେକ୍ଷୀରେ ଜନପ୍ରତିନିଧିଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ ପାଇଁ ଆବଶ୍ୟକୀୟ ସମ୍ବିଧାନ ସଂଶୋଧନ ଏକାନ୍ତ ଅପରିହାର୍ଯ୍ୟ।

**ପଦ୍ମପୁର (ଆନନ୍ଦପୁର), କେନ୍ଦୁଝର**
**ମୋ: ୯୪୩୭୦୨୨୬୬୯**

# ତୋଷାମଦିର ତୀର୍ଥକ୍ଷେତ୍ରରେ ସ୍ୱାର୍ଥ



ଡ.ସତ୍ୟ ନାରାୟଣ ମିଶ୍ର

ସମୟର ଘୂର୍ଣ୍ଣୟନରେ ଯେତେବେଳେ ଶୈଶବରୁ ଗୋଟିଏ ଗୋଟିଏ ପାହାଚ ମଣିଷ ଅତିକ୍ରମ କରିଥାଏ, ସେହି ଅତିକ୍ରମ ମଧ୍ୟରେ ସେ ଅମୃତର ସନ୍ଧାନ ପାଇଁ ତୀର୍ଥକ୍ଷେତ୍ର ଅନ୍ୱେଷଣ କରିଥାଏ। ସାଧାରଣତଃ ତୀର୍ଥକ୍ଷେତ୍ର ଧର୍ମକୁ ଆଧାର କରି ନିର୍ଦ୍ଦିଷ୍ଟ ହୋଇଥାଏ । ସମ୍ପ୍ରତି ମଣିଷ ଯୌବନ ଅବସ୍ଥାରୁ ଅଧିକ ତୀର୍ଥକ୍ଷେତ୍ରରେ ନିମଜ୍ଜିତ ହେବା ପାଇଁ କସରତ କରୁଛି। ପିଲାଦିନରୁ ମଣିଷ ଶିକ୍ଷା କରିଥାଏ ଅମୃତର ସନ୍ଧାନ, ମାତ୍ର ସମୟ କ୍ରମେ ଉକ୍ତ ଅମୃତ ମଣିଷ ପାଇଁ ବିଷ ଉପଲବ୍ଧି ହୋଇଥାଏ। ଯେତେବେଳେ ମଣିଷ ତୋଷାମଦିର ତୀର୍ଥକ୍ଷେତ୍ରରେ ନିମଜ୍ଜିତ ହୋଇଯାଏ, ସେତେବେଳେ ତୋଷାମଦିକୁ ଏକ ଆଦର୍ଶ କରି ଜୀବନ ନିର୍ବାହ କରିଥାଏ। କାରଣ ତୋଷାମଦିରେ ରହିଛି ସ୍ୱାର୍ଥର ଅମୃତ, ଯାହା ଏକ ଭୋଗସର୍ବସ୍ୱ ତୀର୍ଥକ୍ଷେତ୍ର। ମଣିଷ ମଣିଷକୁ ଭଲ ପାଏ ଓ ଉପଯୁକ୍ତ ମଣିଷ ଉପଯୁକ୍ତ ମଣିଷର ଗୁଣଗାନ କରିଥାଏ ବା ସକାରାତ୍ମକ ବିରୋଧ କରିଥାଏ। ଯିଏ ପ୍ରକୃତ ବନ୍ଧୁ ସେ ପ୍ରତିପକ୍ଷ ବନ୍ଧୁର ଅନିଷ୍ଟ ହେଉଥିଲେ ତାହାକୁ ଚେତାବନୀ ଦେଇ ବା ତାଗିଦ କରି ସେଥିରୁ କ୍ଷାନ୍ତ ହେବା ପାଇଁ ପରାମର୍ଶ ଦେଇଥାନ୍ତି। ଅନ୍ୟପକ୍ଷରେ ଜଣେ ଉପଯୁକ୍ତ ବ୍ୟକ୍ତି ଯେଉଁଠା ଉପଯୁକ୍ତ ହୋଇ ନ ଥାଏ ସେ ତାହାକୁ ଗ୍ରହଣ କରି ନ ଥାଏ ଓ ସେ ତାହାକୁ ସର୍ବସମକ୍ଷରେ ବିରୋଧ ମଧ୍ୟ କରିଥାନ୍ତି। ମାତ୍ର ଯେଉଁମାନେ ତୋଷାମଦିର ଶିଖରରେ ଉପବେଶନ କରିଥାନ୍ତି, ସେମାନେ ନିଜର ବିବେକ ବୁଦ୍ଧିକୁ ବିକ୍ରି କରି କେବଳ ତୋଷାମଦିରେ ସ୍ୱାର୍ଥ ହାସଲ କରିଥାନ୍ତି।

ତୋଷାମଦି ହେଉଛି ଏକ ଅପରାଧ ଓ ବିଷବଳୟ। ଏହା ତୋଷାମଦି କରୁଥିବା ବ୍ୟକ୍ତିର ମାନ, ନୀତି, ଆଦର୍ଶ ଆଦିକୁ ଧ୍ୱଂସ କରି କେବଳ ପଶୁ ଭାବରେ ଜୀବନ ନିର୍ବାହ କରିବା ପାଇଁ ଶିଖାଇଥାଏ। ଅନ୍ୟପକ୍ଷରେ ଯିଏ ତୋଷାମଦିକୁ ଗ୍ରହଣ କରି ଆନନ୍ଦିତ ହୋଇଥାଏ ସେ ବ୍ୟକ୍ତି ନିଜର ଉପଯୁକ୍ତ ସ୍ଥିତିକୁ ସ୍ପଷ୍ଟ ଭାବରେ ଅନୁମାନ କରିଥାନ୍ତି ଯେ ସେ କିଏ ଓ କେଉଁ ଉପାୟରେ ଦୋଷାମଦିର ଆଧାରରେ ବଳିଷ୍ଠ ହୋଇଛନ୍ତି। ପ୍ରଶଂସା ଓ ତୋଷାମଦି ସମ୍ପୂର୍ଣ୍ଣ ଭିନ୍ନ ଆଧାର। ପ୍ରଶଂସା ବ୍ୟକ୍ତିକୁ ଅଗ୍ରସର ହେବା ପାଇଁ ପ୍ରେରଣା ଦେଇଥାଏ, ଯଦି ତାହା ଉପଯୁକ୍ତ ପ୍ରଶଂସା ବା ପ୍ରଶଂସାର ଯୋଗ୍ୟ ହୋଇଥାଏ। ମାତ୍ର ତୋଷାମଦି ହେଉଛି ଅଯୋଗ୍ୟ ବ୍ୟକ୍ତିକୁ ନୀତିହୀନ ବ୍ୟକ୍ତି ତୋଷାମଦି କରି ସ୍ୱାର୍ଥ ହାସଲ କରିଥାଏ। ପାର୍ଥିବ ସମାଜରେ ପ୍ରାୟ ସମସ୍ତ ମଣିଷ କିଛି କିଛି ପ୍ରଶଂସା ଚାହିଁଥାନ୍ତି, ଯାହା କେତେବେଳେ ଉପଯୁକ୍ତ କିମ୍ବା କେତେବେଳେ ଔପଚାରିକ ହୋଇଥାଏ। ତାହା ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହିବା ବିଧେୟ। କୃତଜ୍ଞତାର ଶବ୍ଦ ଜଣେ ମନୁଷ୍ୟକୁ ଅଧିକ ପରିଶ୍ରମ ପାଇଁ ପ୍ରେରଣା ଦେଇପାରେ,କିନ୍ତୁ ଗ୍ରହଣ କରୁଥିବା ପ୍ରଶଂସା ନିଶ୍ଚିତ ଭାବରେ ଯୋଗ୍ୟ ହେବା ଆବଶ୍ୟକ। ଯେତେବେଳେ ଏହା ଅତିରିକ୍ତ ହୋଇଯାଏ, ସେତେବେଳେ ତାହା ଚାଟୁକାରରୁ ତୋଷାମଦି ହୋଇଯାଏ ଓ ସ୍ୱାର୍ଥହାସଲ ନିମିତ୍ତ ନିର୍ଦ୍ଦିଷ୍ଟ ହୋଇଯାଏ।

ଚାଟୁକାର ସାଧାରଣତଃ କିଛି ଲାଭ ଓ ଅଯଥା



ଅନୁଗ୍ରହ ପାଇବାକୁ ଚେଷ୍ଟା କରି ସେଥିରେ ସମ୍ପର୍କକୁ ଦୃଢୀଭୂତ କରିଥାନ୍ତି। ପୂର୍ବେ ରାଜତନ୍ତ୍ର ସମୟରେ ଓ ଏପରି କି ମୋଗଲ, ମରହଟ୍ଟା, ସୁଲତାନ, ଇଂରେଜ ଆଦି ଶାସନ ସମୟରେ ତୋଷାମଦକାରୀମାନେ ଖୋଲାଖୋଲି ଭାବରେ ରାଜାମାନଙ୍କର ପ୍ରଶଂସା ଗାନ କରି ରାଜକୀୟ ପୃଷ୍ଠପୋଷକତା ହାସଲ କରୁଥିଲେ। ମାତ୍ର ସାମ୍ପ୍ରତିକ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଏକବିଂଶ ଶତାବ୍ଦୀର ନୂତନ ଜ୍ଞାନକୌଶଳରେ ପଦାର୍ପଣ କରି ମଧ୍ୟ ମଣିଷ ସ୍ୱାର୍ଥକୁ ହାସଲ କରିବା ପାଇଁ ତୋଷାମଦି ଦ୍ୱାରା ନିଜର ମାନବିକ ମୂଲ୍ୟବୋଧକୁ ସ୍ୱାର୍ଥ ନିକଟରେ ବଳି ଦେଉଛି। ତୋଷାମଦି ସିଏ କରେ, ଯାହାର ନିଜ ଉପରେ ବିଶ୍ୱାସ ନଥାଏ ଓ ଯିଏ ନୀତିହୀନ ବା ଆଦର୍ଶବିହୀନ ହୋଇଥାଏ। ଅନ୍ୟର ଦୟାରେ ବଞ୍ଚିବାକୁ ଭଲ ପାଉଥିବା ବ୍ୟକ୍ତି ତୋଷାମଦିର ତୀର୍ଥକ୍ଷେତ୍ରକୁ ପଦାର୍ପଣ କରିଥାନ୍ତି। ସମ୍ପ୍ରତି ସଭ୍ୟ ସମାଜର ପ୍ରତ୍ୟେକ ପଦକ୍ଷେପରେ ଆମେ ତୋଷାମଦିର ଚାଟୁକାର କଳାର ଅଭ୍ୟାସକାରୀମାନଙ୍କ ସଂସ୍ପର୍ଶରେ ଆସିଥାଉ। ପ୍ରତ୍ୟେକ ତୋଷାମଦକାରୀ ଚାଟୁକାରର ଚାତୁରୀରେ ନିଜକୁ ମୁନିବଙ୍କ ନିକଟରେ ସମର୍ପଣ କରିଥାନ୍ତି ଓ ଅତ୍ୟନ୍ତ ଶାନ୍ତ ସରଳ ଦୃଶ୍ୟମାନ ହୋଇଥାନ୍ତି, ଯାହାର ପ୍ରକୃତ ପରିଚୟ ହୋଇ ନ ଥାଏ। ତୋଷାମଦି ଚାଟୁକାରର ତୀର୍ଥକ୍ଷେତ୍ର ହେଉଛି ଏକ ନିଶାଯୁକ୍ତ ମୃଦୁପାନୀୟ, ଯାହା ଏକ ଖରାପ ଅନୁସରଣକୁ ଗତିକରିଥାଏ ଓ ଏହା ଭଲ ଲୋକଙ୍କୁ ବହୁ ଦୂରକୁ ଠେଲି ମୌଳିକତାକୁ ହତ୍ୟା କରେ। ତୋଷାମଦି ଏକପ୍ରକାର ଧଳା ମିଛ, ଯାହା ନୁହେଁ ତାହା ହୋଇଛିରେ ପରିବର୍ତ୍ତନ କରି ଅଜ୍ଞତାକୁ ଧଳା ପୋଷାକ ଦାରା ଆବୃତ୍ତ କରାଯାଏ ଓ ସମାଜ ନିକଟରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଏ।

ପରିଚୟର ସଂଜ୍ଞାକୁ ବିଶ୍ଳେଷଣ କଲେ ଦୃଶ୍ୟମାନ ହୋଇଥାଏ ଯେ ତୋଷାମଦିକୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତି ହେଉଛନ୍ତି ଅପାରଗ ବା ଅଜ୍ଞ, ଯାହାର ନିଜର ବିଚାରଧାରାରେ ନିଜେ ଦୁର୍ବଳ ହୋଇଥିବାରୁ ଅଯଥା ପ୍ରଶଂସାରେ ସେ ନିଜକୁ ଗୌରବାନ୍ୱିତ ହୋଇଥାଏ। ସମ୍ପ୍ରତି ସମାଜର ଯେଉଁ ବିଘଟନ ସୃଷ୍ଟି ହୋଇଛି, ସେଥିପାଇଁ ବ୍ୟକ୍ତିର ଆତ୍ମିକ ଚରିତ୍ର କେବଳ ଦାୟୀ ବୋଲି ବିବେଚନା କରିବାକୁ ପଡିବ। କାରଣ ଉପଯୁକ୍ତ ଅନୁପଯୁକ୍ତ ବା ଠିକ୍ ଭୁଲର ନିର୍ଣ୍ଣୟ ମଣିଷ କରିବାକୁ ଯଦି ଅସମର୍ଥ, ତେବେ କ୍ଷମତାର 'କା'ରେ ତୋଷାମଦିର ତୀର୍ଥକ୍ଷେତ୍ରରେ ମଣିଷ ନିଜକୁ ନିମଜ୍ଜିତ କରିବାରେ ବାସ୍ତବିକତା ନ ଥାଏ। ଆଜିର ସମାଜରେ ଅନେକ ସ୍ଥାନରେ ବ୍ୟକ୍ତି ଅନେକ କିଛି ଉତ୍କର୍ଷ ବା ଜନହିତକର ତଥା ସାମାଜିକ କାର୍ଯ୍ୟ କରି ନିଜର ବ୍ୟକ୍ତିଗତ ସାର୍ଥକୁ ଆହୁତି ଦେଉଛି। ମାତ୍ର ସମାଜ ତାହାକୁ ଅନେକାଂଶରେ ଉପଯୁକ୍ତ ସମ୍ମାନ ଓ ମାନ୍ୟତା ଦେଇପାରେ ନାହିଁ, କାରଣ ସେଠାରେ ନ ଥାଏ କ୍ଷମତା ବା କିଛି ପାଇବାର ଆଶା। ବ୍ୟକ୍ତି ଯଦି ଧନୀ ଓ କ୍ଷମତାରେ ଥାଏ, ତେବେ ତୋଷାମଦିର ତୀର୍ଥକ୍ଷେତ୍ର ସେଇଠି ମାନ୍ୟତା ପାଇଥାଏ, ଯାହାକୁ ସ୍ୱାର୍ଥର କଣିକାରେ ବ୍ୟକ୍ତି ସିଞ୍ଚନ କରି ପବିତ୍ର ଅନୁଭବ କରିଥାଏ। ଅତଏବ ତୋଷମଦିର ତୀର୍ଥକ୍ଷେତ୍ର ହେଉଛି ସ୍ୱାର୍ଥର ଏକ ନୀତିହୀନ ଭୂମି, ଯେଉଁଠି ମଣିଷ ନିଜକୁ ପ୍ରଚ୍ଛଦରେ ପୂର୍ଣ୍ଣାହୁତି ଦେଇଥାଏ ବିବେକର ବିଚାରାଳୟରେ।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମୋ: ୯୯୩୭୩୪୫୯୦୦**

## ଏଇ ଭାରତରେ

ପିଲାଙ୍କୁ ଯେତେବେଳେ ପ୍ରଶ୍ନ କରାଯାଏ, ତୁମେ ବଡ଼ ହେଲେ କ'ଣ ହେବାକୁ ଚାହୁଁଛ, ସେମାନେ ଡାକ୍ତର, ଇଞ୍ଜିନିୟର, ପାଇଲଟ କିମ୍ବା ଲୟର ହେବେ ବୋଲି ଉତ୍ତର ଦେଇଥାନ୍ତି। କେହି କେବେ କୃଷକ ହେବାକୁ କହନ୍ତି ନାହିଁ। କିନ୍ତୁ ଏ କ୍ଷେତ୍ରରେ ବ୍ୟତିକ୍ରମ ହେଉଛନ୍ତି ଆଗ୍ରାର ଦୁଇ ଭାଇ ଆୟୁଷ ଓ ରିଷଭ ଗୁପ୍ତା। ଆୟୁଷ(୨୫) ଲଣ୍ଡନରେ ଓ ରିଷଭ(୨୭) ଦୁବାଇରେ ଏମ୍‌ବିଏ କରୁଥିଲେ। କୋଭିଡ୍ ସମୟରେ ୨୦୨୦ରେ ଘରକୁ ଫେରିବା ପରେ ଆଉ ପଢ଼ିବା ଲାଗି ବିଦେଶ ନ ଯାଇ ଚାଷ କରିବାକୁ ଦୁହେଁ ନିଷ୍ପତ୍ତି ନେଇଥିଲେ। ୨୦୨୦ର ଶେଷ ଭାଗରେ ସେମାନେ ଫାର୍ମ ପ୍ରତିଷ୍ଠା କରିଥିଲେ। ପ୍ରଥମେ ପରିବା ଚାଷ କରିବା ପରେ ୨୦୨୨ରେ ଛତୁଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସେମାନେ ସରକାରଙ୍କଠାରୁ ଲୋନ କରିଥିଲେ। ଏବେ ସେମାନେ ୩ ଏକର ଜମିରେ ଅର୍ଗାନିକ ପଲିହାଉସ କରି ୧୬ ପ୍ରକାର ପରିବା ଓ ଛତୁଚାଷ କରୁଛନ୍ତି। ୧ ଏକରରେ କାକୁଡ଼ି ଓ ଟମାଟୋ ଚାଷ କରାଯାଉଥିବାବେଳେ ୨ ଏକରରେ ଛତୁଚାଷ ହେଉଛି। ପ୍ରତିଦିନ ସେମାନେ ୧ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଉତ୍ପାଦ ବିକ୍ରି କରୁଛନ୍ତି। ପ୍ରତି ମାସରେ ୪୦ ଟନ ପରିବା ଓ ୪୦ ଟନ ଛତୁ ବିକ୍ରି କରି ବାର୍ଷିକ ୭.୫ କୋଟି ଟଙ୍କା ପାଉଛନ୍ତି। ଗୁପ୍ତା ଅର୍ଗାନିକ ଫାର୍ମସ୍ ଓ ଏ-୩ ମସ୍‌ରୁମ୍ ଫାର୍ମସ୍ ବ୍ରାଣ୍ଡରେ ଏହିସବୁ ଉତ୍ପାଦ ବିକ୍ରି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ମାର୍ଚ୍ଚ ୧୯୭୫

- ହରିଆଣାର ପାନିପଥଠାରେ ହେଉଥିବା ସାର କାରଖାନା ବାବଦ ବୈଦେଶିକ ବିନିମୟ ମୁଦ୍ରା କ୍ଷେତ୍ରରେ ସହାୟତା କରିବା ଲାଗି ଜାପାନ ପକ୍ଷରୁ ୨୯.୮ କୋଟି ଟଙ୍କା ଋଣ ପ୍ରଦାନ।
- ପଶ୍ଚିମ ଆଫ୍ରିକାର ଆଙ୍ଗୋଲାରେ ଲାଗିରହିଥିବା ଲଢ଼େଇର ଅବସାନ ପାଇଁ ଆଙ୍ଗୋଲାର ତିନୋଟି ମୁକ୍ତି ଆନ୍ଦୋଳନ ଦଳ ଓ ପର୍ତ୍ତୁଗାଲ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ଅଛି ସେ କେଉଁ ଦେଶେ ନୁହଇ ଜାଣି
ବିରଚି ମାୟାମୟ ରୂପର ଠାଣି
ବିଶ୍ୱମାନସରେ ବିକାର ସୃଜି
କି ସୁରା ଢାଳିଦିଏ, ନୁହଇ ବୁଝି।
ପାତ୍ର ପୂରି ମୋର ଉଛୁଳେ
ଗାତ୍ର ଜଳିଉଠେ ଆକୁଳେ
କଣ୍ଠେ ବଢ଼େ ତୃଷ୍ଣା ଶିର ମୋ ଯାଏ ତାତି
ତୃପତ ନୁହେଁ ଆଶା, ବଥାଏ ବେଶି ଛାତି।
ଶୁଷ୍କ ଏ ରସନା ସୁରାର ରସ ଚାଖି
ଦୁଇଟି ଆଖି ତାହା ଦୁଇଟି କଳା ଆଖି!
-(ଦୁଇଟି କଳା ଆଖି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହେଉ

ମହାଶୟ,

ଲୋକମାନଙ୍କ ମନରୁ ଆୟୁର୍ବେଦ ପ୍ରତି ଥିବା ସଂଶୟକୁ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ବିଶେଷ ଭାବେ ଉଦ୍ୟମ କରାଯାଉଛି । ସମଗ୍ର ଭାରତବର୍ଷରେ ଏବେ ୩ ହଜାର ୮୪୪ଟି ଆୟୁଷ ହସ୍ପିଟାଲ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ପରିଚାଳନାରେ କାର୍ଯ୍ୟ କରୁଛନ୍ତି । ଏସବୁ ହସ୍ପିଟାଲରେ ସମୁଦାୟ ୬୦ ହଜାର ୯୪୩ଟି ଶଯ୍ୟା ରହିଛି । ଆୟୁଷ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଭାରତୀୟ ଜନସ୍ୱାସ୍ଥ୍ୟ ମାନକ ବା ଇଣ୍ଡିଆନ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡକୁ ଅନୁସରଣ କରି ଆୟୁଷ ହସ୍ପିଟାଲଗୁଡିକ କିପରି ଉଚ୍ଚମାନର ଆୟୁଷ ସ୍ୱାସ୍ଥ୍ୟସେବା ପରିସରକୁ ବୃଦ୍ଧି କରିପାରିବେ, ସେ ଦିଗରେ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶିକା ଜାରି କରିଛନ୍ତି । ସମ୍ପ୍ରତି ଦେଶର ବିଭିନ୍ନ ସ୍ଥାନରେ ଥିବା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ବା ଏମ୍‌ସ ହସ୍ପିଟାଲରେ ଆୟୁଷ ବିଭାଗ ଖୋଲାଯାଇଛି । ଏସବୁ ହସ୍ପିଟାଲରେ ଥିବା ଆୟୁଷ ବିଭାଗରେ ସମନ୍ୱିତ ସ୍ୱାସ୍ଥ୍ୟ ଚିକିତ୍ସା ସଂକ୍ରାନ୍ତ ଗବେଷଣା କେନ୍ଦ୍ର କାର୍ଯ୍ୟ କରୁଛି । ଏହି ଗବେଷଣା ଦ୍ୱାରା ଆୟୁର୍ବେଦ ଓ ଏଲୋପାଥି ଔଷଧ ମଧ୍ୟରେ ଦୂରତା ହ୍ରାସ ପାଇବ ଓ ଜନସାଧାରଣଙ୍କ ମନରୁ ଆୟୁର୍ବେଦ ପ୍ରତି ଥିବା ସଂଶୟ ଦୂର ହୋଇପାରିବ । ସେହିପରି ଆୟୁଷ ଯୋଜନାର ବିସ୍ତୃତିକୁ ଦୃଷ୍ଟିରେ ରଖି ଆମ ରାଜ୍ୟ ସରକାର ମଧ୍ୟ କେନ୍ଦ୍ରୀୟ ଯୋଜନା ଓ ନିର୍ଦ୍ଦେଶିକା ଅନୁସାରେ ରାଜ୍ୟରେ ସେହି ଯୋଜନାକୁ କାର୍ଯ୍ୟକାରୀ କରିବା କିମ୍ବା ନୂତନ ଯୋଜନା ପ୍ରଣୟନ କରି ଆୟୁର୍ବେଦ ତଥା ଆୟୁଷର ବିକାଶ ଦିଗରେ ପଦକ୍ଷେପ ନେବା ଏବେ ଜରୁରୀ ମନେହୁଏ ।

**-ଡା.ଦୀନବନ୍ଧୁ ମହାରଣା, ମ୍ୟୁନିସିପାଲ ମାର୍କେଟ କମ୍ପ୍ଲେକ୍ସ, ଓଏମ୍‌ପି ଛକ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଦଳୁଛି ମୟୂରଭଞ୍ଜ ରାଜନୀତି

**ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଲୋକସଭା ଆସନ ପାଇଁ ଦୁଇ ପ୍ରମୁଖ ରାଜନୈତିକ ଦଳ ଭାଜପା ଓ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିଛି। କଂଗ୍ରେସ ଓ ଜେଏମ୍ଏମ୍ ପ୍ରାର୍ଥୀ ଘୋଷଣାକୁ ନେଇ ଅଙ୍କକଷା ଚାଲିଛି। ଏପରି ସ୍ଥଳେ ସମସ୍ତ ଦଳର ବିଧାନସଭା ପ୍ରାର୍ଥୀ ଚୟନ ଉପରେ ଜିଲାବାସୀଙ୍କ ନଜର ରହିଛି। ଭାଜପା ଓ ବିଜେଡି ମଧ୍ୟରେ ପ୍ରମୁଖ ଲଢ଼େଇ ହେବାକୁ ଥିବା ବେଳେ ଏହି ଦୁଇ ଦଳର ବିଧାୟକ ପ୍ରାର୍ଥୀ ଚୟନକୁ ନେଇ ଛକାପଞ୍ଝା ଲାଗି ରହିଛି। ଅନ୍ୟପକ୍ଷରେ ନୂଆ ମୁହଁଙ୍କ ଆବିର୍ଭାବ ଯୋଗୁ ଚର୍ଚ୍ଚାରେ ରହି ଆସିଥିବା ମୟୂରଭଞ୍ଜର ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି।

ଜିଲାର ୯ ବିଧାନସଭା ଆସନ ମଧ୍ୟରୁ ବଡ଼ସାହି ଆସନ ବାଲେଶ୍ୱର ଓ କରଞ୍ଜିଆ ଆସନ କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀରେ ରହିଛି। ଅବଶିଷ୍ଟ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ରହିଛି। ଏହି ନିର୍ବାଚନ ମଣ୍ଡଳୀଗୁଡ଼ିକରେ ବିଜେଡି ଓ ଭାଜପାର ଅନେକ ଆଶୟୀ ପ୍ରାର୍ଥୀ ଟିକେଟ ପାଇଁ ଲବି ଚଳାଇଛନ୍ତି। ଭାଜପା ଓ ବିଜେଡି ଦକ୍ଷତା ସମ୍ପନ୍ନ ବିଧାୟକ ପ୍ରାର୍ଥୀ ତାଲିକା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।

ସୁଦାମ ମାର୍ଣ୍ଡିଙ୍କୁ ବିଜେଡି ଏମ୍ପି ପ୍ରାର୍ଥୀ ଘୋଷଣା କରିବା ପରେ ଜିଲାର ରାଜନୈତିକ ବାତାବରଣରେ ସାମାନ୍ୟ ପରିବର୍ତ୍ତନ ଦେଖାଦେଇଛି। ୨୦୧୯ରେ ବିଜେଡି ଏମ୍ପି ପ୍ରାର୍ଥୀ ଦେବାଶିଷ ମାର୍ଣ୍ଡି ଅଳ୍ପ ସଂଖ୍ୟକ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ୨୦୨୪ରେ ସେ ପୁଣି ଥରେ ଏମ୍ପି ପ୍ରାର୍ଥୀ ହେବାକୁ ଆଶା ରଖି ୫ ବର୍ଷ ଧରି ବିଜେଡି ସଙ୍ଗଠନ ସମ୍ଭାଳି ଆସିଥିଲେ। ତେବେ ସୁଦାମ ଏମ୍ପି ପ୍ରାର୍ଥୀ ହେବା ପରେ ଦେବାଶିଷଙ୍କ ଥଇଥାନ ନେଇ ବିଜେଡିର ଚିନ୍ତା ବଢ଼ିଛି। ଦେବାଶିଷଙ୍କୁ ଏମ୍ପି ଟିକେଟ ନ ମିଳିବାରୁ ତାଙ୍କ ସମର୍ଥକ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଛି। ଦୀର୍ଘ ଦିନ ହେଲା ସେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେବା ସହ ସାଙ୍ଗଠନିକ କାର୍ଯ୍ୟ ତୁଲାଇ ଆସୁଥିଲେ। ସେହିପରି ବାରିପଦା ବିଧାନସଭା ଆସନରୁ ପ୍ରାର୍ଥୀ ହେବା ଆଶାରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ଓ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ମଧ୍ୟ ସାଙ୍ଗଠନିକ କାର୍ଯ୍ୟ କରି ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ସଫଳତା ଆଣି ଦେଇଥିଲେ। ଅନ୍ୟପକ୍ଷରେ ବାଙ୍ଗିରିପୋଷି, ସାରସକଣା, ମୋରଡ଼ା, ରାଇରଙ୍ଗପୁର, ଯଶୀପୁର ଓ ଉଦଳା ଆସନରେ ଏକାଧିକ ଆଶୟୀ ପ୍ରାର୍ଥୀ ରହିଛନ୍ତି। ସୁଦାମଙ୍କ ବିଜୟ ପାଇଁ ଏହି ସବୁ ନିର୍ବାଚନ ମଣ୍ଡଳୀରେ ଉପଯୁକ୍ତ ବିଧାୟକ ପ୍ରାର୍ଥୀ ଚୟନର ଆବଶ୍ୟକତା ରହିଛି। ଜିଲା ବିଜେଡି ସଭାପତି ଭାବେ ଦାୟିତ୍ୱରେ ଥିବା ସୁଦାମଙ୍କ ରାଜନୈତିକ ଗୋଟିଚାଳନା କାହାକୁ ଅଛପା ନାହିଁ। ସ୍ୱତନ୍ତ୍ର ରଣକୌଶଳ ଆପଣାଇ ସେ ନିର୍ବାଚନୀ ବୈତରଣୀ ପାର ହେବା ନଜିର ରହିଛି। ତେବେ ସୁଦାମ ପ୍ରତିନିଧିତ୍ୱ କରୁଥିବା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଦେବାଶିଷ ମାର୍ଣ୍ଡି ଓ ବାରିପଦା ଆସନରେ ସାନନ୍ଦ ମାର୍ଣ୍ଡିଙ୍କୁ ବିଜେଡି ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ଦୁଇ ମାର୍ଣ୍ଡିଙ୍କୁ ଥଇଥାନ କରାଗଲେ ସୁଦାମଙ୍କ ବିଜୟ ପଥ ସୁଗମ ହୋଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ଜିଲାର ୯ ବିଧାନସଭା ଆସନରେ ୩ ମହିଳାଙ୍କୁ ପ୍ରାର୍ଥୀ କରାଯିବା ନେଇ ଦଳ ପକ୍ଷରୁ ବୁଝାମଣା ଶେଷ ହୋଇଛି। ଏହି ୩ ଆସନରେ ସରୋଜିନୀ ହେମ୍ବ୍ରମ ଓ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି କୁହାଯାଉଥିବା ବେଳେ ଅନ୍ୟ ଏକ ଆସନରେ କେଉଁ ମହିଳାଙ୍କୁ ପ୍ରାର୍ଥୀ କରାଯିବ ତାହାକୁ ନେଇ ତର୍ଜମା ଜାରି ରହିଛି। ମୟୂରଭଞ୍ଜ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କୁ ବିଜେଡି ମୋରଡ଼ା ଆସନରେ ପ୍ରାର୍ଥୀ କରିପାରେ ବୋଲି ବିଜେଡି ଶୀର୍ଷ ନେତୃବୃନ୍ଦଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି।

ସେହିପରି ଭାଜପା ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବା ବେଳେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ବାରିପଦା ବିଧାନସଭା ଆସନରେ ଭାଜପା ତାଙ୍କୁ ପ୍ରାର୍ଥୀ କରିପାରେ ବୋଲି କର୍ମୀ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ଭାଜପା ଓ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ଘୋଷଣା ପରେ ରାଜନୈତିକ ବାତାବରଣ ସରଗରମ ହେବ ବୋଲି କୁହାଯାଉଛି।

## ବିଜେଡି ଏମ୍ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କୁ ସ୍ୱାଗତ

ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଲୋକସଭା ଆସନରେ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଶୁକ୍ରବାର ଜିଲାରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ବାରିପଦା ପାଲବଣୀଠାରୁ ବିଜେଡି ପାର୍ଟି ଅଫିସ ପର୍ଯ୍ୟନ୍ତ କର୍ମୀମାନେ ଏକ ବିରାଟ ବାଇକ ରାଲିରେ ତାଙ୍କୁ ପାଛୋଟି ନେଇଥିଲେ। ବିଜେଡିର କର୍ମକର୍ତାମାନେ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ଜଣାଇବା ପରେ ଜିଲାର ବିକାଶକୁ ନେଇ କାର୍ଯ୍ୟ କରିବେ ବୋଲି ସୁଦାମ କହିଛନ୍ତି। ମୋତେ ବିଶ୍ୱାସକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି ତାହାକୁ ମୁଁ ସୁଚାରୁ ରୂପେ ସମ୍ପାଦନ କରିବି। ଲୋକଙ୍କ ଭଲ ପାଇବାକୁ ପାଥେୟ କରି ନିର୍ବାଚନ ଲଢିବି ବୋଲି ସୁଦାମ କହିଛନ୍ତି।

# 'ଆଞ୍ଚଳିକ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯାଉ'



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ।

**ମୋରଡ଼ା,୨୯।୩(ସ୍ମାରକ ମାଜୀ)**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଜୁ ଜନତା ଦଳ ତାର ପ୍ରଥମ ପର୍ଯ୍ୟାୟ ବିଧାନସଭା ଓ ଲୋକସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛି। ତେବେ ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନ ମଣ୍ଡଳୀରେ ଦଳ କାହାକୁ ଟିକେଟ ଦେଉଛି ତା ଉପରେ ସମସ୍ତଙ୍କର ନଜର ରହିଛି। ଜିଲାର ଏକମାତ୍ର ଅଣସଂରକ୍ଷିତ ନିର୍ବାଚନ ମଣ୍ଡଳୀ ଭାବେ ମୋରଡ଼ା ରାଜ୍ୟ ରାଜନୀତିରେ ଗୁରୁତ୍ୱ ବହନ କରେ। ଗତ ତିନୋଟି ନିର୍ବାଚନରେ ଏଠାରେ ବିଜୁ ଜନତା ଦଳ ବାଜିମାତ କରିଛି। ପ୍ରତ୍ୟେକ ଥର ନିର୍ବାଚନ ମଣ୍ଡଳୀ ବାହାର ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଛନ୍ତି। ତେବେ କିଛି ମାସ ହେଲା ଆଞ୍ଚଳିକ ପ୍ରାର୍ଥୀଙ୍କୁ ଟିକେଟ ଦେବା ପାଇଁ ଦାବି ଜୋର ଧରିଛି। ଏନେଇ ମୋରଡ଼ା ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ଆଗଧାଡ଼ିର କେତେଜଣ କର୍ମକର୍ତ୍ତାଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସମସ୍ତ ନେତୃବୃନ୍ଦ ଆଞ୍ଚଳିକ ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଉ ବୋଲି ଦାବି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଛତିଶ ଧଳ, ବିଜେଡି ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ଜିତୁ ମହାନ୍ତ, ଅମୂଲ୍ୟ ଦାସ, ସତ୍ୟକାନ୍ତ ବେହେରା, ଅମ୍ବରିଶ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ହ୍ୟାଟ୍ରିକ୍ ଉଇକେଟ୍ ନେଲେ ଜ୍ଞାନଦୀପ ବସା

**ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

## ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ

ବାରିପଦା ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥ୍ଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିନର ମ୍ୟାଚରେ ଟିମ 'ଇ' ଦଳ ଟିମ୍ 'ଡି' କୁ ୬୨ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ 'ଇ' ୨୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଙ୍କିତ ଅମନ ଦାଶ ୯୭ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମହେନ୍ଦ୍ର କୁମାର ଦେ ଓ ଡି ଜଗନ ରେଡି ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ୍ 'ଡି' ୨୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିପାରିଥିଲା। ଦଳ ପାଖରୁ କେଶବ ଖଣ୍ଡେଲୱାଲ ୪୦ ରନ କରିଥିବା ବେଳେ ବିପକ୍ଷ ଦଳର ଜ୍ଞାନଦୀପ ବସା ହ୍ୟାଟ୍ରିକ ଉଇକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସହ ସମ୍ପାଦକ ଅଶୋକ ପଟ୍ଟନାୟକ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା), କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଅଂଶଗ୍ରହଣ କରିଥିବା ଖେଳାଳିମାନେ।

# ଭଞ୍ଜପୁର କିଙ୍ଗ୍ସ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

**ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

## ଜେବିପିଏଲ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

ବାରିପଦାର ଭଞ୍ଜପୁରସ୍ଥିତ ଜଗଦ୍ଧାତ୍ରୀ ମେଳା ପଡ଼ିଆରେ କୁମାର୍ସ କ୍ଲବ ଓ ଜେ କେ କ୍ଲବର ମିଳିତ ଆନୁକୂଲ୍ୟରେ ୨ୟ ବାର୍ଷିକ ଜୁନିୟର ଭଞ୍ଜପୁର ପ୍ରିମିୟର ଲିଗ୍ (ଜେବିପିଏଲ୍) ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭଞ୍ଜପୁର କିଙ୍ଗ୍ସ ଦଳ ଭଞ୍ଜପୁର ଲାୟନ୍ସକୁ ୪ ରନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଭଞ୍ଜପୁର କିଙ୍ଗ୍ସ ୮ ଓଭରରେ ୬ ଉଇକେଟ ହରାଇ ୫୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିବ୍ୟାଂଶୁ ପଣ୍ଡା ସର୍ବାଧିକ ୧୨ ରନ କରିଥିବା ବେଳେ ବିପକ୍ଷ ଦଳର ସୁବ୍ରତ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭଞ୍ଜପୁର ଲାୟନ୍ସ ୮ ଓଭରରେ ୭ ଉଇକେଟ ହରାଇ ୪୭ ରନ କରିପାରିଥିଲା। ଦଳ ପକ୍ଷରୁ ରାକେଶ ୨୫ ରନ କରଥିବା ବେଳେ ବିପକ୍ଷ ଦଳର ଦିବ୍ୟାଂଶୁ ପଣ୍ଡା ୨ ଟି ଉଇକେଟ ଅକ୍ତିଆର କରିଥିଲେ। ଜଗତ ବିନ୍ଧାଣି, ଶ୍ୱେତ ଦାସ ଓ ଅଶ୍ୱିନୀ ବେହେରା ଖେଳ ପରିଚାଳନା କରିଥିବା ବେଳେ ଅବିନାଶ ରଥ ସ୍କୋରିଂରେ ସହାୟତା କରିଥିଲେ। ବୁବୁନ ବାରିକ ଓ ସୁବ୍ରତ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ଦିବ୍ୟାଂଶୁ ପଣ୍ଡା ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ଓ ଇଂ.ଅରୁଣ ସରକାର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୋମନାଥ ସିଂହ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିଲେ। ସପନ ପଣ୍ଡା, ଧୀରେନ୍ଦ୍ର ନାୟକ, ପ୍ରିୟବ୍ରତ ଦାସ, ବିଶ୍ୱରଞ୍ଜନ ଦାସ, ବିଶ୍ୱମ୍ଭର ସିଂହ, ରୋହିତ ବେହେରା, ଆଦିତ୍ୟ ପ୍ରତାପ ବେହେରା, ଅବିନାଶ କର, ସାମନ୍ତ ଶେଖର ପାଲ, ପ୍ରୀତମ ପଣ୍ଡା, କିଶୋର ପଲେଇ ଓ ସଞ୍ଜୀବ କୁମାର ମହାପାତ୍ର ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

# ମହୁରୀରେ ଉତ୍ସୃଜୀ ମହୋତ୍ସବ

**ବୈଶିଙ୍ଗା,୨୯।୩(ରତନ ଦାଶ)**

ବୈଶିଙ୍ଗା ଉପକଣ୍ଠ ମହୁରୀ ପଡ଼ିଆଠାରେ ଶ୍ରୀଶ୍ରୀ ଠାକୁର ଅନୁକୁଳ ଚନ୍ଦ୍ରଙ୍କର ଉତ୍ସୃଜୀ ମହୋତ୍ସବ ପାଳନ କରାଯାଇଛି। ବୈଶିଙ୍ଗା ଆଞ୍ଚଳିକ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପରିଚାଳିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀଠାକୁରଙ୍କ ପୌତ୍ର ବିଦ୍ୟୁତ୍‌ରଞ୍ଜନ ଚକ୍ରବର୍ତ୍ତୀ ଉପସ୍ଥିତ ରହି ସୁସମାଜ ଗଠନ ପାଇଁ ନାରୀର ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାତଃ ସମୟରେ ଜାଗରଣୀ, ସାହାନାଇ ବାଦନ, ସମବେତ ବିନତି, ଭଜନ, ଆର୍ଯ୍ୟ କୃଷ୍ଟି ପତାକା ଉତ୍ତୋଳନ, ମାତୃ ସମ୍ମିଳନୀ ଓ ବୋଧଭିକ୍ଷଣୀ ସଭା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଆନନ୍ଦବଜାରରେ ଅନ୍ନପ୍ରସାଦ ସେବନ ପରେ ଅପରାହ୍ନ ୪ଟାରେ ନଗର କୀର୍ତ୍ତନ ଶୋଭାଯାତ୍ରା ଓ ସନ୍ଧ୍ୟାରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ 'ସାଧନ ଜୀବନରେ ସଦଗୁରୁ , ସତ ନାମ, ସଦାଚାର, ଓ ସତ୍ୟର ବ୍ୟାପକ ପ୍ରଚାର' ସମ୍ବନ୍ଧୀୟ ଏକ ଆଲୋଚନା ଚକ୍ରରେ ବହୁ ସଂଖ୍ୟକ ମହିଳା ପୁରୁଷ ଯୋଗ ଦେଇଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ

**ଗୋପବନ୍ଧୁ ନଗର,୨୯।୩ (ଶାନ୍ତନୁ କୁମାର ମଲ୍ଲୁଆଲ)**

ଖୁଣ୍ଟା ବ୍ଲକ କରକଚିଆ ପଞ୍ଚାୟତ ଟିକରପଡାଠାରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କରକଚିଆରୁ ବଂଶୀଧର ମହାପ୍ରଭୁ, ଗଡିଗାଁରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ମଣ୍ଡପରେ ବିରାଜମାନ କରିଥିଲେ। ଏଥି ପୂର୍ବରୁ ଗ୍ରାମର ସଂକୀର୍ତ୍ତନ ଦଳ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଗ୍ରାମ ପରିକ୍ରମା କରିବା ପରେ ପୂଜା ମଣ୍ଡପକୁ ଆଣି ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ତିନୋଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଅପରାହ୍ନରେ ଗ୍ରାମବାସୀଙ୍କ ଦ୍ୱାରା ଦଧିଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଧନ୍ୟା ନାଏକ, ବିଡିଓ ଗୌରାଙ୍ଗ ଚରଣ ଘୋଷ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାଇ ପ୍ରକାଶ ମଲ୍ଲୁଆଲ, ସଞ୍ଜୀବ ମହାପାତ୍ର, ସ୍ୱରୁପ ଚନ୍ଦ୍ର ମହାପାତ୍ର, ରଞ୍ଜନ କୁମାର ମଲ୍ଲୁଆଲ, ଗଣେଶ୍ୱର ବେହେରା, ଦେବବ୍ରତ ବାରିକ, ଟିକନ ସାହୁ, ରଣଜିତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ମହାରାଣୀଙ୍କୁ ନେଇ ଚର୍ଚ୍ଚା ବଢ଼ିଲା

## ମହିଳାକାର୍ଡ ଖେଳିବା ନେଇ ଯୋଜନା

**ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାର ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ଲାଗି ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଛକାପଞ୍ଝା ଲାଗିରହିଛି। କେଉଁ ପ୍ରାର୍ଥୀଙ୍କୁ ଟିକଟ ଦିଆଗଲେ ଦଳ ସହଜରେ ବିଜୟ ଲାଭ କରିବ ସେ ନେଇ ବିଚାର ବିମର୍ଷ ଚାଲିଛି। ମତଦାତାଙ୍କ ପସନ୍ଦ ଯୋଗ୍ୟ ପ୍ରାର୍ଥୀଙ୍କୁ ଟିକଟ ଦେବା ପାଇଁ ଦଳୀୟ ସମୀକ୍ଷା କରାଯାଉଛି। ଜିଲାର ପ୍ରମୁଖ କିଛି ଆସନକୁ ନେଇ ମଧ୍ୟ ଏବେ ଚର୍ଚ୍ଚା ଜୋର ଧରିଛି । ରାଜ୍ୟରେ ମିଶନ ଶକ୍ତି ମାଧ୍ୟମରେ ନାରୀ ସଶକ୍ତୀକରଣକୁ ସରକାର ପ୍ରାଧାନ୍ୟ ଦେଇ ଚାଲିଛନ୍ତି। ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦିଆଯିବ ବୋଲି ବିଜେଡି ଘୋଷଣା କରିଛି। ଏହା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଥଇଥାନ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାଜପା, ବିଜେଡି, ଜେଏମ୍ଏମ୍ ଓ କଂଗ୍ରେସ ପକ୍ଷରୁ ମହିଳା କାର୍ଡ ଖେଳିବାକୁ ଯୋଜନା କରାଯାଉଛି। ତେବେ ଜିଲାର ସମସ୍ତ ଆସନରେ ବିଜେଡିରୁ ଏକାଧିକ ଆଶାୟୀ ପ୍ରାର୍ଥୀ ରହୁଥିବାରୁ ଟିକଟ ପ୍ରଦାନରେ ବହୁ ସମସ୍ୟା ଉପୁଜୁଥିବା ଆଲୋଚନା ହେଉଛି।

ମୟୂରଭଞ୍ଜ ଲୋକସଭା କ୍ଷେତ୍ର ଅଧୀନ ରାଇରଙ୍ଗପୁର, ଯଶୀପୁର, ସାରସକଣା, ବାଙ୍ଗିରିପୋଷି, ମୋରଡା, ବାରିପଦା ଓ ଉଦଳା ନିର୍ବାଚନ ମଣ୍ଡଳୀରୁ ମହିଳା ପ୍ରାର୍ଥୀ ଦେବା ନେଇ ବିଜେଡି ଓ ଭାଜପା ଦଳରେ ଅଙ୍କକଷା ଚାଲିଛି। ଏହି ନିର୍ବାଚନ ମଣ୍ଡଳୀଗୁଡ଼ିକରେ ୧୫ରୁ ଊର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ରହୁଥିବା ବେଳେ ମୋରଡା ଆସନଟି ସାଧାରଣ ବର୍ଗ ପାଇଁ ସଂରକ୍ଷିତ ରହିଛି । ଏହି ଆସନରୁ ୨୦୦୯ରେ ୧୯ ଜଣ, ୨୦୧୪ରେ ୧୫ ଓ ୨୦୧୯ରେ ୧୩ଜଣ ବିଭିନ୍ନ ଦଳ ଏବଂ ସ୍ୱାଧୀନ ଭବେ ନାମାଙ୍କନପତ୍ର ଦାଖଲ କରି ମଇଦାନକୁ ଓହ୍ଲାଇଥିଲେ।

ଅନ୍ୟ ପକ୍ଷରେ ଦଳରେ କାର୍ଯ୍ୟ କରୁଥିବା ଆଗଧାଡିର ନେତାମାନେ ମୋରଡା ପ୍ରତି ଆଶାୟୀ ରହୁଥିବାରୁ ଦଳୀୟ କନ୍ଦଳ ବୃଦ୍ଧି ପାଇବାରେ ଲାଗିଛି। ଏହି ସବୁ କାରଣକୁ ନେଇ ତର୍ଜମା ଜାରି ରହିଥିବା ବେଳେ ଦୁଇ ଦିନ ପୂର୍ବେ ନବୀନ ନିବାସରେ ଜିଲାସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ସମୀକ୍ଷା ହୋଇଥିଲା । ଦଳ ପକ୍ଷରୁ ବିଚାରବିମର୍ଷ କରାଯାଇଥିବା ବେଳେ ଟିକଟକୁ ନେଇ କର୍ମୀମହଲରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରିକି ମୟୂରଭଞ୍ଜର ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କୁ ଟିକଟ ମିଳିବା ନେଇ ବରିଷ୍ଠ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି । ନବୀନ ନିବାସରୁ ମହାରାଣୀଙ୍କୁ ଡାକରା ଆସିଛି ବୋଲି କର୍ମୀ ମହଲରେ ଚର୍ଚ୍ଚା ହେଉଛି। ତେବେ ନୂଆ ଚେହେରା ସହ ନିର୍ବିବାଦୀୟ ବ୍ୟକ୍ତିଙ୍କୁ ଟିକଟ ପ୍ରଦାନ କରାଗଲେ ବିଜୟ ହାସଲ ସହଜ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

# ୧୬ ଗୋରୁ ଜବତ, ଜଣେ ଗିରଫ

ରାଇରଙ୍ଗପୁର,୨୯।୩(ମାନସ ମହାନ୍ତ): ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ସୁଲେଇପାଟ ଫାଣ୍ଡି ନିକଟବର୍ତ୍ତୀ ରାସ୍ତାରେ ଶୁକ୍ରବାର ପୋଲିସ ଚଢ଼ାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ୧୬ ଗୋରୁ ଉଦ୍ଧାର କରିବା ସହ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଲଙ୍ଗଳଶିଳା ଗ୍ରାମର ରିଙ୍କୁ ଗିରି। ଅନ୍ୟଜଣେ ଚାଲାଣକାରୀ ଗିରଫ ଭୟରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ କହିଛି। ଏନେଇ ପୋଲିସ ଏକ ମାମଲା(ନଂ.୩୮/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

1St YEAR SC. CLASS STARTS FROM 01.4.2024
NEXT ENTRANCE ON 30th MARCH 2024 (10 AM)

Dutta's Residential College (DRC) has created a record in academic performance. From its inception all students got 1st class for consecutive 14 years. This year also 100% 1st class expected. Never before any college in Odisha cloud even come close to this achievement.

DUTTA'S RESIDENTIAL HS SCHOOL
helping you to help yourself

Permanently Recognised by Govt. of Odisha & Affiliated to CHSE, Odisha
Bhaghara Road, Baripada, Mayurbhanj Ph : 9437380435, 9348972042

Interested Candidates can apply for following staff positions with Bio-Data Photograph & Expected Salary

Lecturers : M.Sc., (Phy, Chem, Math, Bot, Zool) M.A. (Eng. Odia)
Care Taker Faculty : B.Sc., (Any Subject), B.A. (Eng. Odia)
Hostel Superintendents / Supervisors : Retired School Teachers, Retired Clerk, Supervisors & Teachers
Peon, Cook Sweeper, Lady Matrons : With Aptiture & Experience

ADMISSION & FORM SELLING GOING ON

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

କୃଷି ସହାୟକ
ଜୈବିକ କୃଷିର ସିଧାସଳଖ ଚାଷୀମାନଙ୍କୁ ଅବଗତ କରାଇ ତା'ର ପ୍ରସାର ପାଇଁ ଆବଶ୍ୟକ।
ସମ୍ପର୍କ ମୋବାଇଲ:
9337084518

FOREST PROJECT COORDINATOR
M.Sc.(Forestry)/B.Sc. (Forestry) with Experience to work in Sundargarh. Rs. 20,000/- P.M + D.A.
Contact - 9937527247

ଦ.ପୂ. ରେଳପଥ
ଶୁଦ୍ଧିପତ୍ର - ୧
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ସିଇଇ/ପିଏସ୍ଆଇ/୧/ଆର୍‌କେଏସ୍ଏନ୍-ଏନ୍‌ଓ୍ୱାଇଜି, ତାରିଖ: ୨୭।୦୩।୨୦୨୪ ପାଇଁ ଶୁଦ୍ଧିପତ୍ର ଯାହା ପୂର୍ବରୁ ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ପ୍ରୋଜେକ୍ଟ), ୧୧ ଗାର୍ଡେନରିଚ୍ ଲେନ୍, ବେଲିଆଘାଟ, କୋଲକାତା-୭୦୦୦୧୫ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। ଉପରୋକ୍ତ ଟେଣ୍ଡରରେ ନିମ୍ନଲିଖିତ ଯୋଗପତ୍ରକୁ ନିମ୍ନ ଅନୁଯାୟୀ ପଢ଼ାଯିବ: "ପ୍ରି-ବିଡ୍ କନଫରେନ୍ସ ଅବଧିରେ ବିଭିନ୍ନ ଫାର୍ମଗୁଡ଼ିକ ଦ୍ୱାରା ଉଠାଯାଇଥିବା ପ୍ରଶ୍ନଗୁଡ଼ିକ ବାବଦରେ ଉତ୍ତର/ମନ୍ତବ୍ୟ ଅପ୍‌ଲୋଡ୍ କରାଯାଇଛି"। ଟେଣ୍ଡରର ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। ଶୁଦ୍ଧିପତ୍ର ନଂ.୦୧ ସମେତ ଇ-ଟେଣ୍ଡରର ବିବରଣୀ www.ireps.gov.inରେ ଉପଲବ୍ଧ। (PR-1259/C)

केनरा बैंक Canara Bank
ସିଣ୍ଡିକେଟ Syndicate

କାନାରା ବ୍ୟାଙ୍କ, ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ:୧୫୫୬(ପି) ଏବଂ ୧୫୬୧(ପି),କେଏଚ୍:୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ କାନାରା ବ୍ୟାଙ୍କ ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ବ୍ରହ୍ମପୁର ମୁଖ୍ୟ ଶାଖା** ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ବେହେରା, ସହ-ଋଣଗ୍ରହୀତାମାନେ: (୧)ଶ୍ରୀ କେଦାର କୁମୁଦ ବେହେରା, (୨)ଶ୍ରୀ ବିଭୂତି ଚରଣ ବେହେରା, (୩)ଶ୍ରୀ ରାମକୃଷ୍ଣ ବେହେରା, ସମସ୍ତଙ୍କ ଠିକଣା: ୩ୟ ଲେନ୍, କୃଷ୍ଣ ନଗର, ଲାଞ୍ଜିପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା, ପିନ୍- ୭୬୦୦୦୮। | (କ)ଶ୍ରୀ ଅରୁଣ କୁମାର ବେହେରା, ଶ୍ରୀ କେଦାର କୁମୁଦ ବେହେରା, ଶ୍ରୀ ବିଭୂତି ଚରଣ ବେହେରା ଏବଂ ଶ୍ରୀ ରାମକୃଷ୍ଣ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୨୬୪/୧୦୭୯ (ପୁରୁଣା ଖାତା ନଂ.୨୬୪/୭୫୮), ପ୍ଲଟ ନଂ.୧୧୦୦/୨୧୯୭, ୧୦୯୯/୨୧୯୬, ଏରିଆ: ଏ୦.୦୧୫ ଡିସିମିଲି, ୩ୟ ଲେନ୍, କୃଷ୍ଣ ନଗର, ଥାନା/ପୋ/ତହସିଲି: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡିଶା, ପିନ୍- ୭୬୦୦୦୮, ଚାରିପାର୍ଶ୍ୱରେ: ଉତ୍ତର- ଲେନ୍, ଦକ୍ଷିଣ- ରାସ୍ତା, ପୂର୍ବ- ଏ ପାପାମାଙ୍କ ଜମି, ପଶ୍ଚିମ- ତ୍ରିନାଥ ବେହେରାଙ୍କ ଜମି । / (ଖ)୧୯.୦୧.୨୦୨୪/(ଗ)୨୫.୦୩.୨୦୨୪/(ଘ)୧୮.୦୧.୨୦୨୪ ସୁଦ୍ଧା ଟ.୧,୯୯,୭୦୪/- (ଏକ ଲକ୍ଷ ଅନେଶ୍ୱତ ହଜାର ସାତ ଶହ ଚାରି ଟଙ୍କା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୨୯.୦୩.୨୦୨୪, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ମମତାମୟୀ ଭାଜପା ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ

ଭଦ୍ରକ,୨୯।୩ (ସନାତନ ରାଉତ)

ସାଧାରଣ ନିର୍ବାଚନ ପୂର୍ବରୁ ଭଦ୍ରକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପଦରେ ବଦଳ କରାଯାଇଛି। ଭଦ୍ରକ ବ୍ଲକ ଅଧୀନ କୋରକୋରା ପଞ୍ଚାୟତ ନୂଆସାହିର ମମତାମୟୀ ବେହେରାଙ୍କୁ ମହିଳା ମୋର୍ଚ୍ଚାର ନୂତନ ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ଭାଜପା ଜିଲ୍ଲା ସଭାପତି ହେମନ୍ତ କୁମାର ପାଢ଼ୀ ଗୁରୁବାର ଏହି ନିଯୁକ୍ତି ଦେଇଛନ୍ତି। ମମତାମୟୀ ରାଜ୍ୟ ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟା ଥିବାବେଳେ ତାଙ୍କର ସାଙ୍ଗଠନିକ ଦକ୍ଷତାକୁ ଆଧାର କରି ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ସଭାନେତ୍ରୀ ପଦ ଦିଆଯାଇଛି। ନିର୍ବାଚନର ଘଡ଼ିସନ୍ଧି ମୁହୂର୍ତ୍ତରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ଦିଆଯାଇଛି, ନିଶ୍ଚିତ ଭାବେ ଜିଲ୍ଲାରେ ଦଳକୁ ନିର୍ବାଚନରେ ସଫଳତା ହାସଲ ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିବେ। ମୋଦିଜୀଙ୍କ ବିକାଶକୁ ନେଇ ଜିଲ୍ଲାରେ ଅଧିକ ମହିଳା ଭୋଟ୍ ସଂଗ୍ରହ ପାଇଁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି।


ମମତାମୟୀ ବେହେରା

# ସରକାରଙ୍କୁ ଧାନ ବିକିଲେନି ୩୫,୮୦୦ ଚାଷୀ

ଭଦ୍ରକ,୨୯।୩ (ସନାତନ ରାଉତ)

ଭଦ୍ରକ ଜିଲ୍ଲାରେ ଚଳିତବର୍ଷ ଅବଧି ସରିବା ପୂର୍ବରୁ ଖରିଫ ଧାନ ସଂଗ୍ରହ ଶେଷ ହୋଇଛି। ଆଗୁଆ ଧାନ ସଂଗ୍ରହ କରାଯାଇଥିଲେ ମଧ୍ୟ ଚାଷୀ ସରକାରୀ ସ୍ତରରେ ଧାନ ବିକିବାକୁ ଅନାଗ୍ରହ ପ୍ରକାଶ କରିବାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ଚଳିତବର୍ଷ ସରକାରଙ୍କୁ ଧାନ ବିକିବା ପାଇଁ ୮୩ ହଜାର ୮୬୭ଜଣ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୪୮ ହଜାର ୬୭ ଜଣ ଚାଷୀ ଧାର୍ଯ୍ୟ ସମୟ ମଧ୍ୟରେ ଧାନ ବିକିଛନ୍ତି। ବାକି ୩୫ ହଜାର ୮୦୦ ଚାଷୀ ସରକାରୀ ଧାନ ସଂଗ୍ରହରୁ ବାଦ୍ ପଡ଼ିଛନ୍ତି।

ଚଳିତବର୍ଷ ଜିଲ୍ଲା ପାଇଁ ଧାନ ସଂଗ୍ରହ କୋଟା ପର୍ଯ୍ୟାପ୍ତ ଥିଲେ ମଧ୍ୟ ସରକାରଙ୍କୁ ଧାନ ମିଳିଲା ନାହିଁ। ଜିଲ୍ଲାରୁ ୨୩ ଲକ୍ଷ ୮୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଶେଷ ଆଡ଼କୁ ଧାନ ନ ମିଳିବାରୁ ଗତ ୨୭ ତାରିଖରେ ଧାନ ସଂଗ୍ରହ ବନ୍ଦ କରାଯାଇଛି। ଚଳିତବର୍ଷ ୧୯ ଲକ୍ଷ ୯୮ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଧାର୍ଯ୍ୟ ଲକ୍ଷ୍ୟଠାରୁ ୩ ଲକ୍ଷ ୫୫ ହଜାର କୁଇଣ୍ଟାଲ କମ୍ ସଂଗ୍ରହ ହୋଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି। ଚାଷୀ ଧାନ ନ ଦେବାରୁ ୨୮ ତାରିଖରେ ସମସ୍ତ ଟୋକନ ଲାପ୍ସ ହୋଇଯାଇଥିବା ସେ କହିଛନ୍ତି। ଚଳିତ ଥର ୧୦୨ଟି ସେବା ସମବାୟ ସମିତି ଓ ୫୭ ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ଜିଲ୍ଲା ବାହାର ମିଲର ୫ ଲକ୍ଷ ୪୬ ହଜାର ୩୫୪ କୁଇଣ୍ଟାଲ ଧାନ ସଂଗ୍ରହ କରିଥିବା ବେଳେ ଜିଲ୍ଲା ମିଲରଙ୍କ ଜରିଆରେ ୧୪ ଲକ୍ଷ ୫୧ ହଜାର ୭୭୪ କୁଇଣ୍ଟାଲ ସଂଗ୍ରହ ହୋଇଛି। ସରକାରୀ ଧାନ ସଂଗ୍ରହ ପ୍ରକ୍ରିୟାରେ ବିଭିନ୍ନ କଟକଣା, କଟ୍‌ନୀ ଛଟ୍‌ନୀ, ମଣ୍ଡିକୁ ଧାନ ବୋହିବା ଆଦି ସମସ୍ୟା କାରଣରୁ ଚାଷୀ ସରକାରଙ୍କୁ ଧାନ ବିକ୍ରି ନ କରି ବେପାରୀଙ୍କୁ ଧାନ ବିକି ଦେଇଥିବାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ଏବେ ମଧ୍ୟ ବାହାର ବେପାରୀମାନେ ବିଭିନ୍ନ ସ୍ଥାନରୁ ଟ୍ରକ୍ ଟ୍ରକ୍ ଧାନ ନେଉଥିବା ଦେଖିବାକୁ ମିଳୁଛି।


ବାହାରକୁ ଯିବା ପାଇଁ ଟ୍ରକ୍‌ରେ ଧାନ ବୋଝେଇ କରାଯାଉଛି।

**ସରିଲା ଧାନ ସଂଗ୍ରହ**

# ମାମୁଘରକୁ ବୁଲିବାକୁ ଆସିଥିଲେ, ପୋଖରୀରେ ବୁଡ଼ି ଜୀବନ ଗଲା

ବାସୁଦେବପୁର,୨୯।୩ (ନାରାୟଣ ପ୍ରସାଦ ବାରିକ)

ମାମୁଘରକୁ ବୁଲିବାକୁ ଆସିଥିଲେ। ପୋଖରୀରେ ଗାଧୋଇବା ବେଳେ ବୁଡ଼ିଯିବାରୁ ବାଳକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ଣରେ ଏଭଳି ଦୁଃଖଦ ଘଟଣା ଘଟିଛି ବାସୁଦେବପୁର ବ୍ଲକର କିଷ୍ମତକୃଷ୍ଣପୁର ଗ୍ରାମରେ। ମୃତ ବାଳକ ହେଉଛନ୍ତି ରାଧାନାଥପୁର ଆଡ଼ିଆ ଗ୍ରାମର ରଣଜିତ ଜାନାଙ୍କ ପୁଅ ଚନ୍ଦନ(୮)। ଚନ୍ଦନ ତାଙ୍କ ମାମୁଘର କିଷ୍ମତକୃଷ୍ଣପୁର ଗ୍ରାମକୁ ବୁଲିବାକୁ ଆସିଥିଲେ। ସାଙ୍ଗମାନଙ୍କ ସହ ଗ୍ରାମରେ ଥିବା ପୋଖରୀକୁ ଯାଇ ସେଠାରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିଲେ। ବହୁ ଖୋଜାଖୋଜି ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ କିଷ୍ମତକୃଷ୍ଣପୁର ଓ ରାଧାନାଥପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# 'କର୍ମ ମଣିଷର ପରିଚୟ ସୃଷ୍ଟି କରେ'


ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

ବନ୍ତ,୨୯।୩ (ହରିନାରାୟଣ ମହାନ୍ତି)

କର୍ମ ମଣିଷର ପରିଚୟ ସୃଷ୍ଟି କରିଥାଏ ବୋଲି ଶୁକ୍ରବାର ବନ୍ତ ବ୍ଲକ ଘରପଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ବୁଦ୍ଧିରାମ ଖିଲାରଙ୍କ ଏକାଦଶାହ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ କହିଥିଲେ। ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ, ବନ୍ତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଶୁଭେନ୍ଦ୍ର କୁମାର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ପାତ୍ର, ନାରାୟଣ ଚନ୍ଦ୍ର ଲେଙ୍କା, ଭାସ୍କର ଚନ୍ଦ୍ର ପାଢ଼ୀ, ଅଲେଖ ଚନ୍ଦ୍ର ନାୟକ, ବାବାଜୀ ଚରଣ ଦଳେଇ, ଅକ୍ଷୟ ନାରାୟଣ ଜେନା, ସାମାଜିକ କର୍ମୀ ସୁକାନ୍ତ କୁମାର ନାୟକ, ପଦ୍ମନାଭ ଦାସ, ଧନେଶ୍ୱର ଖିଲାର, ଭାଗବତ ସାହୁ, ଶିକ୍ଷକ ସୁକାନ୍ତ କୁମାର ବେହେରା, ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ଚଢେଇ, ଗୌରାଙ୍ଗ ଖିଲାର, ଲକ୍ଷ୍ମୀଧର ସାହୁ, ସୀତାରାମ ପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଖିଲାରଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଖିଲାରଙ୍କ ପୁଅ ସୁଶାନ୍ତ ଖିଲାର, ସନ୍ତୋଷ ଖିଲାର, ପ୍ରଶାନ୍ତ ଖିଲାର, ପୁତୁରା ରତିକାନ୍ତ ଦାସ, ମୁକ୍ତିକାନ୍ତ ଦାସଙ୍କ ସମେତ ପରିବାରବର୍ଗ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ପଞ୍ଚମୁଖୀ ହନୁମାନ ମନ୍ଦିର ବାର୍ଷିକୋତ୍ସବ



ବାସୁଦେବପୁର,୨୯।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତ ବଡ଼ଆନନ୍ଦପୁର ଗ୍ରାମର ପଞ୍ଚମୁଖୀ ହନୁମାନ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ହନୁମାନ ବିଗ୍ରହଙ୍କୁ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ କରାଯାଇଥିଲା। ଯାଜ୍ଞିକ ପଣ୍ଡିତ ଅଜୟ ଶତପଥୀ, ପୁରୁଷୋତ୍ତମ ମିଶ୍ର, ଲକ୍ଷ୍ମଣ ଶତପଥୀ, ଦିବାକର ପତି, କାହ୍ନୁ ଚରଣ ଦାସ ପ୍ରମୁଖ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ପଞ୍ଚମୁଖୀ ହନୁମାନଙ୍କ ସ୍ୱତନ୍ତ୍ର ପୂଜା ଉପଚାର କରାଯାଇଥିଲା। ସକାଳେ କଳସ ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପରେ ମନ୍ଦିର ସାମ୍ନାରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ସମାଜରେ ଆଜି ବି ବହୁ ପ୍ରତିଭା ଅନାଲୋକିତ'


କବି ଓ କଳାକାର ସମାରୋହରେ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ,୨୯।୩(ରବିନାରାୟଣ ଖିଲାର)

ସମାଜରେ ଆଜି ବି ବହୁ ପ୍ରତିଭା ତଥା କଳାକାର ଅନାଲୋକିତ ଓ ଅନାଲୋଚିତ। ସେମାନଙ୍କୁ ଚିହ୍ନରା ବଣିଆ ପରି ଚିହ୍ନି ସେମାନଙ୍କ ପ୍ରତିଭା ବିକଶିତ କରିବା ସହ ଉତ୍ସାହିତ କରିବା ଆବଶ୍ୟକ ବୋଲି ଭଦ୍ରକ ସଂସ୍କୃତି ଭବନଠାରେ ଅନୁଷ୍ଠିତ କବି ଓ କଳାକାର ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଚିନ୍ମୟ ଫାଉଣ୍ଡେଶନ ଇଣ୍ଟରନ୍ୟାଶନାଲ ସଙ୍ଗଠନ ଆନୁକୂଲ୍ୟରେ ସମ୍ପାଦକ ଡ. ଚିନ୍ମୟ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହକୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ରୋଟାରିଆନ ଡ.ଶିଶିର କୁମାର ମିଶ୍ର ମୁଖ୍ୟଅତିଥି, ଅଧ୍ୟାପକ ନୀହାର ରଞ୍ଜନ କର, ସଙ୍ଗଠକ ଓ ପ୍ରବଚକ ବିଶ୍ୱମ୍ଭର ପଣ୍ଡା, ଡାଫୋଡିଲ ସ୍କୁଲର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା, କବୟିତ୍ରୀ ସଂଯୁକ୍ତା ବଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ ଓ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ କବୟିତ୍ରୀ ଜାନକୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ଅଭିନେତା କାଳନ୍ଦୀ ମଲ୍ଲିକ ମାନପତ୍ର ପାଠ କରିଥିଲେ। ନାଟ୍ୟଶ୍ରୀ ରାଉତ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଅଧ୍ୟାପକ କର, କବୟିତ୍ରୀ ପାଢ଼ୀ, କଣ୍ଠଶିଳ୍ପୀ ଓ ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ, ଚିତ୍ରଶିଳ୍ପୀ ତଥା କଳା ନିର୍ଦ୍ଦେଶକ ନିରଞ୍ଜନ ନାୟକ, କଣ୍ଠଶିଳ୍ପୀ ପ୍ରଦୀପ କୁମାର ବେହେରା, ବିଶ୍ୱମ୍ଭର ପଣ୍ଡା, ନାଟ୍ୟକାର ନିର୍ମଳ ସ୍ୱାଇଁ, ଅଭିନେତା ହେମନ୍ତ ନାୟକ, ନୃତ୍ୟଗୁରୁ ନାରାୟଣ ସାହୁ, ମୀନାକ୍ଷୀ ବେହୁରିଆ, କବି କିଶୋର ପାଣିଗ୍ରାହୀ, ଅଭିନେତା ଓ ସଙ୍ଗଠକ ଗୌରାଙ୍ଗ ବାରିକ, ମଞ୍ଚ ଅଭିନେତା ମଲ୍ଲିକ, ମନୋରମା ବେହୁରିଆ ପ୍ରମୁଖ କବି ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଷ୍ଣୁବ୍ରତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାସୁଦେବପୁର,୨୯।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବିଜେଡି ଶିବିର ଏବେ ଚଳଚଞ୍ଚଳ ହୋଇପଡ଼ିଛି। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପୁନର୍ବାର ଏହିନିର୍ବାଚନମଣ୍ଡଳୀରୁବିଜେଡିପ୍ରାର୍ଥୀଭାବେ ଦଳପକ୍ଷରୁଘୋଷଣା ହେବା ପରେ ବିଜେଡି ଶିବିରରେ ଆନନ୍ଦ ଉଲ୍ଲାସ ଦେଖାଦେଇଛି। ବାସୁଦେବପୁରରେ ଶୁକ୍ରବାର ମଧ୍ୟାହ୍ନରେ ବିଧାୟକ ତଥା ଆଗାମୀ ନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ହୋଇଥିବା ବିଷ୍ଣୁବ୍ରତଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବହୁ ସଂଖ୍ୟାରେ ସମର୍ଥକ, ଶୁଭେଚ୍ଛୁ ଓ ଦଳୀୟ କର୍ମୀ ତାଙ୍କୁ ଏକ ବାଇକ୍ ରାଲିରେ କାର୍ଯ୍ୟାଳୟଠାରୁ ଏବି କଲେଜ ପର୍ଯ୍ୟନ୍ତ ନେଇଥିଲେ।

ବିଷ୍ଣୁବ୍ରତ ୨୦୧୯ ନିର୍ବାଚନରେ ବାସୁଦେବପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ମୋଟ ୭୮ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ପାଇବାରେ ସଫଳ ହୋଇଥିଲେ। ୨ୟ ଥର ତାଙ୍କ ଉପରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭରସା ରଖି ପୁନର୍ବାର ପ୍ରାର୍ଥୀ କରିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିବା ସହ ବିଜୟୀ ହେବା ନେଇ ଦୃଢ଼ ଆଶା ପ୍ରକଟ କରିଛନ୍ତି। ପ୍ରକାଶଥାଉ କି, ୧୯୯୦ଠାରୁ ୨୦୧୯ ପର୍ଯ୍ୟନ୍ତ ୬ଥର ବିଷ୍ଣୁବ୍ରତଙ୍କ ବାପା ବିଜୟଶ୍ରୀ ରାଉତରାୟ ଏହି ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଥିଲେ। ବିଜୟଶ୍ରୀ ୬ଥର ଓ ତାଙ୍କ ପୁଅ ବିଷ୍ଣୁବ୍ରତ ଥରେ ବିଧାୟକ ହୋଇଥିବା ବେଳେ ପୁନର୍ବାର ବିଷ୍ଣୁବ୍ରତ ଏହି ନିର୍ବାଚନମଣ୍ଡଳୀରୁ ଜିତି ବିଧାୟକ ହେବେ ବୋଲି ତାଙ୍କ ସମର୍ଥକମାନେ ଆଶା ବାନ୍ଧିଛନ୍ତି।



# ଯୁବକଙ୍କ ଗଳିତ ମୃତଦେହ ଜବତ

ପାଟଣା, ୨୯।୩ (ବୀର କିଶୋର ଦାଶ)

**ମାଛ ଧରିବାକୁ ଯାଇ ନିଖୋଜ ଥିଲେ**

କେନ୍ଦୁଝର ଜିଲ୍ଲା ପାଟଣା ଥାନା ଡାଳପକା ବୈତରଣୀ ନଦୀର ଘୂର୍ଣ୍ଣିଘାଟରୁ ଶୁକ୍ରବାର ଜଣେ ବିବାହିତ ଯୁବକ(୨୯)ଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଡାଳପକା ଗ୍ରାମ ମୁଣ୍ଡାସାହିର ପଗରାମ ମୁଣ୍ଡାଙ୍କ ପୁଅ ଦୋଳଗୋବିନ୍ଦ। ଦୋଳଗୋବିନ୍ଦ ଗତ ବୁଧବାର ନଦୀରେ ଗାଧୋଇ ସାରି ମାଛ ଧରିବାକୁ ଯାଇଥିବା ବେଳେ ନଦୀଘାଟ ତଳମୁଣ୍ଡ ଗଭୀର ଗଣ୍ଡରେ ପଡ଼ିଯାଇଥିବା ପାଟଣା ପୋଲିସ ଅନୁମାନ କରିଛି। ଶୁକ୍ରବାର ସକାଳୁ କେତେକ ଲୋକ ନଦୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପାଟଣା ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୪) ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

**ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# କଟକ ନିମପୁର ଚାମ୍ପିୟନ

ବାସୁଦେବପୁର, ୨୯।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଟଳ ବିହାରୀ କଲେଜ ପରିସରରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଭଦ୍ରକ ରେଲୱେକୁ ହରାଇ କଟକ ନିମପୁର ଚାମ୍ପିୟନ ହୋଇଛି। କଟକ ନିମପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭର ଖେଳି ୧୬୨ ରନ୍ କରିଥିଲା। ଦଳ ପକ୍ଷରୁ ଅବିନାଶ ନାୟକ ୪୨ ରନ୍ ଓ ରାଜେଶ ଧୂପର ୪୬ ରନ୍ ସଂଗ୍ରହ କରିଥିଲେ। ବୋଲର ଜାହିର ୱାସି ସର୍ବାଧିକ ୪ ଉଇକେଟ ଓ ସୟଦ ଇଫାନ ୨ଟି ଉଇକେଟ ଦଖଲ କରିଥିଲେ। ଭଦ୍ରକ ରେଲୱେ ୧୯ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୪୦ ରନ୍ କରିଥିଲା। ବୋଲର ନିହାର ଭୂୟାଁ ଓ ସଞ୍ଜୀବ ଚୌଧୁରୀ ୪ଟି ଲେଖାଏ ଉଇକେଟ୍ ନେଇଥିଲେ। ୨୨ ରନ୍ ବ୍ୟବଧାନରେ କଟକ ନିମପୁର ବିଜୟୀ ହୋଇଥିଲା।

ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶାର ବରିଷ୍ଠ କ୍ରିକେଟ ଖେଳାଳି ପ୍ରଭଞ୍ଜନ ମଲ୍ଲିକ ଯୋଗଦେଇ ରନର୍ସଅପ୍ ଭଦ୍ରକ ରେଲୱେକୁ ପୁରସ୍କୃତ କରିଥିଲେ। ଜାହିର ୱାସିଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ରାଜେଶ ଧୂପରଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଅବିନାଶ ନାୟକଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଛି। ଅନ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତୀ ବାରିକ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାଶ, ସରପଞ୍ଚ ରାଜେନ୍ଦ୍ର ସାହୁ, ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ, ପୂର୍ବତନ କାଉନସିଲର ମାନସ ସାହୁ, ଦେବଦର୍ଶନ ଦାଶ, କୃଷ୍ଣଚନ୍ଦ୍ର ଘଡ଼େଇ, ଗୌତମ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।


ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଚାମ୍ପିୟନ ଟିମକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଗୋପୀନାଥ ଜୀଉଙ୍କ ସ୍ପର୍ଶରେ ଅନ୍ନ ହୁଏ ପ୍ରସାଦ

ତିହିଡ଼ି,୨୯।୩ (ସଞ୍ଜିତ ବଳ)

ତିହିଡ଼ି ବ୍ଲକର ଫତେପୁର ଗ୍ରାମରେ ପାଳିତ ହେଉଥିବା ପଞ୍ଚୁଦୋଳରେ ଏକ ନିଆରା ପରମ୍ପରା ରହିଛି। ଏଠାରେ ଅନ୍ନକୁ ଶ୍ରୀ ଗୋପୀନାଥଜୀଉ ସ୍ପର୍ଶ ଦେଇ ପ୍ରସାଦରେ ପରିଣତ କରିଥାନ୍ତି। ସେହି ପ୍ରସାଦ ଶ୍ରୀଜୀଉଙ୍କୁ ଅର୍ପଣ କରାଯିବା ପରେ ବୈଷ୍ଣବମାନଙ୍କୁ ସେବନ ପାଇଁ ପ୍ରଦାନ କରାଯାଇଥାଏ। ପରେ ସମୂହ ଗ୍ରାମବାସୀ ପ୍ରସାଦ ସେବନ କରିଥାନ୍ତି। ଏହି ଅନ୍ନ ପ୍ରସ୍ତୁତିରେ ବିଶେଷ କିଛି ନୀତି ନିୟମ ପାଳନ କରାଯାଇଥାଏ। ଅନ୍ନ ପ୍ରସ୍ତୁତି ଲାଗି ଧାନକୁ ଉଁଷେଇ ଶୁଖାଇବା ବେଳେ ଯେମିତି କାଉର ଥଣ୍ଟ ନ ବାଜେ ସେଥିପ୍ରତି ସତର୍କ ଦୃଷ୍ଟି ରଖାଯାଇଥାଏ। ପରେ ଉଷୁନା ଧାନକୁ ଢିଙ୍କିରେ କୁଟାଯାଇଥାଏ। ଢିଙ୍କି କୁଟିବା ଲୋକ ଗାଧୋଇ ନୂତନ ବସ୍ତ୍ର ପରିଧାନ କରିବା ନିୟମ ରହିଛି। ସେହି ଚାଉଳରେ ଅନ୍ନ ପ୍ରସ୍ତୁତ ହେବା ପରେ ଶ୍ରୀ ଗୋପୀନାଥ ଜୀଉଙ୍କୁ ଏକ ଥାଳିରେ ନିଆଯାଇ ଅନ୍ନ ଉପରେ ବସାଯାଏ। ଠାକୁରଙ୍କ ସ୍ପର୍ଶରେ ଅନ୍ନ ପ୍ରସାଦରେ ପରିଣତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ୧୫୦ ବର୍ଷର ନିଆରା ପରମ୍ପରା ରହିଆସିଛି। ଫତେପୁର ଗ୍ରାମର ନାୟକ ପରିବାର ପକ୍ଷରୁ ୫ ଦିନ ଧରି ପାଳିତ ହୋଇଆସୁଥିବା ଏହି ଦୋଳ ପାଇଁ ଗୁରୁବାର ରାତିଠାରୁ ଗ୍ରାମ ଉତ୍ସବମୁଖର ହୋଇଛି।


ଦୋଳ ମଣ୍ଡପରେ ୩ ଜୀଉ।

**ଫତେପୁର ପଞ୍ଚୁଦୋଳର ୧୫୦ ବର୍ଷର ନିଆରା ପରମ୍ପରା**

କୁହାଯାଏ ପଞ୍ଚୁଦୋଳର ମୁଖ୍ୟ ନାୟକ ପରିବାର ପ୍ରଥମେ ଖୋର୍ଦ୍ଧାରେ ବସବାସ କରୁଥିଲେ। ସେଠାରୁ ଭଦ୍ରକସ୍ଥିତ ମଉଦା ଓ ପରେ ସେମାନେ ଫତେପୁରରେ ଅବସ୍ଥାନ କରିଥିଲେ। ସେମାନେ ସାଥିରେ ଆଣିଥିବା ଗୋପୀନାଥ ଜୀଉଙ୍କୁ କିଛି ବର୍ଷ ପୂଜାର୍ଚ୍ଚନା କରିବା ପରେ ବିଭୂତିପୁର ଗ୍ରାମର ଦାସ ବଂଶଧରଙ୍କୁ ଅର୍ପଣ କରି ପୂଜା ଦାୟିତ୍ୱ ଦେଇଥିଲେ। ଗ୍ରାମରେ ଗୁରୁବାର ରାତିରେ ପଞ୍ଚୁଦୋଳ ଆରମ୍ଭ ହୋଇଥିବା ବେଳେ ଏକ ବାର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବିଭୂତିପୁର ଗ୍ରାମରୁ ଗୋପୀନାଥ ଜୀଉଙ୍କୁ ଅଣାଯାଇଥିଲା। ଦୋଳ ମଣ୍ଡପରେ ଗୋପୀନାଥଜୀଉଙ୍କ ସହ ଗ୍ରାମର ରାଧାବଲ୍ଲଭ ଜୀଉ ଓ ଗିରିଧାରୀ ଜୀଉଙ୍କୁ ଆସୀନ କରାଯାଇ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରୀଜୀଉମାନଙ୍କୁ ବଡ଼ଦାଣ୍ଡକୁ ନିଆଯିବା ପରେ ନୂତନ ପଞ୍ଜିକା ପ୍ରସ୍ତୁତ କରାଯାଇଥିଲା। ବିଧି ଅନୁଯାୟୀ ଗ୍ରାମବାସୀ ଶ୍ରୀଜୀଉମାନଙ୍କୁ ଫୁଟାପଣା ଅର୍ପଣ କରିବା ପରେ ଅବିର ସହ ଭୋଗ ଲାଗି କରିଥିଲେ। ରାଧାବଲ୍ଲଭ ଓ ଗିରିଧାରୀ ଜୀଉ ମନ୍ଦିରକୁ ବାହୁଡ଼ିବା ପରେ ଗୋପୀନାଥଜୀଉଙ୍କୁ ଗ୍ରାମସ୍ଥିତ ମନ୍ଦିରକୁ ନିଆଯାଇଥିଲା। ଗୋପୀନାଥ ଜୀଉ ପାଞ୍ଚ ଦିନ ଚାଲିବାକୁ ଥିବା ପଞ୍ଚୁଦୋଳରେ ଫତେପୁର ଗ୍ରାମରେ ରହିବେ ଏବଂ ଶେଷଦିନ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଭୂତିପୁର ଗ୍ରାମସ୍ଥିତ ମନ୍ଦିରକୁ ବାହୁଡ଼ିବେ। ନିଗମାନନ୍ଦ ନାୟକ, ରାଧାକାନ୍ତ ନାୟକ, ନୀଳମଣି ନାୟକ, ଜଗନ୍ନାଥ ନାୟକ, ଧୀରେନ୍ଦ୍ର ନାୟକ, ଅମୂଲ୍ୟ ନାୟକ, ଶାନ୍ତନୁ ନାୟକ, ଗତିକୃଷ୍ଣ ନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ବଦ୍ରିଙ୍କ ସହ ପୃଥ୍ୱୀରାଜ ନା ଶମ୍ଭୁନାଥ

ଆନନ୍ଦପୁର,୨୯।୩(ଉମେଶ ଚନ୍ଦ୍ର ପାଢ଼ୀ)– କେନ୍ଦୁଝର ଜିଲାର ବହୁ ଚର୍ଚ୍ଚିତ ଘସିପୁରା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ଭେଟେରାନ ନେତା ବଦ୍ରି ନାରାୟଣ ପାତ୍ରଙ୍କ ଉପରେ ବିଜେଡି ଆସ୍ଥା ପ୍ରକଟ କରି ପୁନର୍ବାର ତାଙ୍କୁ ପ୍ରାର୍ଥୀ କରିଛି।


ଶମ୍ଭୁନାଥ ରାଉତ।

ବଦ୍ରିଙ୍କ ନେତୃତ୍ୱରେ ଲଗାତାର ଏଠାରେ ବିଜେଡି ବାଜିମାତ କରିଆସିଛି। ତେବେ ବଦ୍ରିଙ୍କ ଭଳି ଟାଣୁଆ ବିଜେଡି ନେତାଙ୍କୁ ସମ୍ମୁଖୀନ କିଏ କରିବ ସେ ନେଇ ଭାଜପା ଓ କଂଗ୍ରେସ ଚିତ୍ର ସ୍ପଷ୍ଟ ହୋଇ ପାରିନାହିଁ। ଏଠାରେ କଂଗ୍ରେସର ସ୍ଥିତି ନୈରାଶ ଜନକ ରହିଥିବା ବେଳେ ଭାଜପାର ଅସଂଗଠିତ ନେତୃତ୍ୱ ବିଜେଡିକୁ ପୁନର୍ବାର ଫାଇଦା ଦେବ ବୋଲି ଆଲୋଚନା ହେଉଛି। ଏହି ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବତନ ଭାଜପା ବିଧାୟକ ପାର୍ଥୀ ପୃଥ୍ୱୀରାଜ କୁଆଁର ଓ ସାମାଜିକ କର୍ମୀ ଶମ୍ଭୁନାଥ ରାଉତ ଭାଜପା ଟିକେଟ ଲବିରେ ଅଛନ୍ତି। ଉଭୟ ଘସିପୁରା ନିର୍ବାଚନ ମଣ୍ଡଳୀରେ ପୃଥକ ପୃଥକ କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ଶୀର୍ଷ ନେତୃତ୍ୱ କାହା ଉପରେ ଆସ୍ଥା ପ୍ରକଟ କରି ପ୍ରାର୍ଥୀ ଚୟନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

### ପ୍ରାଦେଶିକସ୍ତରୀୟ ଜୈବ ବିବିଧତା ମେଳା

କେନ୍ଦୁଝର,୨୯।୩ (ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝର ସହରର ଗୁଜୁରାଟୀ ସମାଜଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ରିଓାର ସହଯୋଗରେ କୃଷି ଅଧିକାର ସମିତି ଦ୍ୱାରା ପ୍ରାଦେଶିକସ୍ତରୀୟ ଜୈବ ବିବିଧତା ମେଳା ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ବହୁ ମହିଳା ଓ ପୁରୁଷ ଚାଷୀ ସାମିଲ ହୋଇ ନିଜ ଅଞ୍ଚଳର ପାରମ୍ପରିକ କୃଷି ପଦ୍ଧତିର ଆଦାନ ପ୍ରଦାନ କରିବା ସହ ସେମାନଙ୍କର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିମ୍ବାଧର ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ନିଗମାନନ୍ଦ ବେହେରା, ଧରଣୀଧର ବିଶ୍ୱ ବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଅଧ୍ୟାପିକା ସରିତା ନାୟକ ଓ ଚାଷୀ ଅଧିକାର ସମିତିର ସଭାପତି ନିରଞ୍ଜନ ମହାନ୍ତ ଯୋଗଦାନ କରି ଜଳବାୟୁ ପରିବର୍ତ୍ତନରେ ସାଂପ୍ରତିକ ପରିସ୍ଥିତିକୁ କିପରି ସମ୍ମୁଖୀନ କରିବା ଓ ଏଥିରେ ଆମର ଭୂମିକା କ'ଣ ରହିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ, ଝାରସୁଗୁଡା ଓ ଝାଡଖଣ୍ଡର ସିଂହଭୂମରୁ ସମୁଦାୟ ୨୨୦ ଜଣ ଚାଷୀ ବିହନ ମେଳାରେ ଯୋଗଦାନ କରି ନିଜ ନିଜ ଅଞ୍ଚଳରେ ଚାଷ ହେଉଥିବା ବିହନ ଓ ଅଣ କୃଷି ଖାଦ୍ୟ ପଦାର୍ଥ ପ୍ରଦର୍ଶନ କରିଥିଲେ। ଏହି ମେଳାରେ ବିଭିନ୍ନ ପ୍ରାନ୍ତରୁ ୧୭୦ ପ୍ରକାର ଦେଶୀ ଧାନ, ୭୦ ପ୍ରକାର ଜଙ୍ଗଲ ଶାଗ, ୨୨ ପ୍ରକାର କ୍ଷୁଦ୍ର ଶସ୍ୟ, ୧୩ ପ୍ରକାର ଡାଲି ଜାତୀୟ,୧୦ ପ୍ରକାର ଜଙ୍ଗଲ ଛତୁ, ୧୮ ପ୍ରକାର ତୈଳବୀଜ ଓ ୩୧ ପ୍ରକାର ମୂଳ ଜାତୀୟ ଖାଦ୍ୟ ଆଦି ପ୍ରଦର୍ଶନ କରାଯାଇଥିଲା।

# ଶ୍ରୀହୀନ ଶିଶୁ ଉଦ୍ୟାନ

## ରକ୍ଷଣାବେକ୍ଷଣ ଅଭାବ

ହାଟଡିହୀ,୨୯।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶଡା ପଞ୍ଚାୟତ ବରଗଡିଆ ଗ୍ରାମରେ ଥିବା ବିଶ୍ୱେଶ୍ୱର ଶିଶୁ ଉଦ୍ୟାନ ରକ୍ଷଣା ବେକ୍ଷଣ ଅଭାବରୁ ଶ୍ରୀହୀନ ହୋଇପଡ଼ିଛି। ୨୦୨୧ରେ ବିଧାୟକ ଭାଗିରଥି ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସାମଲ ଏବଂ ବିଡିଓ ଜୟଦେବ ଦାସ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରାୟ ୨୦୦୦ ସ୍କୋୟାର ଫୁଟରେ ଉଦ୍ୟାନ ନିର୍ମାଣ ହୋଇଛି। ଉଦ୍ୟାନରେ ଭଙ୍ଗା ଦଦରା ହାଇମାକ୍ସ ଲାଇଟ ଲାଗିଛି। ତାହା ପୁଣି କେତେବେଳେ ଜଳୁଛି ତ ଆଉ କେତେବେଳେ ଜଳୁନି। ଉଦ୍ୟାନକୁ ପାଣି ପାଇପ ସଂଯୋଗ ମଧ୍ୟ ନାହିଁ। ବିଭିନ୍ନ ପ୍ରକାରର ଫୁଲ, ଘାସ କିମ୍ବା ଅନ୍ୟ ଗଛ ମଧ୍ୟ ନାହିଁ । ସୌନ୍ଦର୍ଯ୍ୟକରଣ ହୋଇ ନ ଥିବାରୁ ଉଦ୍ୟାନର ପ୍ରକୃତ ସୁନ୍ଦରତା ଏବଂ ପରିବେଶ ହଜିଯାଇଛି। ଉଦ୍ୟାନ ଭିତରେ ବସିବା ପାଇଁ ବେଞ୍ଚ


ବିଶ୍ୱେଶ୍ୱର ଶିଶୁ ଉଦ୍ୟାନ।

ବ୍ୟବସ୍ଥା ଥିବା ବେଳେ ଚାଲିବା, ବୁଲିବା ପାଇଁ ପେଭର ବିଛା ଯାଇଛି । ପୂର୍ବରୁ ଲାଗିଥିବା କେତେକ ଗଛ ବଞ୍ଚିଥିବା ବେଳେ ଆଉ କେତେକ ଗଛ ପାଣି ଅଭାବରୁ ମରିଯିବାକୁ ବସିଲାଣି। ଗଛରେ ପାଣି ଦେବାକୁ କୌଣସି ବ୍ୟବସ୍ଥା ମଧ୍ୟ ହୋଇପାରିନି। ଉଦ୍ୟାନରେ ଅନାବନା ଗଛ ଉଠିଥିବା ବେଳେ ପଛ ପଟେ ପ୍ରାଚୀର ନାହିଁ। ପଛ ପଟେ ସେମେଣ୍ଟ ଖୁଣ୍ଟ ପୋତାଯାଇ ତାର ଜାଲି ଦ୍ୱାରା ଆବଦ୍ଧ କରାଯାଇଛି । ଯାହାକି ଉଦ୍ୟାନ ପାଇଁ ସୁରକ୍ଷିତ ନୁହେଁ। ଏହାର ପରିବେଶ ଖାଁଖାଁ ଲାଗୁଛି । ତେଣୁ ଏହାର ରକ୍ଷଣା ବେକ୍ଷଣ ଆବଶ୍ୟକ ହୋଇପଡିଛି । ଏଥିପ୍ରତି ଦୃଷ୍ଟି ଦିଆ ନ ଯିବା ଫଳରେ ଉଦ୍ୟାନ ପ୍ରକଳ୍ପ ନିର୍ମାଣର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହରିହର ସେଠୀଙ୍କୁ ପଚାରିବାରୁ ପୂର୍ବରୁ ପ୍ରକଳ୍ପ ତାଲିକାରେ ଉଦ୍ୟାନ ନାମ ଥିଲା। ଏବେ ଅଛି କି ନାହିଁ କହି ପାରିବିନି। ଉଦ୍ୟାନର ଉନ୍ନତୀକରଣ ଏବଂ ସୌନ୍ଦର୍ଯ୍ୟକରଣ ଦିଗରେ ପଞ୍ଚାୟତ ବୈଠକ ଏବଂ ବ୍ଲକ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଯାହା ସମ୍ଭବ କରାଯିବ ବୋଲି ସେ କହିଛନ୍ତି। ପୂର୍ବତନ ସରପଞ୍ଚ ଜୟନ୍ତୀ ସାମଲ କହିଛନ୍ତି ଯେ, ପଞ୍ଚାୟତର ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଦ୍ୟାନର ରକ୍ଷଣା ବେକ୍ଷଣ ଦିଗରେ ଦାୟିତ୍ୱ ନେଇ କାର୍ଯ୍ୟ କରିବା କଥା। କିନ୍ତୁ ସେମାନେ କରୁ ନାହାଁନ୍ତି।

# ଆଉ ଅପଚୟ ହେବନି ପାଣି

ରାମଚନ୍ଦ୍ରପୁର,୨୯।୩ (ଗଣେଶ୍ୱର ସା)

**ଧରିତ୍ରୀ ପ୍ରଭାବ**

**ଖବର ପ୍ରକାଶ ପରେ ହେଲା ମରାମତି**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ ଜଳସୁଆଁ ଗ୍ରାମର ମୋଟ ୭ ୱାର୍ଡବାସୀଙ୍କ ପାଇଁ ସଂଯୋଗ ହୋଇଥିବା ପାନୀୟ ଜଳର ଅପବ୍ୟବହାର ନେଇ ଗତ ୨୨ ତାରିଖରେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହି ସମସ୍ୟା ବିଷୟରେ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଉଦୟ ହେମ୍ବ୍ରମଙ୍କୁ ପଚାରିବାରୁ ୨ଦିନ ମଧ୍ୟରେ ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ସବୁ ଟ୍ୟାପ୍ ମରାମତି କରାଯାଇଥିବା ଶୁକ୍ରବାର ଦେଖିବାକୁ ମିଳିଛି।

ଖରାଦିନେ ପିଇବା ପାଣିର ସମସ୍ୟା ଦେଖାଦେଉଥିବା ବେଳେ ଲୋକେ ଅପ ବ୍ୟବହାର କରୁଥିବା ପରିଲକ୍ଷିତ ହୋଇଥିଲା। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବସୁଧା ଓ ମେଗା ୱାଟର ସପ୍ଲାଏ ସିଷ୍ଟମ କାର୍ଯ୍ୟକାରୀ କରିଥିବା ବେଳେ ପରିଚାଳନାଗତ ତ୍ରୁଟି ଯୋଗୁ ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଉପଯୁକ୍ତ ତଦାରଖ ଅଭାବରୁ ପାଇପ୍‌ଗୁଡ଼ିକ ବିଭିନ୍ନ ସ୍ଥାନରେ ଫାଟିଯାଇ ପାଣି ରାସ୍ତାରେ ଚାଲୁଥିଲା। ଅନ୍ୟପଟେ କେତେଜଣ ବ୍ୟକ୍ତି ପାଣି ପାଇପ୍‌କୁ ସବୁବେଳେ ଖୋଲା କରିଦେଉଥିଲେ। ଏହାଦ୍ୱାରା ସବୁବେଳେ ଗାଁ ରାସ୍ତାରେ ପାଣି ସୁଅ ଚାଲୁଥିଲା। ଫଳରେ ଘରୋଇ ସଂଯୋଗ ନେଇଥିବା ଉପଭୋକ୍ତାମାନଙ୍କ ଘରେ ପାଣି ପହଞ୍ଚି ପାରୁ ନ ଥିବାରୁ ବିଭିନ୍ନ ସାହି ବସ୍ତିରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସମାଧାନ ପରେ ଲୋକେ ଖୁସି ବ୍ୟକ୍ତ ହୋଇ ଯନ୍ତ୍ରୀ ହେମ୍ବ୍ରମ ଓ ଜଳସୁଆଁ ସରପଞ୍ଚ ପ୍ରଶାନ୍ତି ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନଗର ସଂକୀର୍ତ୍ତନରେ କମ୍ପିଲା ଶାସଙ୍ଗ ଗାଁ


ନଗରକୀର୍ତ୍ତନରେ ସାମିଲ ହୋଇଥିବା ସଂକୀର୍ତ୍ତନ ଦଳ ଓ ଗ୍ରାମବାସୀ।

ହାଟଡିହୀ,୨୯।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାସଙ୍ଗ ଗ୍ରାମରେ ବର୍ଷ ବର୍ଷ ଧରି ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଥିବା ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ମହୋତ୍ସବ ଶୁକ୍ରବାର ଶେଷ ହୋଇଛି। ବୁଧବାର ଶୁଭାଧିବାସ ଏବଂ ଗୁରୁବାର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଶୁକ୍ରବାର ନଗର ସଂକୀର୍ତ୍ତନ ସହ ପରିକ୍ରମା କରାଯାଇଥିଲା। ବିଭିନ୍ନ ସଂକୀର୍ତ୍ତନ ଦଳଙ୍କ ଦ୍ୱାରା ନୃତ୍ୟ ଏବଂ ନାମ ସଂକୀର୍ତ୍ତନ କରାଯାଇଥିଲା। ଫଳରେ ଶାସଙ୍ଗ ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଲକ୍ଷ୍ମୀଧର ପାଢ଼ୀ ପୂଜା କାର୍ଯ୍ୟ ତୁଲାଇ ଥିଲେ । ବୀରବର ବିଶ୍ୱାଳ, ସୁବୋଧ ପ୍ରସାଦ ଆଏଚ, ସତ୍ୟବ୍ରତ ପାତ୍ର, ପ୍ରଫୁଲ୍ଲ ନାଏକ, ଅଭୟ ସାହୁ, ଅର୍ଜୁନ ପାତ୍ର, ମହେଶ୍ୱର ପ୍ରଧାନ, ମୁକେଶ ପାତ୍ର ପ୍ରମୁଖ କଳସ ବୁଡ଼ାଇ ଥିଲେ। ଦୀପକ ସୁବୁଦ୍ଧି, ପ୍ରଶାନ୍ତ ପୁହାଣ, ଚୈତନ୍ୟ ପୁହାଣ, ଦୁର୍ଯ୍ୟୋଧନ ପ୍ରଧାନ, ସୁଧୀର ବିଶ୍ୱାଳ,ବୁଦ୍ଧଦେବ ପୁହାଣ,କୈଳାଶ ସୁବୁଦ୍ଧି, ପ୍ରମୋଦ ସ୍ୱାଇଁ, ବୈକୁଣ୍ଠ ପାଢ଼ୀ, ନରହରି କୁଅଁର,ଯତିନ୍ଦ୍ର ରାଉତ ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡ୍ରେସ୍ ଶୋ'ରୁମ୍‌ରେ ଜିଏସ୍‌ଟି ଚଢ଼ାଉ

ଯୋଡ଼ା,୨୯।୩(ମାନସ ମହାନ୍ତି)– କେନ୍ଦୁଝର ଜିଲା ଯୋଡ଼ା ବସ୍‌ଷ୍ଟାଣ୍ଡରେ ଥିବା ଏକ ଡ୍ରେସ ଶୋ'ରୁମରେ ଗୁରୁବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଅପରାହ୍ଣରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଜିଏସ୍‌ଟି ଅଧିକାରୀମାନେ ତନାଘନା କରିଥିଲେ। ବିଭିନ୍ନ ନଥି ପତ୍ର, ବିଲ୍ ପ୍ରଭୃତି ଜବତ କରିଥିବା ଜଣାପଡ଼ିଛି। ଜିଏସ୍‌ଟି ବିଭାଗର ୫ ଜଣିଆ ଟିମ୍ ସଦସ୍ୟ ଏହି ଚଢ଼ାଉ କରିଥିଲେ। ଆର୍ଥିକ ବର୍ଷ ପରିସମାପ୍ତିରେ ଜିଏସ୍‌ଟି ବିଭାଗ ବିଭିନ୍ନ ବ୍ୟବସାୟିକ ସଂସ୍ଥା ଉପରେ ଚଢାଉ କରି ଯାଞ୍ଚ କରୁଥିବା ସୂଚନା ମିଳିଛି।

# ରାତି ଅଧରେ ଘର ଭାଙ୍ଗିଲା ଦନ୍ତା


ହାତୀ ଭାଙ୍ଗିଥିବା ଘର।

ଚମ୍ପୁଆ, ୨୯।୩ (ମହେଶ୍ୱର ଦାସ)

ପୁଣି ଚମ୍ପୁଆ ସେକ୍ସନକୁ ଫେରିଲା ଗୋଠଛଡ଼ା ଦନ୍ତା। ରାତି ଅଧରେ ଗାଁରେ ପଶି ଲୋକଙ୍କ ଘର ଭାଙ୍ଗି ଦେଇଛି। ଚମ୍ପୁଆ ବନାଞ୍ଚଳ ଅଧୀନ ସୁନାପଶି ପଞ୍ଚାୟତର ଯୋଡାପୋଖରୀ ଗ୍ରାମର ପରମେଶ୍ୱର ମହାନ୍ତ ଗୁରୁବାର ରାତିରେ ଶୋଇଥିବା ବେଳେ ଗୋଠଛଡ଼ା ଦନ୍ତା ହାତୀ ଗ୍ରୀଲ ଭାଙ୍ଗିବା ସହ କବାଟ, ଝରକା ଭାଙ୍ଗି ଘରେ ଥିବା ଧାନ ଚାଉଳ ଖାଇବା ସହ ବହୁ କ୍ଷତି ଘଟାଇଛି। ଏନେଇ ପରମେଶ୍ୱର ବନାଞ୍ଚଳ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି।

## ଯୁବକଙ୍କ ଗଳିତ ମୃତଦେହ ଜବତ

### ନଦୀକୁ ମାଛ ଧରିବାକୁ ଯାଇ ନିଖୋଜ ଥିଲେ

ପାଟଣା, ୨୯।୩(ବୀର କିଶୋର ଦାଶ)– କେନ୍ଦୁଝର ଜିଲା ପାଟଣା ଥାନା ଡାଳପକା ବୈତରଣୀ ନଦୀର ଘୁର୍ଣ୍ଣିଘାଟରୁ ଶୁକ୍ରବାର ଜଣେ ବିବାହିତ ଯୁବକ(୨୯)ଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଡାଳପକା ଗ୍ରାମ ମୁଣ୍ଡାସାହିର ପଗରାମ ମୁଣ୍ଡାଙ୍କ ପୁଅ ଦୋଳଗୋବିନ୍ଦ। ଦୋଳଗୋବିନ୍ଦ ଗତ ବୁଧବାର ନଦୀରେ ଗାଧୋଇ ସାରି ମାଛ ଧରିବାକୁ ଯାଇଥିବା ବେଳେ ନଦୀଘାଟ ତଳମୁଣ୍ଡ ଗଭୀର ଗଣ୍ଡରେ ପଡ଼ିଯାଇଥିବା ପାଟଣା ପୋଲିସ ଅନୁମାନ କରିଛି। ଶୁକ୍ରବାର ସକାଳୁ କେତେକ ଲୋକ ନଦୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପାଟଣା ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୪) ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଆଜିଠୁ ଐତିହାସିକ ସ୍ୱାମ ବାଦିପାଲା ମହୋତ୍ସବ

ପାଟଣା, ୨୯।୩(ବିର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ବଡପାଟଣା ପଞ୍ଚାୟତ ସ୍ୱାମଶାସନର ୬୯ତମ ବାଦି ପାଲା ମହୋତ୍ସବ ଶନିବାରଠାରୁ ଆରମ୍ଭ ହେଉଛି। ଏହା ମାର୍ଚ୍ଚ ୩୦ଠାରୁ ଆରମ୍ଭ ହୋଇ ଏପ୍ରିଲ ୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତବର୍ଷ ଗାୟକ ବିଶ୍ୱନାଥ ସ୍ୱାଇଁ (ଗାୟକ ପୀୟୂଷ) ଙ୍କ ସହ ଗଗନ ବିହାରୀ ମହାପାତ୍ର (ଗାୟକ ବାଣୀକଣ୍ଠ)ଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ବହୁ ସଂଖ୍ୟାରେ ପାଲାପ୍ରେମୀ ଉପସ୍ଥିତ ରହି ପାଲା ଶ୍ରବଣ କରି ଉତ୍କଳୀୟ ପାଲା ସଂସ୍କୃତିକୁ ସମୃଦ୍ଧ କରିବାକୁ ପାଲା କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ

କେନ୍ଦୁଝର, ୨୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଜେଲରେ କଏଦୀଙ୍କ ମୃତ୍ୟୁ ଘଟଣା**

କେନ୍ଦୁଝର ଜିଲା କାରାଗାରରେ ଗତ ୨୨ତାରିଖରେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା ଉଦ୍ୟମ ପରେ କଟକ ବଡ ମେଡିକାଲରେ ମୃତ୍ୟୁ ଘଟଣାକୁ ନେଇ ତାଙ୍କ ମା' ସୁକାନ୍ତି ଦାସ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ପୁଅ ଅଜୟ ଦାସଙ୍କ ମାନସିକ ଅବସ୍ଥା ସୁସ୍ଥ ଥିଲା। ଏଣୁ ଜେଲରେ ନିର୍ଯ୍ୟାତନା ଦେଇ ତାଙ୍କୁ ମାରି ଦେଇଥିବା ଅଭିଯୋଗ କରି ଏହାର ନିରପେକ୍ଷ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି।

ଏହି ଘଟଣା ପରେ ୨୩ ତାରିଖରେ ଜେଲ ଅଧୀକ୍ଷକ ଜେଲରେ କଏଦୀ ଆତ୍ମହତ୍ୟା କରିବା ଘଟଣାରେ ଜେଲର ୱାର୍ଡ ନମ୍ବର ୧୭ରୁ ୨୨ପର୍ଯ୍ୟନ୍ତ ୧୪୫ଜଣ କଏଦୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ୨ଜଣଙ୍କୁ କାର୍ଯ୍ୟରେ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ୨୮ ତାରିଖ ଅପରାହ୍ନରେ ଜେଲ ଡିଆଇଜି(ସମ୍ବଲପୁର) କୁଳମଣି ବେହେରା କେନ୍ଦୁଝର ଜିଲା କାରାଗାର ଆସି ବିଭାଗୀୟ ତଦନ୍ତ ଆରମ୍ଭ କରିଛନ୍ତି। ବିଚାରାଧୀନ କଏଦୀ ଅଜୟ ଦାସ ଆତ୍ମହତ୍ୟା ଉଦ୍ୟମ କରିବା ସମୟରେ ନିକଟରେ କେଉଁ କଏଦୀ ଏବଂ କର୍ମଚାରୀ ଥିଲେ ସେମାନଙ୍କୁ ପଚରାଉଚୁରା କରିଥିଲେ। ଡ୍ୟୁଟିରେ ଥିବା ୱାର୍ଡରଙ୍କୁ ଡ୍ୟୁଟି ସମୟରେ ଅଫିସକୁ ଡକାଯାଇଥିବା ଅଭିଯୋଗ ହେଉଛି। ଅଫିସରୁ ଡାକରା ଆସିବାରୁ ଜେଲ୍‌ରୁ ଅଫିସ ଯିବା ସମୟରେ କଏଦୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ଜେଲ ଅଫିସରେ କିରାଣି କାମ କରୁଥିବା ଜଣେ ୱାର୍ଡର ତାଙ୍କୁ ଡାକିଥିଲେ। ସେ କାହା ନିର୍ଦ୍ଦେଶରେ ଡ୍ୟୁଟି ସମୟରେ ଜଣେ ୱାର୍ଡରଙ୍କୁ ଡାକିଲେ ତାହା ତଦନ୍ତ ହେଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରିବ।

# ଶିକ୍ଷକ ସମର୍ପିତ ଭାବନା ନେଇ କାର୍ଯ୍ୟ କରିବା ଉଚିତ



ହାଟଡ଼ିହି, ୨୯।୩(ପାର୍ଥ ସୌରଭ ସା)

ପାଟ ଜଗୁଳାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ କୁମାର ମହାନ୍ତିଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ବିଦ୍ୟାଧର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ହାଟଡ଼ିହି ବ୍ଲକ ଶିକ୍ଷା ଅଧିକାରୀ ଓଁକାର ଅନେଓ୍ୱଷ ଯୋଗଦେଇ ଶିକ୍ଷକମାନେ କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତୀ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଚକ୍ର ଯୋଗଦେଇ ଶିକ୍ଷକ ହେଉଛନ୍ତି ସମାଜ ଗଠନର ସୂତ୍ରଧର। ତେଣୁ ସେମାନେ ସମର୍ପିତ ଭାବନା ନେଇ କାର୍ଯ୍ୟ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ କୀର୍ତ୍ତନ ବିହାରୀ ଧଳ, ସ୍ୱତନ୍ତ୍ର ଅତିଥି ଭାବେ ସାହିତ୍ୟିକ ଚତୁର୍ଭୁଜ ପହି, ନାରାୟଣ ଚନ୍ଦ୍ର ଲେଙ୍କା, ସମ୍ମାନନୀୟ ଅତିଥି ଭାବେ ସଢା ସରପଞ୍ଚ ସାଗରିକା ଜେନା, ପ୍ରାକ୍ତନ ବିଇଓ ସୁରଥ କୁମାର ସାହୁ, ସାମାଜିକ କର୍ମୀ ନିତ୍ୟାନନ୍ଦ ଜେନା, ଏବିଇଓ ସ୍ନେହଲତା ମହାରଣା, ପ୍ରମୋଦ କୁମାର ନାୟକ, ପ୍ରାକ୍ତନ ଏବିଇଓ ବିନୋଦ କୁମାର ରାଉତ, ସୁରେଶ କୁମାର ଜେନା, ପରିଚାଳନା କମିଟି ସଭାପତି ମାୟାଧର ଜେନା, ସିଆରସିସି କୃଷ୍ଣଚନ୍ଦ୍ର ନାହାକ, ଦେବାନନ୍ଦ ଗିରି ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ମୋହନ କୁମାର ମହାନ୍ତି କେବଳ ଜଣେ ଆଦର୍ଶ ଶିକ୍ଷକ ନ ଥିଲେ ସେ ଜଣେ ମଣିଷ ତିଆରି କାରିଗର ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସେ ଅନେକ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଭାବରେ ଗଢି ତୋଳିଥିବା ବେଳେ ଜଣେ ସୁସାହିତ୍ୟିକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍କୁଲ ପକ୍ଷରୁ ତାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିଶାକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟସୁନ୍ଦର ପରିଡା ମଞ୍ଚ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ତାଙ୍କ ସୋସୋସ୍ଥିତ ବାସଭବନକୁ ଯାଇ ଢୋଲ ବଜାଇ, ବାଣ ଫୁଟାଇ ଏକ ପଟୁଆରରେ ଗ୍ରାମ ପରିକ୍ରମା କରାଇ ତାଙ୍କୁ ବିଦ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ।

# 'ଦ ଲାଇଟ୍' ଚଳଚ୍ଚିତ୍ର ପ୍ରଦର୍ଶିତ


ଚଳଚ୍ଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରାଯାଉଛି।

କେନ୍ଦୁଝର, ୨୯।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

ପ୍ରଜାପିତା ବ୍ରହ୍ମକୁମାରୀ କେନ୍ଦୁଝର ଶାଖା ତରଫରୁ ଦ ଲାଇଟ ଚଳଚ୍ଚିତ୍ରକୁ ଶୁକ୍ରବାର ସ୍ଥାନୀୟ ତାରିଣୀ ଛବିଘରଠାରେ ପ୍ରଦର୍ଶିତ କରାଯାଇଛି। କେନ୍ଦୁଝର ସେବାକେନ୍ଦ୍ର ସଞ୍ଚାଳିକା ଭଉଣୀ ବ୍ରହ୍ମକୁମାରୀ ବିନ୍ଦୁ, କେନ୍ଦୁଝର ଡିଏଫଓ ଏଚ.ଡି.ଧନରାଜ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଅନ୍ୟ ବ୍ରହ୍ମକୁମାରୀ ଭାଇଭଉଣୀଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରାଯାଇଛି । ଏହି ଚଳଚ୍ଚିତ୍ର ବ୍ରହ୍ମକୁମାରୀ ସଂସ୍ଥାର ପ୍ରତିଷ୍ଠାତା ପ୍ରଜାପିତା ବ୍ରହ୍ମା ବାବା ଓ ଯାହାଙ୍କର ପୂର୍ବନାମ ଦାଦା ଲେଖରାଜଙ୍କ ଜୀବନୀ ଉପରେ ଆଧାରିତ। ଏହି ଚଳଚ୍ଚିତ୍ରରେ ସଂସ୍ଥାର ପ୍ରତିଷ୍ଠାର ସଂଘର୍ଷମୟ କାହାଣୀକୁ ବର୍ଣ୍ଣିତ କରାଯାଇଛି। ଏହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅଜ୍ଞାନର ଅନ୍ଧକାରରୁ ଆଲୋକର ପଥ ପ୍ରଦର୍ଶକ କରୁଛି । ଏହି ଚଳଚ୍ଚିତ୍ର ଶନିବାର ମଧ୍ୟ ପ୍ରଦର୍ଶିତ ହେବ ଏବଂ ଆଗକୁ ମଧ୍ୟ ଚାଲୁ ରହିବ ବୋଲି ବ୍ରହ୍ମକୁମାରୀ ବିନ୍ଦୁ ଭଉଣୀ ସୂଚନା ଦେଇଛନ୍ତି ।


# ଛେଳିଛୁଆଙ୍କୁ କ୍ଷୀର ଖୁଆଉଛି କୁକୁର

ପାଟଣା,୨୯।୩ (ବୀରକିଶୋର ଦାଶ)

**ମାତୃତ୍ୱ ଆଗରେ ହାର୍ ମାନିଛି ଭେଦଭାବ**

କୁଆଁରୀ ମା', ମାତା ପିତା ନବଜାତ ଶିଶୁକୁ ରାସ୍ତାକଡ଼, ଡ୍ରେନ୍ ଓ କୂଅରେ ଫିଙ୍ଗି ଦେଉଥିବାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ଏଭଳି ସମୟରେ ଏକ କୁକୁର ମାତୃତ୍ୱର ଅଫୁରନ୍ତ ନିଦର୍ଶନ ଦେଇ ମଣିଷ ସମାଜକୁ ଅଟହାସ୍ୟ କରୁଛି। ଏକ ମା' କୁକୁର ସ୍ତନ୍ୟପାନ କରାଉଛି ୨ ଛେଳି ଛୁଆଙ୍କୁ। ଏଭଳି ବିରଳ ଘଟଣା ଦେଖିବାକୁ ମିଳୁଛି କେନ୍ଦୁଝର ଜିଲା ପାଟଣା ବ୍ଲକର ବାଉଁସୁଳୀ ପଞ୍ଚାୟତ ଦାଶରଥିପୁର ଗ୍ରାମ ସାଥୀ ଆର୍ତ୍ତତ୍ରାଣ ମହାନ୍ତଙ୍କ ଘରେ। ଏହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗତ ଜାନୁଆରୀରେ ଆର୍ତ୍ତଙ୍କ ଘରେ ପାଳିଥିବା ଛେଳି ୨ଟି ମାଈ ଛେଳି ଛୁଆ ଜନ୍ମ ଦେଇଥିଲା। ଏହାର ୩ଦିନ ପରେ ବୁଲା କୁକୁରଙ୍କ ଆକ୍ରମଣର ଶିକାର ହୋଇ ମା' ଛେଳିର ମୃତ୍ୟୁ ଘଟିଥିଲା। ଏହାପରେ ମା' ଛେଳିକୁ ହରାଇ ୨ ଛୁଆ ବେସାହାରା ହୋଇଥିବା ବେଳେ ଏକ ବୁଲା ମା' କୁକୁର ମନରେ ମମତା ଜାଗ୍ରତ ହୋଇଥିଲା। ମମତା ଆଗରେ



ଭେଦଭାବ ହାର୍ ମାନିଛି। କୁକୁରଟି ୨ ଛେଳି ଛୁଆଙ୍କୁ ସ୍ତନ୍ୟପାନ କରାଇ ଚାଲିଲା। ଛେଳି ଛୁଆ ୨ଟି ଏବେ ମଧ ମା' କୁକୁର ଆସିଲେ ତା କୋଳକୁ ଦୌଡ଼ି ଯାଇ କ୍ଷୀର ଖାଉଥିବା ଆର୍ତ୍ତ କହିଛନ୍ତି। କୁକୁରଠାରୁ ସ୍ତନ୍ୟପାନ କରି ଏବେ ଛେଳି ଛୁଆ ୨ଟି ବଡ଼ ହୋଇ ଆସିଲେଣି। ଆଉ ଟିକି ଟିକି ଘାସ ଖାଇବା ଆରମ୍ଭ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ସୋର, (ଜନ୍ମେଜୟ ମିଶ୍ର)-ସୋର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଶୁକ୍ରବାର ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳିକା ଗୁରବାର ସନ୍ଧ୍ୟାରେ ସାଇକେଲରେ ଘରକୁ ଫେରୁଥିବା ବେଳେ ଜଣେ ଯୁବକ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକି ନେଇ ବଳକାର କରିଥିଲେ। ଏ ସମ୍ପର୍କରେ ନାବାଳିକା ଜଣଙ୍କ ଘରେ ଜଣାଇବା ପରେ ପରିବାର ଲୋକେ ଅପରାହ୍ଣରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ତହସିଲଦାରଙ୍କ ଚଢ଼ାଉ, ୭ ବେଆଇନ ଡମ୍ପର ଜବତ

ସୋର, ୨୯।୩(ଜନ୍ମେଜୟ ମିଶ୍ର)-ସୋର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ଟି ବେଆଇନ ମାଲ ବୋଝେଇ ଡମ୍ପରକୁ ସୋର ତହସିଲଦାର ଜବତ କରିଛନ୍ତି। ସୋର ତହସିଲଦାର ଏସ୍. କେ. ସାଗିର ଥାନା ଅଞ୍ଚଳର ବରଫକଳ ଛକ, ବିଦୁ ଛକ, ଫଟାଅର୍ଜୁନ ଛକ ଏବଂ ବାଗୁଡ଼ି ବଜାରରେ ଚଢ଼ାଉ କରି ମାଲ ବୋଝେଇ ଡମ୍ପର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ୪ଟି ବାଲି ବୋଝେଇ ଡମ୍ପର, ଦୁଇଟି ପଥର ବୋଝେଇ ଡମ୍ପର ଏବଂ ଏକ ମୋରମ ବୋଝେଇ ଡମ୍ପର ବେଆଇନ ଭାବେ ମାଲ ପରିବହନ କରୁଥିବା ଜାଣିପାରି ଗାଡ଼ିଗୁଡ଼ିକୁ ଜବତ କରି ସୋର ଥାନା ଜିମା ଦେଇଛନ୍ତି। ତେବେ ପରବର୍ତ୍ତୀ ଅବସ୍ଥାରେ ଗାଡ଼ିଗୁଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

### ନମ୍ବରବିହୀନ ବାଲି ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ରୂପସା, ୨୯।୩(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ପାଉଁଶକୁଲି ବଜାରରୁ ୨ଟି ନମ୍ବର ବିହୀନ ବାଲି ଟ୍ରାକ୍ଟରକୁ ସିଂଲା ପୋଲିସ ଜବତ କରିଛି। ଶୁକ୍ରବାର ସକାଳେ ଉକ୍ତ ନମ୍ବର ବିହୀନ ୨ ବାଲି ଟ୍ରାକ୍ଟରରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ନେଇ ସିଂଲା ପୋଲିସକୁ ସୂଚନା ମିଳିଥିଲା। ଖବର ପାଇ ସିଂଲା ଥାନା ଓଆଇସି ଭୁବନମୋହନ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର କାଗଜପତ୍ର ଯାଞ୍ଚ କରିଥିଲେ। ମାତ୍ର ଯାଞ୍ଚ ସମୟରେ କାଗଜ ପତ୍ର ଠିକ ନ ଥିବା ଜାଣିବା ପରେ ଉକ୍ତ ଟ୍ରାକ୍ଟର ସହ ଡ୍ରାଇଭର ଦ୍ୱୟଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ତଦନ୍ତ ପରେ ସିଂଲା ଥାନାରେ ଦୁଇଟି ମାମଲା(ନଂ.୬୩/୨୪ ଓ ୬୪/୨୪) ରୁଜୁ ହୋଇ ଗିରଫ ଡ୍ରାଇଭରଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଲଙ୍ଗଳେଶ୍ୱର, ୨୯।୩(କମଳାକାନ୍ତ ଦାସ)-ଲଙ୍ଗଳେଶ୍ୱର ସଚିନ୍ଦ୍ର କୁମାର ଯଶୋଦା ମଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗବତ ପ୍ରଧାନ ଏବଂ ସହକାରୀ ଶିକ୍ଷକ ଆଦିତ୍ୟ କୁମାର ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆଲୁମିନି ସଭାପତି ମନମୋହନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦୁଇଜଣ ଅବସରପ୍ରାପ୍ତ ଶିକ୍ଷଙ୍କୁ ପୂଜାର୍ଚ୍ଚନା ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ଯୋଗଦେଇ ଉଭୟ ଶିକ୍ଷକ ଛାତ୍ରବତ୍ସଳ ଏବଂ ବହୁ ଗୁଣର ଅଧିକାରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ଅଭୟ କୁମାର ବାରିକ, ସମନ୍ୱୟ ସମିତି ସଭାପତି ମନ୍ମଥ କୁମାର ବିଶ୍ୱାଳ, ସିଆରସିସି ସୁଶାନ୍ତ କୁମାର ରାଉଳ, ପୁରୀ ଗୋପବନ୍ଧୁ ମେଡିକାଲ କଲେଜର ଅବସରପ୍ରାପ୍ତ ପ୍ରଧାନ ପ୍ରାଧ୍ୟାପକ ଡ଼ଃ ମୃତ୍ୟୁଞ୍ଜୟ ପଣ୍ଡା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# କରତକଳ ବନ୍ଦ, କାଠ ଯାଉଛି ପଶ୍ଚିମବଙ୍ଗ

ଭୋଗରାଇ, ୨୯।୩ (ପ୍ରଦୀପ ଦାସ)

ବାଲେଶ୍ୱର ସହର ଉପକଣ୍ଠରେ ହାତଗଣତି କେତେକ କରତକଳ ଚଳାଇବାକୁ ସରକାର ଲାଇସେନ୍ସ ପ୍ରଦାନ କରିଥିବା ବେଳେ ଜିଲାର ୧୨ଟି ବ୍ଲକରେ ଲୋକଙ୍କ ଆବଶ୍ୟକ ଅନୁଯାୟୀ କରତକଳ ନାହିଁ। ପୂର୍ବରୁ ବେସରକାରୀ ଭାବେ ଚାଲିଆସୁଥିବା ଶତାଧିକ କରତକଳ ୨୦୧୯ ମସିହା କୋଭିଡଠାରୁ ବନବିଭାଗ ବନ୍ଦ କରିଦେଇଛନ୍ତି। ଏଭଳି ସ୍ଥିତିରେ ଉତ୍ତରବାଲେଶ୍ୱର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ସରକାରୀ କାର୍ଯ୍ୟ, ଲୋକଙ୍କ ଝିଅ ବାହାଘର ପାଇଁ କାଠର ସୌଖିନ ସାମଗ୍ରୀ ଓ ଜାଳେଣି ଆବଶ୍ୟକ ଥିବାବେଳେ ଏ ସମସ୍ତ ସୁବିଧା ନ ପାଇ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ସମସ୍ତ ବ୍ଲକରେ କରତକଳ ବନ୍ଦ ଯୋଗୁ କରତକଳ ମାଲିକ ଓ କାର୍ଯ୍ୟରତ କର୍ମଚାରୀ କର୍ମସଂସ୍ଥାନ ନ ପାଇ ପରିବାର ପ୍ରତିପୋଷଣ ଲାଗି ଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି।

ଅପରପକ୍ଷରେ ଜିଲାର ସୀମାନ୍ତକୁ ଲାଗିଥିବା ଭୋଗରାଇ, ଜଳେଶ୍ୱର ପଶ୍ଚିମବଙ୍ଗ ଜମିରେ ଶତାଧିକ କରତକଳ ଚାଲୁ ରହିଥିବାରୁ ଓଡ଼ିଶାରେ କାଠ ସାମଗ୍ରୀ ଲାଗି ପଶ୍ଚିମବଙ୍ଗ କରତକଳ ଉପରେ ନିର୍ଭରଶୀଳ ହେଉଛନ୍ତି। ଜରୁରୀ ଭିତ୍ତିରେ କାଠ ନିଆଯାଉଥିବା ବେଳେ ବାଟସାରା ବନକର୍ମଚାରୀ, ପୋଲିସ ଓ ନକଲି ଡିଜିଟାଲ ଖବରଦାତାଙ୍କୁ ଅର୍ଥ ଦେଇ ସାଧାରଣ ଲୋକେ ଖର୍ଚ୍ଚାନ୍ତ ହେଉଛନ୍ତି। ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳରେ କାଠମାଫିଆମାନେ ବନବିଭାଗ କର୍ମଚାରୀ, ପୋଲିସର ଜ୍ଞାତସାରରେ କାଠ ଚୋରା ଚାଲାଣ କରୁଥିବାବେଳେ କେତେକ ନକଲି ଡିଜିଟାଲ ଖବରଦାତା ସଂଘବଦ୍ଧ ହୋଇ ପଶ୍ଚିମବଙ୍ଗକୁ ସଂଯୋଗ



କରୁଥିବା ବାଲିଆପାଳ - ନାଛିନ୍ଦା, କୁସୁଡା - ପୁଟିଣା, ବାରମାଇଲ ରାସ୍ତା, ଭୋଗରାଇ ଦେଉଳା ରାସ୍ତା, ଚୌକି - ସହୋରିଆ ରାସ୍ତା, ନଗୁଆଁ - କଖ ରାସ୍ତା ଓ ଚନ୍ଦନେଶ୍ୱର ବର୍ଡର ରାସ୍ତାରେ ସାଧାରଣ ଲୋକେ ନେଉଥିବା କାଠ ଗାଡି ଭୁଟଭୁଟି ଯନ୍ତ୍ରଚାଳିତ ରିକ୍ସା ଓ ଚାରି ଚକିଆ ଗାଡିକୁ ଅଟକାଇ ଧମକଚମକ ଓ ବନବିଭାଗର କର୍ମଚାରୀ ଦର୍ଶାଇ ମୋଟାଅଙ୍କର ଅର୍ଥ ଆଦାୟ ଓ ଜୁଲୁମ କରୁଥିବାର ବାରମ୍ବାର ଅଭିଯୋଗ ହେଉଛି। ପ୍ରତିଦିନ ଚୋରା କାଠ ବେପାରୀଙ୍କଠାରୁ ବନବିଭାଗ କର୍ମଚାରୀ, ପୋଲିସ ଓ ନକଲି ଡିଜିଟାଲ ଖବରଦାତା ମୋଟା ଅଙ୍କର ଅର୍ଥ ନେଇ ମାଲେମାଲ ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି । କେତେକ କାଠକୁ ବାଦ୍ ଦେଲେ ଚୋରା କାଠ ଗାଡି ପଶ୍ଚିମବଙ୍ଗକୁ ଯିବା ସମ୍ପର୍କରେ ଜଣାପଡିଲେ ଚୋରା ଗାଡିକୁ ପ୍ରୋତ୍ସାହନ ଦେଉଥିବା କିମ୍ବା ଗାଡିକୁ ଅଟକାଇ ଚାନ୍ଦା ମାଗୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲେଶ୍ୱର ଡ଼ିଏଫଓ ଖୁଶବନ୍ତ ସିଂ ପ୍ରକାଶ କରିଛନ୍ତି ।

## ହୋଲିରେ ହେଲା ବରକନ୍ୟାଙ୍କ ନାମକରଣ

ବାଲେଶ୍ୱର, ୨୯।୩(ମାନସ ବିଶ୍ୱାଳ)

**ଜଉକଣ୍ଢେଇ ବାହାଘର ଲାଗି ପ୍ରସ୍ତୁତି**

ବାଲେଶ୍ୱର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ଏକ ସଭା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉପସଭାପତି ଅଞ୍ଜଳି ପଣ୍ଡା, ସମ୍ପାଦକ ଡା. କୁମାର ଗୋପାଲ, ସହସମ୍ପାଦକ ରଘୁନାଥ ଲେଙ୍କା ଓ ରାଜେଶ ଗିରି, କୋଷାଧ୍ୟକ୍ଷ ବ୍ୟୋମନାଥ ରଥ, ମୁଖ୍ୟ ଉପଦେଷ୍ଟା କେଶୁ ଦାସ ଓ ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ବର୍ଷ ଜଉକଣ୍ଢେଇ ବାହାଘର କେମିତି ଜାକଜକମରେ ଅନୁଷ୍ଠିତ ହେବ ସେନେଇ ଆଲୋଚନା କରିଥିଲେ।

ଚଳିତବର୍ଷ ନିର୍ବାଚନ ଥିବାରୁ ଆସନ୍ତା ଜୁନ ୮ତାରିଖରୁ ଏହି ବାହାଘର କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୩ତାରିଖରେ ସରିବ। ଚଳିତବର୍ଷ କମିଟି ୬ ଦିନ ଏହି କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛି। ଚଳିତବର୍ଷ ମଧ୍ୟ ଆଇଟିଆଇ ପଡ଼ିଆରେ ଏହା କରାଯିବ। ନିୟମ ଅନୁସାରେ ହୋଲିରେ ବର କନ୍ୟାଙ୍କର ନାମକରଣ କରାଯାଇଛି। ରାମନବମୀରେ କଣ୍ଢେଇ ନିର୍ମାଣ କାର୍ଯ୍ୟ କରାଯିବ। ଚନ୍ଦନ ପୂର୍ଣ୍ଣମୀ ଦିନ ଲଗ୍ନ ଧରା କାର୍ଯ୍ୟ ସମାପନ ହେବ। ଚଳିତବର୍ଷ ବର କନ୍ୟାଙ୍କର ନାମ ଫକୀରମୋହନଙ୍କର ପେଟେଣ୍ଟ ମେଡ଼ିସିନ ଗଳ୍ପର ମୁଖ୍ୟ ଚରିତ୍ର ଚନ୍ଦ୍ରମଣି ଓ ସୁଲୋଚନା ରଖାଯାଇଛି। ନାରୀ ପ୍ରଗତିକୁ ଆଖି ଆଗରେ ରଖି ଏହା କରାଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପଙ୍କଜ ଜେନା, ମଣିଚରଣ ଦାସ, ପ୍ରତିମା ପଣ୍ଡା, ମନସ୍ୱିନୀ ଦେବୀ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା, ପରେଶ ଦାଶ, ସେଖ ଇଖବାଲ, ସିନ୍ଧୁ ସେନ, ଶ୍ରୀରୁପା ମଞ୍ଜରୀ ସେନ, ରଚନା ସେନ ଓ ଅନିତା ରଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସହସମ୍ପାଦକ ରଘୁନାଥ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଦର୍ଶକଙ୍କ ମନ ମୋହୁଛି ସମ୍ପୈଇ ଦୋଳ ମହୋତ୍ସବ



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଖଇରା, ୨୯।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସମ୍ପୈଇ ଯୁବ ଦୋଳ ମହୋତ୍ସବ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ କରୁଛି। ବୁଧବାର ଉଦ୍‌ଘାଟନୀ ସମାରୋହରେ ମନୋରଞ୍ଜନ ଜେନା ସଭାପତିତ୍ୱ କରିଥିଲେ । ବସନ୍ତ କୁମାର ମହାନା ମୁଖ୍ୟଅତିଥି, ଖଇରା ସାମ୍ବାଦିକ ସଂଘର ସମ୍ପାଦକ ବଳରାମ ଲେଙ୍କା ମୁଖ୍ୟବକ୍ତା, କମଳାକାନ୍ତ ମାହାନା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ ସୁଧାଂଶୁ ଶେଖର ହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସିରିଏଲ ଅଭିନେତ୍ରୀ ଟିଙ୍କିଙ୍କ ଅଭିନୟର ଯାଦୁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିଭଳି ଗୁରୁବାର ଦ୍ୱିତୀୟ ଦିବସରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ମୁଖ୍ୟଅତିଥି, ପ୍ରାକ୍ତନ ସମିତିସଭ୍ୟ ରବୀନ୍ଦ୍ର କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସୁବାଷ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ । ସ୍ଥାନୀୟ ପୋଷ୍ଟମାଷ୍ଟର ସୁଦେଶ ମିଳନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସିରିଏଲ ସିନ୍ଦୂରର ଅଧିକାରର ଅଭିନେତ୍ରୀ ଇତିଙ୍କ ସଂଳାପ ଓ ଦେବିଶ୍ରୀ ମେଲୋଡିର କଣ୍ଠଶିଳ୍ପୀମାନେ ଦର୍ଶକଙ୍କୁ ସଙ୍ଗୀତର ଯାଦୁରେ ହଜାଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଜଳେଶ୍ୱର, ୨୯।୩(ରବିନାରାୟଣ ପାତ୍ର)-ଜଳେଶ୍ୱର ବ୍ଲକ ଅଧୀନ ପାଇକସିଦା ପଞ୍ଚାୟତ ଉତ୍ତରପଡ଼ା ଗ୍ରାମର ଶିବ ମୁନି ଯୋଗାଶ୍ରମରେ ବାସନ୍ତୀ ଚକ୍ଷୁ ଚିକିତ୍ସାଳୟର ଆଇମିତ୍ର ଦ୍ୱାରା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୦ରୁ ଉର୍ଦ୍ଧ୍ୱ ଲୋକ ଚକ୍ଷୁ ପରୀକ୍ଷା କରିବା ସହ ୮ ରୁ ୧୦ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ ହୋଇଥିଲା। ସେମାନଙ୍କୁ ଶୁକ୍ରବାର ଅପରାହ୍ଣରେ ମାଗଣା ଅସ୍ତ୍ରୋପଚାର ପାଇଁ ବାଲେଶ୍ୱର ନିଆଯାଇଛି। ଗ୍ରାମର ସାମାଜିକ କର୍ମୀ ଜନ୍ମେଜୟ ସାହୁ, ଶ୍ରୀପତି ଚରଣ ପାଳ, ବରେନ୍ଦ୍ର ବେହେରା, ଲକ୍ଷ୍ମୀଧର କାମିଲା ପ୍ରମୁଖ ପରିଚାଳନା କରିଥିଲେ। ଦେବାଶିଷ ଦାସଙ୍କ ସହଯୋଗରେ ରତୁରାଜ ରାଉତ ଓ ୨ ଜଣ ସ୍ୱାସ୍ଥ୍ୟ ଟେକ୍ନିସିଆନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇଥିଲା।

## କିଡ଼୍‌ନୀ ଆକ୍ରାନ୍ତ ରୋଗୀଙ୍କୁ ସହାୟତା

ଜଳେଶ୍ୱର,୨୯।୩(ନବୀନ ସାହୁ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଶ୍ରୀଜଙ୍ଗ ଗ୍ରାମର ପ୍ରଶାନ୍ତ କୁମାର ପରିଡ଼ାଙ୍କ ଦୁଇଟି କିଡ଼୍‌ନୀ ନଷ୍ଟ ହୋଇଯାଇଛି। ତାଙ୍କ ମା' କିଡ଼୍‌ନୀ ଦେବା ପାଇଁ ମନସ୍ଥ କରିଥିଲେ ମଧ୍ୟ ଅସ୍ତ୍ରୋପଚାର ଲାଗି ଅର୍ଥ ବାଧକ ସାଜିଛି। ଏହି ଖବର ସେଠାକାର ଅଞ୍ଚଳବାସୀ ହେଲ୍ପ ଫର ୟୁ ଫାଉଣ୍ଡେଶନ ସଭାପତି ମାନସ ରଞ୍ଜନ ଧଳଙ୍କୁ ଅବଗତ କରିବା ପରେ ସଙ୍ଗଠନର ସମସ୍ତ ସଦସ୍ୟାସଦସ୍ୟମାନେ ଅଣ୍ଟା ଭିଡ଼ିଥିଲେ। ସେମାନେ ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ୧୦ ହଜାର ଆର୍ଥିକ ସହାୟତା, ପରିବାରକୁ ନୂତନ ବସ୍ତ୍ର ସହିତ କୁନି ପିଲା ପାଇଁ ପାଠ୍ୟ ଉପକରଣ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଏପ୍ରିଲ ୧୨ରୁ ବାସନ୍ତୀ ପୂଜାର ରୌପ୍ୟଜୟନ୍ତୀ

ବାଲେଶ୍ୱର, ୨୯।୩(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଉପକଣ୍ଠ ଈଶାଣୀ ଉଡ଼ାଯାତ୍ରା ବାସନ୍ତୀ ମଣ୍ଡପ ପରିସରରେ ଚଳିତବର୍ଷ ୩୮ବର୍ଷର ଉଡ଼ାଯାତ୍ରା, ବାସନ୍ତୀ ପୂଜାର ରଜତ ଜୟନ୍ତୀ ଉତ୍ସବ ତଥା ବୈଶାଖୀ ମହୋତ୍ସବର ନବମ ସଂସ୍କରଣ ପ୍ରସ୍ତୁତି ବୈଠକ ସଭାପତି ଅଶୋକ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବାସନ୍ତୀ ପୂଜାର ରଜତ ଜୟନ୍ତୀ ପାଳନ ଆସନ୍ତା ଏପ୍ରିଲ୍ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା, ମହିଳାମାନଙ୍କ ପାଇଁ ଝୋଟି, ମୁରୁଜ, ଶଙ୍ଖ ଓ ହୁଳହୁଳି, ଛୋଟଛୋଟ ପିଲାଙ୍କ ମଧ୍ୟରେ ନାଚଗୀତ ପ୍ରତିଯୋଗିତା ହେବା ସହ କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାର, ବିଷ୍ଣୁମୋହନ କବି, ୟୁଟ୍ୟୁବର୍ ରାଜୁ ଦାସ ଓ ସାଥୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି।

ବୈଠକରେ ସାଧାରଣ ସମ୍ପାଦକ ଭାଗବତ ସାହୁ ବିଗତ ବର୍ଷର ବିବରଣୀ ପ୍ରଦାନ କରିଥିଲେ। ବୈଶାଖୀ ମହୋତ୍ସବର କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ ଚଳିତବର୍ଷର କାର୍ଯ୍ୟକ୍ରମ ପାଇଁ ଅନେକ ଉପାଦେୟ ପ୍ରସ୍ତାବ ଆଗତ କରିଥିଲେ। ନାଏବ ସରପଞ୍ଚ ମନ୍ମଥ ମାଝି, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାୟକ, ଶଶିକାନ୍ତ ଜେନା, ମଧୁସୂଦନ କର, ପୂର୍ଣ୍ଣଚନ୍ଦ୍ର ସେଠୀ, ସନାତନ ବେହେରା, ଦୀନବନ୍ଧୁ ବେହେରା, ଅଜୟ ବେହେରା, ରବୀନ୍ଦ୍ର ମଲ୍ଲୁଆଳ, ଉମାକାନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କମିଟି ଉପସଭାପତି ନରେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# 'ମହୋତ୍ସବ ଆତ୍ମୀୟତା ବଢ଼ାଏ'

**ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ଉଦ୍‌ଘାଟିତ**

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୯।୩

ମହୋତ୍ସବ ଦ୍ୱାରା ଗୋଟିଏ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆତ୍ମୀୟତା ବଢିଥାଏ ବୋଲି ଗୁରୁବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବପୁର ଦୋଳ ମେଲଣ ପଡିଆରେ ଅନୁଷ୍ଠିତ ୧୧ତମ ସୁବର୍ଣ୍ଣ ରେଖା ଗ୍ରାମୀଣ ଦୋଳ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଶିକ୍ଷାବିତ୍ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଡିଆଇ ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟଅତିଥି, ଡିଏଭିର ପ୍ରାକ୍ତନ ଅଧ୍ୟକ୍ଷ ତଥା ବରିଷ୍ଠ ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ



ଗ୍ରାମୀଣ ଦୋଳ ମହୋତ୍ସବରେ ଅତିଥିଗଣ।

ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ନ୍ୟାସୀ ବେହେରା, ପ୍ରାକ୍ତନ ଅଧ୍ୟାପକ ବୀରମାଧବ ଦାସ, ଗାୟକ ଓ ଗୀତିକାର ରମାନାଥ କର, ଗାଁ ମୁଖ୍ୟ କମଳାକାନ୍ତ ବାରିକ, ସୌଭାଗିନୀ ମିଶ୍ର, ଶ୍ରୀକାନ୍ତ କୁମାର ନାଥ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଆଇନଜୀବୀ ଅର୍ଦ୍ଧେନ୍ଦୁ କୁମାର ବାରିକ ମଞ୍ଚ ଆହ୍ୱାନ ଅତିଥି ପରିଚୟ, ଗୋପାଳ କୃଷ୍ଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ସୁଶାନ୍ତ ବାରିକ, ହିମାଂଶୁ କମିଳା, ଚନ୍ଦନ ବାରିକ, ଶ୍ରୀକାନ୍ତ ଯାଦବ, ମଦନ ପାତ୍ର, ପ୍ରଭାତ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସରିଲା ପ୍ରସିଦ୍ଧ ପିଞ୍ଛାବଣିଆ ଦୋଳ ମେଳା

ରୂପସା, ୨୯।୩(ବାଞ୍ଛାନିଧି ଦେ)- ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତରେ ଅନୁଷ୍ଠିତ ଓଡ଼ିଶା ପ୍ରସିଦ୍ଧ ପିଞ୍ଛାବଣିଆ ଦୋଳ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୪ଦିନ ବ୍ୟାପୀ ଏହି ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଗ୍ରାମରେ ଥିବା ରାଧାବଲ୍ଲଭଙ୍କ ବିଗ୍ରହକୁ ଦୋଳ ବିମାନରେ ପରିକ୍ରମାପୂର୍ବକ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଉଠାଦୋକାନରେ ପ୍ରବଳ ଭିଡ଼ ଜମିଥିଲା। ମହିଳା ଓ ପୁରୁଷମାନେ ଖିଚିଂର ପ୍ରସ୍ତର ମୂର୍ତ୍ତି, ରେମୁଣାର କଂସାବାସନ, ପିପିଲିର ଚାନ୍ଦୁଆ, ଭୋଗରାଇ ଓ ଚନ୍ଦନେଶ୍ୱରର ମସିଣାଠାରୁ ଆରମ୍ଭ କରି ବେତ ଓ କାଇଞ୍ଚ ପାଛିଆ, ମାଛଧରା ଜାଲ, ବିଞ୍ଚଣା, ଚଲା ଚାଲୁଣି, ଚଣା ଉଖୁଡ଼ା, କାଠ ଜୁଆଳି, ଲଙ୍ଗଳ, ଲୁହା ସାମଗ୍ରୀ ସମେତ ସମସ୍ତ ଘରକରଣା ଜିନିଷ କିଣୁଥିବା ଦେଖିବାକୁ ମିଳିଥିଲା। ରୂପସା ନୀଳମଣି କଲେଜ ଏନଏସଏସ, ବୈଦିକ ଗୁରୁକୁଳ ଆଶ୍ରମ ଓ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଖାଦ୍ୟ ଓ ପାନୀୟ ଜଳ ବ୍ୟବସ୍ଥା, ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏସ୍‌ପି ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ରୂପସା ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଆକ୍ରମଣ

ଖଇରା, ୨୯।୩(ଉତ୍କଳବନ୍ଧୁ ପଣ୍ଡା)

ଖଇରା ଥାନା ଅଧୀନ ବଡନୂଆଗାଁ ସରପଞ୍ଚ ରିନାକ୍ଷିଲତା ରାଉତଙ୍କ ସ୍ୱାମୀ ହେମରଞ୍ଜନ ସାହୁ, ତାଙ୍କ ଡ୍ରାଇଭର ଏବଂ କେତେକ ଗ୍ରାମବାସୀଙ୍କୁ କିଛି ଦୁର୍ବୃତ୍ତ ଗୁରୁବାର ରାତିରେ ମରଣାନ୍ତକ ଆକ୍ରମଣ କରିଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଗୁରୁବାର ହେମରଞ୍ଜନ ତାଙ୍କ ଫର୍ମହାଉସରେ ଘର ନିର୍ମାଣ ପାଇଁ ସିମେଣ୍ଟ ଆଣିଥିବା ଗାଡି ଦବିଯିବାରୁ ସେ ତାଙ୍କ ସହଯୋଗୀ ଭାବେ ଗ୍ରାମର ଜଗନ୍ନାଥ ଦତ୍ତ, ନିରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ଷେଣ୍ଟ, କେଶବ ରାଉତ, ସାଇଶୁଭ୍ରମନ୍ୟୁ ବେଜଙ୍କୁ ନେଇ ଗାଡି ଉଠାଇବାକୁ ଯାଇଥିଲେ। ଏହି ସମୟରେ ପୂର୍ବରାଗରୁ ୫ଟି ବାଇକରେ ୧୨ ଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଖଣ୍ଡା ଭୁଜାଲିରେ ଆକ୍ରମଣ କରି ଖସି ପଳାଇଥିଲେ। ଆକ୍ରମଣରେ ହେମରଞ୍ଜନ ଓ ତାଙ୍କ ସାଥୀମାନେ ଗୁରୁତର ଆହତ ହୋଇ ଏବେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଖଇରା ଥାନା ଆଇଆଇସି ଗୟାଧର ବେହେରା ଘଟଣାର ତଦନ୍ତ ଚଳାଇଥିବା ପ୍ରକାଶ କରିଛନ୍ତି।

# ଛାତ୍ରୀଛାତ୍ର ଉଚ୍ଚ ସ୍ଥାନକୁ ଗଲେ ଅଧିକ ଖୁସି ହୁଅନ୍ତି ଶିକ୍ଷକ

**'ଆମେ-୭୪'ର ସୁବର୍ଣ୍ଣ ଜୟନ୍ତୀ**

ସିମୁଳିଆ, ୨୯।୩(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ, ବରିରେ ୧୯୭୪ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସମ୍ମିଳନୀ 'ଆମେ-୭୪'ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ବିଦ୍ୟାଳୟ ଛାଡିବାର ୫୦ତମ ପୂର୍ତ୍ତି ଉତ୍ସବ ଅବସରରେ ପୁରାତନ ଛାତ୍ର ଜଗବନ୍ଧୁ ମହାନ୍ତି ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ତଥା କଟକ ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକ ସମଗ୍ର ରାଜ୍ୟରେ ବରି ହାଇସ୍କୁଲର ପରିଚୟ ସ୍ୱତନ୍ତ୍ର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଲିକ ବକ୍ତବ୍ୟରେ ବରି ହାଇସ୍କୁଲର ପ୍ରତିଷ୍ଠାତା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବଙ୍କିମଚନ୍ଦ୍ର ମହାରଣା ତଥା ଅନ୍ୟ ସହଯୋଗୀମାନଙ୍କ ଦୂରଦୃଷ୍ଟି ଯୋଗୁ



ଅନୁଷ୍ଠିତ ଉତ୍ସବରେ ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଏହା ଆଜି ପ୍ରମୁଖ ଶିକ୍ଷା ଅନୁଷ୍ଠାନ ହୋଇପାରିଥିବା କହିଥିଲେ। ବରି ଏମ୍‌ଇ ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପାଣ୍ଡେ, ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାରଣା, ବରି ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ଶତ୍ରୁଘ୍ନ ଧନୀ, ସୁରେନ୍ଦ୍ର ପାତ୍ର, ଜଗନ୍ନାଥ ମହାନ୍ତି ଓ ବର୍ତ୍ତମାନ ପ୍ରଧାନ ଶିକ୍ଷକ ତଥା ପ୍ରାକ୍ତନ ଛାତ୍ର ଚିତ୍ତରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ ଜଗନ୍ନାଥ ମହାନ୍ତି ନିଜର ୩୫ବର୍ଷର ସ୍ମୃତିଚାରଣ କରି ଛାତ୍ରୀଛାତ୍ରମାନେ ଉଚ୍ଚ ସ୍ଥାନକୁ ଗଲେ ଶିକ୍ଷକମାନେ ଅଧିକ ଖୁସି ହୁଅନ୍ତି ବୋଲି କହିଥିଲେ। ପୁରାତନ ଛାତ୍ର ତଥା ପ୍ରଧାନ ଶିକ୍ଷକ ମୋ ସ୍କୁଲ ଯୋଜନାରେ ଛାତ୍ରୀଛାତ୍ରମାନଙ୍କ ଅନୁଦାନ ସମ୍ପର୍କରେ ସୂଚନା ଦେଇଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ନିଜର ସ୍ମୃତିଚାରଣ କରିଥିଲେ। ପୁରାତନ ଛାତ୍ରୀ କମଳିନୀ ପାଣିଗ୍ରାହୀ ସ୍ୱାଗତ ଭାଷଣ, ଛାତ୍ର ଡ. ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧା ରହିଗଲା ସ୍ୱପ୍ନ, ଏବେ ବଞ୍ଚିବାକୁ ସଂଘର୍ଷ

ବାଲିଆପାଳ, ୨୯।୩(ଅମୂଲ୍ୟ କୁମାର ଦାସ)

କଥାରେ ଅଛି ମନରେ ଦୃଢ ଇଚ୍ଛାଶକ୍ତି ଥିଲେ ପଙ୍ଗୁ ମଧ୍ୟ ପର୍ବତ ଲଙ୍ଘିପାରେ। ଯାହା ପ୍ରମାଣିତ କରି ଦେଖାଇଛନ୍ତି ସିଂଲା ଗ୍ରାମର ପ୍ରଭାକର ରାଉଳ। ମାଟ୍ରିକ ପାସ୍ କରି ଯୁକ୍ତ ୨ ପଢ଼ିବା ବେଳେ ହଠାତ୍ ଦୁଇଟି ଗୋଡ ସମ୍ପୂର୍ଣ୍ଣ ଅକାମୀ ହୋଇଗଲା। ଚଲାବୁଲା କରିବା ତ ଦୂରର କଥା ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଘୁଷୁରି ଘୁଷୁରି ଯିବାକୁ ପଡ଼ିଲା। ମାତ୍ର ଜୀବନ ଯୁଦ୍ଧରେ ସେ କେବେ ହାରି ଯାଇନାହାନ୍ତି। ବୁଢ଼ା ମା' ବାପାଙ୍କ ଉପରେ ବୋଝ ନ ହୋଇ ପରିବାର ପ୍ରତିପୋଷଣ ପାଇଁ ଏକ ପାନ ଦୋକାନ କରିଛନ୍ତି। ଯେତିକି ରୋଜଗାର ହେଉଛି କଷ୍ଟେମଷ୍ଟେ ନିଜ ପେଟ ପୋଷିବା ସହ ମା' ବାପାଙ୍କୁ ମଧ୍ୟ ସାହାଯ୍ୟ କରୁଛନ୍ତି। ଯାହା ଆଜିର ଯୁବପିଢ଼ିଙ୍କ ପାଇଁ ପାଲଟିଛନ୍ତି ପ୍ରେରଣା।

ବାଲେଶ୍ୱର ଜିଲା ସିଂଲା ଗ୍ରାମର ବାସିନ୍ଦା ପ୍ରଭାକର ରାଉଳ। ବାପା ପୂର୍ଣ୍ଣଚନ୍ଦ୍ରଙ୍କ ତିନି ପୁଅଙ୍କ ମଧ୍ୟରୁ ପ୍ରଭାକର ମଝିଆ। ପିଲାଟି ଦିନରୁ ସେ ମେଧାବୀ



ପ୍ରଭାକର ରାଉଳ।

ଥିଲେ। ପରିବାରର ଆର୍ଥିକ ସମ୍ବଳ ନ ଥିବା ସତ୍ତ୍ୱେ ଭୋକ ଉପାସରେ ରହି ମାଟ୍ରିକ ପାସ୍ କରିବା ପରେ ଜାମଶୁଳି ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଯୁକ୍ତ ୨ରେ ଆଡମିଶନ ହୋଇଥିଲେ। ମାତ୍ର କଲେଜ ଯିବାର କିଛି ଦିନ ପରେ ଦୁଇଟି ଗୋଡ଼ ଧୀରେ ଧୀରେ ସମ୍ପୂର୍ଣ୍ଣ ଅକାମୀ ହୋଇଗଲା। ପରିବାରର ଆର୍ଥିକ ସମ୍ବଳ ନ ଥିବାରୁ ଚିକିତ୍ସା ମଧ୍ୟ ହୋଇପାରିଲେନି ପ୍ରଭାକର। ବହୁ କଷ୍ଟରେ ଯୁକ୍ତ ୨ ପାସ୍ କରିବା ପରେ ପାଠ ପଢ଼ାରେ ଡୋରି ବନ୍ଧା ହେଲା। ପାଠ ପଢ଼ି ଚାକିରି କରିବା ସ୍ୱପ୍ନ ତାଙ୍କର ସ୍ୱପ୍ନରେ ରହିଗଲା। ସାରା ଜୀବନ ମା' ବାପାଙ୍କ ଉପରେ ବୋଝ ନ ହୋଇ କଣ କରିବେ ଭାବି ଭାବି ଶେଷରେ ଗାଁର ପିଲାଙ୍କୁ ଟ୍ୟୁଶନ କରି ଯାହା ଅଳ୍ପ କିଛି ଅର୍ଥ ସଞ୍ଚୟ ହେଲା ସେହି ଅର୍ଥରେ ଘର ପାଖରେ ଛୋଟିଆ ପାନ ଦୋକାନ କରିଛନ୍ତି। ଘରଠାରୁ ଦୋକାନ ପର୍ଯ୍ୟନ୍ତ ଯିବା ପାଇଁ କେତେବେଳେ ସାନ ଭାଇ କାନ୍ଧରେ ବୋହି ନେଇଯାନ୍ତି ତ କେତେବେଳେ ନିଜେ ଘୁଷୁରି କଷ୍ଟରେ ଯାଇଥାନ୍ତି। ଏତିକିରେ ପ୍ରଭାକରଙ୍କ ଦୁଃଖ ସରିଲାନି ଯେ ବୋଝ ଉପରେ ନଳିତା ବିଡ଼ା ପଡ଼ିଲା ଭଳି ବାପା ପୂର୍ଣ୍ଣଚନ୍ଦ୍ର ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଏବେ ଶଯ୍ୟାଶାୟୀ। ପ୍ରଭାକରଙ୍କ ସ୍ୱଳ୍ପ ରୋଜଗାରରେ ପରିବାର ଲୋକେ କଷ୍ଟେମଷ୍ଟେ ଚଳି ଯାଉଛନ୍ତି। ମାତ୍ର ରହିବା ପାଇଁ ଘର ଖଣ୍ଡିଏ ନ ଥିବାରୁ ଭଙ୍ଗା ଦଦରା ପଲିଥିନ୍ ଘୋଡ଼ା ହୋଇଥିବା ଘରେ ଦୟନୀୟ ଅବସ୍ଥାରେ ରହୁଛନ୍ତି। ପ୍ରଭାକରଙ୍କ ପାଇଁ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ, ରହିବା ପାଇଁ ଆବାସ ଯୋଜନାରେ ପକ୍କାଘର ଏବଂ ବ୍ୟାଟେରି ଚାଳିତ ସାଇକେଲ ପାଇଁ ବାରମ୍ବାର ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। କେବଳ ଭିନ୍ନକ୍ଷମ ଭତ୍ତା ବ୍ୟତୀତ କୌଣସି ସରକାରୀ ସହାୟତା ତାଙ୍କୁ ମିଳିନି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ରାଜୁ ପାଲ୍ ହତ୍ୟା ମାମଲାରେ ୭ ଦୋଷୀ

**ନୂଆଦିଲ୍ଲୀ,୨୯।୩(ପି.ଟି.):** ବିଏସ୍‌ପିର ପୂର୍ବତନ ବିଧାୟକ ରାଜୁ ପାଲ୍‌ଙ୍କୁ ୨୦୦୫ରେ ହତ୍ୟା ମାମଲାରେ ଲକ୍ଷ୍ନୌର ସ୍ୱତନ୍ତ୍ର ସିବିଆଇ କୋର୍ଟ ୭ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଛି। ଏହି ହତ୍ୟାକାଣ୍ଡରେ ଗ୍ୟାଙ୍ଗଷ୍ଟରରୁ ରାଜନେତା ଆତିକ୍ ଅହମଦ ଜଣେ ଅଭିଯୁକ୍ତ ଥିଲେ। ଆତିକଙ୍କ ସମେତ ତାଙ୍କ ଭାଇ ତଥା ମୁଖ୍ୟ ଅଭିଯୁକ୍ତ ଖଲି ଅଜିମ ଓରଫ ଅଶ୍ରଫ ଏବଂ ଗୁଲବୁଲ ଓରଫ ରଫିକଙ୍କର ମୃତ୍ୟୁ ପରେ ସେମାନଙ୍କ ବିରୋଧରେ ତଦନ୍ତ ଧିମେଇଯାଇଥିଲା। ରାଜନୈତିକ ଶତ୍ରୁତାରୁ ୨୦୦୫ ଜାନୁଆରୀ ୨୫ରେ ଉତ୍ତରପ୍ରଦେଶ ପ୍ରୟାଗରାଜର ବିଏସ୍‌ପି ବିଧାୟକ ରାଜୁ ପାଲଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ୨୦୦୪ରେ ପ୍ରୟାଗରାଜ ପଶ୍ଚିମ ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଆତିକ୍‌ଙ୍କ ଭାଇ ଅଶ୍ରଫ ରାଜୁଙ୍କଠାରୁ ହାରିଯିବା ପରେ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ୨୦୧୬ରେ ସିବିଆଇ ଉକ୍ତ ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା। କୋର୍ଟ ରାୟକୁ ରାଜୁଙ୍କ ସ୍ତ୍ରୀ ପୂଜା ପାଲ୍ ସ୍ୱାଗତ କରିଥିବାବେଳେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ମିଳିବା ଆବଶ୍ୟକ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଏପ୍ରିଲ ୧୫ରେ ପୋଲିସ ହେପାଜତରେ ଥିବା ଆତିକ୍ ଓ ତାଙ୍କ ଭାଇ ଅଶ୍ରଫଙ୍କୁ ଅପରାଧୀମାନେ କ୍ୟାମେରା ସାମ୍ନାରେ ଗୁଳିକରି ହତ୍ୟା କରିଥିଲେ।

### ଖାଇକୁ ଖସିଲା କାର୍: ୧୦ ମୃତ

**ଜମ୍ମୁ, ୨୯।୩(ପି.ଟି.):** ଜମ୍ମୁକଶ୍ମୀରର ରାମବନ୍ ଜିଲାରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଠାରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଶ୍ରୀନଗରରୁ ଜମ୍ମୁକୁ ଆସୁଥିବା ଏକ ଯାତ୍ରୀବାହୀ ଏସ୍‌ୟୁଭି କାର୍ ଗୁରୁବାର ବିଳମ୍ବିତ ରାତିରେ ରାମବନ ଜିଲାର ବ୍ୟାଟେରି ଚେଶମା ଅଞ୍ଚଳରେ ଭାରସାମ୍ୟ ହରାଇ ୩୦୦ ଫୁଟ୍ ଗଭୀର ଏକ ଖାଇରେ ଖସିପଡ଼ିଛି। ଏହି ଦୁର୍ଘଟଣାରେ କାର୍‌ର ଡ୍ରାଇଭର ଓ ୯ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜମ୍ମୁକଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ସମସ୍ତ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଟ୍ରେନ୍ ଆଗକୁ ଡେଇଁ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ବରେଲି, ୨୯।୩(ପି.ଟି.):** ଉତ୍ତରପ୍ରଦେଶ ବରେଲି ସ୍ଥିତ ରେବତୀ ରେଲ୍‌ୱେ ଷ୍ଟେଶନ ନିକଟରେ ସଦ୍‌ଭାବନା ଏକ୍ସପ୍ରେସ ଟ୍ରେନ୍ ଆଗକୁ ଡେଇଁ ଏକ ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି। ୨ ମୃତକଙ୍କ ନାମ ସୂରଯ (୨୨) ଓ ଛାୟା(୨୦) ହୋଇଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା ବରେଲି ଏସ୍‌ପି(ଗ୍ରାମୀଣ) ମୁକେଶ ଚନ୍ଦ୍ର ମିଶ୍ରା ସୂଚନା ଦେଇଛନ୍ତି। ସୂରଯଙ୍କ ବିବାହ ଠିକ୍ ହୋଇଯାଇଥିବାରୁ ଉଭୟ ବିଚ୍ଛେଦ ହେବା ଦୁଃଖରେ ଏପରି ଚରମ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସୂରଯ ଓ ଛାୟା ଦୂର ସମ୍ପର୍କୀୟ ହୋଇଥିବାବେଳେ ଛାୟାଙ୍କ ଘରକୁ ସୂରଯ ଲଗାତର ଯିବା ଆସିବା କରୁଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ମୁଖ୍‌ତାରଙ୍କ ମୃତ୍ୟୁକୁ ନେଇ ପ୍ରଶ୍ନ

ବାନ୍ଦା/ଲକ୍ଷ୍ନୌ,୨୯।୩

୧୯୬୩ ମାର୍ଚ୍ଚ ୨୮ରେ ଉତ୍ତର ପ୍ରଦେଶସ୍ଥିତ ଗାଜିପୁରର ଏକ ରାଜନୈତିକ ପରିବାରରେ ଜନ୍ମିତ ମୁଖ୍‌ତାର ଅନ୍‌ସାରୀଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନ ଉଠିବାରେ ଲାଗିଛି। ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ମୁଖ୍‌ତାରଙ୍କୁ ଜେଲରେ ବିଷ ଦେଇ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଓ ସମର୍ଥକମାନେ ଅଭିଯୋଗ ଆଣିଛନ୍ତି।

ମୁଖ୍‌ତାରଙ୍କ ଜେଜେବାପା ମୁଖ୍‌ତାର ଅହମଦ ଅନ୍‌ସାରୀ ଭାରତୀୟ ଜାତୀୟ କଂଗ୍ରେସର ଅଧ୍ୟକ୍ଷ ଥିବାବେଳେ ଅଜା ମହମ୍ମଦ ଉସ୍‌ମାନ ସେନାରେ ବ୍ରିଗେଡିୟର ଥିଲେ। ପୂର୍ବତନ ଉପରାଷ୍ଟ୍ରପତି ହମିଦ୍ ଅନ୍‌ସାରୀ ହେଉଛନ୍ତି ମୁଖ୍‌ତାରଙ୍କ ଦାଦା। ମୁଖ୍‌ତାର ମଉ ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ୫ ଥର ନିର୍ବାଚିତ ହୋଇଥିଲେ। ସେ ୧୯୯୬ରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ୨୦୦୨ ଓ ୨୦୦୭ରେ ସ୍ୱାଧୀନ, ୨୦୧୨ରେ କ୍ୱାମି ଏକତା ଦଳ (କ୍ୟୁଇଡି) ଏବଂ ୨୦୧୭ରେ ପୁଣି ବିଏସ୍‌ପି ଟିକେଟରେ ଜିତିଥିଲେ।

୧୯୮୦ ଦଶକରେ ମୁଖ୍‌ତାର ମାଖନୁ ସିଂ ଗ୍ୟାଙ୍ଗ୍‌ର ସଦସ୍ୟ ଥିବାବେଳେ ସାହିବ ସିଂଙ୍କ ଗ୍ୟାଙ୍ଗ୍ ସହ ଶତ୍ରୁତା ହୋଇଥିଲା। ଏହି ଗ୍ୟାଙ୍ଗ୍‌ଗୁଡ଼ିକ ଠିକାଦାର ଓ ମଦ ବ୍ୟବସାୟୀମାନଙ୍କୁ ସୁରକ୍ଷା ଦେବା ପାଇଁ ବଟି ଅସୁଲ କରୁଥିଲେ। ଏହାକୁ ଗୁଣ୍ଡା ଟ୍ୟାକ୍ସ କୁହାଯାଉଥିଲା। ଦାଦାବଟି ଅସୁଲି ର୍‍ୟାକେଟ ଚଳାଇବା ସହ ଏମାନେ ଅପହରଣ ଓ ହତ୍ୟା ଭଳି ଆପରାଧିକ କାର୍ଯ୍ୟକଳାପରେ ମଧ୍ୟ ସାମିଲ ହେଉଥିଲେ। ୨୦୦୫ରେ ଭାଜପା ବିଧାୟକ କ୍ରିଷ୍ଣାନନ୍ଦ ରାଏ ଓ ତାଙ୍କ ୬ ସହଯୋଗୀଙ୍କୁ ହତ୍ୟା କରାଯାଇଥିଲା। ୨୦୨୩ ଏପ୍ରିଲରେ ଏହି ମାମଲାରେ ମୁଖ୍‌ତାରଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ୨୦୨୪ ମାର୍ଚ୍ଚ ୧୩ରେ ଏକ ବେଆଇନ ବନ୍ଧୁକ ଲାଇସେନ୍ସ ମାମଲାରେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା।

ବାହୁବଳୀ ନେତା ମୁଖ୍‌ତାରଙ୍କ ବିରୋଧରେ ୬୦ରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ଥିଲା। ୨୦୧୭ରେ ୟୁପିରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ସେଗୁଡ଼ିକର ଦ୍ରୁତ ଶୁଣାଣି କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମୁଖ୍‌ତାରଙ୍କୁ ୨୦୨୧ ଏପ୍ରିଲରେ ପଞ୍ଜାବର ରୁପାର ଜେଲରୁ ୟୁପିକୁ ଅଣାଯାଇଥିଲା। ତେବେ ୨୦୧୮ରୁ ଅଦ୍ୟାବଧି ପୂର୍ବତନ ବିଧାୟକ ମୁଖ୍‌ତାରଙ୍କ ୪ ଘନିଷ୍ଠ ସହଯୋଗୀଙ୍କ ହାଜତ ମୃତ୍ୟୁ ଘଟିଥିବାରୁ ସେ ଆତଙ୍କିତ ଅବସ୍ଥାରେ ଥିଲେ। ସହଯୋଗୀଙ୍କ ଭଳି ତାଙ୍କୁ ମଧ୍ୟ ବିଷ ଦେଇ ହତ୍ୟା କରାଯାଇପାରେ ବୋଲି ମୁଖ୍‌ତାର ଆଶଙ୍କା କରୁଥିଲେ। ଏପରି କି ଜେଲରେ ବାପାଙ୍କୁ ହତ୍ୟା କରାଯାଇପାରେ ବୋଲି ମୁଖ୍‌ତାରଙ୍କ ପୁଅ ଉମର ଅନ୍‌ସାରୀ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ୬୩ ବର୍ଷୀୟ ମୁଖ୍‌ତାରଙ୍କୁ ଗୁରୁବାର ସନ୍ଧ୍ୟାରେ ସଂଜ୍ଞାହୀନ ଅବସ୍ଥାରେ ବାନ୍ଦା ଜିଲା ଜେଲରୁ ରାଣୀ ଦୁର୍ଗାବତୀ ମେଡିକାଲ କଲେଜକୁ ଅଣାଯାଇଥିବାବେଳେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଇଥିଲା। ତେବେ ମୁଖ୍‌ତାରଙ୍କୁ ଜେଲରେ ସ୍ଲୋ ପଏଜନ୍ ଦିଆଯାଉଥିଲା ବୋଲି ତାଙ୍କ ଭାଇ ତଥା ଗାଜିପୁର ଏମ୍‌ପି ଅଫ୍‌ଜଲ ଅନ୍‌ସାରୀ ଅଭିଯୋଗ ଆଣିଛନ୍ତି। ମୁଖ୍‌ତାର ମଧ୍ୟ ଜେଲରେ ତାଙ୍କୁ ଦିଆଯାଉଥିବା ଖାଦ୍ୟରେ ବିଷ ମିଶାଯାଉଥିବା ବିଷୟ ପୂର୍ବରୁ ଅଭିଯୋଗ ଆଣିଥିଲେ। ପ୍ରାୟ ୪୦ ଦିନ ପୂର୍ବରୁ ମଧ୍ୟ ତାଙ୍କୁ ବିଷ ଦିଆଯାଇଥିଲା। ନିକଟରେ ପୁଣି ବିଷ ଦିଆଯିବାରୁ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିଯାଇଥିବା ଅଫ୍‌ଜଲ କହିଛନ୍ତି।

### ଜେଲରେ ଅସୁସ୍ଥ, ହସ୍ପିଟାଲରେ ମୃତ




ମୁଖ୍‌ତାର ଅନ୍‌ସାରୀ। ହସ୍ପିଟାଲ ବାହାରେ ବାପାଙ୍କ ମୃତଦେହ ଅପେକ୍ଷାରେ ଉମର ଅନ୍‌ସାରୀ।

### ଗାଜିପୁର ନିଆଗଲା ମୃତଦେହ

ବାନ୍ଦାରେ ବ୍ୟବଚ୍ଛେଦ ପରେ ମୁଖ୍‌ତାରଙ୍କ ମୃତଦେହକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୪୦୦ କି.ମି. ଦୂର ତାଙ୍କ ବାସସ୍ଥାନ ଗାଜିପୁରକୁ ନିଆଯାଉଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟାରେ ମୃତଦେହକୁ ନିଆଯାଉଥିବା ଆମ୍ବୁଲାନ୍ସକୁ ୨୬ଟି ପୋଲିସ ଗାଡ଼ି ସୁରକ୍ଷା ଦେଇ ନେଉଛନ୍ତି। ଆମ୍ବୁଲାନ୍ସରେ ମୁଖ୍‌ତାରଙ୍କ ପୁଅ ଓ ଅନ୍ୟ ସମ୍ପର୍କୀୟମାନେ ଅଛନ୍ତି। ମୃତଦେହ ଅପେକ୍ଷାରେ ଥିବା ସ୍ଥାନୀୟ ଲୋକେ ଦୋକାନ ବଜାର ବନ୍ଦ କରିଛନ୍ତି। ଗାଜିପୁରସ୍ଥିତ ମହମ୍ମଦ କାଲିବାଗ କବରସ୍ଥଳରେ ତାଙ୍କୁ ସମାଧି ଦିଆଯିବ।

### ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ

ଗ୍ୟାଙ୍ଗଷ୍ଟର ମୁଖ୍‌ତାର ଅନ୍‌ସାରୀଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିବା ପରେ ଉତ୍ତର ପ୍ରଦେଶର ବାନ୍ଦାସ୍ଥିତ ଏକ କୋର୍ଟ ଶୁକ୍ରବାର ଏହି ମାମଲାର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବାନ୍ଦା ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ସିଜେଏମ୍) ଭଗବାନ ଦାସ ଗୁପ୍ତା ଅତିରିକ୍ତ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ)ଙ୍କୁ ମାମଲାର ତଦନ୍ତକାରୀ ଅଧିକାରୀ ନିଯୁକ୍ତ କରିଛନ୍ତି। ସିଜେଏମ୍ ମାସକ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ମାର୍ଚ୍ଚ ୨୧ରେ ବାରାବାଙ୍କିର ଗୋଟିଏ କୋର୍ଟରେ ଏକ ମାମଲାର ଶୁଣାଣି ବେଳେ ଭିଡିଓ ଲିଙ୍କ୍ ଜରିଆରେ ମୁଖ୍‌ତାରଙ୍କ ଓକିଲ ତାଙ୍କ ମହକିଲଙ୍କୁ ଜେଲରେ ସ୍ଲୋ ପଏଜନ ଦିଆଯାଉଥିବାରୁ ସ୍ୱାସ୍ଥ୍ୟରେ ଅବନତି ଘଟୁଥିବା ବିଷୟ ଜଣାଇଥିଲେ। ମୃତ୍ୟୁ ପୂର୍ବରୁ ମଙ୍ଗଳବାର ମୁଖ୍‌ତାର ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରାୟ ୧୪ ଘଣ୍ଟା ଧରି ଏକ ହସ୍ପିଟାଲରେ ରଖାଯାଇଥିଲା।

“ମୁଖ୍‌ତାର ଅନ୍‌ସାରୀଙ୍କ ମୃତ୍ୟୁ ଆମ ପାଇଁ ଭଗବାନଙ୍କ ଆଶୀର୍ବାଦ। ମୁଁ ଭଗବାନଙ୍କୁ ସବୁବେଳେ ନ୍ୟାୟ ମାଗୁଥିଲି। ଶେଷରେ ନ୍ୟାୟ ମିଳିଛି।

**-ଅଲକା ରାଏ, ମୃତ କ୍ରିଷ୍ଣାନନ୍ଦ ରାଏଙ୍କ ସ୍ତ୍ରୀ**

“ଜେଲରେ ମୁଖ୍‌ତାରଙ୍କ ସନ୍ଦେହଜନକ ମୃତ୍ୟୁ ପରେ ନ୍ୟାୟିକ ପ୍ରକ୍ରିୟା ଉପରୁ ଲୋକଙ୍କ ଆସ୍ଥା କମିଯିବ। ଏହି ମାମଲାର ତଦନ୍ତ ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା କରାଯାଉ।

**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ**

“ବିରୋଧୀ ଦଳଗୁଡ଼ିକ ମୁଖ୍‌ତାରଙ୍କ ମୃତ୍ୟୁକୁ ନେଇ ଲୋକଙ୍କ ଭାବାବେଗ ସହ ଖେଳୁଛନ୍ତି। ପ୍ରତ୍ୟେକ ପ୍ରସଙ୍ଗରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବା ସେମାନଙ୍କ ଅଭ୍ୟାସ।

**-ମୁଖ୍‌ତାର ଅବ୍ବାସ ନକ୍‌ଭି, ବରିଷ୍ଠ ଭାଜପା ନେତା**

### ୟୁକ୍ରେନ୍‌ରେ ରୁଷିଆର ୯୯ ଡ୍ରୋନ୍ ଆକ୍ରମଣ

କିଭ୍,୨୯।୩

ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି ଉପରେ ରୁଷିଆ ଶୁକ୍ରବାର ବଡ଼ ଧରଣର ଆକ୍ରମଣ କରିଛି। ଏହାର ୧୦ଟି ସ୍ଥାନରେ ଥିବା ପ୍ରକଳ୍ପ ଉପରେ ମସ୍କୋ ୯୯ ଡ୍ରୋନ୍ ଓ ମିଶାଇଲ ଆକ୍ରମଣ କରିଥିବା ୟୁକ୍ରେନ୍ ସେନା କହିଛି। ଆକ୍ରମଣରେ ରୁଷିଆ ୬୦ଟି ଶାହେଡ୍ ଡ୍ରୋନ୍ ଏବଂ ୩୯ ମିଶାଇଲ ବ୍ୟବହାର କରିଥିବାବେଳେ ସେଥିରୁ ୟୁକ୍ରେନ୍ ବାୟୁସେନା ୫୮ ଡ୍ରୋନ୍ ଓ ୨୬ କ୍ଷେପଣାସ୍ତ୍ରକୁ ଖସାଇ ଦେଇଥିବା ଦାବି କରିଛି। ୟୁକ୍ରେନ୍‌ର କେନ୍ଦ୍ରୀୟ ଏବଂ ପଶ୍ଚିମାଞ୍ଚଳରେ ଥିବା ତାପଜ ଏବଂ ଜଳବିଦ୍ୟୁତ୍ ପ୍ଲାଣ୍ଟ ସମେତ ଅନ୍ୟ ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଥିବା ଏହାର ଗ୍ରୀଡ୍ ଅପରେଟର ୟୁକ୍ରେନେଗ୍ରୋ କହିଛି। ଆକ୍ରମଣ ବେଳେ ୫ ଜଣ ଆହତ ହୋଇଛନ୍ତି।

### ବ୍ୟଭିଚାରିଣୀଙ୍କୁ ପଥର ଫିଙ୍ଗି ମାରିଦିଆଯିବ: ତାଲିବାନ୍

କାବୁଲ,୨୯।୩

ଆଫଗାନିସ୍ତାନୀ ଯୁବତୀମାନଙ୍କୁ ଶିକ୍ଷାରୁ ବଞ୍ଚିତ କରିବା ପରେ ତାଲିବାନ ଏବେ ବ୍ୟଭିଚାରରେ ସମ୍ପୃକ୍ତ ମହିଳାଙ୍କ ପାଇଁ କଠୋର ଦଣ୍ଡ ଘୋଷଣା କରିଛି। ବ୍ୟଭିଚାରିଣୀଙ୍କୁ ସର୍ବସମ୍ମୁଖରେ ଚାବୁକ ମାଡ଼ କରାଯିବା ସହ ପଥର ଫିଙ୍ଗି ମାରିଦିଆଯିବ ବୋଲି ତାଲିବାନ ସୁପ୍ରିମୋ ମୁଲ୍ଲା ହିବାତୁଲ୍ଲା ଅଖୁନ୍ଦଜାଦା ଏକ ଅଡିଓ ବାର୍ତ୍ତାରେ କହିଛନ୍ତି। ଶାରିଆ ଆଇନ ସହ ପାଶ୍ଚାତ୍ୟର ଦ୍ୱନ୍ଦ୍ୱ ମହିଳା ଅଧିକାରକୁ ସମର୍ଥନ କରୁଥିଲା। ତେବେ ପାଶ୍ଚାତ୍ୟ ଗଣତନ୍ତ୍ର ବିରୋଧରେ ଲଢ଼େଇ ଜାରି ରଖିବାକୁ ଅଖୁନ୍ଦଜାଦା ସଂକଳ୍ପ ନେଇଛନ୍ତି। ଆଫଗାନ ମହିଳାମାନେ ବନ୍ଦୀ ଜୀବନଯାପନ କରୁଥିବା କହିଛନ୍ତି। ତାଲିବାନ ଆଫଗାନିସ୍ତାନକୁ ପୁଣିଥରେ ଅନ୍ଧକାର ଯୁଗକୁ ନେଇଯିବ ବୋଲି ସେମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

### ସିପିଆଇକୁ ୧୧ କୋଟିର ଆୟକର ନୋଟିସ

ନୂଆଦିଲ୍ଲୀ,୨୯।୩(ପି.ଟି.)

କଂଗ୍ରେସ ପରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ)କୁ ଆୟକର ବିଭାଗ ୧୧ କୋଟି ଟଙ୍କା ପୈଠ କରିବା ପାଇଁ ନୋଟିସ୍ ପଠାଇଛି। ଗତ କିଛିବର୍ଷ ହେଲା ଏହି ଦଳ ଟ୍ୟାକ୍ସ ରିଟର୍ନ ଫାଇଲ୍ କଲାବେଳେ ପୁରୁଣା ପ୍ୟାନ୍ କାର୍ଡ ବ୍ୟବହାର କରିଥିଲା। ଆୟକର କର୍ତ୍ତୃପକ୍ଷଙ୍କ ନୋଟିସକୁ ଚ୍ୟାଲେଞ୍ଜ କରିବା ପାଇଁ ବାମଦଳ ଆଇନଜୀବୀମାନଙ୍କ ସହ ପରାମର୍ଶ ଚଳାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଦଳ ପୁରୁଣା ପ୍ୟାନ୍ କାର୍ଡ ବ୍ୟବହାର କରିଥିବାରୁ ଏଥିପାଇଁ ଆୟକର ବିଭାଗ ଏହା ଉପରେ ଜରିମାନା ସହ ବକେୟା ଦେୟ ଉପରେ ସୁଧ ପୈଠ କରିବାକୁ କହିଛି।



ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ପ୍ରାର୍ଥୀ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ଶୁକ୍ରବାର ହିମାଚଳ ପ୍ରଦେଶର ମଣ୍ଡିରେ ରୋଡ୍ ଶୋ' କରୁଛନ୍ତି।

## ଆର୍‌ଜେଡି ୨୬, କଂଗ୍ରେସ ୯

ପାଟନା,୨୯।୩(ପି.ଟି.)

### ବିହାର ମହାମେଣ୍ଟରେ ଆସନ ବୁଝାମଣା

ବିହାରର ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟ ଶୁକ୍ରବାର ଏହାର ଆସନ ଭାଗବଣ୍ଟା ସୂତ୍ର ଘୋଷଣା କରିଛି। ରାଜ୍ୟର ୪୦ ଲୋକ ସଭା ଆସନ ମଧ୍ୟରୁ ଲାଲୁ ଯାଦବଙ୍କ ଦଳ ୨୬ଟିରେ ପ୍ରାର୍ଥୀ ଦେବାକୁ ଥିବାବେଳେ ସହଯୋଗୀ କଂଗ୍ରେସକୁ ୯ ଆସନ ଛାଡ଼ିଛି। ଅନ୍ୟ ସହଯୋଗୀ ଦଳ ମଧ୍ୟରୁ ସିପିଆଇ(ଏମ୍‌ଏଲ୍) ଲିବରେଶନ ୩ ଆସନରେ ଲଢ଼ିବାକୁ ଥିବାବେଳେ ସିପିଆଇ ଏବଂ ସିପିଆଇ(ଏମ୍) ଗୋଟିଏ ଲେଖାଏ ଆସନରେ ପ୍ରାର୍ଥୀ ଦେବେ। ୨୦୧୯ ନିର୍ବାଚନ ତୁଳନାରେ ଆର୍‌ଜେଡି ଏଥର ଅଧିକ ୯ଟି ଆସନରେ ପ୍ରାର୍ଥୀ ଦେବ। ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ଶେଷ ହେବାର ଦିନକ ପରେ ମହାମେଣ୍ଟ ପକ୍ଷରୁ ବିଳମ୍ବରେ ଆସନ ବୁଝାମଣା ନିଷ୍ପତ୍ତି ଘୋଷଣା କରାଯାଇଛି। ଖବରଦାତା ସମ୍ମିଳନୀରେ ଆର୍‌ଜେଡି ରାଷ୍ଟ୍ରୀୟ ମୁଖପାତ୍ର ମନୋଜ କୁମାର ଝା, ପିସିସି ସଭାପତି ଅଖିଳେଶ ପ୍ରସାଦ ସିଂ ଏବଂ ବାମଦଳ ନେତାମାନେ ଉପସ୍ଥିତ ଥିଲେ।

## ମୋଦି-ବିଲ୍ ଗେଟ୍‌ସ୍‌ଙ୍କ 'ଏଆଇ' ଆଲୋଚନା

ନୂଆଦିଲ୍ଲୀ, ୨୯।୩



ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍‌ସ୍‌ଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍‌ସ୍ ଶୁକ୍ରବାର ପରସ୍ପରକୁ ଭେଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ବଢୁଥିବା ବ୍ୟବହାର, ଜଳବାୟୁ ପରିବର୍ତ୍ତନ, ମହିଳା ସଶକ୍ତୀକରଣ, କରୋନା ଟିକାକରଣ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସରକାରଙ୍କ ଉଦ୍ୟମରେ ଗାଁ ଗାଁରେ ଡିଜିଟାଲ ସେବା ପହଞ୍ଚିପାରିଥିବା ନେଇ ମୋଦି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗ୍ରାମାଞ୍ଚଳରେ ପ୍ରତି ପିଲାଙ୍କୁ ଡିଜିଟାଲ ଶିକ୍ଷା ପହଞ୍ଚାଇବାର ଲକ୍ଷ୍ୟ ନେଇ ଭାରତ ସରକାର କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଏଆଇର ବଢୁଥିବା ବ୍ୟବହାର ଓ ଏହାର ସଦୁପଯୋଗ ଉପରେ ମୋଦି ଗୁରୁତ୍ୱାରୋପ କରିଛନ୍ତି। ଡିପ୍‌ଫେକ୍ ଭଳି ଟେକ୍ନୋଲୋଜିର ଅପବ୍ୟବହାରକୁ ରୋକିବା ପାଇଁ ଲୋକଙ୍କୁ ଉପଯୁକ୍ତ ତାଲିମ ଦିଆଯିବା ଆବଶ୍ୟକ ବୋଲି ଉଭୟେ ମତ ରଖିଛନ୍ତି।

## ଶ୍ରବଣ, ଦୃଷ୍ଟିବାଧିତଙ୍କ ଉପଯୋଗୀ ଫିଲ୍ମ ନିର୍ମାଣ ହେଉ

ନୂଆଦିଲ୍ଲୀ,୨୯।୩

### ଜୁଲାଇ ୧୫ ସୁଦ୍ଧା ଗାଇଡ୍‌ଲାଇନ ଆଣିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ

ଶ୍ରବଣ ଏବଂ ଦୃଷ୍ଟି ବାଧିତ ଲୋକମାନଙ୍କ ପାଇଁ ଉପଯୋଗୀ ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ଜୁଲାଇ ୧୫ ସୁଦ୍ଧା ଗାଇଡ୍‌ଲାଇନ ଆଣିବାକୁ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୋଧଗମ୍ୟତାକୁ ଏକ ଆଇନଗତ ଅଧିକାର ଭାବେ ପ୍ରୟୋଗ କରାଯାଇଛି ଏବଂ ଏପରିକି ଘରୋଇ ପକ୍ଷମାନେ ମଧ୍ୟ ଏ ଦିଗରେ ଦାୟିତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରିବେ ବୋଲି ଜଷ୍ଟିସ୍ ପ୍ରତିଭା ଏମ୍ ସିଂ କହିଛନ୍ତି। ସିନେମା ଥିଏଟରରେ ଦୃଷ୍ଟି ଓ ଶ୍ରବଣ ବାଧିତଙ୍କ ପାଇଁ ଫିଚର ଫିଲ୍ମ ପ୍ରଦର୍ଶନ ନିମନ୍ତେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ବୋଧଗମ୍ୟତା ମାନର ଏକ ଚିଠା ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିବା ବେଳେ ଏହାକୁ ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଥିବା ଅଦାଲତ ଜାଣିବା ପରେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗାଇଡ୍‌ଲାଇନରେ ଆସେସିବିଲିଟି ଫିଚରକୁ ବାଧ୍ୟତାମୂଳକ କରାଯିବା ସହ ଏହାକୁ ଅନୁପାଳନ ନିମନ୍ତେ ଷ୍ଟେକ୍‌ହୋଲ୍ଡରମାନଙ୍କୁ ଉଚିତ ସମୟ ଯୋଗାଇ ଦେବାକୁ କୋର୍ଟ ତାଙ୍କ ରାୟରେ କହିଛନ୍ତି।

## ଆପ୍ ରାଲିରେ ଯୋଗଦେବେ ଖାର୍ଗେ, ପାଓ୍ୱାର, ଅଖିଳେଶ

ନୂଆଦିଲ୍ଲୀ, ୨୯।୩(ପି.ଟି.)

### କେଜ୍‌ରିଓ୍ୱାଲଙ୍କ ଗିରଫଦାରିକୁ ବିରୋଧ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ଗିରଫ ପ୍ରତିବାଦରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆସନ୍ତା ରବିବାର ରାମଲୀଳା ମଇଦାନରେ ମହାରାଲିର ଆୟୋଜନ କରୁଛି। ଏଥିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଶରଦ ପାଓ୍ୱାର, ଉଦ୍ଧବ ଠାକ୍‌ରେ, ଅଖିଳେଶ ଯାଦବ ଏବଂ ତେଜସ୍ୱୀ ଯାଦବଙ୍କ ସମେତ ଇଣ୍ଡିଆ ମେଣ୍ଟର ଅନ୍ୟ ନେତାମାନେ ଯୋଗଦେବେ। ବରିଷ୍ଠ ଆପ୍ ନେତା ଗୋପାଳ ରାୟ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ରାଲିରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବାକୁ ଥିବାବେଳେ ଏଥିପାଇଁ କର୍ତ୍ତୃପକ୍ଷ ଅନୁମତି ଦେଇଛନ୍ତି। ତେବେ ମହାରାଲିରେ କେଜ୍‌ରିଓ୍ୱାଲଙ୍କ ସ୍ତ୍ରୀ ସୁନୀତା ଭାଷଣ ଦେବେ କି ନାହିଁ, ତାହା ପରେ ନିଷ୍ପତ୍ତି ହେବ ବୋଲି ରାୟ କହିଛନ୍ତି। ମହାରାଲିରେ ଅନ୍ୟ ନେତାମାନଙ୍କ ମଧ୍ୟରେ ଡେରେକ ଓ' ବ୍ରାଏନ୍, ତ୍ରିଚି ଶିବ, ଫାରୁକ ଅବଦୁଲ୍ଲା ଏବଂ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଯୋଗଦେବେ। ଏହା ବ୍ୟତୀତ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସ୍ତ୍ରୀ କଳ୍ପନା ସୋରେନ ମଧ୍ୟ ରାଲିରେ ଉପସ୍ଥିତ ରହିବେ ବୋଲି ଆପ୍ ନେତା କହିଛନ୍ତି।

## ନିଯୁକ୍ତିରେ ମହିଳାଙ୍କୁ ୫୦% ସଂରକ୍ଷଣ ଦେବୁ: ରାହୁଲ

ନୂଆଦିଲ୍ଲୀ,୨୯।୩(ପି.ଟି.)

ଆଗାମୀ ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇ କ୍ଷମତାକୁ ଆସିଲେ ସରକାରୀ ନିଯୁକ୍ତିରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ପ୍ରତିଶ୍ରୁତି ଦେଇଛନ୍ତି। ମହିଳା ସଶକ୍ତ ହେଲେ ଭାରତର ଭାଗ୍ୟ ବଦଳାଇଦେବେ ବୋଲି ସେ କହିଛନ୍ତି। ଏବେ ମଧ୍ୟ କାହିଁକି ପ୍ରତି ୩ ମହିଳାରେ ଜଣେ ନିଯୁକ୍ତ ହେଉଛନ୍ତି ଏବଂ ପ୍ରତି ୧୦ ସରକାରୀ ପଦବୀ ମଧ୍ୟରେ ମହିଳା କର୍ମଚାରୀଙ୍କ ସଂଖ୍ୟା ମାତ୍ର ଜଣେ କାହିଁକି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ସେମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ନୁହେଁ କି? ଉଚ୍ଚ ମାଧ୍ୟମିକ ଏବଂ ଉଚ୍ଚତର ଶିକ୍ଷାରେ ସେମାନଙ୍କ ଉପସ୍ଥିତି ୫୦ ପ୍ରତିଶତରୁ କମ୍ କି? ତେବେ କ'ଣ ପାଇଁ ତାଙ୍କୁ ବ୍ୟବସ୍ଥାରେ ଅନୁରୂପ ଭାଗ ମିଳିବ ନାହିଁ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। ଅଧା ଜନସଂଖ୍ୟା ପୂରା ହକ୍ ପାଇବା କଂଗ୍ରେସ ଚାହେଁ। ଦେଶ ଚଳାଇବାରେ ସରକାରରେ ମହିଳାମାନଙ୍କ ସମାନ ଭାଗୀଦାରି ରହିବା ଦ୍ୱାରା ସେମାନଙ୍କ ସାମର୍ଥ୍ୟର ପୂର୍ଣ୍ଣ ଉପଯୋଗ ହୋଇପାରିବ। ତେଣୁ ସମସ୍ତ ନୂଆ ସରକାରୀ ନିଯୁକ୍ତିର ଅଧା ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ ରଖିବାକୁ କଂଗ୍ରେସ ନିଷ୍ପତ୍ତି ନେଇଥିବା ରାହୁଲ କହିଛନ୍ତି। ଏଥିସହିତ ପାର୍ଲାମେଣ୍ଟ ଏବଂ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ ହେବା କଂଗ୍ରେସ ଚାହେଁ ବୋଲି ରାହୁଲ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ କଂଗ୍ରେସର ନାରୀ ନ୍ୟାୟ ଗ୍ୟାରେଣ୍ଟିରେ ଦେଶର ପ୍ରତି ଗରିବ ପରିବାରର ଜଣେ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତିବର୍ଷ ସିଧାସଳଖ ୧ ଲକ୍ଷ ଟଙ୍କା ପଠାଯିବ। ସେହିପରି ଆଶା, ଅଙ୍ଗନଓ୍ୱାଡ଼ି, ମଧ୍ୟାହ୍ନ ଭୋଜନ ପାଚିକାଙ୍କ ମାସିକ ବେତନ ଦୁଇଗୁଣା କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନକୁ ମାଟି ଅଡ଼ା
ମାପୁ ମାପୁ ଫାଟିଗଲା।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ହାତରେ ଧରିଥିବା ସୁନା ମଧ ମାଟି ପାଲଟି ଯାଇଥାଏ। ଦୁର୍ଭାଗ୍ୟ ପଡ଼ିଲେ ବ୍ୟକ୍ତି ଚାରିଆଡ଼ୁ ନିରାଶ ହେବା ସହ ସବୁ କ୍ଷେତ୍ରରେ ଅସଫଳ ହେବାକୁ ବାଧ ହୋଇଥାଏ। କର୍ମ ସହିତ ଭାଗ୍ୟ ଓ ଭଗବାନ ଅନୁକୂଳ ନ ରହିଲେ ମଣିଷ ଆଗକୁ ବଢ଼ିପାରେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଧନୀ ଲୋକ ପାଦେ କଣ୍ଟକ ବାଜିଲେ
ସମସ୍ତେ ପୁଛନ୍ତି ବଥା
ଦରିଦ୍ର ପାହାଡୁ ଗଡି ପଡ଼ିଲେ
କେହି ନ କହନ୍ତି କଥା।**

ଧନୀ ଲୋକଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ସେମାନଙ୍କୁ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି। ଏପରିକି ଭଲରେ ମନ୍ଦରେ ସେମାନଙ୍କ ପଛେ ଛିଡା ହୋଇଥାନ୍ତି। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ପୁରାପୁରି ଓଲଟା ଚିତ୍ର ଦେଖିବାକୁ ମିଳିଥାଏ। ସେମାନଙ୍କୁ ଭଲମନ୍ଦ ପଚାରିବା ତ ଦୂରର କଥା ତାଙ୍କୁ ଆଡ଼ ଆଖିରେ ମଧ ଚାହିଁ ନ ଥାନ୍ତି। ମଳିମୁଣ୍ଡିଆ ବ୍ୟକ୍ତିଙ୍କ ଦୁରବସ୍ଥା ପ୍ରତି ଆଖିବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଓଡ଼ିଶା ପକ୍ଷରୁ ଜୋରଦାର ବିରୋଧ



ଓଡ଼ିଶାର ଜୋରଦାର ବିରୋଧ ପରେ ତଳ ଗଞ୍ଜେଇପଦର ଗ୍ରାମରେ ଗ୍ରାମବାସୀଙ୍କ ଘରେ ବିଦ୍ୟୁତ୍ ମିଟର ଲଗାଇ ନ ପାରି ଆନ୍ଧ୍ର କର୍ମଚାରୀମାନେ ଅଟୋରେ ଏହାକୁ ଧରି ଫେରି ଯାଉଛନ୍ତି।

## କୋଟିଆର ତଳ ଗଞ୍ଜେଇପଦରରେ ଆନ୍ଧ୍ର ବିଦ୍ୟୁତ୍ ମିଟର ବସାଇବା ଘଟଣା

- ବିଦ୍ୟୁତ୍ ମିଟର ବସାଇ ନ ପାରି ଫେରିଲେ କର୍ମଚାରୀ
- ସୀମାନ୍ତ ଗ୍ରାମଗୁଡିକ ଉପରେ ରହିବ କଡ଼ା ନଜର: ବିଡିଓ

ପଟ୍ଟାଙ୍ଗି୨୯।୩(ଶରତ ଧଳ)

ବିଧାନସଭା ଏବଂ ଲୋକ ସଭା ନିର୍ବାଚନକୁ ଆଉ କିଛି ମାସ ବାକି ଥିବା ବେଳେ ଏଥିରୁ ଫାଇଦା ଉଠାଇବାକୁ ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତର ତଳ ଗଞ୍ଜେଇପଦର ଗ୍ରାମରେ ଅନୁପ୍ରବେଶ କରି ଲୋକଙ୍କୁ ନିଜପ୍ରତି ଆକୃଷ୍ଟ କରି ଭୋଟ ହାତେଇବାକୁ ବେଶ୍ ଯୋଜନା କରିଛି। ଲୋକଙ୍କ ଘରେ ବିଦ୍ୟୁତ୍ ମିଟର ବସାଇ ବିଦ୍ୟୁତ୍ ଯୋଗାଣ ଲାଗି ଗ୍ରାମବାସୀଙ୍କୁ ଲୋଭ ଦେଖାଇଛି ଏହି ରାଜ୍ୟ। ଆନ୍ଧ୍ରର ଏହି ପ୍ରୟାସକୁ ଓଡ଼ିଶାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ସୂଚନା ମୁତାବକ ଓଡ଼ିଶାର ଉକ୍ତ ଗ୍ରାମକୁ ପଡୋଶୀ ଆନ୍ଧ୍ର ନିଜ ରାଜ୍ୟର ପଞ୍ଚାୟତ ବୋଲି ମାନ୍ୟତା ଦେଇ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଭିନ୍ନଭିନ୍ନ ସମୟରେ କରି ଚାଲିଛି।

ବର୍ତ୍ତମାନ ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ଆନ୍ଧ୍ର ପ୍ରଶାସନ ଏହାକୁ ନଜର ଅନ୍ଦାଜ କରି ଉଲ୍ଲଂଘନ କରିଚାଲିଛି। ଆନ୍ଧ୍ର ସାଲୁର ବିଦ୍ୟୁତ୍ ବିଭାଗର କେତେ ଜଣ କର୍ମଚାରୀ ତଳ ଗଞ୍ଜେଇ ପଦର ଗ୍ରାମରେ ପହଞ୍ଚି ବିଦ୍ୟୁତ୍ ମିଟର ଲଗାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଖବର ପାଇ ଓଡ଼ିଶାର ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକ ଏବଂ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ପୋଲିସ କର୍ମଚାରୀଙ୍କୁ ନେଇ ଉକ୍ତ ଗ୍ରାମରେ ପହଞ୍ଚି ଆନ୍ଧ୍ର ରାଜ୍ୟରୁ ଆସିଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ନିର୍ବାଚନ ସମୟରେ ଏପରି ଅନୁପ୍ରବେଶ କରି ଲୋକଙ୍କୁ ଲୋଭ ନ ଦେଖାଇବାକୁ ବାରଣ କରି ଫେରିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଘଟଣା ସ୍ଥଳରେ ଉପସ୍ଥିତ ଥିବା ତଳ ଗଞ୍ଜେଇପଦର ଗ୍ରାମର ଆନ୍ଧ୍ର ପକ୍ଷରୁ ଏକଦା ନିର୍ବାଚିତ ପୂର୍ବତନ ସରପଞ୍ଚ ବିଶ୍ବ ଗେମେଲ ଉକ୍ତ ମିଟର ଆନ୍ଧ୍ର ରାଜ୍ୟ ପକ୍ଷରୁ ଯେଉଁ ସବୁ ଘର ମାନଙ୍କୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ସେହି ଘରଗୁଡିକରେ ମିଟର ଲଗାଯାଉଛି। ଏହାର ପ୍ରତିବାଦ କରିବା କୌଣସି ଆବଶ୍ୟକତା ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ଉପସ୍ଥିତ ଗ୍ରାମବାସୀ ମଧ୍ୟ ଅନୁରୂପ ମତ ଦେଇଥିଲେ। ତେବେ ବର୍ତ୍ତମାନ ଏହିପରି କାର୍ଯ୍ୟ ହେଉ ବା ଅନ୍ୟ କୌଣସି ସରକାରୀ କାର୍ଯ୍ୟକ୍ରମ ସେମାନେ କରିପାରିବେ ନାହିଁ ବୋଲି ଓଡ଼ିଶାର ଉପରୋକ୍ତ ଦୁଇ ଅଧିକାରୀ ସେମାନଙ୍କୁ କହିଥିଲେ। ଫଳରେ ଏକ ଅଟୋରେ ଭର୍ତ୍ତି କରି ଆଣିଥିବା ବିଦ୍ୟୁତ୍ ମିଟରକୁ ନେଇ ଆନ୍ଧ୍ର କର୍ମଚାରୀ ଫେରି ଯାଇଥିଲେ। ସେଠାରୁ ଫେରିବା ବେଳେ ଓଡ଼ିଶାର କୋଟିଆ ପୋଲିସକୁ ଏଥିପ୍ରତି ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବିଡିଓ ପଟ୍ଟନାୟକଙ୍କୁ ପଚାରିବାରୁ ନିର୍ବାଚନ ସମୟରେ ଆନ୍ଧ୍ରର ଏପରି ଅନୁପ୍ରବେଶ କରି କାର୍ଯ୍ୟ କରିବା ଉଚିତ ନ ଥିଲା। ଏବେ କୋଟିଆ ପଞ୍ଚାୟତର ସମସ୍ତ ସୀମାନ୍ତ ଗ୍ରାମଗୁଡିକ ଉପରେ କଡା ନଜର ରହିବ ବୋଲି ସେ କହିଥିଲେ।

# ଗୁଳି ଫୁଟାଇ ଦମ୍ପତିଙ୍କଠାରୁ ସୁନା ଲୁଟ୍

ରାମଚନ୍ଦ୍ରପୁର,(ଗଣେଶ୍ୱର ସା)/ ଆନନ୍ଦପୁର (ଉମେଶ ଚନ୍ଦ୍ର ପାଢ଼ୀ), ୨୯।୩

କେନ୍ଦୁଝର ଜିଲା ୨୦ ନଂ. ଜାତୀୟ ରାଜପଥର ଘସିପୁରା ଥାନା ଅଧୀନ ବୀରଗୋବିନ୍ଦପୁରଠାରେ ଶୁକ୍ରବାର ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଗୁଳି ଫୁଟାଇ ଦମ୍ପତିଙ୍କଠାରୁ ସୁନାଗହଣା ଲୁଟି ନେଇଛନ୍ତି। ଅପରାହ୍ନ ୩ଟା ବେଳେ ଏହି ଘଟଣା ଘଟିଛି। ଲୁଟ୍‌ର ଶିକାର ହୋଇଥିବା ଦମ୍ପତି ହେଲେ ଘଟଗାଁ ଥାନା ଅଧୀନ ଢେଙ୍କିକୋଟ ଅଞ୍ଚଳର ନିଗମ ପ୍ରସାଦ ସାହୁ ଓ ତାଙ୍କ ସ୍ତ୍ରୀ ରେଶ୍ମାରାଣୀ ସାହୁ। ଏନେଇ ସେମାନେ ଘସିପୁରା ଥାନାରେ ଅଭିଯୋଗ କରିଛନ୍ତି।

ସେମାନେ ଏକ ସ୍କୁଟିରେ ଆନନ୍ଦପୁର ବ୍ଲକ ଟୋଲଙ୍ଗପଡ଼ା ଗ୍ରାମକୁ ଯାଉଥିଲେ। ୩ଜଣ ଦୁର୍ବୃତ୍ତ ଗୋଟିଏ କଳା ରଙ୍ଗର ପଲ୍‌ସର ବାଇକ୍‌ରେ ଆସି ପ୍ରଥମେ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲେ। ଧକ୍କା କାହିଁକି ଦେଲ ବୋଲି ଦମ୍ପତି ପଚାରିବା ସମୟରେ ସେମାନେ ବନ୍ଧୁକ ବାହାର କରି ୩ ରାଉଣ୍ଡ ଗୁଳି ଫୁଟାଇ ଭୟଭୀତ କରାଇଥିଲେ। ଏହାପରେ ରେଶ୍ମାରାଣୀ ପିନ୍ଧିଥିବା ସୁନାଗହଣା ସେମାନେ ଲୁଟି ନେଇ ପଳାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଦୁର୍ବୃତ୍ତମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଘସିପୁରା ଥାନା ଅଧିକାରୀ ସୁନୀଲ କୁମାର କର କହିଛନ୍ତି।

# କୋମ୍ବିଂ ବେଳେ ମାଓବାଦୀ ଗିରଫ

ମାଲକାନଗିରି, ୨୯।୩ (ଦୁର୍ଯ୍ୟୋଧନ ପାତ୍ର)



ଗିରଫ ମାଓବାଦୀ ହଡ଼ମା କାୱାସୀ।

ଛତିଶଗଡ଼ର ଦାନ୍ତେୱାଡା ଜିଲାର କଟେକଲ୍ୟାଣ ଥାନା ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିବା ବେଳେ ପୋଲିସ ହାତରେ ଜଣେ ହାର୍ଡକୋର ମାଓବାଦୀ ଧରାପଡିଛନ୍ତି। ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ହଡ଼ମା କାୱାସୀ। ଶୁକ୍ରବାର ସୁରକ୍ଷାକର୍ମୀ ନଦେନାର ଗ୍ରାମ ଜଙ୍ଗଲରେ କୋମ୍ବିଂ ଅପରେଶନ ଏବଂ ପାଟ୍ରୋଲିଂ କରୁଥିବା ବେଳେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ବୁଲୁଥିବା ନେଇ ସୂଚନା ପାଇଥିଲେ। ଏହା ପରେ ପୋଲିସ ତାଙ୍କୁ ଘେରାବନ୍ଦୀ କରି ଗିରଫ କରିଥିଲା। ପଚରାଉଚରା ପରେ କାୱାସୀ ଜଣେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ । ସେ ୨୦୧୯ରୁ ମାଓବାଦୀ ସଙ୍ଗଠନ ପାଇଁ କାର୍ଯ୍ୟ କରି ଆସୁଥିଲେ।

# ଚିନ୍ତା ବଢ଼ାଉଛନ୍ତି ଦଳ ଡିଆଁ

## ବଢୁଛି ଅନ୍ତଃକନ୍ଦଳ

ଭୁବନେଶ୍ୱର,୨୯।୩(ଅନିଲ ଦାସ)

ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣ ସେତେ ସରଗରମ ହେବାରେ ଲାଗିଛି। ଟିକେଟ ଆଶାରେ ଥିବା ନେତାମାନେ ନିଜ ଦଳରୁ ଭରସା ନ ପାଇ ଅନ୍ୟ ଦଳକୁ ଡିଆଁ ମାରୁଛନ୍ତି। ଗତ କିଛିଦିନ ହେବ ବଢ଼ିଚାଲିଛି ନେତାଙ୍କ ଦଳଡିଆଁ ପର୍ବ। ତେବେ ଟିକେଟକୁ ନେଇ ବଢୁଥିବା ଅନ୍ତଃକନ୍ଦଳ ଭିତରେ ଉଭୟ ବିଜେଡି ଓ ଭାଜପା ଦଳୀୟ ନେତାଙ୍କ ଅପେକ୍ଷା ଦଳଡିଆଁ ନେତାଙ୍କୁ ବେଶି ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଦଳରେ ଅସନ୍ତୋଷ ଓ ବିଦ୍ରୋହ ବଢ଼ିବାରେ ଲାଗିଛି।

ଗୁରୁବାର ବିଜେଡିର ଦୁଇ ବରିଷ୍ଠ ନେତା କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ପୂର୍ବତନ ଏମ୍‌ପି ତଥା ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ବେଳେ ଶୁକ୍ରବାର ଭାଜପା ବିଧାୟକ ସୁକାନ୍ତ ନାୟକ ଓ ପୂର୍ବତନ ବିଧାୟକ ପ୍ରକାଶ ବେହେରା ଭାଜପା ଛାଡ଼ିଛନ୍ତି। ଦଳରେ ମିଶୁ ମିଶୁ ଆମଦାନୀ ନେତାଙ୍କୁ ଟିକେଟ ମିଳିଯାଉଛି। ଅଂଶୁମାନ ମହାନ୍ତି ପୂର୍ବରୁ କଂଗ୍ରେସର ବିଧାୟକ ଥିଲେ। କେନ୍ଦ୍ରାପଡ଼ା କଂଗ୍ରେସ ଜିଲା ସଭାପତି ବି ଥିଲେ। ହେଲେ ବିଜେଡିରେ ସାମିଲ ହେବା ପରେ ତାଙ୍କୁ କେନ୍ଦ୍ରାପଡ଼ାରୁ ଲୋକ ସଭା ଟିକେଟ ମିଳିଯାଇଛି। କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟ ବିଜେଡିରେ ଯୋଗଦେବାର ଘଣ୍ଟାକ ଭିତରେ ଭୁବନେଶ୍ୱର ଲୋକ ସଭା ଆସନରୁ ଲଢ଼ିବା ପାଇଁ ଟିକେଟ ପାଇଗଲେ। ପୂର୍ବରୁ ଏଠି ଶ୍ରୀମୟୀ ମିଶ୍ର ଟିକେଟ ପାଇବେ ବୋଲି ପ୍ରଚାର ଆରମ୍ଭ କରିଦେଇଥିଲେ। ମାତ୍ର ଏବେ ଶ୍ରୀମୟୀ ନିରାଶ। ଦଳ ତାଙ୍କୁ କେମିତି ଥଇଥାନ କରିବ ତା’ ଉପରେ ଏବେ ନଜର।

ଅନ୍ୟପକ୍ଷରେ ଜଗତ୍‌ସିଂହପୁରରେ ସ୍ଥିତି ଜଟିଳ। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଟିକେଟ ପାଇଁ ଚାହିଁ ରହିଥିବା ବେଳେ କଂଗ୍ରେସ ନେତା ବାପି ସର୍ଖେଲଙ୍କ ପତ୍ନୀ ମୋନିଦୀପା ନିକଟରେ ବିଜେଡିରେ ମିଶିଛନ୍ତି। କଂଗ୍ରେସର ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ ମଧ ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି। ଚର୍ଚ୍ଚା ହେଉଛି ଯେ ବିଜେଡି ଟିକେଟରେ ସେ ବଲାଙ୍ଗୀରରୁ ଏମ୍‌ପି ପ୍ରାର୍ଥୀ ହୋଇପାରନ୍ତି।

ଭାଜପାରୁ ଇସ୍ତଫା ଦେଇଥିବା ପ୍ରକାଶ ବେହେରା ଓ ନୀଳଗିରି ବିଧାୟକ ସୁକାନ୍ତ ନାୟକ ବିଜେଡିରେ ଖୁବ୍‌ଶୀଘ୍ର ସାମିଲ ହେଉଥିବା ଚର୍ଚ୍ଚା ହେଉଛି। ସୁକାନ୍ତଙ୍କୁ ବିଜେଡି ନୀଳଗିରିରୁ ଏବଂ ପ୍ରକାଶଙ୍କୁ ସାଲେପୁରରୁ ପ୍ରାର୍ଥୀ କରିପାରେ ବୋଲି ଶୁଣିବାକୁ ମିଳୁଛି। ଏପରି କି ପ୍ରଥମ ପର୍ଯ୍ୟାୟ ଟିକେଟ ଘୋଷଣା ପରେ ବି ଦଳ ଭିତରେ ଅନେକ ଆଶାୟୀଙ୍କ ଭିଡ଼ ଓ ଅନ୍ତଃକନ୍ଦଳ ଯୋଗୁ ଅନେକ ଆସନରେ ବିଜେଡିର ଟିକେଟ ଅଙ୍କ ଛିଣ୍ଡୁନି। ଭୁବନେଶ୍ୱର ଲୋକ ସଭା ପାଇଁ ପ୍ରାର୍ଥୀ ଘୋଷଣା ହୋଇଥିଲେ ମଧ ୩ ବିଧାନସଭା ମଣ୍ଡଳୀରେ ବିବାଦ ଯୋଗୁ ଟିକେଟ ଘୋଷଣା ଝୁଲି ରହିଥିବା କୁହାଯାଉଛି। ତେବେ ଦଳ ଡିଆଁ ନେତାଙ୍କୁ ଟିକେଟ ଦେଇ ବିଜେଡି ଦଳୀୟ ନେତାଙ୍କୁ କିପରି ମନାଯାଇ ପାରୁଛି ତାହା ଦେଖିବାକୁ ଅପେକ୍ଷା।

ଅନ୍ୟପକ୍ଷରେ ଯଦିଓ ଭାଜପାର ବିଧାନସଭା ପ୍ରାର୍ଥୀ ଘୋଷଣା ହୋଇ ନାହିଁ ତେବେ କଟକ ଏମ୍‌ପି ଭର୍ତ୍ତୃହରି, ପୂର୍ବତନ ଏମ୍‌ପି ସିଦ୍ଧାନ୍ତ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜୟଦେବ ବିଧାୟକ ଅରବିନ୍ଦ ଢାଲି, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ବରୀର ପୂର୍ବତନ ବିଧାୟକ ଦେବାଶିଷ ନାୟକ, ଗଁଦିଆର ପୂର୍ବତନ ବିଧାୟକ ନବୀନ ନନ୍ଦ, ସାରସକଣାର ପୂର୍ବତନ ବିଧାୟକ ଭାଦବ ହାଁସଦା, ମାଲକାନଗିରିର ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଏବଂ ଭଦ୍ରକ ପୂର୍ବତନ ବିଧାୟକ ନରେନ ପଲେଇ ପ୍ରମୁଖ ଦଳରେ ଯୋଗ ଦେଇ ଟିକେଟ ଆଶାରେ ରହିଛନ୍ତି। ସେମାନଙ୍କୁ ଭାଜପା କିପରି ସନ୍ତୁଷ୍ଟ କରିବ ଓ ଦଳୀୟ ଅସନ୍ତୋଷକୁ ଚାପିବ ତା ଉପରେ ଏବେ ରହିଛି ନଜର।

# ଶ୍ୱଶୁରଙ୍କୁ ହତ୍ୟା କଲେ ଜ୍ୱାଇଁ

କୋରାପୁଟ/ନାରାୟଣପାଟଣା, ୨୯।୩ (ଅମିତାଭ ବେହେରା/ ରାଜକିଶୋର ଜେନା)

ଶ୍ୱଶୁରଙ୍କୁ ଛୁରି ଭୁସି ଜ୍ୱାଇଁ ହତ୍ୟା କରିବା ପରି ଘଟଣା କୋରାପୁଟ ଜିଲା ନାରାୟଣପାଟଣା ଥାନା ଅଞ୍ଚଳର ବାସନାପୁଟ ଗ୍ରାମରେ ଘଟିଛି। ମୃତକ ହେଲେ ରାମଚନ୍ଦ୍ର ହୁଲୁକା। ଅଭିଯୁକ୍ତ ଜ୍ୱାଇଁ ସାତୁ ପ୍ରାସ୍କାଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି।

ଖବରରୁ ଜଣାପଡିଛି, ଗୁରୁବାର ରାତିରେ ରାମଚନ୍ଦ୍ର ସ୍ତ୍ରୀ ଏରା ଓ ସାନଝିଅ ମମତା କୁଡ଼ିଆରେ ଥିଲେ। ଏହି ସମୟରେ ମମତାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଜ୍ୱାଇଁ ପାଖରେ ନ ଥିବାରୁ ବାପା ଝିଅକୁ ତୁରନ୍ତ ନାରାୟଣପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ଜ୍ୱାଇଁ ସାତୁ କୁଡ଼ିଆରେ ପହଞ୍ଚି ରାଗରେ ଝଗଡା କରି ପାଟିତୁଣ୍ଡ କରିଥିଲେ। ମୋ ସ୍ତ୍ରୀକୁ ତମେ କ’ଣ ପାଇଁ ମେଡିକାଲ ନେଇଥିଲ ପଚାରି ପାଟିତୁଣ୍ଡ କରିଥିଲେ। ପାଟିତୁଣ୍ଡ ଉଗ୍ରରୂପ ନେଇଥିଲା। ଏହି ସମୟରେ ସାତୁ ହାତରେ ଧରିଥିବା ଧାରୁଆ ଛୁରିରେ ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜୀବନ ବଞ୍ଚେଇବାକୁ ରାମଚନ୍ଦ୍ର ଏଣେତେଣେ ଦୌଡିଥିଲେ। ଘରଠାରୁ ପ୍ରାୟ ୫୦ ମିଟର ଦୂରରେ ପଡିଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସାତୁଙ୍କ ଆକ୍ରମଣ ସମୟରେ ସ୍ତ୍ରୀ ଓ ଝିଅ ତାଙ୍କୁ ରୋକିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସ୍ତ୍ରୀ ଏରାଙ୍କ କହିବାନୁସାରେ ଝିଅ ୮ ମାସର ଗର୍ଭବତୀ ହୋଇଥିଲେ। ଜ୍ୱାଇଁ ଝିଅର କୌଣସି ସୁବିଧା ଅସୁବିଧା ବୁଝୁ ନ ଥିବାରୁ ସେ ଝିଅକୁ ଆଣି ନିଜ ପାଖରେ ରଖିଥିଲେ। ଝିଅର ଗର୍ଭଯନ୍ତ୍ରଣା ହେବାରୁ ତାକୁ ଡାକ୍ତରଖାନା ନେଇ ଚିକିତ୍ସା କରି ମା’ଘରେ ଭର୍ତ୍ତି କରି ଥିଲେ। ସାତୁ କୁଡିଆକୁ ଆସି ଗଣ୍ଡଗୋଳ କରି ସେମାନଙ୍କ ସହ ଝଗଡା କରିଥିଲେ। ପରେ ଛୁରିରେ ଆକ୍ରମଣ କରି ମୋ ସ୍ୱାମୀଙ୍କୁ ହତ୍ୟା କରିଥିଲେ ବୋଲି ଏରା କହିଛନ୍ତି। ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ସାତୁଙ୍କ ସମ୍ପର୍କରେ ଶୁକ୍ରବାର ସକାଳେ ଏରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଫେରାର ଥିବା ସାତୁଙ୍କୁ ଗ୍ରାମବାସୀ କାବୁ କରି ଥାନାକୁ ଆଣି ହସ୍ତାନ୍ତର କରିଛନ୍ତି। ପୋଲିସ ତାଙ୍କୁ ଗିରଫ କରିଛି। ଏନେଇ ୪୧/୨୪ ଦଫା ୩୦୨ ରେ ମାମଲା ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ମଧ ଘଟଣା ସ୍ଥଳରେ ତଦନ୍ତ କରି ଫେରିଛନ୍ତି। ଏହାର ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ପ୍ରଫୁଲ କୁମାର ପାତ୍ର କହିଛନ୍ତି।

# ନାତି ଟାଙ୍ଗିଆ ଚୋଟରେ ଆଈଙ୍କ ଜୀବନ ଗଲା

ରେଢ଼ାଖୋଲ,୨୯।୩ (ଅଚ୍ୟୁତାନନ୍ଦ ପୁରୋହିତ)

ନାତି ଟାଙ୍ଗିଆ ଚୋଟରେ ଆଈଙ୍କ ଜୀବନ ଯାଇଛି। ସମ୍ବଲପୁର ଜିଲା ରେଢାଖୋଲ ଥାନା କଦଳୀଗଡ ପଞ୍ଚାୟତର ତନ୍ତଗାଡ଼ ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ରାତିରେ କୌଣସି କାରଣକୁ ନେଇ ଆଈ ଓ ନାତିଙ୍କ ମଧରେ କଳହ ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନାତି ଉତ୍ତମ ସାହୁ (୨୧) ଟାଙ୍ଗିଆରେ ଆଈ ପ୍ରମିଳା ସାହୁ (୬୫)ଙ୍କୁ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ପ୍ରମିଳାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଶୁକ୍ରବାର ରେଢ଼ାଖୋଲ ଥାନା ଅଧିକାରୀ ସବିତାଲତା ସେଠୀ ଗ୍ରାମରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ଡାକ୍ତରଖାନା ପଠାଇଥିଲେ। ଏଥିସହ ଅଭିଯୁକ୍ତ ଉତ୍ତମଙ୍କୁ ଗିରଫ କରିଥିଲେ। ଏ ନେଇ ରେଢାଖୋଲ ଥାନାରେ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଆଇପିସି ଦଫା ୩୦୨ରେ ମାମଲା (ନଂ.୯୪/୨୪) ରୁଜୁ କରି ଉତ୍ତମଙ୍କୁ କୋର୍ଟ ଚାଲାଣ କରଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଜୁଆ ଆଡ୍ଡାରେ ଚଢ଼ାଉ, ୨ ଅଭିଯୁକ୍ତ ଗିରଫ

କଟକ ସଦର, ୨୯।୩ (ସୁଶାନ୍ତ କୁମାର ଜେନା)

କଟକ ଜିଲା ୪୨ ମୌଜା ଥାନା ଅଞ୍ଚଳର ଏକ ଇଟାଭାଟିରେ ଚାଲିଥିବା ଜୁଆ ଆଡ୍ଡାରେ ଗୁରୁବାର ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଝାରକଟା ଗ୍ରାମର ଆଶିଷ ନାୟକ ଓ ବାଦାମବାଡି ଥାନା ଅଧୀନ ଶଙ୍କରପୁର ଅଞ୍ଚଳର ପ୍ରମୋଦ ପ୍ରଧାନ। ସେମାନଙ୍କ ନିକଟରୁ ପୋଲିସ ୧୨ ହଜାର ଟଙ୍କା ଓ ଦୁଇଟି ବାଇକ୍ ଜବତ କରିଛି।

# ଶିଶୁକନ୍ୟାକୁ ବଳାତ୍କାର, ଅଭିଯୁକ୍ତ ଗିରଫ

ମୋହନା,୨୯।୩(ମନ୍ମଥ ମିଶ୍ର)



ଗିରଫ ଅଭିଯୁକ୍ତ

ଗଜପତି ଜିଲା ମୋହନା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୩ ବର୍ଷୀୟା ଏକ ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମୋହନା ଥାନା ଅଞ୍ଚଳର ବଳରାମ ନାୟକ(୫୫)। ଗୁରୁବାର ସନ୍ଧ୍ୟାରେ ଶିଶୁକନ୍ୟାକୁ ଏକୁଟିଆ ଦେଖି ବଳରାମ ତାଙ୍କୁ ଦୋକାନରୁ କୁର୍‌କୁରେ କିଣି ଦେବେ କହି ସାଙ୍ଗରେ ନେଇଯାଇଥିଲେ। ପ୍ରଲୋଭନ ଦେଖାଇ ତାଙ୍କୁ ଗାଁ ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଏପଟେ ପରିବାର ଲୋକେ ଝିଅକୁ ବହୁ ଖୋଜାଖୋଜି କରି ଜଙ୍ଗଲରୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଶିଶୁ କନ୍ୟାର ମା’ ଏ ନେଇ ମୋହନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୪/୨୪ରେ ମାମଲା ରୁଜୁକରି ବଳରାମଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ଚାଲିଥିବା ମୋହନା ଥାନାଧିକାରୀ ବସନ୍ତ ସେଠୀ କହିଛନ୍ତି।

# ହୀରାକୁଦରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା | ଜନସ୍ୱାସ୍ଥ୍ୟ ବିଭାଗର ୩ ଜଣ ନିଲମ୍ବିତ

ସମ୍ବଲପୁର,୨୯।୩ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ହୀରାକୁଦରେ ଝାଡ଼ାବାନ୍ତି ବ୍ୟାପିବା ଘଟଣାରେ ଶୁକ୍ରବାର ଜନସ୍ୱାସ୍ଥ୍ୟ ବିଭାଗର ୩ଜଣଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ଜନସ୍ୱାସ୍ଥ୍ୟ ବିଭାଗର ପିଅନ ବେଣୁଧର ବିଶ୍ୱାଳ, ପାନୀୟ ଜଳ ଯୋଗାଣ ଦାୟିତ୍ୱ ହାତକୁ ନେଇଥିବା ୱାଟର କର୍ପୋରେଶନ ଅଫ ଓଡ଼ିଶା (ୱାଟ୍‌କୋ)ର ଦୁଇ ଅସ୍ଥାୟୀ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ହରେକୃଷ୍ଣ ପ୍ରଧାନ। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୱାଟ୍‌କୋର ମୁଖ୍ୟ ପ୍ରବନ୍ଧକ ବ୍ରହ୍ମେଶ୍ୱର ଦାଶ ଏହି ନିଲମ୍ବନ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଗତ ୧୯ ତାରିଖରେ ହୀରାକୁଦରେ ହଠାତ୍ ଝାଡ଼ାବାନ୍ତି ବ୍ୟାପୀ ପ୍ରାୟ ୧୭୦ ଜଣ ଆକ୍ରାନ୍ତ ହୋଇଥିଲେ। ଏହି ଘଟଣା ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ର କହିଛନ୍ତି, ଝାଡ଼ାବାନ୍ତି ସ୍ଥିତି କ୍ରମଶଃ ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ଶୁକ୍ରବାର କେହି ନୂତନ ଭାବେ ଆକ୍ରାନ୍ତ ହୋଇ ନ ଥିବା ଜଣାପଡ଼ିଛି। ଗୁରୁବାର ହୀରାକୁଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ୩ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ବୋଲି ମିଶ୍ର କହିଛନ୍ତି।

# କ୍ରିତି ବଖାଣିଲେ ମନକଥା



**ମୁମ୍ବାଇ:** ଅଭିନେତ୍ରୀ କ୍ରିତି ସାନନ ଅଭିନୟ ସହ ଖୋଲାଖୋଲି ମନ୍ତବ୍ୟ ଦେବାରେ ବେଶ୍ ଜଣାଶୁଣା। ନିକଟରେ ସେ ତାଙ୍କ ଫିଲ୍ମ ‘କ୍ରୁ’ ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନେତ୍ରୀ କରୀନା କପୁର ଏବଂ ତବୁ ରହିଛନ୍ତି। ନିକଟରେ ଏକ ସାକ୍ଷାତ୍‌କାର ସମୟରେ କ୍ରିତି ନିଜ କ୍ୟାରିୟର ଆରମ୍ଭ କଥା ମନେପକାଇ କହିଛନ୍ତି, ତାଙ୍କର ପ୍ରଥମ ଫିଲ୍ମ ହିରୋପନ୍ତି ପରେ ଲୋକମାନେ ତାଙ୍କୁ ଟାଇଗର ଶ୍ରଫଙ୍କ ଫିଲ୍ମରେ ନଜର ଆସିଥିବା ଝିଅ ବୋଲି କହୁଥିଲେ। କେବଳ ଏତିକି ନୁହେଁ, ଲୋକେ ତାଙ୍କୁ ଟାଇଗର ଦିଦି ନାମରେ ଡାକୁଥିଲେ ବୋଲି କ୍ରିତି କହିଛନ୍ତି। ଟାଇଗର ଷ୍ଟାରକିଡ୍ ହୋଇଥିବାରୁ ହିରୋପନ୍ତି ଫିଲ୍ମ ପୂର୍ବରୁ ସେ ଲୋକଙ୍କ ମଧ୍ୟରେ ପରିଚିତ ଥିଲେ। କିନ୍ତୁ ସେତେବେଳେ ତାଙ୍କୁ କେହି ଜାଣି ନ ଥିଲେ ବୋଲି କ୍ରିତି ଏହି ସାକ୍ଷାତକାରରେ କହିଛନ୍ତି। ଇଞ୍ଜିନିୟରିଂ ପଢ଼ା ସାରି ସେ ବଲିଉଡ୍‌ରେ ଯୋଗ ଦେଇଥିବାବେଳେ ଏଠାରେ ପରିଚୟ ସୃଷ୍ଟି କରିବାକୁ ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିବା କ୍ରିତି କହିଛନ୍ତି। ଷ୍ଟାର କିଡ୍ ହୋଇ ନ ଥିବା ଅଭିନେତ୍ରୀ ଓ ଅଭିନେତା ମାନଙ୍କୁ ଲୋକଙ୍କ ଭିତରେ ନିଜର ପରିଚୟ ସୃଷ୍ଟି କରିବାକୁ ସମୟ ଲାଗେ ବୋଲି ସେ ଏହି ସାକ୍ଷାତ୍‌କାରରେ କହିଛନ୍ତି।

କ୍ରିତିଙ୍କୁ ‘କ୍ରୁ’ ପରେ ‘ଦୋ ପତି’ରେ ଦେଖିବାକୁ ମିଳିବ। ଏଥିରେ କ୍ରିତି ଅଭିନୟ ସହ ପ୍ରଯୋଜନା ମଧ କରୁଛନ୍ତି। ‘କ୍ରୁ’ର ନିର୍ଦ୍ଦେଶନା ରିୟା କପୁର ଦେଇଥିବାବେଳେ ଏହି ଫିଲ୍ମଟି ଏକତା କପୁରଙ୍କ ଦ୍ୱାରା ନିର୍ମିତ ହୋଇଛି।

# ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଠେଲାପେଲା: ୨ ଆହତ

ପୁରୀ,୨୯।୩(ଅଜିତ୍ ମହାନ୍ତି)





ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କୁ ହଇରାଣ ହେବାକୁ ପଡୁଛି। ବିଶେଷକରି ଛୁଟିଦିନ ଓ ପର୍ବପର୍ବାଣି ସମୟରେ ସମସ୍ୟା ଦ୍ୱିଗୁଣିତ ହେଉଛି। ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ଅନୁମତି ରହିଥିବାବେଳେ ଅନ୍ୟ ତିନିଦ୍ୱାରରେ ପ୍ରବେଶ ଉପରେ କଟକଣା ରହିଛି। ଫଳରେ ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ମିତ ବ୍ୟାରିକେଡ୍‌ରେ ଘଣ୍ଟା ଘଣ୍ଟା ଧରି ଠିଆହୋଇ ରହୁଛନ୍ତି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ଭକ୍ତଙ୍କ ଧାଡ଼ି ଶନି ମନ୍ଦିର ଛକ ପର୍ଯ୍ୟନ୍ତ ଲମ୍ବିଯାଉଛି। ତେଣୁ ଅନେକ ଭକ୍ତ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରିବାକୁ ଗହଳି ଲଗାଉଛନ୍ତି। ପ୍ରବଳ ଭିଡ଼ ଯୋଗୁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ଭକ୍ତ ଆହତ ହେଉଛନ୍ତି। ଶୁକ୍ରବାର ଏପରି ଚିତ୍ର ସାମ୍ନାକୁ ଆସିଛି। ପଶ୍ଚିମ ଦ୍ୱାର ସମ୍ମୁଖରେ ପ୍ରବଳ ଭିଡ଼ ଯୋଗୁ ଠେଲାପେଲାରେ ୨ଜଣ ମହିଳା ଭକ୍ତ ପଡ଼ିଯାଇ ଆହତ ହୋଇଛନ୍ତି। ଶ୍ରୀମନ୍ଦିର ପଶ୍ଚିମଦ୍ୱାର ପଟେ କେବଳ ପୁରୀବାସୀଙ୍କୁ ଯିବା ପାଇଁ ଅନୁମତି ରହିଛି। ତେବେ ଅନେକ ସମୟରେ ସେବାୟତ ଓ ଯାତ୍ରୀ ଗୁମାସ୍ତାମାନେ ସେମାନଙ୍କ ଯାତ୍ରୀମାନଙ୍କୁ ପଶ୍ଚିମଦ୍ୱାର ପଟେ ନେଇ ମହାପ୍ରଭୁଙ୍କ ଦର୍ଶନ କରାଉଛନ୍ତି। ସେହିପରି ହାତଗୁଞ୍ଜା ନେଇ ଭକ୍ତଙ୍କୁ ପଶ୍ଚିମଦ୍ୱାର ପଟେ ଛାଡ଼ିଦିଆଯାଉଛି। ଶୁକ୍ରବାର ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପଶ୍ଚିମଦ୍ୱାର ପଟେ ପ୍ରବଳ ଗହଳି ହୋଇଥିଲା। ପୁରୀବାସୀଙ୍କ ସହ ଅନେକ ବଙ୍ଗୀୟ ଭକ୍ତଙ୍କୁ ସେବାୟତମାନେ ପଶ୍ଚିମଦ୍ୱାର ପଟେ ଶ୍ରୀମନ୍ଦିରକୁ ନେଇଥିଲେ। ତେଣୁ ଅନ୍ୟ ଭକ୍ତମାନେ ସେଠାରେ ଭିଡ଼ ଜମାଇବା ସହ ପ୍ରବେଶ କରିବା ପାଇଁ ଚେଷ୍ଟା କରିଥିଲେ। ଫଳରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ୨ଜଣ ମହିଳା ଭକ୍ତ ପଡ଼ି ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଚିକିତ୍ସାଳୟକୁ ନିଆଯାଇଥିଲା। ପ୍ରଶାସନର ଏପରି ବ୍ୟବସ୍ଥାକୁ ଭକ୍ତମାନେ ନାପସନ୍ଦ କରିଛନ୍ତି। ଶ୍ରୀମନ୍ଦିରକୁ ଯିବା ପାଇଁ ୪ ଦ୍ୱାର ରହିଛି। ପ୍ରଶାସନ ଯଦି ୪ଦ୍ୱାର ଖୋଲି ଦିଅନ୍ତା ତେବେ ଏପରି ସମସ୍ୟା ହୁଅନ୍ତା ନାହିଁ ବୋଲି ଅନେକ ଭକ୍ତ କହିଛନ୍ତି। କରୋନା ସମୟରୁ ସିଂହଦ୍ୱାରରେ ଭକ୍ତଙ୍କୁ ପ୍ରବେଶ ଅନୁମତି ମିଳିଛି। କେବଳ ପୁରୀବାସୀଙ୍କ ପାଇଁ ପଶ୍ଚିମଦ୍ୱାର ଖୋଲା। ଭକ୍ତଙ୍କ ସମାଗମ ହେଲେ ଭିଡ଼ ହେଉଛି। ସହଜ ଦର୍ଶନ ପାଇଁ ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହ ଏସି ଶେଡ୍ ନିର୍ମାଣ କରିଛନ୍ତି। ହେଲେ ୪ ଦ୍ୱାର ଖୋଲାଯାଉ ନ ଥିବାରୁ ଦର୍ଶନ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରୁନାହିଁ। ତେଣୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏସ୍‌ପି ପିନାକ ମିଶ୍ର କହିଛନ୍ତି, ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସୁଛନ୍ତି। ବିଶେଷକରି ଛୁଟିଦିନ ଓ ମହାପ୍ରଭୁଙ୍କ ନୀତି ସମୟରେ ସିଂହଦ୍ୱାର ପଟେ ଦର୍ଶନ ବନ୍ଦ ରହିବାବେଳେ ପଶ୍ଚିମଦ୍ୱାର ଠାରେ ଭକ୍ତଙ୍କ ଗହଳି ହେଉଛି। ଶୁକ୍ରବାର ଦେଖାଦେଇଥିବା ଗହଳି ନିୟନ୍ତ୍ରଣ କରାଯାଇଛି। ଆଗକୁ ଏନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୪ ଟ୍ରିଲିୟନ ଉପରେ ଜିଇଏମ୍ କାରବାର

ନୂଆଦିଲ୍ଲୀ,୨୯।୩ (ଅଭୟ ଦାଶ)

କ୍ରମାଗତ ଭାବେ ଗର୍ଭମେଣ୍ଟ ଇ-ମାର୍କେଟ ପ୍ଲେସ୍(ଜିଇଏମ୍)ର କାରବାର ବୃଦ୍ଧି ସହ ଜିଇଏମ୍ ପୋର୍ଟାଲରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଏପରିକି ଚଳିତ ଆର୍ଥିକ (୨୦୨୩-୨୪ ଆର୍ଥିକ ବର୍ଷ) ଶେଷ ସୁଦ୍ଧା ପୋର୍ଟାଲ ପ୍ରାୟ ୪ ଟ୍ରିଲିୟନ ମୂଲ୍ୟର କାରବାରରେ ସାମିଲ ହୋଇଛି। ବିଶେଷକରି ସରକାରୀ ସଂସ୍ଥା, ପବ୍ଲିକ୍ ସେକ୍ଟର ୟୁନିଟ୍ ଏବଂ ବିଭିନ୍ନ ମନ୍ତ୍ରଣାଳୟକୁ ବିକ୍ରି ହୋଇଥିବା ସାମଗ୍ରୀ ଏବଂ ସେବାଗୁଡିକର କ୍ରମାଗତ ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଯାହା ୨୦୨୨-୨୩ ଆର୍ଥିକ ବର୍ଷର ମୋଟ ବ୍ୟବସାୟ ମୂଲ୍ୟ(ଜିଏମ୍‌ଭି)ଠାରୁ ପ୍ରାୟ ୨ଗୁଣ ଅଧିକ ବୋଲି କୁହାଯାଉଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ପୋର୍ଟାଲର କାରବାର ୨.୦୧ ଟ୍ରିଲିୟନ ହୋଇଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରାୟ ୪ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି। ସେହିଭଳି ବିଭିନ୍ନ ସରକାରୀ ବିଭାଗ ଏବଂ ଉଦ୍ୟୋଗଗୁଡିକ ଦ୍ୱାରା ସାମଗ୍ରୀ ଏବଂ ସେବା କ୍ରୟ ବୃଦ୍ଧି ହେତୁ ଏହି ତ୍ୱରାନ୍ୱିତ ଅଭିବୃଦ୍ଧିକୁ ଦାୟୀ କରାଯାଇପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିପରି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଅଂଶୀଦାର ହୋଇଥିବା ତଥ୍ୟ ଅନୁଯାୟୀ ମାଇକ୍ରୋ ଏବଂ କ୍ଷୁଦ୍ର ଉଦ୍ୟୋଗ (ଏମ୍ଏସ୍ଇ) ବିକ୍ରେତାମାନେ ଏହି ଅଭିବୃଦ୍ଧିରେ ବିଶେଷ ଅବଦାନ ଦେଇଛନ୍ତି, ଯାହା ମୋଟ ଅର୍ଡର ମୂଲ୍ୟର ୪୯.୩୭% (୧.୯୭ଟ୍ରିଲିୟନ ଟଙ୍କା) ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଅର୍ଡର ପରିମାଣ ଦୃଷ୍ଟିରୁ ଜିଇଏମ୍ ପୋର୍ଟାଲରେ ମୋଟ ୬.୨୨୬ ମିଲିୟନ ଅର୍ଡର ଚଳିତ ଆର୍ଥିକ ବର୍ଷ ମଧ୍ୟରେ ପ୍ରକ୍ରିୟାକରଣ କରିଛି। ଏହା ଗତ ଆର୍ଥିକ ବର୍ଷରେ ୫.୦୩୬ ମିଲିୟନରୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ୨୩.୬% ଅଭିବୃଦ୍ଧି ହାସଲ କରିଛି। ଉଲ୍ଲେଖଯୋଗ୍ୟ, ୨୦୧୬ ଅଗଷ୍ଟରେ ଏହି ପୋର୍ଟାଲର ଆରମ୍ଭ ହେବା ଦିନଠାରୁ ୧ଟ୍ରିଲିୟନ ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟକରି ପ୍ରତିରକ୍ଷା ମନ୍ତ୍ରଣାଳୟ (ଏମ୍ଓଡି) ଜିଇଏମ୍‌ର ଅନ୍ୟତମ କ୍ରେତା ଭାବେ ଉଭାହୋଇଛି।

# ଟିପିସିଓଡିଏଲ୍ ପାଳିଲା ଆର୍ଥ ଆୱାର

ଭୁବନେଶ୍ୱର,୨୯।୩

ପ୍ରତିବର୍ଷ ଭଳି ଚଳିତ ମଧ୍ୟ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ପକ୍ଷରୁ ନିକଟରେ ଆର୍ଥ ଆୱାର ପାଳିତ ହୋଇଯାଇଛି। ବିଶେଷକରି ପରିବେଶ ଅବକ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଜରୁରୀ ପଦକ୍ଷେପର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆର୍ଥ ଆୱାରରେ କମ୍ପାନୀ ଗର୍ବର ସହ ଅଂଶଗ୍ରହଣ କରିଛି। ଉଲ୍ଲେଖଯୋଗ୍ୟ,୨୦୨୪ ମାର୍ଚ୍ଚ ୨୩ରେ ଟିପିସିଓଡିଏଲ୍ ପୃଥିବୀ ପ୍ରତି ପ୍ରତିବଦ୍ଧତାର ପ୍ରତୀକ ଭାବେ ରାତି ସାଢ଼େ ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ୬୦ମିନିଟ୍ ପାଇଁ ଲାଇଟ୍ ବନ୍ଦ କରିବାକୁ ଗ୍ରାହକମାନଙ୍କୁ ଉତ୍ସାହିତ କରିବା ସହ ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ସହିତ ମିଶି ଆର୍ଥ ଆୱାର ପାଳନ କରିଥିଲା। ସେହିଭଳି ୨୦୨୪ ଆର୍ଥ ଆୱାରର ଶୀର୍ଷକ 'ସୁଇଚ୍ ଅଫ୍ ଆଣ୍ଡ ଗିଭ ଆନ୍ ଆୱାର ଫର୍ ଆର୍ଥ' ଜରିଆରେ ପରିବେଶ ନିରନ୍ତରତାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରକୃତି ସହ ପୁନଃ ସଂଯୋଗ କରୁଥିବା କାର୍ଯ୍ୟକଳାପ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଥିଲା। ଟିପିସିଓଡିଏଲ୍ ଏବଂ ଏହାର ଅଂଶୀଦାରଙ୍କଠାରୁ ଆର୍ଥ ଆୱାର ପାଳନ ପାଇଁ ମିଳିଥିବା ପ୍ରତିକ୍ରିୟା ଉଲ୍ଲେଖନୀୟ । କମ୍ପାନୀର କଲ୍ ସେଣ୍ଟର ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଅନ୍ୟ କର୍ମଚାରୀମାନେ ସେମାନଙ୍କ ପରିବାର ଉତ୍ସାହର ସହ ଏହି ପଦକ୍ଷେପକୁ ସମର୍ଥନ କରିଥିଲେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଏହା ପୃଥିବୀ ମାତାକୁ ଧନ୍ୟବାଦ ଦେବା ଏବଂ ତାହାର ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଆମର ପ୍ରତିଶ୍ରୁତିକୁ ନବୀକରଣ କରିବାର ସମୟ। ଚଳିତ ବର୍ଷର ଆର୍ଥ ଆୱାର ବିଷୟବସ୍ତୁ 'ସୁଇଚ୍ ଅଫ୍ ଆଣ୍ଡ ଗିଭ ଆନ୍ ଆୱାର ଫର୍ ଆର୍ଥ' ଆମକୁ ପ୍ରକୃତି ସହ ପୁନର୍ବାର ଯୋଡ଼ିଥିବା କାର୍ଯ୍ୟକଳାପରେ ନିୟୋଜିତ ହେବାକୁ ପ୍ରେରଣା ଦେଇଛି। ଆର୍ଥ ଆୱାର ପାଳନ କେବଳ ଏକ ସାଧାରଣ ପଦକ୍ଷେପ ନୁହେଁ, ଏହା ଏକ ବିଶ୍ୱବ୍ୟାପୀ ଆନ୍ଦୋଳନ ଯାହା ଆମ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଆମର ମିଶନରେ ଲକ୍ଷ ଲକ୍ଷ ଲୋକଙ୍କୁ ଏକାଠି କରିଛି। ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ନଷ୍ଟ ଏବଂ ପ୍ରତିକୂଳ ପାଣିପାଗ ଘଟଣାର ବଢୁଥିବା ଆହ୍ୱାନକୁ ଦୃଷ୍ଟିରେ ରଖି ଆର୍ଥ ଆୱାର ବ୍ୟକ୍ତି ବିଶେଷ ଏବଂ ସଂଗଠନଗୁଡିକୁ ଦୀର୍ଘସ୍ଥାୟୀ କାର୍ଯ୍ୟ ମାଧ୍ୟମରେ ବାସ୍ତବ ପରିବର୍ତ୍ତନ ଆଣିବାକୁ ଏକ ସୁଯୋଗ ପ୍ରଦାନ କରୁଛି।

# ଟିଭିଏସ୍ ରୋନିନ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୨୯।୩

ଟିଭିଏସ୍ ମୋଟର କମ୍ପାନୀର ନୂତନ ଅଭିଯାନ 'ଟେଷ୍ଟ-ରାଇଡ୍ କ୍ରିକେଟ ବା ଟିଆର୍‌ସି'ର ଶୁଭାରମ୍ଭ ନିକଟରେ ଘୋଷଣା ହୋଇଥିଲା। ଦେଶରେ କ୍ରିକେଟ ବିଶ୍ୱକପ୍ ଉତ୍ସାହକୁ ପାଳନ କରିବା ପାଇଁ ଟିଭିଏସ୍ ରୋନିନ୍-୨୦୨୩ କ୍ରିକେଟ ବିଶ୍ୱକପ୍ ସମୟରେ ଶୁବମନ ଗିଲ୍‌ଙ୍କ ଅଭିନୀତ 'ମୁଭ୍ ଲାଇକ ଏ ରୋନିନ୍' ନାମକ ଏକ ଅଭିଯାନ ମଧ୍ୟ ଆରମ୍ଭ କରିଥିଲା। ଏହି ଅଭିଯାନର ପରୀକ୍ଷାମୂଳକ ପର୍ଯ୍ୟାୟରେ ନାମ 'ଟେଷ୍ଟ-ରାଇଡ୍ କ୍ରିକେଟ' ରହିଥିଲା, ଯାହା ମୋଟରସାଇକେଲ ପ୍ରେମୀଙ୍କୁ ଟିଭିଏସ୍ ରୋନିନ୍ ପରୀକ୍ଷା କରିବାର ସୁଯୋଗ ପ୍ରଦାନ କରିଥିଲା। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ୫ଟି ସହରରେ କମ୍ପାନୀର ଟିଭିଏସ୍ ରୋନିନ୍ ଟେଷ୍ଟ-ରାଇଡ୍ କ୍ରିକେଟ୍ ଅଭିଯାନର ବିଜେତାଙ୍କୁ ନିକଟରେ ସମ୍ବର୍ଦ୍ଧିତ କରାଯାଇଛି।



ସେହିଭଳି ମୋଟରସାଇକେଲପ୍ରେମୀଙ୍କ ପାଇଁ ଏହି ଅଭିଯାନ ପ୍ରଥମ ଥର ପାଇଁ କ୍ରିକେଟ ପଡ଼ିଆ ଅଭିଜ୍ଞତା ଥିଲାବେଳେ ମୋଟର ସାଇକେଲରେ ଟେଷ୍ଟ ରାଇଡ୍ ଏବଂ କୁଇଜ୍ ଆଧାରରେ ଭାରତର ଡିଲରଶିପଗୁଡ଼ିକରେ ରନ୍ ସଂଗ୍ରହ କରିଥିଲେ। ଏହି ଅଭିଯାନକୁ ଜବରଦସ୍ତ ପ୍ରତିକ୍ରିୟା ଏବଂ ଅଂଶଗ୍ରହଣ ମିଳିଥିଲା। ଯେଉଁଥିରେ ଭାରତର ଟିଭିଏସ୍ ମୋଟର ଡିଲରପଏଣ୍ଟଗୁଡ଼ିକରେ ଶତାଧିକ ଟିଭିଏସ୍ ରୋନିନ୍ ପ୍ରେମୀଙ୍କଠାରୁ ରେକର୍ଡ ସଂଖ୍ୟକ ଆବେଦନ ଆସିଥିଲା। ଏପରିକି ଶ୍ରେଷ୍ଠ ସ୍କୋରରମାନଙ୍କୁ ସମ୍ମାନିତ କରିବା ପାଇଁ ଟିଭିଏସ୍ ରୋନିନ୍ ପକ୍ଷରୁ ସାରା ଦେଶରେ ୫ଜଣ ବିଜେତାଙ୍କୁ ବିଶ୍ୱକପ୍ ପ୍ରତିଯୋଗିତା ପୁରସ୍କାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ମୁଖ୍ୟ ବ୍ୟବସାୟ (ପ୍ରିମିୟମ) ବିମଲ ସୁମ୍ବଲି କହିଛନ୍ତି, ଟେଷ୍ଟ-ରାଇଡ୍ କ୍ରିକେଟ୍ ଅଭିଯାନ ଟିଭିଏସ୍ ରୋନିନ୍ ପାଇଁ ସବୁଠାରୁ ଭଲ ସମୟରେ ଆସିପାରିଛି।

# ୩୧ରେ ୱାକ୍ ଫର୍ ଏ ଲାଇଫ-୨୦୨୪

ଭୁବନେଶ୍ୱର,୨୯।୩

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲ୍‌କୋ ମେଡିକାଲ ସେଣ୍ଟର (ବିଏମ୍‌ସି) ପକ୍ଷରୁ ଏକ ଦିନିକିଆ ୱାକାଥନ୍ 'ୱାକ୍ ଫର୍ ଏ ଲାଇଫ-୨୦୨୪'ର ଆୟୋଜନ ମାର୍ଚ୍ଚ ୩୧ରେ ଛତିଶଗଡ଼ର ରାୟପୁରଠାରେ ଆୟୋଜିତ ହେବାକୁ ଯାଉଛି। ବିଶେଷକରି କର୍କଟ ସଚେତନତା ପାଇଁ ବିଏମ୍‌ସି ଦ୍ୱାରା ଏହି ୱାକାଥନ୍‌ର ଆୟୋଜନ ହେଉଛି। ଏପରିକି ସହରର ପ୍ରମୁଖ ବିଦ୍ୟାଳୟ, କଲେଜ ଏବଂ ସାମାଜିକ ଅନୁଷ୍ଠାନଗୁଡିକ ଏହି ସଚେତନତା ପଦଯାତ୍ରାରେ ସାମିଲହେବା କାର୍ଯ୍ୟକ୍ରମ ରହିଛି। ସେହିଭଳି କର୍କଟ ରୋଗୀଙ୍କ ମନୋବଳ ବଢ଼ାଇବା ପାଇଁ ବିଏମ୍‌ସି ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଥାଏ। ଏପରିକି ପ୍ରତିଯୋଗୀମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନନେବା ସହ ଜୁମ୍ବା, ଯୋଗ ଏବଂ ବ୍ୟାୟାମ ଭଳି ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଛି। ଉକ୍ତ କାର୍ଯ୍ୟକ୍ରମର ଏକ ଅଂଶ ହେବାକୁ ଉତ୍ସାହୀ ଓ ଆଶାୟୀ ପ୍ରତିଯୋଗୀ ୨୦୨୪ ମାର୍ଚ୍ଚ ୩୧ସକାଳ ୬ଘଟିକା ସମୟରେ ରାୟପୁରର ତେଲିବନ୍ଧା ଲେକ୍‌ସ୍ଥିତ ମେରାଇନ୍ ଡ୍ରାଇଭ୍ ନିକଟରେ ପହଞ୍ଚିବାକୁ ହେବ। ଏ ସମ୍ପର୍କରେ ସବିଶେଷ ସୂଚନା କିମ୍ବା ୱାକାଥନ୍‌ରେ ଅଂଶଗ୍ରହଣ ପାଇଁ ୮୨୮୨୮୨୪୪୪୪କୁ କଲ୍‌କରି ଆବଶ୍ୟକ ତଥ୍ୟ ସଂଗ୍ରହ କରିପାରିବେ ବୋଲି ବିଏମ୍‌ସି ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

CLASSIFIED DISPLAY

MORE SPACE • SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

OAS HUB
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗହମ କଳାବଜାର, ମୂଲ୍ୟବୃଦ୍ଧିରେ ଲାଗିବ ରୋକ୍

ଭୁବନେଶ୍ୱର,୨୯।୩(ଅନୁରାଧା ମହାରଣା)

ଗହମର ମୂଲ୍ୟବୃଦ୍ଧି କିମ୍ବା କଳାବଜାର ରୋକିବା ପାଇଁ କେନ୍ଦ୍ର ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି। ଗହମ ଷ୍ଟକ୍ ଘୋଷଣା କରିବାକୁ ସରକାର ବାଧ୍ୟତାମୂଳକ କରିଛନ୍ତି। ସରକାର ପୂର୍ବରୁ ଗହମ ଉପରେ ଏକ ଷ୍ଟକ୍ ସୀମା ଧାର୍ଯ୍ୟ କରିଥିଲେ। ଏହାର ବୈଧତା ମାର୍ଚ୍ଚ ୩୧ରେ ଶେଷ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଖାଉଟି ବ୍ୟାପାର ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରଣାଳୟ କହିଛି, ଗହମ ଏବଂ ଚାଉଳ ଆଦିର ମୂଲ୍ୟବୃଦ୍ଧିରେ ରୋକ୍ ଲଗାଇବା ପାଇଁ ଷ୍ଟକ୍ ଉପରେ ତୀକ୍ଷ୍ଣ ନଜର ରଖିଛି । ଏହାଦ୍ୱାରା ସାରା ଦେଶରେ ଗହମ ଉପଲବ୍ଧତା ନିଶ୍ଚିତ ହୋଇପାରିବ। ଖାଉଟି ବ୍ୟାପାର ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛି। ମନ୍ତ୍ରଣାଳୟ ଏହାର ବିବୃତିରେ କହିଛି , ଖାଦ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଗହମର ମୂଲ୍ୟକୁ ରୋକିବା ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି, ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ବ୍ୟବସାୟୀ, ହୋଲ୍‌ସେଲର, ଖୁଚୁରା ବ୍ୟବସାୟୀ, ବଡ ଚେନ୍ ରିଟେଲର ୱେବ୍‌ସାଇଟ ଗହମ ଷ୍ଟକ୍ ସ୍ଥିତି ଘୋଷଣା କରିବାକୁ ପଡ଼ିବ। ଏହି ସମସ୍ତ ବ୍ୟବସାୟୀଙ୍କୁ ସେମାନଙ୍କ ମହଜୁଦ ରଖିଥିବା ଗହମ ବିଷୟରେ ସୂଚନା ପ୍ରଦାନ କରିବାକୁ ପଡ଼ିବ। ଏପ୍ରିଲ ୧ଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର https://evegoils.nic.in/wheat/login.html ରେ ଗହମ ଷ୍ଟକ୍ ବିଷୟରେ ନିୟମିତ ଏବଂ ଠିକ୍ ସୂଚନା ପ୍ରଦାନ କରାଯିବାକୁ କୁହାଯାଇଛି। ଯେଉଁମାନଙ୍କର ପୋର୍ଟାଲରେ ପଞ୍ଜୀକରଣ ହୋଇନାହିଁ, ସେମାନେ ମଧ୍ୟ ପ୍ରତି ଶୁକ୍ରବାର ଗହମ ଏବଂ ଚାଉଳର ଷ୍ଟକ୍ ଘୋଷଣା କରିପାରିବେ।

# ଏଚ୍‌ଏମ୍‌ଆଇଏଫ୍‌ର 'ଆର୍ଟ ଫର୍ ହୋପ୍-ସିଜନ ୩'

ଭୁବନେଶ୍ୱର,୨୯।୩

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର ସାମାଜିକ ପ୍ରତିଷ୍ଠାନ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ(ଏଚ୍‌ଏମ୍‌ଆଇଏଫ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଆର୍ଟ ଫର୍ ହୋପ୍-ସିଜନ୩'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଆଇଏଫ୍‌ର ଏମ୍‌ଡି ତଥା ସିଇଓ ଉନ୍ ସୋ କିମ୍,ଇଣ୍ଡିଆନ କାଉନସିଲ ଫର୍ କଲ୍‌ଚରାଲ ରିଲେଶନ୍ସ(ଆଇସିସିଆର୍)ର ମହାନିର୍ଦ୍ଦେଶକ କୁମାର ତୁହିନଙ୍କ ସମେତ ପଦ୍ମଶ୍ରୀ କମଳିନୀ ଏବଂ ନଳିନୀ ଆସ୍ଥାନା ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ,ନୂଆଦିଲ୍ଲୀର ତ୍ରିବେଣୀ କଳାସଙ୍ଗମଠାରେ 'ଆର୍ଟ ଫର୍ ହୋପ୍-ସିଜନ ୩'ଅନୁଷ୍ଠିତ ହେଉଛି। ଏହି ସଂସ୍କରଣ ୨୦୨୪ମାର୍ଚ୍ଚ ୨୮ରୁ ୩୧ ପର୍ଯ୍ୟନ୍ତ ଜାରି ରହିବ। ଏହି ୪ଦିନିଆ ପ୍ରଦର୍ଶନୀ ଏବଂ କର୍ମଶାଳା ସହ ଉଦୀୟମାନ କଳାକାର, ଯୁବକ, ମହିଳା, ସମ୍ପ୍ରଦାୟ ଏବଂ ସ୍ଥାନୀୟ ପ୍ରତିଭାମାନଙ୍କ ପାଇଁ ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ବିଶେଷକରି ଆର୍ଟ ଫର୍ ହୋପ୍ ଭାରତର ସମୃଦ୍ଧ ପାରମ୍ପରିକ କଳା, ହସ୍ତଶିଳ୍ପ ଏବଂ ସଂସ୍କୃତିର ପୋଷଣ ତଥା ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଥାଏ ; ଯାହା ସମଗ୍ର ଭାରତର କଳାକାରମାନଙ୍କ ଉଲ୍ଲେଖନୀୟ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିଥାଏ। ଏପରିକି ଓଡ଼ିଶାର କଳାକୃତି ହରିକଥା ପରମ୍ପରାକୁ ପୁନଃ ପ୍ରୋତ୍ସାହିତ କରୁଥିବା ନିର୍ଗୁଣ ଟ୍ରଷ୍ଟ ଭାରତର ୨୦ଟି ଅଞ୍ଚଳରୁ ୪୦ଜଣ ଅନୁଦାନ ପ୍ରାପ୍ତକାରୀଙ୍କ ମଧ୍ୟରେ ସ୍ଥାନ ହାସଲ କରିଛି। ଏହି ପଦକ୍ଷେପ ଭିଜୁଆଲ ଆର୍ଟ, ଡିଜିଟାଲ ଆର୍ଟ, ପ୍ରଦର୍ଶନ କଳା, ପାରମ୍ପରିକ ଲୋକକଳା ଏବଂ ସାଂସ୍କୃତିକ ସମ୍ପ୍ରଦାୟ କଳା ସହିତ ବିଭିନ୍ନ କଳାତ୍ମକ ଡୋମେନ ବିସ୍ତାର କରିଥାଏ। ଏ ସମ୍ପର୍କରେ ଏଚ୍‌ଏମ୍‌ଆଇଏଫ୍‌ର ଏମ୍‌ଡି ତଥା ସିଇଓ ଉନ୍ ସୋ କିମ୍ କହିଥିଲେ, ଏଚ୍‌ଏମ୍‌ଆଇଏଫ୍ ସାମାଜିକ କାର୍ଯ୍ୟ ଜାରି ରଖିଛି। ଏପରିକି ବିଭିନ୍ନ ବଞ୍ଚିତ ବ୍ୟକ୍ତିଙ୍କ ପାଇଁ ସୁଯୋଗ ଏବଂ ଜୀବିକା ସୃଷ୍ଟି କରୁଛି। ବିଶେଷକରି କଳା ଏବଂ କଳାକାରଙ୍କ ପ୍ରତି ଗଭୀର ସମ୍ମାନ ସହ ଆମେ ବିଭିନ୍ନ ସମ୍ପ୍ରଦାୟ ସହିତ ଯୋଡ଼ିହୋଇଛୁ ଏବଂ ଆର୍ଟ ଫର୍ ହୋପ୍‌ର ପ୍ରଥମ ୨ଟି ସଂସ୍କରଣରେ ଆମେ ସଙ୍ଗୀତର କଳା ସଙ୍ଗଠକ ଭାବେ ଯୋଡି ହୋଇଥିଲୁ। ଚଳିତ ବର୍ଷ ଆମେ ଆମର ଉଦ୍ୟମକୁ ବୃଦ୍ଧିକରି ଅଧିକ ଲୋକଙ୍କ ଜୀବନକୁ ସମୃଦ୍ଧ କରିବା ପାଇଁ ଆମର ପ୍ରୟାସରେ ସ୍ୱତନ୍ତ୍ର ଦକ୍ଷ କଳାକାରମାନଙ୍କୁ ଅନ୍ତର୍ଭୁକ୍ତ କରିଛୁ। ଆମେ ସେମାନଙ୍କର ଏହି ଉଦ୍ୟମକୁ ପ୍ରଶଂସା କରୁଛୁ।




Classified Everyday 0674-2580101, 2549949



REAL ESTATE

SALE

Wanted sharing land with 30/40 feet road for simplex/duplex/ apartment projects within Bhubaneswar, Cuttack, Puri. 7008550473. D-2888

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ SC/ General ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-75935

**Gharabari Plots and 2/3BHK Flats at Uttara, Patrapada, Bhubaneswar. 8270370007** D-2712

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

Duplex sale at Bhubaneswar @ 57 lakhs only. Contact- 9777433701. D-75934

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Relax, refresh your body, mind by expert therapist. Contact: 9938843929. D-76110

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75722

Newly open SPA health benefits relax refresh good therapist. 8260719139. D-76109

**Relax, Refresh your body, Mind at Saikrupa Spa with best therapies. 8984068077.** D-2774



BUSINESS

ସମ୍ପୂର୍ଣ୍ଣ ବନ୍ୟଜାତ ଦ୍ରବ୍ୟରୁ ତିଆରି ଔଷଧ ଦ୍ୱାରା ଯଥା ପାରାଲିସିସ୍, ଜଣ୍ଡିସ୍, ସିକଲିଙ୍ଗ୍ ଏକ୍‌ଜିମା, ମଳକଷ୍ଟ, ଆଣ୍ଠୁଗଣ୍ଠିବାତ, ରକ୍ତସ୍ରାବରେ ଅନିୟମିତତା, ସହବାସରେ କମ୍‌ଜୋର, ସନ୍ତାନସନ୍ତତିପ୍ରାପ୍ତି ଆରୋଗ୍ୟ ପାଇଁ ଔଷଧ ଉପଲବ୍ଧ। ଯୋଗାଯୋଗ- 7855874811. D-2892

AFFIDAVIT

I, Padmanava Sahu, S/o- Dhoba Sahu, resident of At- Sadara, PO-K.Berhampur, PS-Tarasingi, Dist-Ganjam, Pin-761140 Odisha declare by this affidavit No. 435 dtd.-28/03/2024 that now onwards I shall be known as PADMANABHA SAHU for all future purposes. D-2886

"LAXMI JENA" it has been recorded in my all other records and documents but wrongly my Aadhaar Card name mentioned as BUDHIA JENA bearing Aadhaar No XXXXXXXX6607 instead of my real name, So I'm LAXMI JENA, W/o Nakula Jena, Resident of At/ P.O.- Balibil, P.S.-Bari Ramachandrapur, Dist.- Jajpur, Odisha-755003. Declare by this affidavit No.029537 dated 21.03.2024. I shall known as LAXMI JENA now onwards for all future purpose. D-2895

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୁପ୍ରଭା ମହାପାତ୍ର**

ସ୍ୱାମୀ: ସ୍ୱର୍ଗତ ସତ୍ୟନାରାୟଣ ମହାପାତ୍ର
ଘର ନଂ.-୨୯, ଚନ୍ଦ୍ରପ୍ରଭା ସାହି, ୨ୟ ଗଳି
ବ୍ରହ୍ମପୁର, ଗଞ୍ଜାମ

ଆଜି ପବିତ୍ର ଦ୍ୱାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁଅ: ଧୀରୁ, ବୋହୂ: ସୁଲତା, ଝିଅ: କୁନି, ଚାରୁ, ନାତି: ଦୀପୁ, ନାତୁଣୀ: ଦୀପା, ଏଲି, ଇଶା, କ୍ରାଷ୍ଟା, ଆଂଶି ଓ ପରିବାରବର୍ଗ ।

ଧ-୨୮୯୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଅନ୍ୱେଷା ଧରାଶ୍ରୀ ଜେନା (ଲାଡ୍‌ଲି)
ସ୍ଥାନ: ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୨୩।୦୪।୨୦୦୯
ତିରୋଧାନ: ୩୦।୦୩।୨୦୧୨
ଆମକୁ କନ୍ଦାଇ ତୁ ସବୁ ଦିନ ପାଇଁ ଆରପାରିକୁ ଚାଲିଗଲୁ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁ ଯେଉଁଠି ବି ଥାଆ ଭଲରେ ଥାଆ
ଜେନା ପରିବାରବର୍ଗ ।

ଧ-୨୮୯୩

# ବବିଙ୍କ ସମ୍ମୁଖରେ ଟିକେଟ ଦାବିକଲେ ରାସେଶ୍ୱରୀଙ୍କ ସମର୍ଥକ

ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)


ଭାଇରାଲ ଭିଡିଓରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମର୍ଥକଙ୍କ ଚେତାବନୀ।

୨୦୨୪ ନିର୍ବାଚନରେ ସମ୍ବଲପୁର ଲୋକ ସଭା ଆସନ ପାଇଁ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ପ୍ରଥମେ ଭାଜପା ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରିବା ପରେ ବିଜେଡି ପ୍ରାର୍ଥୀ ଭାବେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ନାମ ତାଲିକାରେ ସ୍ଥାନ ପାଇଥିଲା। ନାମ ଘୋଷଣା ହେବା ପରେ ବବି ସମ୍ବଲପୁର ଆସି ଶୁକ୍ରବାର ମାଁ ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇଛନ୍ତି। ତାଙ୍କୁ ଦଳୀୟ କର୍ମୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲେ ମଧ୍ୟ ବିଜେଡିରେ ଥିବା ଗୋଷ୍ଠୀ କନ୍ଦଳ ପଦାକୁ ଆସିଛି। ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷାଣ ହୋଇ ନ ଥିବା ସତ୍ତ୍ୱେ ସମ୍ବଲପୁର ବିଜେଡିରେ ଏକ ବିଦ୍ରୋହର ଆଭାସ ମିଳିଛି, ଯାହା ସମଗ୍ର ସହରରେ ହଟଚମଟ ସୃଷ୍ଟି କରିଛି। ବବି ସମ୍ବଲପୁର ବିଜେଡି ଜିଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ଇଂ ରୋହିତ ପୂଜାରୀଙ୍କ ସହିତ ସମ୍ବଲପୁରରେ ପହଞ୍ଚି ଶୁକ୍ରବାର ପୂର୍ବାହ୍ନରେ ମାଁ ସମଲେଶ୍ୱରୀଙ୍କ ଦର୍ଶନ ପୂର୍ବରୁ ବରିଷ୍ଠ ବିଜେଡି ନେତ୍ରୀ ତଥା ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ୍ କରିଥିଲେ। ଏହି ସମୟରେ ଡା. ପାଣିଗ୍ରାହୀଙ୍କୁ ସମ୍ବଲପୁର ବିଧାନସଭା ଆସନରେ ପ୍ରାର୍ଥୀ କରାଯାଉ ନ ଥିବା ଆଶଙ୍କାରେ ତାଙ୍କ ସମର୍ଥକମାନେ ହଠାତ୍ ବବିଙ୍କ ସମ୍ମୁଖରେ ସେମାନଙ୍କ ନେତ୍ରୀଙ୍କ ସପକ୍ଷରେ ଯାଇ ତାଙ୍କୁ ଟିକେଟ୍ ଦେବାକୁ ଦାବି କରିଥିଲେ। ବିଶେଷକରି ମହିଳା ବିଜେଡିର ବହୁସଂଖ୍ୟକ ସଦସ୍ୟା ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଡା. ପାଣିଗ୍ରାହୀ ସର୍ବଦା ସେମାନଙ୍କ ସୁଖଦୁଃଖର ସାଥୀ ହୋଇ ରହି ଆସିଥିବା କହିଥିଲେ। ଏପରିକି ସମ୍ବଲପୁର ଜନସାଧାରଣ ତାଙ୍କୁ ଆଉଥରେ ବିଧାୟିକା ଭାବେ ଦେଖିବାକୁ ଚାହୁଁଛନ୍ତି। ତେଣୁ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ଡା. ପାଣିଗ୍ରାହୀଙ୍କୁ ଟିକେଟ୍ ଦିଆଯାଉ ବୋଲି ଦାବି କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଟିକେଟ୍ ଦିଆଗଲେ ସେମାନେ ସମସ୍ତେ ନିର୍ବାଚନରୁ ଓହରିଯିବେ ବୋଲି ଚେତାବନୀ ଦେଇଛନ୍ତି। ଏହାର ଏକ ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି।

ଏହି ସମୟରେ ବିଜେଡି ଜିଲା ସଭାପତି ଇଂ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ରେଢ଼ାଖୋଲ ବିଧାୟକ ଥିବା ପୂଜାରୀ ସମ୍ବଲପୁର ବିଧାନସଭା କ୍ଷେତ୍ର ଲାଗି ଅନ୍ୟତମ ପ୍ରମୁଖ ଦାବିଦାର ଥିବାରୁ ତାହା ବିଜେଡି ପାଇଁ ଅପ୍ରୀତିକର ସ୍ଥିତି ସୃଷ୍ଟି କରିଛି। ପୂଜାରୀଙ୍କ ଉପସ୍ଥିତିରେ ଡା. ପାଣିଗ୍ରାହୀଙ୍କ ସମର୍ଥକଙ୍କ ଏଭଳି ଦାବି ସମ୍ବଲପୁର ବିଜେଡି ରାଜନୀତିରେ ଏକ ପ୍ରକାର ପ୍ରାକ୍ ନିର୍ବାଚନୀ ବିଦ୍ରୋହର ସଙ୍କେତ ଦେଇଥିବା କୁହାଯାଉଛି।

# ବିଜେଡିରେ ସୁରେନ୍ଦ୍ର ସିଂ ଭୋଇ




ଭୁବନେଶ୍ୱର,୨୯।୩(ଅନିଲ ଦାସ)

କଂଗ୍ରେସର ବଲାଙ୍ଗୀର ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଶୁକ୍ରବାର ଶଙ୍ଖଭବନଠାରେ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଖରିଆର ବିଧାୟକ ଅଧୀରାଜ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସୁରେନ୍ଦ୍ର ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବଲାଙ୍ଗୀର ଜିଲାରେ ଦଳୀୟ ସଂଗଠନ ମଜଭୁତ ହେବ ବୋଲି ଟୁକୁନି, ସସ୍ମିତ ଓ ଅଧୀରାଜ କହିଛନ୍ତି। ଏହି ଅବସରରେ ସୁରେନ୍ଦ୍ର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି।

ସୁରେନ୍ଦ୍ର ୧୯୯୫ ଓ ୨୦୦୪ରେ ସଇଁତଲାରୁ ଏବଂ ୨୦୦୯ରେ ଟିଟିଲାଗଡ଼ରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ ଓ ୨୦୧୯ରେ ସେ ବିଜେଡିର ଟୁକୁନି ସାହୁଙ୍କଠାରୁ ପରାସ୍ତ ହୋଇଥିଲେ। ବିଜେଡିରେ ଯୋଗ ଦେଇଥିବା ସୁରେନ୍ଦ୍ର ସିଂ ଭୋଇଙ୍କୁ ବଲାଙ୍ଗୀର ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ହେଉଛି।

# ପଦ୍ମ ଧରିପାରନ୍ତି ଆକାଶ

ଯାଜପୁର,୨୯।୩(ହର୍ଷବର୍ଦ୍ଧନ ବେହେରା)

## କୋରେଇ ବିଧାନସଭା କ୍ଷେତ୍ର

## ଚର୍ଚ୍ଚା: ଡମି ପ୍ରାର୍ଥୀ ଦେଇପାରେ ବିଜେଡି

ଯାଜପୁର ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କୋରେଇ, ବରୀ ଓ ବଡ଼ଚଣା ଆସନ ନିମନ୍ତେ ବିଜେଡି ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। କାହାକୁ ମିଳିବ ଟିକେଟ ଏବଂ କିଏ ବାଦ୍ ପଡ଼ିବେ ସେନେଇ ନେତା ଓ ସେମାନଙ୍କ ସମର୍ଥକମାନେ ଚିନ୍ତାରେ ରହିଛନ୍ତି। ତେବେ ଯାଜପୁର ବିଧାନସଭା ଆସନରେ ଚର୍ଚ୍ଚାରେ ନ ଥିବା ଜଣେ ମହିଳାଙ୍କୁ ବିଜେଡି ପ୍ରାର୍ଥୀ କରିଥିବାରୁ ଏହାକୁ ଅନେକେ ଡମି ପ୍ରାର୍ଥୀ (ଯାହାଙ୍କୁ ପରବର୍ତ୍ତୀ ସମୟରେ ଇସ୍ତଫା ଦେବାକୁ କୁହାଯାଇ ଜଣେ ଟାଣୁଆ ନେତାଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯାଇପାରେ) ବୋଲି ଆଲୋଚନା କରୁଛନ୍ତି। ସେଭଳି ଡମି ପ୍ରାର୍ଥୀଙ୍କୁ କୋରେଇ ଆସନ ପାଇଁ ମଧ୍ୟ ବିଜେଡି ଟିକେଟ୍ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ଏହିକ୍ରମରେ କୋରେଇରେ ଟିକେଟ ଦୌଡ଼ରେ ଥିବା ବିଧାୟକ ଅଶୋକ ବଳ ଏବଂ ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ବଳି ପଡ଼ିପାରନ୍ତି। ଏଥିଯୋଗୁ ଆକାଶ ବିଜେଡି ଛାଡ଼ି ପଦ୍ମ ଧରିପାରନ୍ତି ଏବଂ ଭାଜପା ଟିକେଟରେ ନିର୍ବାଚନ ଲଢ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏଭଳି ହେଲେ ଏଥର କୋରେଇରେ ଜୋର୍‌ଦାର ଲଢ଼େଇ ହେବା ସମ୍ଭାବନା ରହିଛି।

ଆକାଶଙ୍କ ସ୍ଥାନରେ ଜଣେ ସାଧାରଣ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଉଥିବା ଚର୍ଚ୍ଚା ଶୁଣି ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆକାଶଙ୍କୁ ସ୍ୱାଧୀନ ଭାବେ ଲଢ଼ିବା କିମ୍ବା ଭାଜପାରେ ମିଶି ଟିକେଟ ଆଣିବାକୁ ସେମାନେ ଚାପ ସୃଷ୍ଟି କରୁଥିବା ଆଲୋଚନା ହେଉଛି। ଏଭଳି ସ୍ଥିତିରେ କୋରେଇ ରାଜନୀତି ରୋଚକ ମୋଡ଼ ନେଉଛି। କିନ୍ତୁ ବିଧାୟକ ବଳ ପ୍ରାୟ ନିରବ ରହିଥିବା ମନେହେଉଛି। ଏଥିରୁ କୋରେଇ ବିଜେଡିରେ ବିଦ୍ରୋହ କିମ୍ବା ଦଳ ଭାଗ ଭାଗ ହେବା ସମ୍ଭାବନା ରହିଛି।

୨୦୧୪ ସାଧାରଣ ନିର୍ବାଚନରେ ଅଭିନେତାରୁ ବିଜେଡି ନେତା ସାଜି ଆକାଶ ପ୍ରଥମ ଥର କୋରେଇ ଆସନରୁ ବିଜୟୀ ହୋଇଥିଲେ। ହେଲେ ୨୦୧୯ରେ ଆକାଶଙ୍କୁ ଟିକେଟ ମିଳି ନ ଥିଲା। ତେଣୁ ତାଙ୍କୁ ମୋ କଲେଜର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇ ସନ୍ତୁଷ୍ଟ କରାଯାଇଥିଲା। ସେତେବେଳେ ପୂର୍ବତନ ଭାଜପା ନେତା ଅଶୋକ ବଳ ବିଜେଡି ଟିକେଟ୍‌ରେ ବିଜୟୀ ହୋଇଥିଲେ। ତେବେ କୋରେଇକୁ ବିଜେଡି ପରୀକ୍ଷାର ପ୍ରୟୋଗଶାଳା ଭାବେ ଗ୍ରହଣ କରି ଗତ ଦୁଇ ଦଶନ୍ଧି ଧରି ପ୍ରାର୍ଥୀ ବଦଳ କରିଆସୁଛି। ତେଣୁ କୋରେଇ ପାଇଁ ପୁଣି ଏକ ନୂଆ ଚେହେରା ବିଜେଡି ଦେଇପାରେ ବୋଲି କୁହାଯାଉଛି। ଏଭଳିସ୍ଥଳେ ଆଶାୟୀ ପ୍ରାର୍ଥୀ ଭାବେ ଆକାଶ ଭାଜପାକୁ ଯିବାକୁ ମନସ୍ଥ କରିଥିବା ଆଲୋଚନା ହେଉଛି। ହେଲେ ଭାଜପା ଯୁବନେତା ଆଲେକଜାଣ୍ଡାର ଦାସ ଏବଂ ଗତଥର ପ୍ରାର୍ଥୀ ହୋଇଥିବା ବିଶ୍ୱଜିତ୍ ନାୟକ ଉଭୟ ଗାଁକୁ ଗାଁ ବୁଲି ପ୍ରଚାର ଜୋରସୋରରେ ଚଳାଇଛନ୍ତି। ତେଣୁ କାହାକୁ ଟିକେଟ ଦିଆଯିବ ତାହା ଭାଜପା ପାଇଁ ବୁମେରାଂ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ବିଜେଡି ଏବଂ ଭାଜପାର ଏଭଳି ସ୍ଥିତିର ଫାଇଦା ନେବାକୁ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡ଼ା ପ୍ରସ୍ତୁତ ରହିଥିବା ମନେହେଉଛି।

# ଭାଜପାରେ ଯୋଗଦେଲେ ଧନେଶ୍ୱର ମାଝି

ଭୁବନେଶ୍ୱର, ୨୯।୩(ସୁନିତ୍ ମିଶ୍ର)

ପୂର୍ବତନ ରାଜ୍ୟ ସଭା ଏମ୍‌ପି ଏବଂ କେସିଙ୍ଗା ଓ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିବା ୫ ଥରର ବିଧାୟକ ଧନେଶ୍ୱର ମାଝୀ ଶୁକ୍ରବାର ବିଜେଡି ପରିତ୍ୟାଗ କରି ଭାଜପାରେ ଯୋଗ ଦେଇଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପବଦ୍ଧ। ମୋଦିଙ୍କ ନେତୃତ୍ୱ ଏବଂ ଭାଜପା ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇ ଚାଲିଛି । ମୋଦି ସରକାର ଏବଂ ମୋଦି ଗ୍ୟାରେଣ୍ଟି ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ବୃଦ୍ଧି ପାଉଛି। ଅନ୍ୟପଟେ ରାଜ୍ୟର ବିକାଶରେ ବିଜେଡି ବଡ ବାଧକ ସାଜିଛି। ବିଜେଡିରେ ଗଣତନ୍ତ୍ର ସମ୍ପୂର୍ଣ୍ଣ ଧ୍ୱଂସ ପାଇଛି ବୋଲି ଧନେଶ୍ୱର କହିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ପ୍ରମୁଖ ଉପସ୍ଥିତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି।

# ଭାଜପା ଛାଡ଼ିଲେ ସୁକାନ୍ତ


ଖବରଦାତା ସମ୍ମିଳନୀରେ ନୀଳଗିରି ବିଧାୟକ ଓ ଅନ୍ୟମାନେ।

ନୀଳଗିରି,୨୯।୩(ପ୍ରଶାନ୍ତ ବିଶ୍ୱାଳ)

## ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା

ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ଏନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ତାଙ୍କ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ସମ୍ପର୍କରେ ଚିଠି ମାଧ୍ୟମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଜଣାଇଛନ୍ତି। ତାଙ୍କ ସହ ଭାଜପା ଜିଲା ଉପସଭାପତି ଗଙ୍ଗାଧର ମିଶ୍ର ଦଳ ଛାଡ଼ିଛନ୍ତି। ଅନ୍ୟପକ୍ଷରେ ବିଧାୟକ ନାୟକ କେଉଁ ଦଳରେ ଯୋଗଦେବେ ଏନେଇ ମୁହଁ ଖୋଲି ନାହାନ୍ତି। ସୁକାନ୍ତ ଭାଜପା ଛାଡ଼ିବା ସମ୍ପର୍କରେ ଗତ କିଛିଦିନ ହେବ ଆଭାସ ମିଳିଥିଲା। ତେବେ ସେ କାହିଁକି ଦଳରୁ ଇସ୍ତଫା ଦେଲେ ସେନେଇ କିଛି କହିନାହାନ୍ତି। ସେ ପୁଣି ବିଜେଡିକୁ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି।

ସୁକାନ୍ତ ଛାତ୍ର ଜୀବନରୁ ବିଜୁବାବୁଙ୍କ ନୀତିଆଦର୍ଶକୁ ଅନୁସରଣ କରି ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ନିଜ ପଞ୍ଚାୟତରେ ୧୯୯୨ରୁ ୧୯୯୪ ପର୍ଯ୍ୟନ୍ତ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ଲୋକଙ୍କର ସେବା ଆରମ୍ଭ କରିଥିଲେ। ପରେ ୧୯୯୪ରେ ଇଞ୍ଜିନିୟର ଭାବେ ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗରେ ଯୋଗଦେଇ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୧୪ରେ ଜଳସେଚନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଥିବା ବେଳେ ଚାକିରିରୁ ଇସ୍ତଫା ଦେଇ ଜନସେବାକୁ ଆପଣେଇ ନେଇଥିଲେ। ୨୦୧୪ରେ ନୀଳଗିରି ନିର୍ବାଚନମଣ୍ଡଳୀରେ ବିଜେଡିରୁ ସୁକାନ୍ତ ପ୍ରାର୍ଥୀ ହୋଇ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ମହିଳା ପ୍ରାର୍ଥୀ ସୁଷମା ବିଶ୍ୱାଳଙ୍କୁ ୧୩ହଜାର ୭ଶହ ଖଣ୍ଡ ଭୋଟରେ ପରାଜିତ କରି ନିଜର ଲୋକପ୍ରିୟତା ଦର୍ଶାଇଥିଲେ। ପରବର୍ତ୍ତୀ ୨୦୧୯ ନିର୍ବାଚନରେ ଜିଲା ସଭାପତିଙ୍କ ସହିତ ମନୋମାଳିନ୍ୟ ଯୋଗୁ ସେ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ଉକ୍ତ ନିର୍ବାଚନରେ ସନ୍ତୋଷ ଖଟୁଆ କଡ଼ା ଟକ୍କର ଦେଇଥିଲେ ହେଁ ସୁକାନ୍ତ ବାଜି ମାରି ନେଇଥିଲେ।

# ବିଜେଡି ନ ଛାଡ଼ିବାକୁ ଧମକ ଦିଆଯାଉଛି: ପ୍ରଦୀପ

## ଡବଲ ଇଞ୍ଜିନ ସରକାର ପାଇଁ ଆହ୍ୱାନ ଦେଲେ

ଛତ୍ରପୁର,୨୯।୩(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)




ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ବହୁ କର୍ମୀ ଭାଜପାରେ ସାମିଲ ହେଉଛନ୍ତି।

ଗଞ୍ଜାମର ବିଭିନ୍ନ ନିର୍ବାଚନ ମଣ୍ଡଳୀର ନେତା, କର୍ମୀ ଓ ଠିକାଦାରମାନଙ୍କୁ ଭାଜପାରେ ନ ମିଶି ବିଜେଡିରେ ରହିବାକୁ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଧମକ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ବ୍ରହ୍ମପୁର ଭାଜପା ଏମପି ପ୍ରାର୍ଥୀ ଡ. ପ୍ରଦୀପ ପାଣିଗ୍ରାହୀ। ଏଥିପ୍ରତି ଦୃଷ୍ଟିଦେବା ନିର୍ବାଚନ କମିଶନଙ୍କ ଦାୟିତ୍ୱ ରହିଛି। ଏହି ଘଟଣାର ତଦନ୍ତ କରିବାକୁ ସେ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛନ୍ତି ବୋଲି କହିଛନ୍ତି। ଛତ୍ରପୁରସ୍ଥିତ ଶିବକୁମାର ପଟ୍ଟନାୟକ ରିଡିଙ୍ଗ ରୁମଠାରେ ଭାଜପାର ଏକ ସମ୍ବର୍ଦ୍ଧନା ସଭାରେ ଡ. ପାଣିଗ୍ରାହୀ ଏହି ମନ୍ତବ୍ୟ ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ତୃଣମୂଳସ୍ତରରେ ଦଳର ସଂଗଠନକୁ ସୁଦୃଢ କରିବା ସହିତ ଗ୍ରାମାଞ୍ଚଳରେ କେନ୍ଦ୍ର ସରକାରଙ୍କ ସମସ୍ତ ଜନହିତକର ଯୋଜନା ବିଷୟରେ ଅବଗତ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହାସହ ଚଳିତ ସାଧାରଣ ନିର୍ବାଚନରେ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀଙ୍କୁ ବହୁ ଭୋଟ୍‌ରେ ବିଜୟୀ କରିବା ପାଇଁ କର୍ମୀମାନେ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ କହିଥିଲେ। ସେ ଆହୁରି କହିଥିଲେ, ରାଜ୍ୟରେ ଖଣିଜ ସମ୍ପଦ ଲୁଟ୍ ଚାଲିଛି। ଭାଜପା ସରକାର ଆସିଲେ ଏହାର ତଦନ୍ତ ହେବ ଏବଂ ଉଚିତ କାର୍ଯ୍ୟାନୁଷ୍ଠାନ ହେବ। ଦୀର୍ଘବର୍ଷ ଧରି ବହୁ ଅଧିକାରୀ ଗଞ୍ଜାମ ଜିଲା ଛାଡ଼ିନାହାନ୍ତି, ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ବାଚନ କମିଶନ, ଜିଲାପାଳ ଓ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି। ଡବଲ ଇଞ୍ଜିନ ସରକାର ଏଥର ଆସିବ। ପୁଣି କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ବିଜେଡିକୁ ହଟାଇ ଭାଜପା ସରକାର ଆଣିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳରୁ ଆସିଥିବା ୩୦ଜଣ ଭାଜପାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଗଞ୍ଜାମ ଜିଲା ସଭାପତି ଡଃ ସୁବାସ ସାହୁ, ରାଜ୍ୟ ସମ୍ପାଦକ ସାରଦା ଶତପଥି, ରାଜ୍ୟ ଏସ୍‌ସି ମୋର୍ଚ୍ଚା ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ଲୋକସଭା ପ୍ରଭାରୀ ଅଶୋକ ମିଶ୍ର, ଲୋକସଭା ସଂଯୋଜକ ସରୋଜ ସାବତ, ରମ୍ଭା ଏନ୍‌ଏସି ଅଧ୍ୟକ୍ଷ ମାନସ ସ୍ୱାଇଁ, ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ରାଜ୍ୟ ଲିଗାଲ ସେଲ ସଂଯୋଜକ ପ୍ରଦୀପ କୁମାର ପାଢୀ, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ସେଠୀ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପ୍ରବୀର ପାତ୍ର, ବନମାଳୀ ସେଠୀ ଓ ଲକ୍ଷ୍ମୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

# ନୀଳଗିରି ବିଧାୟକଙ୍କ ନାମରେ ଏତଲା

ବାଲେଶ୍ୱର ଅଫିସ, ୨୯।୩(ମାନସ ବିଶ୍ୱାଳ)


ODISHA LEGISLATIVE ASSEMBLY

To

Sj. Monmohan Samal,
Hon'ble President, Bharatiya Janata Party,Odisha State.

SUB:- Resignation of Self

Respected Sir,

I do hereby tender my Resignation on today(i.e.29.03.2024) from the Primary membership of Bharatiya Janata Party.

Same may please be accepted.

With regards

29/03/2024

(SUKANTA KUMAR NAYAK)

ନୀଳଗିରି ବିଧାୟକ ସୁକାନ୍ତ ନାୟକ ସରକାରୀ ଲେଟରପ୍ୟାଡ(ଓଡ଼ିଶା ବିଧାନସଭା ଲେଟରପ୍ୟାଡ)କୁ ଦଳୀୟ କାର୍ଯ୍ୟରେ ବ୍ୟବହାର କରିଛନ୍ତି। ସେ ଏହି ଲେଟରପ୍ୟାଡରେ ଭାଜପା ରାଜ୍ୟ ସଭାପତିଙ୍କୁ ତାଙ୍କ ଇସ୍ତଫାପତ୍ର ଦେଇଛନ୍ତି, ଯାହାକି ସମ୍ପୂର୍ଣ୍ଣ ବେଆଇନ ବୋଲି ଦର୍ଶାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି କାର୍ଯ୍ୟକୁ ବିରୋଧ କରି ତୁରନ୍ତ ତାଙ୍କୁ ଗିରଫ ଦାବିରେ ନୀଳଗିରି ଥାନାରେ ସମରଶଙ୍କର କାନୁନଗୋ ଏକ ଏତଲା ଦାଏର କରିଛନ୍ତି। ସମରଙ୍କ ନେତୃତ୍ୱରେ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, ଅଜିତ ମହାନ୍ତି, ସୁକୁମାର ନାୟକ, ପପୁ ମହାନ୍ତି, ଚିତ୍ତରଞ୍ଜନ ନାୟକ ଓ ସଞ୍ଜୟ ଲେଙ୍କା ନୀଳଗିରି ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଏହି ଏତଲା ପ୍ରଦାନ କରିଛନ୍ତି।

# ଭାଜପାରୁ ଇସ୍ତଫା ଦେଲେ ପ୍ରକାଶ

କଟକ,୨୯।୩(ଶିଳ୍ପା ପ୍ରିୟଦର୍ଶିନୀ)



ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ବେହେରା ଶୁକ୍ରବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ଭାଜପା କଟକ ଜିଲା ସଭାପତି ଓ ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପାଖକୁ ପଠାଇ ଦେଇଛନ୍ତି। ଖୁବ୍‌ଶୀଘ୍ର ସେ ବିଜେଡିରେ ଯୋଗ ଦେବା ସହ ବାରବାଟୀ-କଟକ ବିଧାନସଭା ଆସନରୁ ଲଢ଼ିବେ ବୋଲି ସାଧାରଣରେ ଆଲୋଚନା ହେଉଛି। ଭାଜପାରୁ ଇସ୍ତଫା ଦେବା ପରେ ପ୍ରକାଶ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଲୋକଙ୍କ ସେବା କରିବା ସହ ସଙ୍ଗଠନକୁ ମଜଭୁତ କରିବାକୁ ଦଳକୁ ଆସିଥିଲେ। ହେଲେ କୌଣସି ପଦକ୍ଷେପ ନିଆ ଯାଉ ନ ଥିଲା। ଏହି ସମସ୍ତ ଦିଗକୁ ନଜରରେ ରଖି ଇସ୍ତଫା ଦେଇଥିବା କହିଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ପ୍ରକାଶ କଂଗ୍ରେସରୁ ଇସ୍ତଫା ଦେବା ପରେ ଭାଜପାରେ ସାମିଲ ହୋଇଥିଲେ।

## ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର

# ମନମୋହନଙ୍କୁ ନେଇ ଚର୍ଚ୍ଚା

ବନ୍ତ,୨୯।୩ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରାର୍ଥୀ ହେବା ନେଇ କର୍ମୀ ମହଲରେ ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ ଭଣ୍ଡାରିପୋଖରୀରୁ ବିଜେଡି ପ୍ରାର୍ଥୀ ହୋଇ ବିଧାୟକ ହୋଇଥିବା ପ୍ରଫୁଲ୍ଲ ସାମଲଙ୍କୁ ଦଳ ଏଥର ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିବା ବେଳେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ଭଣ୍ଡାରିପୋଖରୀରେ ପ୍ରାର୍ଥୀ କରାଯାଇଛି। ଅଦ୍ୟାବଧି ଭାଜପା ଭଣ୍ଡାରିପୋଖରୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ବହୁ କଳ୍ପନାଜଳ୍ପନା ପ୍ରକାଶ ପାଉଛି।

ଭଣ୍ଡାରିପୋଖରୀ ଓ ବନ୍ତ ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ, ମନମୋହନ ପ୍ରାର୍ଥୀ ହେଲେ ଦଳ ଅନେକାଂଶରେ ସଫଳତା ପାଇବ। କାରଣ ୨୦୦୯ ସାଧାରଣ ନିର୍ବାଚନରେ ସେ ଏଠାରେ ଭାଜପାରୁ ପ୍ରାର୍ଥୀ ହୋଇ ୨୧ ହଜାର ୧୬୦ ଭୋଟ ପାଇ ୩ୟ ସ୍ଥାନରେ ଥିଲେ। ସେହି ନିର୍ବାଚନ ପରଠାରୁ ଭାଜପାର ଭୋଟ୍ ହାର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ୨୦୧୪ ନିର୍ବାଚନରେ ଭାଜପାରୁ ବଦ୍ରି ନାରାୟଣ ଧଳ ୨୮ ହଜାର ୮୦୯ ଓ ୨୦୧୯ରେ ୩୯ ହଜାର ୧୪୧ ଭୋଟ୍ ପାଇ ୩ୟ ସ୍ଥାନରେ ଥିଲେ। ତେବେ ମନମୋହନ ଯଦି ଏଠାରେ ପ୍ରାର୍ଥୀ ନ ହୁଅନ୍ତି, ତେବେ ଦଳରୁ କିଏ ଟିକେଟ ପାଇବେ ତାହାକୁ ସମସ୍ତଙ୍କ ଅପେକ୍ଷା ରହିଛି। ସେଥିମଧ୍ୟରେ ବରିଷ୍ଠ ଭାଜପା ନେତା ତଥା ନାଟ୍ୟକାର ଡ.ସୁଧାଂଶୁ ଶେଖର ନାୟକଙ୍କ ନାମ ଆଗରେ ରହିଛି। ସୁଧାଂଶୁଙ୍କ ସ୍ତ୍ରୀ ରେବତୀ ନାୟକ ବନ୍ତ ବ୍ଲକରେ ୨ ଥର ବ୍ଲକ ଅଧ୍ୟକ୍ଷା, ଥରେ ସମିତିସଭ୍ୟା ଓ ଥରେ ଜିଲା ପରିଷଦ ସଭ୍ୟା ରହିଥିଲେ। ସ୍ତ୍ରୀଙ୍କ ପ୍ରଚ୍ଛଦପଟରେ ରହି ସୁଧାଂଶୁ ବନ୍ତ ବ୍ଲକ ବିଜେଡିର ମଙ୍ଗ ଧରି ସବୁ କିଛି କରୁଥିଲେ। ୨୦୨୧ରେ ସେ ଅଧ୍ୟାପକ ଚାକିରିରୁ ଅବସର ନେବା ପରେ ପ୍ରତ୍ୟକ୍ଷ ରାଜନୀତିକୁ ଆସିଥିଲେ। ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବନ୍ତ ପଞ୍ଚାୟତରୁ ବିଜେଡି ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ହୋଇଥିଲେ। ଅଳ୍ପ କେତେ ଖଣ୍ଡ ଭୋଟରେ ସେ ପରାଜିତ ହୋଇଥିଲେ। ଏହାର କିଛି ମାସ ପରେ ବିଜେଡି ତାଙ୍କୁ ଅଣଦେଖା କରିବା ଅଭିଯୋଗ କରି ସେ ଦଳ ବିରୋଧରେ ସ୍ୱର ଉଠାଇଥିଲେ। ଫଳସ୍ୱରୂପ ତାଙ୍କୁ ଦଳରୁ ନିଲମ୍ବିତ ହେବାକୁ ପଡ଼ିଥିଲା। ପରେ ସେ ଭାଜପାରେ ଯୋଗ ଦେଇ ବହୁ ସମର୍ଥକ ଓ ପଞ୍ଚାୟତସ୍ତରୀୟ କର୍ମୀମାନଙ୍କୁ ଦଳରେ ମିଶାଇବାରେ ସଫଳ ହୋଇଛନ୍ତି।

ଦୀର୍ଘବର୍ଷ ଧରି ସଂଘ ପରିବାର ସହ ଜଡ଼ିତ ଅନ୍ୟତମ ଭାଜପା ନେତା ପଞ୍ଚାନନ ରାଉତ ଟିକେଟ ଦୌଡ଼ରେ ରହିଥିବା ଚର୍ଚ୍ଚା ହେଉଛି। ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ସେହିପରି ଗତ ଦୁଇ ଥର ଭାଜପା ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ବଦ୍ରୀ ନାରାୟଣ ଧଳ ମଧ୍ୟ ଆଶାୟୀ ଅଛନ୍ତି। ସେ ସାଙ୍ଗଠନିକ ଦକ୍ଷତା ଦେଖାଇ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିଥିବାରୁ ତାଙ୍କୁ ନେଇ ମଧ୍ୟ ଆଲୋଚନା ହେଉଛି।

**ଓମେନ୍ସ ଇଣ୍ଟର ଜୋନାଲ ମଲ୍‌ଟି ଡେ' କପ୍‌**

## ଅନୁଜାଙ୍କ ଶତକ: ଦୃଢ଼ ସ୍ଥିତିରେ ପଶ୍ଚିମାଞ୍ଚଳ

**ପୁଣେ,୨୯।୩(ପି.ଟି.):** କେନ୍ଦ୍ରାଞ୍ଚଳ ବିପକ୍ଷ ଓମେନ୍ସ ଇଣ୍ଟର-ଜୋନାଲ ମଲ୍‌ଟି ଡେ' କପ୍‌ ମ୍ୟାଚ୍‌ର ଦ୍ୱିତୀୟ ଦିବସରେ ଭାରତର ପୂର୍ବତନ ଅଲରାଉଣ୍ଡର ଅନୁଜା ପାଟିଲଙ୍କ ଆକ୍ରମଣାତ୍ମକ ଶତକ ଯୋଗୁ ପଶ୍ଚିମାଞ୍ଚଳ ୧୧୧ ରନର ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରାଞ୍ଚଳ ୨୪୫ ରନ କରିଥିଲା। ଜବାବରେ ଶୁକ୍ରବାର ପୂର୍ବଦିନର ଅସମାପ୍ତ ସ୍କୋର ୨୬/୦ରୁ ଖେଳ ଆରମ୍ଭ କରିଥିବା ପଶ୍ଚିମାଞ୍ଚଳ ଏକଦା ୯୮ ରନ ସ୍କୋରରେ ଏହାର ୪ ଉଇକେଟ ହରାଇ ସାରିଥିଲା। ମାତ୍ର ଶତକ ହାସଲକାରୀ ପାଟିଲ ଦ୍ରୁତ ହାରରେ ୧୨୨ରନ ସଂଗ୍ରହ କରିଥିଲେ। ଜେମିମା ରୋଡ୍ରିଗ୍ସ ୬୯ରନ କରିଥିଲେ। ଉଭୟେ ୫ମ ଉଇକେଟରେ ୧୫୫ ରନ ଯୋଗ କରିଥିଲେ। ଦେବୀକା ବୈଦ୍ୟ ୫୮ ବଲ୍‌ରୁ ଦ୍ରୁତ ୫୨ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାଉନ ଅର୍ଡରରେ ୮ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ପଶ୍ଚିମାଞ୍ଚଳ ଅଧିନାୟିକା ସ୍ମୃତି ମନ୍ଧାନା ୫୨ ବଲ୍‌ରୁ ୫୦ ରନ ସଂଗ୍ରହ କରିଥିଲେ। ଦଳ ପ୍ରଥମ ଇନିଂସରେ ୩୫୬ ରନ କରିପାରିଥିଲା। କେନ୍ଦ୍ରାଞ୍ଚଳ ବୋଲରମାନଙ୍କ ମଧ୍ୟରୁ ସବୁଠାରୁ ସଫଳ ବୋଲର ପୁନମ ରାଉତ ତାଙ୍କ ୨୫ ଓଭର ବୋଲିଂରେ ୧୧୬ ରନ ବିନିମୟରେ ୭ ଉଇକେଟ ଅକ୍ତିଆର କରିଥିଲେ। କେନ୍ଦ୍ରାଞ୍ଚଳ ଏହାର ଦ୍ୱିତୀୟ ଇନିଂସରେ ବିନା କୌଣସି ଉଇକେଟରେ ୬୮ରନ କରିଛି।

### ଇନିଂସ ବିଜୟ ପଥରେ ପୂର୍ବାଞ୍ଚଳ

ଅନ୍ୟପକ୍ଷରେ ଉତ୍ତରପୂର୍ବାଞ୍ଚଳ ବିପକ୍ଷରେ ପୂର୍ବାଞ୍ଚଳ ଦଳ ଇନିଂସ ବିଜୟ ଆଡକୁ ଅଗ୍ରସର ହେଉଛି। ଦଳ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଉତ୍ତରପୂର୍ବାଞ୍ଚଳ ଦଳର ୧୮ ଉଇକେଟ ପତନ ଘଟାଇ ସାରିଛି। ସଫଳ ବୋଲର ଦୀପ୍ତି ଶର୍ମା ଦୁଇଟି ଇନିଂସରେ ଏପର୍ଯ୍ୟନ୍ତ ୭ ଉଇକେଟ ଅକ୍ତିଆର କରିଛନ୍ତି। ଶୁକ୍ରବାର ଖେଳ ଆରମ୍ଭରେ ପୂର୍ବାଞ୍ଚଳ ଏହାର ପ୍ରଥମ ଇନିଂସ ୩୮୫/୮ରେ ଘୋଷଣା କରିଥିଲା। ଦଳ ପରେ ଉତ୍ତର ପୂର୍ବାଞ୍ଚଳକୁ ୧୦୮ ସ୍କୋରରେ ଅଲଆଉଟ କରିଦେଇଥିଲା। ଉତ୍ତରପୂର୍ବାଞ୍ଚଳର ଅନଭିଜ୍ଞ ଖେଳାଳିମାନେ ଦୀପ୍ତିଙ୍କ ଅଫ୍‌-ବ୍ରେକ୍‌ ବୋଲିଂର ସାମ୍ନା କରିପାରି ନ ଥିଲେ। ଏକଦା ତାଙ୍କ ବୋଲିଂ ଫିଗର ୫/୯ ରହିଥିଲା। ଫଲୋଅନ୍‌ ପରେ ଉତ୍ତର ପୂର୍ବାଞ୍ଚଳ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୮ଉଇକେଟ ବିନିମୟରେ ୧୫୬ ରନ କରିଥିଲା। ଇନିଂସ ପରାଜୟ ଏଡାଇବା ଲାଗି ଶନିବାର ଅନ୍ତିମ ଦିବସରେ ଦଳ ଆହୁରି ୧୨୧ରନ ଦରକାର କରୁଛି।

# ଓଡ଼ିଶା ଏଫ୍‌ସି-ବେଙ୍ଗାଲୁରୁ ମ୍ୟାଚ ଆଜି

**ଭୁବନେଶ୍ୱର, ୨୯।୩**
**(ତପନ ସ୍ୱାଇଁ)**




ସର୍ଗିଓ ଲୋବେରା ଓ ଥୋଇବା ସିଂ।

ଚଳିତ ଇଣ୍ଡିଆନ ସୁପର ଲିଗ୍‌ (ଆଇଏସ୍‌ଏଲ୍‌)ରେ ଶନିବାର ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ବେଙ୍ଗାଲୁରୁସ୍ଥିତ ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଭାରତର ଅନ୍ତର୍ଜାତୀୟ ମ୍ୟାଚ ପାଇଁ କିଛି ଦିନର ବ୍ରେକ୍‌ ପରେ ପୁଣି ଆଇଏସ୍‌ଏଲ୍‌ ଆରମ୍ଭ ହେବାକୁ ଯାଉଥିବାବେଳେ ଓଡ଼ିଶା ଏଫ୍‌ସି ବିଜୟ ଆଶାରେ ରହିଛି। ମାର୍ଚ୍ଚ ୩ରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ଅପ୍ରତ୍ୟାଶିତ ଭାବେ ଚେନ୍ନାଇନ୍‌ ଏଫ୍‌ସି ନିକଟରୁ ହାରିଯିବାରୁ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଦଳ ପାଇଁ ଆଉ ୪ଟି ଲିଗ୍‌ ମ୍ୟାଚ ବାକିଥିବାରୁ ଆଗାମୀ ମ୍ୟାଚରେ ବିଜୟ ସହ ପଏଣ୍ଟ ଟେବୁଲରେ ନିଜର ସ୍ଥାନ ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ଏଫ୍‌ସି ଏ ପର୍ଯ୍ୟନ୍ତ ୧୦ଟି ମ୍ୟାଚ ଖେଳିଥିବାବେଳେ ୧୦ ବିଜୟ, ୫ ଡ୍ର ଓ ୩ ପରାଜୟ ସହ ୩୫ ପଏଣ୍ଟ ପାଇଛି।

ବେଙ୍ଗାଲୁରୁ ଏଫ୍‌ସି ମଧ୍ୟ ଏହାର ପୂର୍ବ ମ୍ୟାଚରେ ଏଫ୍‌ସି ଗୋଆ ନିକଟରୁ ୧-୨ ଗୋଲରେ ପରାସ୍ତ ହୋଇଥିଲା। ଏହି ମ୍ୟାଚର ୪୭ତମ ମିନିଟରେ ସୁରେଶ ସିଂ ୱାଙ୍ଗଜାମ ରେଡ୍‌କାର୍ଡ ପାଇଥିଲେ। ୧୯ ମ୍ୟାଚରୁ ୫ ବିଜୟ, ୬ ଡ୍ର ଓ ୮ ପରାଜୟ ସହ ବେଙ୍ଗାଲୁରୁ ୨୧ ପଏଣ୍ଟରେ ରହିଛି। ତେଣୁ ଅବଶିଷ୍ଟ ମ୍ୟାଚଗୁଡ଼ିକ ଜିତି ପ୍ଲେ-ଅଫ୍‌ରେ ସ୍ଥାନ ହାସଲ ଲକ୍ଷ୍ୟରେ ରହିଛି ଏହି ଦଳ। ପଏଣ୍ଟ ଟେବୁଲରେ ବେଙ୍ଗାଲୁରୁ ଏବେ ୭ମ ସ୍ଥାନରେ ରହିଛି।

ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ମଧ୍ୟରେ ପୂର୍ବରୁ ଗତ ଅକ୍ଟୋବରରେ ମୁକାବିଲା ହୋଇଥିଲା। ଘରୋଇ ପରିବେଶରେ କଳିଙ୍ଗ ୱାରିୟର୍ସ ୩-୨ ଗୋଲରେ ବେଙ୍ଗାଲୁରୁକୁ ପରାସ୍ତ କରିଥିଲା। ଏଥର ଆଇଏସ୍‌ଏଲ୍‌ ଶିଲ୍ଡ ଉପରେ ନଜର ରଖିଥିବାରୁ ଓଡ଼ିଶା ଏଫ୍‌ସି ଆଗାମୀ ମ୍ୟାଚରୁ ୩ ପଏଣ୍ଟ ହାସଲ ପାଇଁ ଲକ୍ଷ୍ୟ ରଖିଛି। ''ଆମ ପାଇଁ ଆଗାମୀ କାର୍ଯ୍ୟସୂଚୀ ଚିନ୍ତାଜନକ ରହିଛି। ୪ ଦିନ ବ୍ୟବଧାନରେ ଆମକୁ ୨ଟି ମ୍ୟାଚ ଖେଳିବାକୁ ହେବ। ତେଣୁ ଦଳକୁ ପ୍ରସ୍ତୁତ କରିବା ନିଶ୍ଚିତ କଷ୍ଟକର। ମାତ୍ର ଏହାକୁ ବାହାନା କଲେ ଚଳିବନି। ଆମକୁ ପରିସ୍ଥିତି ସହ ଖାପ ଖୁଆଇବାକୁ ହେବ ଏବଂ ଏଥିପାଇଁ ଆମେ ପ୍ରସ୍ତୁତ। ଏହା ଆମ ପାଇଁ ବଡ଼ ଚ୍ୟାଲେଞ୍ଜ। ବ୍ରେକ୍‌ ପରେ ଆମେ ପ୍ରତ୍ୟାବର୍ତ୍ତନ ପାଇଁ ବ୍ୟଗ୍ର

**ଇଣ୍ଡିଆନ ସୁପର ଲିଗ୍‌**

ଅଛୁ'' ବୋଲି ଶୁକ୍ରବାର ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି କୋଚ୍‌ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି। ସିଜନ ଶେଷ ପର୍ଯ୍ୟାୟରେ ଥିବାରୁ ଏଣିକି ପ୍ରତ୍ୟେକ ମ୍ୟାଚ ସବୁ ଦଳ ପାଇଁ ଫାଇନାଲ ସଦୃଶ। ଉତ୍ତମ ଖେଳାଳିଙ୍କୁ ନେଇ ବେଙ୍ଗାଲୁରୁ ଏକ ଶକ୍ତିଶାଳୀ ଦଳ। ବେଙ୍ଗାଲୁରୁ ଦଳ ଏହାର ଘରୋଇ ଷ୍ଟାଡିୟମରେ ମ୍ୟାଚ ଖେଳିବାକୁ ଯାଉଛି। ତେଣୁ ଆମ ପାଇଁ କଷ୍ଟସାଧ୍ୟ ହେବ ନିଶ୍ଚିତ। ଆମେ ଆମର ଶ୍ରେଷ୍ଠ ପ୍ରଦର୍ଶନ ଉପରେ ଫୋକସ କରୁଛୁ ବୋଲି ଲୋବେରା କହିଛନ୍ତି। ଲୋବେରାଙ୍କ ସହ ଉପସ୍ଥିତ ଥିବା ଓଏଫ୍‌ସି ଖେଳାଳି ଥୋଇବା ସିଂ ମଧ୍ୟ ଆଗାମୀ ମ୍ୟାଚକୁ ନେଇ ବେଶ୍‌ ଆଶାବାଦୀ ଅଛନ୍ତି। ନିକଟରେ ନିଜର ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରି ସେ କହିଛନ୍ତି ଯେ, ''ମାଲେସିଆ ବିପକ୍ଷରେ ଗୋଲ ଦେବା ବହୁତ ବଡ଼ ଉପଲବ୍ଧି। ଦୀର୍ଘ ବ୍ୟବଧାନ ଅର୍ଥାତ୍‌ ୨୦୧୭ ପରେ ଏହା ସମ୍ଭବ ହୋଇଛି। ଗୋଲ ସ୍କୋର ସହ ଦଳକୁ ସହାୟତା କରିଥିବାରୁ ମୋ ଆତ୍ମବିଶ୍ୱାସ ଖୁବ୍‌ ବଢ଼ିଛି। ଏବେ ଆଇଏସଏଲ୍‌ ମ୍ୟାଚ ଉପରେ ମୋ ନଜର ରହିଛି। ବେଙ୍ଗାଲୁରୁ ଏକ ଶକ୍ତିଶାଳୀ ଦଳ। ମାତ୍ର ଓଡ଼ିଶା ଏଫ୍‌ସି ମଧ୍ୟ ଏକ ଭଲ ଦଳ। ଆମେ ଗେମ୍‌ପ୍ଲାନ୍‌ ଅନୁସାରେ ଖେଳିଲେ ନିଶ୍ଚିତ ସକାରାତ୍ମକ ଫଳ ପାଇବୁ'' ବୋଲି ଥୋଇବା ପ୍ରକାଶ କରିଛନ୍ତି।

ଉଭୟ ଦଳ ମଧ୍ୟରେ ମୋଟ ୧୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏହା ମଧ୍ୟରୁ ଓଡ଼ିଶା ଏଫ୍‌ସି ୫ଟିରେ ବିଜୟୀ ହୋଇଥିବାବେଳେ ବେଙ୍ଗାଲୁରୁ ଏଫ୍‌ସି ୭ଟି ଜିତିଛି। ଅବଶିଷ୍ଟ ଗୋଟିଏ ମ୍ୟାଚ ଡ୍ର ରହିଛି।

## ଡବଲ୍ସରେ ଆହାନଙ୍କୁ ଟାଇଟଲ




ପାର୍ଟନର ସଂକଳ୍ପ ସାହାଣୀଙ୍କ ସହ ଆହାନ ମିଶ୍ର (ବାମ)।

**ଭୁବନେଶ୍ୱର, ୨୯।୩**
**(ତପନ ସ୍ୱାଇଁ)**

**୧୪ ବର୍ଷରୁ କମ୍‌ ଏସିଆନ ର୍‍ୟାଙ୍କିଙ୍ଗ୍‌ ଟେନିସ୍‌**

କୋଲକାତାର ଶ୍ୟାମ ବଜାରଠାରେ ୧୪ ବର୍ଷରୁ କମ୍‌ ଏସିଆନ ର୍‍ୟାଙ୍କିଙ୍ଗ ଟେନିସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଶେଷ ହୋଇଥିବା ପ୍ରତିଯୋଗିତାର ଡବଲ୍ସରେ ଓଡ଼ିଶାର ଆହାନ ମିଶ୍ର ଟାଇଟଲ ହାସଲ କରିଛନ୍ତି। ଏଥିରେ ଆହାନଙ୍କର ଡବଲ୍ସ ପାର୍ଟନର ଥିଲେ ପଶ୍ଚିମବଙ୍ଗର ସଂକଳ୍ପ ସାହାଣୀ। ଆହାନ-ସଂକଳ୍ପ ଯୋଡ଼ି ଫାଇନାଲରେ କର୍ଣ୍ଣାଟକର ଈଶାନ ବଡଗି ଓ ଓଡ଼ିଶାର ସାଇ ସ୍ୱସ୍ତିକ ମହାନ୍ତିଙ୍କୁ ୬-୧, ୬-୨ରେ ପରାସ୍ତ କରିଥିଲେ। ସିଙ୍ଗଲ୍ସ ଇଭେଣ୍ଟରେ ଆହାନ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇ ୬ଷ୍ଠ ସ୍ଥାନ ପାଇଥିଲେ। ଓଡ଼ିଶା ଟେନିସ ଆସୋସିଏଶନ ଏକାଡେମୀରେ ଟ୍ରେନିଂ ନେଉଥିବା ଆହାନ ସମ୍ପ୍ରତି ୧୪ ବର୍ଷରୁ କମ୍‌ ବାଳକ ର୍‍ୟାଙ୍କିଙ୍ଗ୍‌ର ୧୪ତମ ସ୍ଥାନରେ ଅଛନ୍ତି। ଆହାନ ଜଣେ ଅତ୍ୟନ୍ତ ପ୍ରତିଭାଧର ଖେଳାଳି। ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ଆଗକୁ ଯିବାର ଦକ୍ଷତା ରଖିଛନ୍ତି ବୋଲି ତାଙ୍କ କୋଚ୍‌ ସନ୍ତୋଷ ମଲିକ ପ୍ରକାଶ କରିଛନ୍ତି।

# ପାରାମାଉଣ୍ଟ-ରାମେଶ୍ୱର ଫାଇନାଲ ଆଜି



ପ୍ରଣିତ ନାୟକ ପ୍ଲେୟର ଅଫ୍‌ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୯।୩**
**(ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ବିଏମ୍‌ ହାଇସ୍କୁଲ ପଡ଼ିଆରେ ଚାଲିଥିବା କମଳା ପରିଡ଼ା ସ୍ମାରକୀ ରାମେଶ୍ୱର କପ୍‌ ଜୁନିୟର କ୍ରିକେଟ ୧୪ ବର୍ଷରୁ କମ୍‌ ବର୍ଗର ୨ଟି ଯାକ ସେମିଫାଇନାଲ ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ପାରାମାଉଣ୍ଟ ସ୍ପୋର୍ଟିଂ ଓ ରାମେଶ୍ୱର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଫାଇନାଲ ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପାରାମାଉଣ୍ଟ ୧୩୭ ରନରେ ଟାଉନ୍‌ କ୍ଲବକୁ ପରାସ୍ତ କରିଛି। ଟସ୍‌ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୫ ଓଭରରେ ୯ ଉଇକେଟ ହରାଇ

**ରାମେଶ୍ୱର କପ୍‌ ୧୪ ବର୍ଷରୁ କମ୍‌ କ୍ରିକେଟ**

୨୮୩ ରନ କରିଥିଲା। ଦଳ ପକ୍ଷରୁ ଶତକ ହାସଲ କରିଥିବା ପ୍ରନିତ ନାୟକ ୭୯ ବଲ୍‌ରୁ ୧୧୧ ରନର ଧୂଆଁଧାର ଇନିଂସ ଖେଳିଥିଲେ। ମୃତ୍ୟୁଞ୍ଜୟ ତ୍ରିପାଠୀ ୮୩ ରନ କରିଥିଲେ। ବିପକ୍ଷ ଦଳର ପ୍ରିତେଶ ମିଶ୍ର ୩ଟି ଉଇକେଟ ନେଇଥିଲେ। ଜବାବରେ ଟାଉନ୍‌ କ୍ଲବ ପ୍ରଜୋତ ସାମଲଙ୍କ ୭୧ ରନ ସତ୍ତ୍ୱେ ୩୫ ଓଭରରେ ୬ ଉଇକେଟ ହରାଇ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ବିଜୟ ସିଂ, ଏମ୍‌.ଏସ୍‌. ସ୍ୱାଧୀନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଶତକୀୟ ଇନିଂସ ପାଇଁ ପ୍ଲେୟର ଅଫ୍‌ ଦି ମ୍ୟାଚ ହୋଇଥିବା ପ୍ରନିତ ନାୟକ ଅତିଥି ବିଜୟ ରଥ ଓ ସୂର୍ଯ୍ୟ ନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅମ୍ପାୟର ପ୍ରିୟବ୍ରତ ପ୍ରଧାନ ଓ କରନ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ।



ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ୧୫ ବର୍ଷରୁ କମ୍‌ କ୍ରିକେଟ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

# ଗ୍ରୀନ୍ସ ଜିତିଲା ଉଦ୍‌ଘାଟନୀ ମ୍ୟାଚ

**ଭୁବନେଶ୍ୱର, ୨୯।୩**
**(ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଦିଲ୍ଲୀପ ପଣ୍ଡା ମେମୋରିଆଲ ୧୫ ବର୍ଷରୁ କମ୍‌ କ୍ରିକେଟ ଲିଗ୍‌ ଶୁକ୍ରବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ୮ ଉଇକେଟରେ ଜୟଦେବ କ୍ରୀଡ଼ା ସଂଘକୁ ପରାସ୍ତ କରିଛି। ଟସ୍‌ ହାରି ପ୍ରଥମେ ବ୍ୟାଟିଂ କରିଥିବା ଜୟଦେବ କ୍ରୀଡ଼ା ସଂଘ ୨୬.୪ ଓଭରରେ ୧୨୦ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଆୟୁଷ ପ୍ରଧାନ ସର୍ବାଧିକ ୬୭ ରନ କରିଥିଲେ। ବିପକ୍ଷ ଦଳର ଦେବୀ ପ୍ରସାଦ ରାଉତ ୩ଟି ଓ ଓମ୍‌ ପି. ସାହୁ ୨ଟି ଉଇକେଟ

**୧୫ ବର୍ଷରୁ କମ୍‌ କ୍ରିକେଟ ଲିଗ୍‌**

ନେଇଥିଲେ। ୧୨୧ ରନର ବିଜୟ ଲକ୍ଷ୍ୟକୁ ଗ୍ରୀନ୍ସ ୧୬.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଓପନର ଶୁଭଙ୍କର ମଲିକ ୫୮ ରନକରି ଅପରାଜିତ ରହିଥିଲେ। ଆର୍ଯ୍ୟନ ମହାନ୍ତି ୨୭ ରନ କରିଥିଲେ। ସ୍ୱାକ୍ଷର ମହାନ୍ତି, ସଞ୍ଜୟ ପଣ୍ଡା, ପ୍ରତାପ ପଣ୍ଡା,ବଲ୍ଲଭ ଚରଣ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଚଣ୍ଡୀ ପ୍ରସନ୍ନ ମହାପାତ୍ର ଓ ସନ୍ତୋଷ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ।

# ୟୁନିଟ୍‌-୬ ଆଥ୍‌ଲେଟିକ୍‌ ଆସୋସିଏଶନର ସହଜ ବିଜୟ

**ଭୁବନେଶ୍ୱର, ୨୯।୩**
**(ବିଜୟ ରଣା)**

କଟକସ୍ଥିତ ବିଭିନ୍ନ ଖେଳପଡ଼ିଆରେ ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍‌ ୨୦୨୩-୨୪ (୧୫ ବର୍ଷରୁ କମ୍‌), ଓଡ଼ିଶାର ମ୍ୟାଚଗୁଡ଼ିକ ଖେଳାଯାଉଛି। ଶୁକ୍ରବାରର ତୃତୀୟ ମ୍ୟାଚରେ ଭୁବନେଶ୍ୱରର ୟୁନିଟ-୬ ଆଥଲେଟିକ୍‌ ଆସୋସିଏଶନ ୬-୦

**ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍‌**

ଗୋଲ୍‌ରେ ଯୋବ୍ରାର ମ୍ୟୁନିସ୍‌ପାଲିଟି ବାଳିକା ହାଇସ୍କୁଲକୁ ହରାଇ ସହଜ ବିଜୟ ହାସଲ କରିଛି। ଦଳ ପକ୍ଷରୁ ଆୟୁଷୀ ଜେନା ୩, ଏ. ପ୍ରିୟଦର୍ଶିନୀ ୨ ଏବଂ ମାନି କେରାଇ ଗୋଟିଏ ଗୋଲ ସ୍କୋର କରିଛନ୍ତି। ଓଡ଼ିଶା ଏକାଦଶ ବନାମ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ଦିନର ପ୍ରଥମ ମ୍ୟାଚ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଓଡ଼ିଶା ଏକାଦଶ ପକ୍ଷରୁ ପାୟଲ ଜେନା (୨୮ତମ ମିନିଟ) ଏବଂ ସ୍ପୋର୍ଟ୍ସ ଓଡ଼ିଶା ତରଫରୁ ରୂପଶ୍ରୀ ମୁଣ୍ଡା (୫ମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚଟିରେ ଫାଓ ଏକାଡେମୀ ୨-୦ ଗୋଲ୍‌ରେ ସରକାରୀ ବାଳିକା ହାଇସ୍କୁଲ କାଜିବଜାରକୁ ପରାସ୍ତ କରିଛି। ବିଜୟୀ ଦଳପକ୍ଷରୁ ଲକ୍ଷ୍ମୀପ୍ରିୟା ବାରିକ (୨୧ତମ) ଓ ତୁଳସୀ ଟପୋ (୫୩ତମ) ଗୋଟିଏ ଲେଖାଏଁ ଗୋଲ୍‌ ଦେଇଥିଲେ।

# ମଣ୍ଟେ କାର୍ଲୋ, ମ୍ୟୁନିକ୍‌ରୁ ଓହରିଲେ ମୁରେ

**ଲଣ୍ଡନ, ୨୯।୩ (ଏପି)**

ଗୋଇଠରେ ଆଘାତପ୍ରାପ୍ତ ଯୋଗୁ ତିନି ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଣ୍ଡି ମୁରେ ଆଗାମୀ ମଣ୍ଟେ କାର୍ଲୋ ଓ ମ୍ୟୁନିକ୍‌ କ୍ଲେକୋର୍ଟ ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ତାଙ୍କ ମ୍ୟାନେଜମେଣ୍ଟ ଟିମ୍‌ ପକ୍ଷରୁ ଶୁକ୍ରବାର ଏହା ସ୍ପଷ୍ଟ କରାଯାଇଛି। ରବିବାର ମାୟାମି ଓପନରେ ଏକ ମ୍ୟାଚ ଖେଳୁଥିବା ସମୟରେ ୩୬ ବର୍ଷୀୟ ମୁରେଙ୍କ ବାମ ଗୋଇଠିରେ ଲିଗାମେଣ୍ଟ ସମସ୍ୟା ଦେଖା ଦେଇଥିଲା। ତେଣୁ ସେ କିଛି ଦିନ ପାଇଁ ଖେଳରୁ ଦୂରେଇ ରହିବେ। ବିଶ୍ୱର ଏହି ପୂର୍ବତନ ନମ୍ବର ୱାନ ଖେଳାଳି ଟୋମାସ ମାଚାକ୍‌ଙ୍କ ବିପକ୍ଷ ମ୍ୟାଚର ତୃତୀୟ ସେଟ୍‌ ଖେଳ ବେଳେ ଆଘାତପ୍ରାପ୍ତ ହୋଇଥିଲେ। ସେ ଏହି ମ୍ୟାଚ ୫-୭, ୭-୫, ୭-୬ (୫)ରେ ହାରିଯାଇଥିଲେ। ମଣ୍ଟେ କାର୍ଲୋ ମାଷ୍ଟର୍ସ ଏପ୍ରିଲ ୭ରୁ ଆରମ୍ଭ ହେଉଥିବା ବେଳେ ଏହାର ଏକ ସପ୍ତାହ ପରେ ମ୍ୟୁନିକ୍‌ରେ ବିଏମ୍‌ ଡବ୍ଲ୍ୟୁ ଓପନ ଆରମ୍ଭ ହେବ। ମୁରେ କିନ୍ତୁ ବ୍ରିଟେନ ପାଇଁ ପ୍ୟାରିସ ଅଲିମ୍ପିକ୍ସରେ ଖେଳିବା ଲାଗି ଆଶାବାଦୀ ଅଛନ୍ତି।






କଟକରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍‌ରେ ଶୁକ୍ରବାର ଫାଓ ଏକାଡେମୀ-କାଜିବଜାର ଏଚ୍‌ଏସ୍‌, ସ୍ପୋର୍ଟ୍ସ ଓଡ଼ିଶା-ଓଡ଼ିଶା ଏକାଦଶ ଓ ୟୁନିଟ ୬ ଆଥଲେଟିକ୍‌ ଆସୋସିଏଶନ-ଏଚ୍‌ଏସ୍‌ ଜୋବ୍ରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସାଧୁତା



**ଅନୁବାଦ ଗଳ୍ପ**

**ମୂଳ ଇଂରାଜୀ– ସୁଧା ମୂର୍ତ୍ତି**
**ଅନୁସୃଜନ– ଡ. ସୂଚନା ପାଢ଼ୀ**

ଜୁନ୍ ମାସ, ସକାଳ ସମୟ। ସବୁଦିନ ପରି ମୁଁ ଖବରକାଗଜ ପଢ଼ୁଥିଲି। ବସିଥିଲି ବାରଣ୍ଡା ଚୌକି ଉପରେ। ସେଇଦିନ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଖବରକାଗଜ ପ୍ରଥମ ପୃଷ୍ଠାରେ ର୍ୟାଙ୍କ୍ ରଖିଥିବା ଛାତ୍ରୀଛାତ୍ରଙ୍କ ନାମ, ରୋଲ୍ ନମ୍ବର, ଫଟୋରେ ପୂରି ରହିଥିଲା– ମୁଁ ଖୁସିରେ ଦେଖୁଥିଲି।

ର୍ୟାଙ୍କ ରଖିଥିବା ପିଲାଙ୍କ ଫଟୋ ଦେଖିବାକୁ, ସେମାନଙ୍କ ବିଷୟରେ ଜାଣିବାକୁ ମୋର ପ୍ରବଳ ଆଗ୍ରହ, ଦୁର୍ବଳତା କହିଲେ ଭୁଲ୍ ହେବନାହିଁ। ର୍ୟାଙ୍କ୍ ରଖିବା କେବଳ ପିଲାର ଜ୍ଞାନ ଦର୍ଶାଏ ନାହିଁ, ସେଥିସହିତ ତା'ର ପରିଶ୍ରମ, ନିଷ୍ଠା ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ମାନସିକତା ମଧ୍ୟ ସୂଚିତ କରିଥାଏ। ମୋର ପାରିବାରିକ ପୃଷ୍ଠଭୂମି ଥିଲା ମୁଁ ଜଣେ ପ୍ରଫେସରଙ୍କ ଝିଅ। ତେଣୁ ଜୀବନରେ ଶିକ୍ଷାର ମହତ୍ତ୍ୱ ଉପଲବ୍ଧି କରିବା ଓ ନିଜର ଅନୁଭୂତି ମୋ ମାନସିକତାକୁ ସେପରି କରିଦେଇଥିଲା।

ପ୍ରଥମ ପୃଷ୍ଠାରେ ବାହାରିଥିବା ପୋଜିଶନ ପିଲାଙ୍କ ଭିତରୁ ଜଣେ ପୁଅପିଲାର ଫଟୋ ମୋର ଦୃଷ୍ଟି ଆକର୍ଷଣ କରିଥିଲା। ସେଇ ଫଟୋ ଉପରୁ ଦୃଷ୍ଟି ଫେରାଇପାରୁ ନ ଥିଲି। ଫଟୋରେ ପିଲାଟିର ମୁହଁରେ ଚମକ ନ ଥିଲା ଅଥଚ ଜ୍ୟୋତିଷ୍ମାନ୍ ଚକ୍ଷୁଦ୍ୱୟ। ପିଲାଟି ଅଷ୍ଟମ ସ୍ଥାନ ଅଧିକାର କରିଥିଲା, ତା' ନାଁ ହନୁମନ୍ତାପ୍ପା। ତା' ବିଷୟରେ ଅଧିକ ଜାଣିବାକୁ ଆଗ୍ରହ ବଢ଼ିଲା।

ତା' ପରଦିନ ପୁଣି ସେଇ ପିଲାଟିର ଫଟୋ ପେପରରେ ବାହାରିଥିଲା। ଏଥର ଫଟୋ ସହିତ ଇଣ୍ଟରଭ୍ୟୁ। ଆଶ୍ଚର୍ଯ୍ୟ ଲାଗିଲା... ଇଣ୍ଟରଭ୍ୟୁ ପଢ଼ି ଜାଣିଲି ଯେ ସେ ଜଣେ କୁଲିର ପୁଅ। ସେମାନେ ଅନୁନ୍ନତ ଆଦିବାସୀ ସମ୍ପ୍ରଦାୟର। ତାକୁ ଉଚ୍ଚଶିକ୍ଷା ଦେବାର ସାମର୍ଥ୍ୟ ତା' ମା'ବାପାଙ୍କର ନାହିଁ। ବାପା ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି, ଦିନକୁ ଚାଳିଶ ଟଙ୍କା ମଜୁରି ପାଇଥାଆନ୍ତି।

ର୍ୟାଙ୍କ୍ ରଖିଥିବା ପିଲାଟି ଉଚ୍ଚଶିକ୍ଷା ପାଇପାରିବ ନାହିଁ ବୋଲି ଜାଣି ମନଦୁଃଖ ହୋଇଥିଲା। ଭାବିଥିଲି ଆମ ଭିତରୁ ଅଧିକାଂଶ ଲୋକ ପିଲାଙ୍କୁ ଟ୍ୟୁଶନ ପଠାନ୍ତି। ଯେତେ ନୋଟ୍, ବହି, ଖାତା, ପେନ୍ ଦରକାର କିଣେଇଥାଆନ୍ତି। ସେସବୁ ଖର୍ଚ୍ଚର ହିସାବ ରଖନ୍ତି ନାହିଁ। କିନ୍ତୁ ହନୁମନ୍ତାପ୍ପା ପାଇଁ ତାହା ଥିଲା ଦୁର୍ଲଭ। ସେ ତା' ଜୀବନରେ ସର୍ବନିମ୍ନ ଆବଶ୍ୟକଠାରୁ ମଧ୍ୟ ନିମ୍ନରେ ରହି ପାଠ ପଢ଼ୁଥିଲା।

ମୁଁ ତା' କଥା ଭାବି ଭାବି ପଡ଼ିଶାଘରର ଆମ୍ବଗଛକୁ ଦେଖୁଥିଲି। ଆମ୍ବଗଛରେ ଫଳିଥିବା ଆମ୍ବଗୁଡ଼ିକ ସବୁଜପତ୍ର ଗହଳ ଭିତରେ ରହି ଆକୃଷ୍ଟ କରୁଥିଲେ। ଦେଖୁଥିଲି ସବୁଜ ଆମ୍ବ ଭିତରୁ ଉଙ୍କିମାରୁଛି ପକ୍ୱ ଆମ୍ବର ଭବିଷ୍ୟତ। କୁହୁଡ଼ି ଭିତରେ ଥାଇ ମଧ୍ୟ ଅଧିକ ଆକର୍ଷଣୀୟ ଦେଖାଯାଉଥିଲା ସେହି ଆମ୍ବଗଛ। ଆମ୍ବଗଛ ମୂଳେ ଥିଲା ଗୋଟିଏ ମାଟିକୁଣ୍ଡ, ସେଥିରେ ମୁଣ୍ଡଟେକି ଚାହୁଁଥିଲା ଛୋଟ ଗଛଟିଏ, ସୀମିତ ଅଭିବୃଦ୍ଧି।

ପ୍ରକୃତି ନିର୍ମଳ... ଥଣ୍ଡା ପବନର ରାଜୁତି। ନିଶ୍ଚିନ୍ତ ମନକୁ ବିଭିନ୍ନ ଭାବନା କବଳିତ କରୁଥିଲେ। ସେତିକିବେଳେ ଭାବନାରେ ବ୍ୟାଘାତ ଘଟାଇଥିଲା ପ୍ରେସର୍‌କୁକରର ହୁଇସିଲ ଶବ୍ଦ। ଘଣ୍ଟା ଦେଖିଲି... ଅଧଘଣ୍ଟା ଅତିବାହିତ।

ହନୁମନ୍ତାପ୍ପା ସାକ୍ଷାତ୍‌କାର ଅବସରରେ ତା'ର ଠିକଣା ଦେଇଥିଲା। ସାଙ୍ଗେ ସାଙ୍ଗେ ସମୟ ନଷ୍ଟ ନ କରି ପୋଷ୍ଟକାର୍ଡ ଆଣି ତା' ପାଖକୁ ଚିଠି ଲେଖିଲି। ଜଣାଇଥିଲି ତୁମ ସହିତ ମୁଁ ଦେଖା କରିବାକୁ ଚାହୁଁଛି, ତୁମେ ବାଙ୍ଗାଲୋର ଆସିପାରିବ କି? ସେତିକିବେଳେ ମୋ' ବାପା ପ୍ରାତଃଭ୍ରମଣରୁ ଫେରିଥିଲେ। ଟେବୁଲ ଉପରେ ଥିବା ମୋ' ଲିଖିତ ପୋଷ୍ଟକାର୍ଡ ତାଙ୍କ ଦୃଷ୍ଟିଗୋଚର ହୋଇଥିଲା। ବାପା ବାସ୍ତବବାଦୀ ମଣିଷ। କହିଲେ– ଏତେ ବାଟରୁ ଆସିବା ପାଇଁ ସେ ଟଙ୍କା କୋଉଠୁ ପାଇବ? ତୁ ଯଦି ତା' ସହିତ ଦେଖା କରିବାକୁ ଚାହୁଁଛୁ, ତା'ର ଯିବାଆସିବା ଖର୍ଚ୍ଚ ଓ ଭଲ ଡ୍ରେସ୍ କିଣିବା ପାଇଁ କିଛି ଟଙ୍କା ପଠେଇଦେ।

ତେଣୁ ମୁଁ ତୃତୀୟ ଧାଡ଼ିରେ ଲେଖିଲି, ତୁମ ଗସ୍ତଖର୍ଚ୍ଚ ଓ ନୂଆଡ୍ରେସ୍ କିଣିବା ପାଇଁ କିଛି ଟଙ୍କା ପଠାଇବି।

ଚିଠି ପାଇବା ପରେ ହନୁମନ୍ତାପ୍ପା ଉତ୍ତର ଦେଇଥିଲା। ପ୍ରଥମ ଧାଡ଼ିରେ ଧନ୍ୟବାଦ। ଦ୍ୱିତୀୟ ଧାଡ଼ି– ସେ ବାଙ୍ଗାଲୋର ଆସି ମୋ' ସହିତ ଦେଖା କରିବାକୁ ଇଚ୍ଛୁକ। ମୁଁ ଚିଠି ପଢ଼ିବା ସାଙ୍ଗେ ସାଙ୍ଗେ ତା' ପାଖକୁ ଟଙ୍କା ଓ ମୋତେ ଭେଟିବା ଜାଗାର ଠିକଣା ଲେଖି ପଠାଇଦେଲି।

ଯୋଉଦିନ ସିଏ ଆମ ଅଫିସକୁ ମୋ' ସହିତ ଦେଖା କରିବାକୁ ଆସିଥିଲା, ତାକୁ ଦେଖି ମନେହେଲା ସତେ ଯେମିତି ସେ ଏବେ ଭୟଭୀତ ବାଛୁରୀ, ଗୋଠଛଡ଼ା ହୋଇ ପଶିଆସିଛି। ଅନୁମାନ କଲି ସେ ନିଶ୍ଚୟ ପ୍ରଥମ ଥର ପାଇଁ ବାଙ୍ଗାଲୋର ଆସିଛି। ଟ୍ରାଉଜର ଉପରେ ଶାର୍ଟ ପିନ୍ଧିଥିଲା, କେଶବିନ୍ୟାସ ଉତ୍ତମ, ଆଖିର ଚମକ ଥିଲା ତା' ବ୍ୟକ୍ତିତ୍ୱର ପ୍ରକାଶକ।

ହନୁମନ୍ତାପ୍ପାକୁ ଦେଖିବା ମାତ୍ରେ କହିଥିଲି– ତୁମର ସଫଳତା ପାଇଁ ଆମେ ଖୁବ୍ ଆନନ୍ଦିତ। ତୁମେ ଉଚ୍ଚ ଶିକ୍ଷା ପାଇଁ ଆଗ୍ରହୀ କି? ଆମେ ତୁମର ସବୁ ଖର୍ଚ୍ଚ ବହନ କରିବାକୁ ଇଚ୍ଛୁକ। ହନୁମନ୍ତାପ୍ପା କିଛି ଉତ୍ତର ଦେଲା ନାହିଁ।

ପିଲାଟି ସହିତ କଥାବାର୍ତ୍ତା କରୁଥିବା ବେଳେ ମୋ' ପାଖରେ ଜଣେ ଅଫିସର ବସିଥିଲେ। କହିଲେ– ସେ ହଠାତ୍ କିଛି ନିଷ୍ପତ୍ତି ନେଇପାରିବ ନାହିଁ, କିଛି ସମୟ ପରେ ଭାବିଚିନ୍ତି ଯାହାକିଛି ଜଣାଇବ।

ସତକୁ ସତ କିଛି ସମୟ ଭାବିବା ପରେ ହନୁମନ୍ତାପ୍ପା ଫେରିଯିବାକୁ ଉଦ୍ୟତ ହେଲା। ଯିବା ପୂର୍ବରୁ କହିଲା– ମ୍ୟାଡାମ୍! ଆମ ଗାଁ ପାଖରେ ସି.ଟି. ଟ୍ରେନିଂ ସ୍କୁଲଟିଏ ଅଛି। ମୁଁ ସେଇଠି ଜଏନ୍ କରିବାକୁ ଠିକ୍ କରିଛି।

ମୁଁ କହିଲି– ତୁମେ ଅନ୍ୟ କିଛି ପଢ଼ିବାକୁ ଚାହିଁଲେ ମଧ୍ୟ ପଢ଼ିପାରିବ। ଆମେ ସବୁ ଖର୍ଚ୍ଚ ବହନ କରିବୁ। ସେ କହିଲା– ସେହି କଲେଜରେ ହଷ୍ଟେଲ ଅଛି କି? ମାସକୁ କେତେଟଙ୍କା ଦେବାକୁ ପଡ଼ିବ? କଲେଜ ବିଷୟରେ ଟିକିନିଖି ବୁଝିବା ପରେ ଜଣାଇବି। ସେଦିନ ଆଶାପୂର୍ଣ୍ଣ ହୃଦୟରେ ବିଦାୟ ନେଇ ଚାଲିଗଲା।

ଚାରିଦିନ ପରେ ତା'ର ସୁନ୍ଦର ହସ୍ତାକ୍ଷରରେ ଲେଖା ଚିଠିଟିଏ ମୋର ହସ୍ତଗତ ହେଲା। ସେ ଜଣାଇଥିଲା– ସି.ଟି. ଟ୍ରେନିଂ ସ୍କୁଲରେ ପଢ଼ିବା ପାଇଁ ମାସକୁ ତିନିଶହ ଟଙ୍କା ଦରକାର। ସେ ଓ ତା' ସାଙ୍ଗ ଭଡ଼ାଘର ନେଇ ରହିବେ, ନିଜେ ରୋଷେଇ କରିବେ, କମ୍ ଖର୍ଚ୍ଚରେ ଚଳିଯିବ।

ସି.ଟି. ଟ୍ରେନିଂ ସ୍କୁଲରେ ହନୁମନ୍ତାପ୍ପା ନାମ ଲେଖାଇବା କଥା ଜାଣିବା ପରେ ଏକାଥରକେ ଛଅମାସ ପାଇଁ ଟଙ୍କା ପଠାଇଦେଲି। ମୋ' ଡ୍ରାଫ୍ଟ ଗ୍ରହଣ କରି ସେ କୃତଜ୍ଞତା ଜଣାଇଥିଲା।

ଛଅମାସ ପୂରିବା ପରେ ପୁଣି ଛଅମାସ ପାଇଁ ଅଠରଶହ ଟଙ୍କା ପଠାଇଦେଲି। କିନ୍ତୁ ଦ୍ୱିତୀୟଥର ଟଙ୍କା ଗ୍ରହଣ କରିବା ପରେ ଗୋଟିଏ ଲଫାପା ଭିତରେ ଚିଠି ଓ ଟଙ୍କା ରଖି ମୋ' ପାଖକୁ ପଠାଇଥିଲା ହନୁମନ୍ତାପ୍ପା। ଚିଠିରେ ଲେଖିଥିଲା– ମ୍ୟାଡାମ୍! ନମସ୍କାର। ମୁଁ ଗତ ଦୁଇମାସ ହେଲା କଲେଜରେ ନ ଥିଲି। କାରଣ ଗତମାସ କଲେଜ ଛୁଟିଥିଲା, ତା' ପର ମାସ ଷ୍ଟ୍ରାଇକ୍ ପାଇଁ ଛୁଟି ହୋଇଯାଇଥିଲା। ତେଣୁ ସେହି ଦୁଇମାସ ମୁଁ ଘରେ ରହିଥିଲି। ମୋର ଖର୍ଚ୍ଚ ତିନିଶହରୁ କମ୍ ଥିଲା। ବଳକା ଟଙ୍କା ଫେରାଇ ଦେଇଛି, ଦୟାକରି ଗ୍ରହଣ କରିବେ।

ମୁଁ ଫେରସ୍ତ ଟଙ୍କା ଗ୍ରହଣ କରିଥିଲି ସତ, କିନ୍ତୁ ଏତେ ଗରିବ ଅବସ୍ଥାରେ ଥାଇ ମଧ୍ୟ ତା'ର ନିର୍ଲୋଭ ପ୍ରକୃତି ମୋତେ ମୁଗ୍ଧ କରିଥିଲା। ପ୍ରତି ମାସରେ ବଳକା ହେଉଥିବା ଟଙ୍କା ହିସାବ କରି ମୋତେ ଫେରସ୍ତ ଦେଉଥିଲା, ଯାହା କେହି ବିଶ୍ୱାସ ନ କଲେ ମଧ୍ୟ ତା'ର ସାଧୁତା ନିକଟରେ ମୁଣ୍ଡ ନୁଆଁଇ ଦେଇଥିଲି।


ଅନୁଭୂତିରୁ ଅନୁଭବ କଲି ସାଧୁତା କେବଳ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଶିକ୍ଷିତ କିମ୍ବା ଧନୀମାନଙ୍କ ପାଖରେ ନ ଥାଏ। ଏଥିପାଇଁ କୌଣସି ବିଶ୍ୱବିଦ୍ୟାଳୟରେ ଶିକ୍ଷା ଦିଆଯାଏ ନାହିଁ। ଗରିବ ହେଲେ ମଧ୍ୟ ଅନେକ ମଣିଷଙ୍କ ହୃଦୟ ସାଧୁଭାବାପନ୍ନ ସଚ୍ଚୋଟ ଭାବନା ଭାବିତ। ସେହି ପ୍ରକୃତିର ପିଲା ଥିଲା ଗରିବ କୁଲିର ପୁଅ ହନୁମନ୍ତାପ୍ପା।

ସରଳ ପ୍ରକୃତିର କିଶୋର ହନୁମନ୍ତାପ୍ପାର ଆଚରଣକୁ କି ମୂଲ୍ୟଦେଇ ଆକଳନ କରିବି ଜାଣିପାରୁ ନ ଥିଲି। କେବଳ ମନେମନେ ଭଗବାନ୍‌ଙ୍କୁ ଜଣାଇଥିଲି– ପ୍ରଭୁ! ତା' ଜୀବନକୁ ଉନ୍ନତିର ଶୀର୍ଷ ସ୍ଥାନରେ ପହଞ୍ଚାଇଦିଅନ୍ତୁ। ତା' ଚଲାପଥ କୁସୁମିତ ହେଉ।

ମୋ: ୯୪୩୮୬୦୪୮୬୫

## ପୁସ୍ତକ ପରିଚୟ

### ହେ ଜୀବନ!



**କବି:** ଲିଙ୍ଗରାଜ ରଥ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍ଲିନ୍, ଯୁକ୍ତରାଷ୍ଟ୍ର ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୨୦/–

ମୋଟ ୧୩୦ଟି କବିତା ସ୍ଥାନିତ ଆଲୋଚ୍ୟ କବିତାଗ୍ରନ୍ଥ 'ହେ ଜୀବନ!'ରେ। କବିତାଗୁଡ଼ିକୁ କବି 'ଅଣୁ କବିତା' କହିଛନ୍ତି, କାରଣ ଏସବୁ କବିତାର କଳେବର ଅତି କ୍ଷୁଦ୍ର। କବିତାଗୁଡ଼ିକ ଗୀତିଧର୍ମୀ, ଏଣୁ ଏ କବିତାକୁ ଗୀତି କବିତା ପର୍ଯ୍ୟାୟରେ ଗ୍ରହଣ କରାଯାଇପାରେ। 'ନିଜକଥା'ରେ ଲିଙ୍ଗରାଜ ଲେଖିଛନ୍ତି: ''ଜୀବନ ସମ୍ବନ୍ଧୀୟ କବିତାଗୁଡ଼ିକୁ ନେଇ 'ହେ ଜୀବନ!' x x ବିଭିନ୍ନ କବିତାରେ ଜୀବନକୁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଶ୍ଳେଷଣ ଓ ବର୍ଣ୍ଣନା କରାଯାଇଛି।'' କେତେକ କବିତାରେ ବ୍ୟଙ୍ଗଧର୍ମୀ ବଚନିକା ଏଡ଼େ ତୀବ୍ର ଯେ ପଢ଼ିଲେ ଆଖି ଠାଏଠାଏ ଅଟକିଯାଏ। ଯଥା: ''ଶାଗୁଣା ମୁଁ ଖୋଲି ଆଖି/ ଆକାଶୁ ପାରୁଛି ଦେଖି / କେତେ ଅଫିସର୍ ...ନେତା, ଡାକ୍ତର୍ / ଖାଉଛନ୍ତି ମଡ଼ ମହା ଆହ୍ଲାଦେ / ମୋ ପାଇଁ ନାହାନ୍ତି ରଖି।'' (ଶାଗୁଣା ମୁଁ, ପୃ: ୫୧)। କବିତାଗୁଡ଼ିକରେ ଥିବା ଦାର୍ଶନିକ ଆବେଦନ ଅଭୁଲା ହୋଇ ରହିଯାଏ, ଥରେ ଆଖି ବୁଲାଇ ନେଲେ। ଉଦାହରଣଟିଏ ନେବା: ''ହସରୁ ଚେନାଏ / ଲୁହରୁ ଟୋପାଏ / ଯତନେ ମିଶାଇ ଦିଅ / ହୋଇଗଲା ଇଏ ମଣିଷ ଜୀବନ... / ବନ୍ଧୁ ହେ! ଜିଉଥାଅ।'' (ବନ୍ଧୁ ହେ! ଜିଉଥାଅ, ପୃ: ୬୯)। କବି ବଂଶୀଧର ଷଡ଼ଙ୍ଗୀ ଲେଖିଛନ୍ତି: ''ତାଙ୍କ (କବିଙ୍କ) କଣ୍ଠସ୍ୱରରେ ବୈଦିକ ଋଷିତୁଲ୍ୟ ନିର୍ଲିପ୍ତତା ଲକ୍ଷ୍ୟ କରାଯାଇପାରେ। ସହଜ ସରଳ ଶବ୍ଦ ଏବଂ ଶୈଳୀ। ମାତ୍ର ପ୍ରଭାବ ଗଭୀର।'' (ପୃ: ୫୮) ଓଡ଼ିଆ କବିତାରେ 'ହେ ଜୀବନ!' ଏକ ବ୍ୟତିକ୍ରମୀ ସଫଳ ସଂଯୋଜନ।


### ମତ୍ସ୍ୟକନ୍ୟା ସିକତା



**ଲେଖିକା:** ଜାହ୍ନବୀ ମିଶ୍ର
**ପ୍ରକାଶକ:** ଜେ.ଜେ. ଆଣ୍ଡ୍ କୋ, ନବୀ ମୁମ୍ବାଇ, ମହାରାଷ୍ଟ୍ର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ. ୩୯୯/–

ମହାଭାରତର ଏକ ବିସ୍ମୟକର ଚରିତ୍ର ଅଦ୍ରିକା, ଯେ କି ଜଣେ ଅପ୍ସରା, ଅଭିଶାପଗ୍ରସ୍ତା ହୋଇ ମତ୍ସ୍ୟରେ ରୂପାନ୍ତରିତା। ଶାପମୋଚନର ସର୍ତ୍ତ– ସ୍ୱଗର୍ଭରୁ ମାନବ ଶିଶୁର ଜନ୍ମ। ଏହି ଚରିତ୍ରଟିକୁ ନେଇ ମତ୍ସ୍ୟକନ୍ୟା ସିକତା ଓ ଭଦ୍ରାଚଳଙ୍କ ଜୀବନ କାହାଣୀ ବିନ୍ୟସ୍ତ ଉପନ୍ୟାସଟିରେ। କାହାଣୀର ବହୁମୁଖୀନତା, କଳ୍ପନା ଓ ବାସ୍ତବତାର ପରସ୍ପରଚ୍ଛେଦୀ ଗତିଶୀଳତା ଏବଂ ସର୍ବୋପରି ଉପନ୍ୟାସଟିର ଭାଷା ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଜାହ୍ନବୀଙ୍କ ଉପସ୍ଥିତିର ସ୍ୱାତନ୍ତ୍ର୍ୟକୁ ସୂଚାଇଥାଏ। ୧୧ଟି ପରିଚ୍ଛେଦରେ ବିଭକ୍ତ ଏକ ରୋମାଞ୍ଚଧର୍ମୀ ବାସ୍ତବତା, ଯହିଁରେ ସ୍ୱପ୍ନ ମିଶି ରହିଛି। ଯଥାର୍ଥରେ ନିଜର କଥନିକାକୁ ଏକ ଅମଡ଼ାବାଟରେ ଆଗେଇନେବା ଦିଗରେ ଲେଖିକାଙ୍କର ଏ ସୃଜନ–ବ୍ରତ। 'ଅବତରଣିକା'ରେ ହିରଣ୍ମୟୀ ମିଶ୍ର ଲେଖିଛନ୍ତି: ''ଏ ଉପନ୍ୟାସ ଆମ ସାହିତ୍ୟ ପାଇଁ ସମ୍ପୂର୍ଣ୍ଣ ନୂଆ ପ୍ରୟାସ।'' ତେବେ ସାହିତ୍ୟ ରଚନାରେ ହାତପାକଳ ହୋଇ ନ ଥିବାରୁ କାହାଣୀ ଅବତାରଣାର ଭାଷାରେ କେଉଁଠି କେଉଁଠି ଲେଖିକା ଛନ୍ଦି ହୋଇ ପଡୁଥିବା ପାଠକର ଅଲକ୍ଷ୍ୟ ରହେନାହିଁ। ଆଶା, ନିଜସ୍ୱ ସାମର୍ଥ୍ୟରେ ଜାହ୍ନବୀ ତାଙ୍କର ଏହି ଅକୁଳାଣପଣିଆକୁ ଖୁବ୍ ଶୀଘ୍ର ଅତିକ୍ରମ କରିଯିବେ।

## କାଳକାଳକୁ



**''ଯାହା କିଛି ବି ହେଉ, ତାହା ସତ୍ୟଠୁଁ ଯଥେଷ୍ଟ କମ୍‌ଜୋର୍।''**
**–ରବର୍ଟ ଫ୍ରଷ୍ଟ**

**ରବର୍ଟ ଫ୍ରଷ୍ଟଙ୍କ** ଜନ୍ମ ୨୬ ମାର୍ଚ୍ଚ ୧୮୭୪ରେ, ଆମେରିକାର ସାନ୍ ଫ୍ରାନ୍‌ସିସ୍କୋରେ ଓ ପରଲୋକ ୨୯ ଜାନୁଆରୀ ୧୯୬୩ରେ, ଆମେରିକାର ବୋଷ୍ଟନ୍‌ରେ। କବିତା ଓ ନାଟକ – ଉଭୟ କ୍ଷେତ୍ରରେ ଅତୁଳନୀୟ ପ୍ରତିଷ୍ଠା ଅର୍ଜନ କରିଥିବା ଏହି ଆମେରିକୀୟ ଲେଖକଙ୍କର କେତେକ କାଳଜୟୀ କୃତି ହେଲା– 'ଏ ବଏଜ୍ ଉଇଲ୍', 'ନର୍ଥ ଅଫ୍ ବୋଷ୍ଟନ୍' ଓ 'ନିଉ ହାମ୍‌ପ୍ସାୟାର୍'। ବିଶିଷ୍ଟ କବି ଓ ସମାଲୋଚକ ରାଣ୍ଡାଲ ଜାରେଲ୍ କହନ୍ତି: ''ବିଂଶ ଶତାବ୍ଦୀର ଆମେରିକୀୟ କବିତାରେ ଫ୍ରଷ୍ଟ ହେଉଛନ୍ତି ସର୍ବୋତ୍ତମ କବି। ନଗଣ୍ୟ ମଣିଷଙ୍କ ଜୀବନ ସମ୍ପର୍କରେ ଏତେ ଭଲ କବିତା ତାଙ୍କ ସମକାଳରେ ଆଉ କେହି ଲେଖିଥିବା ମନେହୁଏ ନାହିଁ। କବିତା ପାଇଁ ଫ୍ରଷ୍ଟଙ୍କୁ ମିଳିଛି ମର୍ଯ୍ୟାଦାଜନକ 'ପୁଲିଜର ପ୍ରାଇଜ୍'।

## କବିତା

### ଝୁଲା
**ମଧୁସୂଦନ ଦାଶ**

ଆକ୍ୱାରିଅମର ମାଛ ପରି
ମୁଁ ପହଁରୁଥାଏ
କେମିତି ଜାଣିବି ସମୁଦ୍ର ପହଁରା

ନିଅନ ଆଲୁଅରେ
ମୁଁ ବେଶୀ ବେଶୀ ଅଭ୍ୟସ୍ତ ଥାଏ
ମୋତେ ଦିଶନ୍ତିନି ଜହ୍ନ ଆଉ ତାରା।

ମୁଁ ବରଗଛକୁ ଚାହେଁ
ଦେଖେ ତା'ର ପୁଷ୍ପିଳ ଚେହେରା
ମୋ ଭିତରର ଗଛ ଥୁଣ୍ଟାଥୁଣ୍ଟା ଦିଶେ
ପତ୍ର ନ କଅଁଳି ଦଉଥାଏ ପତ୍ରଝଡ଼ା।

ମୋ ବୈଠକଖାନାର ପ୍ଲାଷ୍ଟିକ ଫୁଲସବୁ
ଗେହ୍ଲେଇ ହୁଅନ୍ତି କେତେ ରକମରେ
ବଗିଚାର ଜାତି ଜାତି ବଣୁଆ ଫୁଲଙ୍କର
ଗର୍ଭପାତ ହୁଏ ମୋ ଦୃଷ୍ଟି ନ ପଡ଼ିବାରେ।
ମୋ ପୋଷାକୁକୁରର
ଅସୁବିଧା ହେଲେ ମୁଁ ଘାବରେଇ ଯାଏ
ମୋ ବାଡ଼ି ପାଖର କୁତୀର କାନ୍ଦଣା
ମୋ ପାଖରେ ନ ପହଞ୍ଚି
ଉଭେଇ ଥାଏ।

ଭିକାରିଟିଏ ଭିକ ମାଗିଲେ
ମୁଁ ମୁହଁ ବୁଲେଇ ନିଏ
ମୋ ଭିକ୍ଷା ଝୁଲା ଭର୍ତ୍ତି ହେବା ପାଇଁ
ମୁଁ ଝୁଲା ବଦଳଉ ଥାଏ।

ମୋ: ୯୪୩୭୩୩୨୪୯୮

### ବୋଉ
**ସନ୍ନ୍ୟାସୀ ନାୟକ**

ବୋଉ ମୋର ଆତ୍ମା ନନ୍ଦିଘୋଷ
ବୋଉ ମୋର ଭାଗ୍ୟ ଭାଗବତ,
ବୋଉ ମୋର ଦୁନିଆର
ସବୁତକ ତୀର୍ଥ
ବୋଉ ଆଶୀର୍ବାଦେ
ମୋ' ଜୀବନ ସାର୍ଥକ।

ଯାହାର ହାତ ଶ୍ରୀମନ୍ଦିର ନେତ
ଶରଧାରେ ଡାକି କୋଳେଇ ନେଇଛି
ମୁଁ ଅଧମ ଭକତ,
ବୋଉ ମୋର ଜୀବନର ଗୀତ,
ତା' ଛଡ଼ା ସଂସାରରେ
ନାହିଁ କିଛି ସତ୍ୟ।
ବୋଉ ମୋର
ଯଶୋଦାର ରୂପକଳ୍ପ
ଦେବକୀର ଦୁଃଖ,
ବୋଉ ମୋର
ଗୀତା, ବାଇବେଲ୍, କୋରାନ
ଦୁନିଆର ସବୁତକ ସୁଖ।

ବୋଉ ପାଇଁ
ଯେତେ ଲେଖିଲେ ବି
ଦୁନିଆର ସବୁଶବ୍ଦ ନିଅଣ୍ଟ ପଡ଼ିବ,
ବୋଉ ଲାଗି ସାରା ସୃଷ୍ଟି
ସୂର୍ଯ୍ୟ ଚନ୍ଦ୍ର ଆତଯାତ ଥିବ।

ମୋ: ୯୪୩୭୩୫୨୫୬୦

### ସର୍ତ୍ତ
**ବର୍ଷାରାଣୀ ମହାମଲ୍ଲିକ**

ଯେତେ ଦରଜ ଦେବାର ଅଛି ଦିଅ
ମୋ' ଗତ ଆଗତ ସମୟ ତ
ତମ ଆୟତ୍ତରେ
ଭାଙ୍ଗିଦିଅ ମୋର ଅଭୀପ୍ସିତ ସ୍ୱପ୍ନ
ସମ୍ଭାର
ଖିନ୍‌ଭିନ୍ କରିଦିଅ ଆଶ୍ରାର ଆଧାର
ରୁଗ୍ ରୁଗ୍ ଯନ୍ତ୍ରଣାରେ ଲେପି ଚୂନ
ଟାଣିଆଣ ଦେହରୁ ପୁଳାପୁଳା ମାଂସ
ମୋର କିଛି କହିବାର ନାହିଁ...

ଦିଅ ଦିଅ ମାନସିକ ଚାପ
ଘାଣ୍ଟି ଚକଟି ଦଳିଦିଅ ମୋର ଅସ୍ତିତ୍ୱ
ଦିଅ ନିନ୍ଦା ଅପମାନ, କର ଘୃଣା
କରିବିନି ମନ ଊଣା...

ମତେ ବଦନାମ ଅବା ବରବାଦ କରି
ତିଳ ତିଳ କରି ଲିଭାଇପାର,
ବାରଣର ପ୍ରଶ୍ନ ନାହିଁ ଜମା
ମତେ ହଟାଇଦିଅ
ପୂରଣ କର ତମ ଉଦ୍ଦେଶ୍ୟ
ଜାଣେ ତମେ ଜଣକୁ କନ୍ଦାଇ
ଖୁବ୍ ହସିପାର
ମୋ' ରକ୍ତରେ ତମେ ପହଁରି
ଆର ପାରିକୁ ଯାଇପାର
କିନ୍ତୁ ମୋର ଗୋଟେ ସର୍ତ୍ତ,
ମୋର ଶିକାର ପରେ
ଆଉ ଯେମିତି କେହି ନ ହୁଅନ୍ତୁ
ତୁମର ଶିକାର।

ମୋ: ୮୨୬୦୬୫୯୩୩୨

### ତୁମେ ରହିଗଲ ହୃଦୟରେ
**ତେଜସ୍ୱିନୀ ପଣ୍ଡା**

ତୁମ ଚିଠିକୁ ଚିରିଦେଲା ପରେ
ତୁମେ ମିଶିଗଲ ମୋ' ଶରୀରରେ,
ଟୋପାଏ ମିଛକୁ ଭୁଲିଗଲି ସିନା
ତୁମେ ରହିଗଲ ହୃଦୟରେ।
ପାପର ସମ୍ପର୍କ ଭାଙ୍ଗିଗଲା ପରେ

ତୁମେ ରହିଗଲ ଅକୁହା ଶବ୍ଦରେ,
ଅଜଣା ପୁରୁଷ ଆସିଥିଲ ଦିନେ
ତୁମେ ରହିଗଲ ହୃଦୟରେ।

ଦୁନିଆ ଆଗରେ ଭୁଲିଯାଇପାରେ
ତୁମେ ରହିଗଲ ମିଠା ସ୍ମୃତିରେ,
ଆମ ସ୍ୱପ୍ନ ସବୁ ରହିଲା ଅଧାରେ
ତୁମେ ରହିଗଲ ହୃଦୟରେ।

ଥରେ ମାତ୍ର ଆସ ସାଇତା ଚିଠିରେ
ରଖିବି ତୁମକୁ ଡାଇରୀ ଫର୍ଦ୍ଦରେ,
ତୁମ ପରିଚୟ ଭୁଲିଯାଇ ପରେ
ତୁମେ ରହିଗଲ ହୃଦୟରେ।

ମୋ: ୯୬୯୨୩୬୧୪୦୪

### ମଧୁକ୍ଷରା ମଧୁମାସ
**ଜୟନ୍ତୀ ସାହୁ**

ତମେ ଆସିଛ ବୋଲି ହିଁ
ଗର୍ଭଭାରାରେ ନଇଁପଡ଼େ
କୁଆଁରୀ ବଉଳ
ଥୁଣ୍ଟା ଗଛରେ କଅଁଳେ
ନବନବ ପତ୍ରର ସମ୍ଭାର
କୋଇଲି କଣ୍ଠରେ କୁହୁ
ପୁଷ୍ପ କୋରକରେ ମହୁ

ହଳଦୀବସନ୍ତ ରଚେ
ବର୍ଣ୍ଣବିଭା ପୁଣି
ବିଳାସୀ ବସନ୍ତ ପାଇଁ ମେଳିଦିଏ
କୃଷ୍ଣଚୂଡ଼ା ରଙ୍ଗର ରୋଶଣି
ଲଳିତ ମଧୁର ଭରା
ବିହଙ୍ଗ କାକଳି
ମଲ୍ଲିକଢ଼ି ସୁବାସରେ
ମଳୟ ପରଶ
ଫଗୁଣର ଜ୍ୟୋତ୍ସ୍ନା ସାଥେ
ବସୁନ୍ଧରା ଭାଙ୍ଗୁଛି ଅଳସ...

ମଧୁକ୍ଷରା ଆଗୋ ମଧୁମାସ!
ମଧୁମୟ ହେଉ ବିଶ୍ୱ
ଲଭି ତୁମ ମଧୁର ପରଶ।

ମୋ: ୮୦୯୩୪୮୬୬୭୪

## କୈଫିୟତ
**ସୁନନ୍ଦା ମହାନ୍ତି**

**ଲଘୁ ଗଳ୍ପ**

ଏମିତି ଭାବରେ ରାମର ବାହାଘର ହୋଇଥିଲା ଯେ ଖାଲି କୈଫିୟତ ଦେଇ ଦେଇ ଜୀବନ ବିତୁଥିଲା ତା'ର। ତା' ଭିତରେ ସ୍ତ୍ରୀ କରି ଆଣିଥିବା ଝିଅଟିର ମନକଥା ବୁଝିବା ଦୂରେ ଥାଉ, ଏପର୍ଯ୍ୟନ୍ତ ତାକୁ ଆଖି ପୂରେଇ ଭଲକରି ଦେଖି ନଥିଲା ରାମ। ଭଉଣୀ ବାହାଘର ତିଥିରେ ନିଜେ ବାହାହୋଇ, ଭଉଣୀ ବାହାଘର ଭୋଜିକୁ ଡକାଯାଇଥିବା କୁଣିଆ ମଇତ୍ର ବନ୍ଧୁବାନ୍ଧବ ସାଙ୍ଗସାଥିଙ୍କୁ ନିଜ ବାହାଘର ଭୋଜି ଖୁଆଇ ସେ ଭୁଲି ଯାଇଥିଲା ଆଉ ଗୋଟେ ଦିନ ବାକିଥିବା ବାହାଘର ତିଥିରେ ଝିଅ ଠିକ୍ କରିବା ଦାୟିତ୍ୱ ବାପା ବୋଉ କିପରି ସ୍ଥିର କରିପାରିଲେ। ପଚାରିବ ପଚାରିବ ବୋଲି ପଚାରି ପାରି ନ ଥିଲା ରାମ ଏପର୍ଯ୍ୟନ୍ତ ବୋଉ କି ବାପା ଅବା ଜୀବନସାଥି ସୀତାକୁ। ସେହି ବାହାଘରର ବାସି କାମ ଯଥା କାହାର ବାକି ଶୁଝିବା, ବନ୍ଧୁ ମର୍ଯ୍ୟାଦା ଦେବା, କାହାଠୁ କ'ଣ ଆସିଥିଲା ଫେରେଇବା ଇତ୍ୟାଦି କଥା ବୁଝୁବୁଝୁ ସେଦିନ ରାମ ବୋଉକୁ ପଚାରି ଦେଇଥିଲା ତୋର ଏ ସୀତା ପରି ଝିଅଟିକୁ ବୋହୂ କରିବାକୁ ରାତି ଭିତରେ କୋଉଠୁ ପାଇଲୁ? ବୋଉ ହସିଦେଇ ବାଟ ଭାଙ୍ଗି ରୋଷେଇ ଘରକୁ ଚାଲି ଯାଉ ଯାଉ ନବବିବାହିତା ପତ୍ନୀ ସୀତା ହାତରୁ ଚା କପ୍‌ଟିକୁ ନେଉ ନେଉ ତା' ମୁହଁକୁ ଚାହିଁ ଚମକି ପଡ଼ିଲା ରାମ। ଆଗରୁ କୋଉଠି ଏ ଝିଅକୁ ସେ ଦେଖିଛି। ଖାଲି ଦେଖିଛି ନୁହେଁ, ହୃଦୟର କେଉଁ ଏକ ନିଭୃତ କୋଠରିରେ ବନ୍ଦି କରି ରଖିଥିବା ଝିଅର ଫଟୋର ଜୀବନ୍ତ ଚେହେରା ତ ଏଇ ସୀତା! ଚମକି ପଡ଼ିଲା ରାମ, ଏହା କେମିତି ସମ୍ଭବ?

ସେଦିନ ଥାଏ ରାକ୍ଷୀ ପୂର୍ଣ୍ଣମୀର ପୂର୍ବ ଦିନ। ଫୋନ୍ ଆସିଲା ଭଉଣୀ ରାଧାର। ବାହାଘର ଆଉ ଗୋଟେ ଦିନ ବାକିଥିବା ବେଳେ ଘରୁ ଗୋଡ଼ କାଢ଼ି ଅଶୋକ ସହିତ ସଂସାର ବାନ୍ଧିବାରୁ ବାପା ମାଆ ଦୂରେଇ ଦେଇ ତା'ର ଶୁଦ୍ଧିକ୍ରିୟା କରି ସେହି ତିଥିରେ ରାମର ବାହାଘର କରିଥିଲେ। ରାମ ହୃଦୟରେ କୋଉଠି ନା କୋଉଠି ରାଧା ପାଇଁ ବ୍ୟାକୁଳ ହେଉଥିବା ବେଳେ ରାଧାର ଫୋନ୍ ରାମକୁ ଯେତିକି ଚମତ୍କୃତ କରିଥିଲା, ରାଧା ମୁହଁରୁ ଭାଉଜ ବିଷୟରେ ବୁଝିବା ତତୋଽଧିକ ଆଶ୍ଚର୍ଯ୍ୟ କରିଥିଲା ରାମକୁ। ଏ ବାହାଘର ଭିତରେ ରାମ ଯେତିକି ସୀତା ବିଷୟରେ ଜାଣିନଥିଲା ରାଧା ସେତିକି ଜାଣିଥିଲା, ହେଲେ କେମିତି? ରାଧା ମନେପକାଇ ଦେଇଥିଲା ରାମକୁ ସେଦିନର କଥା। ରାଧା ସିଟି ପାସ୍ କରିବା ପରେ ପୋଷ୍ଟିଂ ପାଇଯାଇଥିଲା। ଜିନିଷପତ୍ର ସଜାଡୁ ସଜାଡୁ ମନେପଡ଼ିଲା ତାଙ୍କ ନିର୍ଦ୍ଦିଷ୍ଟ ଦୋକାନର ନିର୍ଦ୍ଦିଷ୍ଟ ପଖାଳ ମିକ୍ସଚର କଥା। ଯୋଉ ମିକ୍ସଚରରେ ଅଧିକା ଥାଏ ବଡ଼ି ଭଜା ଓ ଶୁଖିଲା ଲଙ୍କାର ଛୁଙ୍କ। ଦୁଇ ଭାଇ ଭଉଣୀ ସଙ୍ଗେ ସଙ୍ଗେ ବାହାରିଥିଲେ ବଜାର।

ରାଧା ଦୋକାନ ଭିତରେ ପଶି ପାଞ୍ଚ ପ୍ୟାକେଟ ମିକ୍ସଚର ଆଣୁ ଆଣୁ ଅପେକ୍ଷା କରିଥିଲା ରାମ ବାହାରେ। ହଠାତ୍ ତା'ର ନଜର ପଡ଼ିଥିଲା ଗୋଟେ ଝିଅ ଉପରେ, ଯିଏ ଟିକେ ଦୂରରେ ଇଲେକ୍ଟ୍ରି ଖୁଣ୍ଟ ତଳେ ଠିଆ ହୋଇ ଜଣେ ବୟସ୍କା ମହିଳା ସହ ଭିଜୁଥିଲା ବର୍ଷାରେ। ତା' ଉପରେ ନଜର ପଡ଼ିବା ମାତ୍ରେ ରାମ ମନରେ ସହୃଦୟତା ଜାଗିଥିଲା ତ ସେ ପାଖରେ ଥିବା ଦୁଇଟି ଛତା ଭିତରୁ ଗୋଟିଏ ନେଇ ଟେକି ଧରିଥିଲା ସେହି ଝିଅ ଓ ବୟସ୍କା ମହିଳାଙ୍କ ଉଦ୍ଦେଶ୍ୟରେ, କିନ୍ତୁ ବୟସ୍କା ମହିଳା ଜଣଙ୍କ ଛତା ନେବା ଦୂରେ ଥାଉ, ଖୁବ୍ ଚିଡ଼ିଥିଲେ ପାଖରେ ଠିଆ ହୋଇଥିବା ସୁନ୍ଦରୀ ଝିଅ ଉପରେ। ରୀତିମତ ଗାଳି ବର୍ଷଣ କରୁଥିଲେ। ଆଜିକାଲି ପାଠପଢ଼ା ଝିଅଙ୍କ ଢଙ୍ଗରଙ୍ଗ ଭଲ ନୁହେଁ କହି ନାତୁଣୀର ହୃଦୟ ଭିଜାଇ ଦେଇଥିଲେ ଗାଳି ଓ ଅପମାନରେ। ବର୍ଷାରେ ଶରୀର ଭିଜିବା ସହ ହୃଦୟ ତନ୍ତ୍ରୀରେ ଜେଜେମାଆଙ୍କ ଗାଳି ବର୍ଷଣରେ ଝିଅଟି କହୁଥିଲା ମୁଁ ତାଙ୍କୁ ଚିହ୍ନିନି ମାଆ। ମଣିଷପଣିଆ ତଥାପି ବଞ୍ଚିଛି ବୋଲି ସେ ଆମକୁ ଛତା ଦେଉଛନ୍ତି ଏଥିରେ ମୋ' ଭୁଲ କୋଉଠି? ହଠାତ୍ ସେଠି ଝିଅଟିର ସାଙ୍ଗ ରାଧା ପହଞ୍ଚି କହିଥିଲା ନିଶ୍ଚୟ ଭୁଲ ତୋ'ଠି। ତୋର ଏ ସୁନ୍ଦର ମୁହଁ ସହ ସୁନ୍ଦର ଚେହେରା ଦେଖି ମୋ' ଭାଇ ଫସିଛି ତୋ' ପ୍ରେମ ଜାଲରେ।



ନହେଲେ ମୋ' ନୂଆ ଛତା ଦେବାକୁ ଆସି ଜେଜେମା'ଙ୍କ ପରୋକ୍ଷ ଗାଳି ଶୁଣି ନଥାନ୍ତା। କଥାଟା ସେଇଠି ଆରମ୍ଭ ହୋଇ ସେଇଠି ଶେଷ ହେଇଯାଇଥିଲା ସତ ହେଲେ ରାମ ହୃଦୟରେ ସେ ଝିଅର ଅସ୍ପଷ୍ଟ ଗୋଟେ ଅନ୍ଧାରୁଆ ଛବି କେବେ କେବେ ଆଲୋକିତ କରେ ପ୍ରତିଛବି ହୋଇ। ସେକଥା ମନେପକେଇ ଦେବା ସହ ରାଧା ପୁଣି କହିଚାଲିଥିଲା ଅନେକ କିଛି ଏତେଦିନ ପରେ ସୁଯୋଗର ସଦ୍‌ବ୍ୟବହାର କରି।

ରାଧା କ୍ଷମା ମାଗୁଥିଲା ଭାଇକୁ। ଆଉ କହିଥିଲା ସେଦିନ ଅଶୋକ ସହିତ ଗୋଡ଼ କାଢ଼ି ଚାଲିଆସିବା ପରେ ବାପା ବୋଉ ଓ ତୋ' କଥା ଭାବି ଢେର୍ କାନ୍ଦିଛି ଭାଇ। ଗୋଟେ ଦିନ ପରେ ମୋ' ବାହାଘର, କ'ଣ କେମିତି କରିବେ ମୋ' ବାପା ବୋଉ ଓ ଭାଇ? ସେହି କଥା ଭାବି ମୁଁ ଅଶୋକଙ୍କ ସଙ୍ଗରେ ପ୍ରଥମେ ଯାଇଥିଲି ରୀନା ଘରକୁ ତୋ' ପ୍ରସ୍ତାବ ନେଇ। ଆଉ ତା' ଜେଜେମା' ବାପା ଓ ବୋଉ ତଥା ସାନ ଭଉଣୀକୁ ରାଜି କରି ଆମ ଘରକୁ ପଠାଇଥିଲି। ବାପା ବୋଉ ମଧ୍ୟ ରାଜି ହୋଇ ରୀନାକୁ ସୀତା ରୂପେ ନେଇଗଲେ ଘରକୁ ବୋହୂ କରି ତୋ' ପାଇଁ। ରୀନା ଏକଥା ଜାଣେ, ତୁ ଜାଣିନୁ ଭାଇ? ରାମ ଚାହିଁଥିଲା ଏକଲୟରେ ସୀତାକୁ ଆଉ କହିଥିଲା ଜିନିଷପତ୍ର ସଜାଡ଼ ରାଧା ଘରକୁ ଯିବା। 'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ବାପା ମାଆ ମଧ୍ୟ ସାମିଲ ହୋଇଥିଲେ ରାକ୍ଷୀ ପୂର୍ଣ୍ଣମୀ ଭାର ସହ ଯାତ୍ରାରେ।

ମୋ: ୯୦୪୦୯୭୭୩୨୭

# ଆରସିବି ପକ୍ଷରୁ କୋହଲିଙ୍କ ଆଉ ଏକ ରେକର୍ଡ

**ବେଙ୍ଗାଲୁରୁ, ୨୯।୩**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି କିଙ୍ଗ୍ କୋହଲି। ବିରାଟଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଏଠାରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚରେ ୨୦ ଓଭରରେ ୬ ଉଇକେଟ ହରାଇ ୧୮୨ ରନ କରିବାକୁ ସକ୍ଷମ ହୋଇଛି। ଆରସିବି ପକ୍ଷରୁ ସର୍ବାଧିକ ଛକା ମାରିବାରେ କୋହଲି ରେକର୍ଡ କରିଛନ୍ତି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ କେକେଆର ୫ ଓଭରରେ କୌଣସି ଉଇକେଟ ନ ହରାଇ ୬୪ ରନ ସଂଗ୍ରହ କରିଛି।

ଟସ୍ ଜିତି କେକେଆର ଅଧିନାୟକ ଶ୍ରେୟସ ଆୟର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବିରାଟଙ୍କ ସହ ଅଧିନାୟକ ଫାଫ୍ ଡୁପ୍ଲେସି ଭଲ ଆରମ୍ଭ କରିଥିଲେ ହେଁ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ମାତ୍ର ୮ ରନ କରି ଆଉଟ ହେବାରୁ ୧୭ ରନରେ ପ୍ରଥମ ଝଟ୍‌କା ଖାଇଥିଲା ଆରସିବି। କୋହଲି ଓ କାମେରନ ଗ୍ରୀନ୍ ଇନିଂସ ସମ୍ଭାଳିଥିଲେ। ଦୁହେଁ ଦ୍ୱିତୀୟ ଉଇକେଟରେ ୪୨ ବଲ୍‌ରୁ ୬୫ ରନ ଯୋଗକରି ଦଳକୁ ଏକ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଗ୍ରୀନ୍ ୨୧ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୩୩ ରନ କରିଥିବାବେଳେ ଆନ୍ଦ୍ରେ ରସେଲଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଗ୍ଲେନ ମ୍ୟାକ୍ସୱେଲ ୨ଥର ଜୀବନଦାନ ପାଇଥିଲେ ମଧ୍ୟ ତାହାର ବିଶେଷ ଫାଇଦା ନେଇପାରି ନ ଥିଲେ। ସେ ୧୯ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୨୮ ରନ କରି ପାରିଥିଲେ। ଫର୍ମରେ ନ ଥିବା ରଜତ ପଟିଦାର ଏଠାରେ ମଧ୍ୟ ବିଫଳ ହୋଇ ମାତ୍ର ୩ ରନରେ ପ୍ୟାଭିଲିୟନ ଫେରିଥିଲେ। ଯୁବ ଉଇକେଟ କିପର ଅନୁଜ ରାୱତ ମଧ୍ୟ ୩ ରନ କରି ଆଉଟ ହୋଇଥିଲେ। ଶେଷ ପର୍ଯ୍ୟନ୍ତ ଏକାକୀ ଲଢ଼େଇ ଜାରି ରଖିଥିଲେ ବିରାଟ। ତାଙ୍କୁ ଶେଷ ଭାଗରେ ଉପଯୁକ୍ତ ସହଯୋଗ କରିଥିଲେ ଫିନିଶର ଦୀନେଶ କାର୍ତ୍ତିକ। ଦୁହେଁ ୬ଷ୍ଠ ଉଇକେଟରେ ୧୫ ବଲରୁ ୩୧ ରନ କରିବାରୁ ଆରସିବି ସ୍କୋର ୧୮୨ରେ ପହଞ୍ଚି ପାରିଥିଲା। କାର୍ତ୍ତିକ ୮ ବଲ୍‌ରୁ ୩ ଛକା ସହାୟତାରେ ୨୦ ରନକରି ଶେଷ ବଲ୍‌ରେ ରନ୍‌ଆଉଟ ହୋଇଥିବାବେଳେ ଅପରାଜିତ ରହିଥିଲେ ବିରାଟ। ସେ ୫୯ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୪ ଛକା ସହାୟତାରେ ୮୩ ରନ କରିଥିଲେ। ଏହି ଅବସରରେ ଏକ ରେକର୍ଡର ଅଧିକାରୀ ହୋଇଥିଲେ କୋହଲି। ସେ ଆରସିବି ପକ୍ଷରୁ ସର୍ବାଧିକ ଛକା ମାରିବାରେ କ୍ରିସ୍ ଗେଲ୍‌ଙ୍କୁ ଅତିକ୍ରମ କରି ଯାଇଥିଲେ। ଗେଲ୍ ୨୩୯ ଛକା ସହ ରେକର୍ଡର ଅଧିକାରୀ ଥିଲେ। କୋହଲିଙ୍କ ଛକା ସଂଖ୍ୟା ୨୪୧ରେ ପହଞ୍ଚିଛି। ଆରସିବି ପକ୍ଷରୁ ଏବି ଡି'ଭିଲର୍ସ ୨୩୮ଟି ଛକା ମାରି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।

ଆରସିବି ୧ରୁ ୬ ଓଭର ମଧ୍ୟରେ ପାୱାରପ୍ଲେରେ ୧ ଉଇକେଟ ହରାଇ ୧୦.୧୬ ହାରରେ ୬୧ ରନ କରିଥିଲା। ୭ରୁ ୧୧ ଓଭର ମଧ୍ୟରେ ରନହାର ଧିମେଇ ଯାଇଥିଲା। ଗୋଟିଏ ଉଇକେଟ ହରାଇ ଦଳ ୫.୨ ହାରରେ ମାତ୍ର ୨୬ ରନ କରିଥିଲା। ୧୨ରୁ ୧୫ ଓଭର ମଧ୍ୟରେ ଦଳ ୧ ଉଇକେଟ ହରାଇଥିଲା ଏବଂ ୧୧.୭୫ ହାରରେ ୪୭ ରନ ସଂଗ୍ରହ କରିଥିଲା। ୧୬ରୁ ୧୮ ଓଭର ମଧ୍ୟରେ ଦଳକୁ ଆଶାନୁରୂପ ରନ ମିଳି ନ ଥିଲା। ଦଳ ୨ ଉଇକେଟ ହରାଇ ୬.୩୩ ହାରରେ ମାତ୍ର ୧୯ ରନ କରିବାକୁ ସକ୍ଷମ ହୋଇଥିଲା। ୧୯-୨୦ ଓଭରରେ ଦଳ ଗୋଟିଏ ଉଇକେଟ ହରାଇଥିଲେ ହେଁ ୧୪.୫ ହାରରେ ୨୯ ରନ କରିବାକୁ ସକ୍ଷମ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୮୨/୬ (ବିରାଟ କୋହଲି-୮୩, କାମେରନ ଗ୍ରୀନ୍-୩୩, ଗ୍ଲେନ ମ୍ୟାକ୍ସୱେଲ-୨୮, ହର୍ଷିତ ରାଣା-୨/୩୯, ଆନ୍ଦ୍ରେ ରସେଲ-୨/୨୯, ସୁନୀଲ ନାରିନ-୧/୪୦)।



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ପଞ୍ଜାବ**

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପର କିଙ୍ଗ୍ସ | ୨ | ୨ | ୦ | ୪ | +୧.୯୭୯ |
| ରାଜସ୍ଥାନ ରୟାଲ୍ସ | ୨ | ୨ | ୦ | ୪ | +୦.୮୦୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୨ | ୧ | ୧ | ୨ | +୦.୬୭୫ |
| କୋଲକାତା ନାଇଟ ରାଇଡର୍ସ | ୧ | ୧ | ୦ | ୨ | +୦.୨୦୦ |
| ପଞ୍ଜାବ କିଙ୍ଗ୍ସ | ୨ | ୧ | ୧ | ୨ | +୦.୦୨୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୨ | ୧ | ୧ | ୨ | -୦.୧୮୦ |
| ଗୁଜରାଟ ଟାଇଟନ୍ସ | ୨ | ୧ | ୧ | ୨ | -୧.୪୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୦ | ୨ | ୦ | -୦.୫୨୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୦ | ୨ | ୦ | -୦.୯୨୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧ | ୦ | ୧ | ୦ | -୧.୦୦୦ |

# ନୟାଗଡ଼, ଭୁବନେଶ୍ୱର 'ବି', ପୁରୀ ବିଜୟୀ

**ଭୁବନେଶ୍ୱର, ୨୯।୩**

(ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ସିନିୟର ଆନ୍ତଃଜିଲା କ୍ରିକେଟ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ନୟାଗଡ଼, ଭୁବନେଶ୍ୱର 'ବି', ପୁରୀ ଦଳ ବିଜୟୀ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚରେ ନୟାଗଡ଼ ୩୭ ରନରେ ମୟୂରଭଞ୍ଜକୁ ପରାସ୍ତ କରିଛି। ନୟାଗଡ଼ ୪୯.୪ ଓଭରରେ ୨୩୬ ରନକରି ଅଲ୍‌ଆଉଟ ହୋଇଥିବାବେଳେ ମୟୂରଭଞ୍ଜ ୪୭ ଓଭରରେ ୧୯୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଡ୍ରିମ୍ସ ଷ୍ଟାଡିୟମରେ ଆୟୋଜିତ ରୋମାଞ୍ଚକ ମ୍ୟାଚରେ ଭୁବନେଶ୍ୱର 'ବି' ୧ ରନରେ କେନ୍ଦୁଝରକୁ ହରାଇ ଦେଇଛି। ଭୁବନେଶ୍ୱର 'ବି' ୩୬ ଓଭରରେ ୧୫୨ ରନକରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ କେନ୍ଦୁଝର ୩୬.୪ ଓଭରରେ ୧୫୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପୁରୀ ୬ ଉଇକେଟରେ କୋରାପୁଟକୁ ହରାଇ ଦେଇଛି। କୋରାପୁଟ ୩୭.୧ ଓଭରରେ ୧୧୬ ରନରେ ସମସ୍ତ ଉଇକେଟ ହରାଇଥିଲା। ପୁରୀ ୨୨.୪ ଓଭରରେ ୪ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରି ନେଇଥିଲା। ପୁରୀର ରଷିକେଶ ଦାସ ୬ ଓଭର ବୋଲିଂ କରି ଗୋଟିଏ ମେଡେନ ନେବାସହ ୧୮ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଛନ୍ତି।

**କଳାହାଣ୍ଡି କପ୍ କ୍ରିକେଟ**

**ରଷିକେଶ ଦାସଙ୍କୁ ୫ ଉଇକେଟ**



୫ ଉଇକେଟ ହାସଲକାରୀ ରଷିକେଶ ଦାସ।

# ଜାତୀୟ ସିନିୟର ହ୍ୟାଣ୍ଡବଲ୍‌ରେ ଭାଗନେବ ଓଡ଼ିଶା



ଜାତୀୟ ସିନିୟର ହ୍ୟାଣ୍ଡବଲ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୯।୩**

(ବିଜୟ ରଣା)

ବିହାର ରାଜ୍ୟ ଅନ୍ତର୍ଗତ ବେଗୁସରାଇଠାରେ ମାର୍ଚ୍ଚ ୩୧ରୁ ୫୨ତମ ଜାତୀୟ ସିନିୟର ପୁରୁଷ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକ ୧୮ ଜଣିଆ ଦଳ ଭାଗ ନେବ। ଖେଳାଳିମାନେ ହେଲେ ରୁଦ୍ରପ୍ରତାପ ରାଉତ, ମହମ୍ମଦ ଓସମାନ, ସାଗର ଦାସ, ଉତ୍ତମ ଜନ୍, ସରୋଜ କୁମାର ନାୟକ, ଜ୍ୟୋତି ରଞ୍ଜନ ଲେଙ୍କା, ସଞ୍ଜୟ କୁମାର ମୁଦୁଲି, ଅଞ୍ଜନ ମହାନ୍ତି, ଶାନ୍ତନୁ ବିଶ୍ୱାଳ, ଦ୍ୱିପେନ୍ଦ୍ର ସ୍ୱାଇଁ, ଗୋଲଖନାଥ ଦାସ, ମଣିରତ୍ନମ ଦାସ ମହାପାତ୍ର, କାମଦେବ କାଦ୍ରାକା, ସୁମନ କୁସନ, ଗମାଇ ହୋ, କ୍ଷତୀଶ ଚନ୍ଦ୍ର ଖଟେଇ, ବିଶ୍ୱନାଥ କୋନହାର ଓ ନିହାର ରଞ୍ଜନ ସେଣ୍ଠ। ଦଳ ସହିତ ପ୍ରଶିକ୍ଷକ ଭାବେ ପ୍ରଭାତ କୁମାର ଦଳାଇ ଓ ପ୍ରବନ୍ଧକ ଭାବେ ଶଶିକାନ୍ତ ସ୍ୱାଇଁ ଗସ୍ତ କରିଛନ୍ତି।

# ସିନ୍ଧୁ ପରାସ୍ତ: ସିକ୍କି-ସୁମିତ ସେମିଫାଇନାଲରେ

**ମାଡ୍ରିଡ୍, ୨୯।୩ (ପି.ଟି.)**

ଭାରତର ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ମାଡ୍ରିଡ ସ୍ପେନ ମାଷ୍ଟର୍ସ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ସେ ଥାଇଲାଣ୍ଡର ସୁପାନିଦା କେଟ୍‌ଥଙ୍ଗ୍‌ଙ୍କଠାରୁ ୨୪-୨୬, ୨୧-୧୭, ୨୨-୨୦ରେ ହାରିଯାଇଛନ୍ତି। ସିନ୍ଧୁ ଗତଥର ଏଠାରେ ରନରଅପ୍ ହୋଇଥିଲେ। ଅନ୍ୟପକ୍ଷରେ ଭାରତର ସ୍ୱାମୀ-ସ୍ତ୍ରୀ ଯୋଡ଼ି ଏନ୍. ସିକ୍କି ରେଡ୍ଡୀ ଓ ବି. ସୁମିତ୍ ରେଡ୍ଡୀ କିନ୍ତୁ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି ମିକ୍ସଡ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ଚତୁର୍ଥ ସିଡ୍ ତଥା ଇଣ୍ଡୋନେସିଆର ରେହାନ ନୌଫାଲ କୁଶାରଜାଣ୍ଟୋ ଓ ଲିସା ଆୟୁ କୁସୁମାବତୀଙ୍କୁ ୧୪-୨୧, ୨୧-୧୧, ୨୧-୧୭ରେ ହରାଇ ଦେଇଛନ୍ତି। ତେବେ ତୃତୀୟ ସିଡ୍ ମହିଳା ଡବଲ୍ସ ଯୋଡ଼ି ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ମହିଳା ଡବଲ୍ସ କ୍ୱାର୍ଟରଫାଇନାଲରେ ୬ଷ୍ଠ ସିଡ୍ ଚାଇନିଜ ତାଇପେର ଲି ଚିଆ ହିନ୍ ଓ ତେଙ୍ଗ୍ ଚୁନ୍ ହୁନ୍‌ଙ୍କଠାରୁ ୧୩-୨୧, ୧୯-୨୧ରେ ହାରି ପ୍ରତିଯୋଗିତାରୁ ବାହାର ହୋଇଯାଇଛନ୍ତି।

# ଲକ୍ଷ୍ନୌକୁ ଅଲରାଉଣ୍ଡ ପ୍ରଦର୍ଶନ କରିବାକୁ ହେବ



ଶିଖର ଧାୱନ ଓ ଲୋକେଶ ରାହୁଲ।

**ଲକ୍ଷ୍ନୌ, ୨୯।୩ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏହାର ଦ୍ୱିତୀୟ ମ୍ୟାଚ ଶନିବାର ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଜିତିବାକୁ ହେଲେ ଦଳକୁ ଅଲରାଉଣ୍ଡ ପ୍ରଦର୍ଶନ କରିବାକୁ ହେବ। କେ.ଏଲ୍. ରାହୁଲଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ଦଳ ଚଣ୍ଡିଗଡ଼ରେ ସେମାନଙ୍କ ଓପନିଂ ଗେମ୍‌ରେ ରାଜସ୍ଥାନ ରୟାଲ୍ସଠାରୁ ୨୦ରନରେ ପରାଜିତ ହୋଇଥିଲା। କେବଳ କ୍ରୁନାଲ ପାଣ୍ଡ୍ୟାଙ୍କୁ ଛାଡ଼ିଦେଲେ ଦଳର ଅନ୍ୟ ବୋଲରମାନେ ଏହି ମ୍ୟାଚରେ ପ୍ରଭାବହୀନ ମନେହୋଇଥିଲେ ଏବଂ ବହୁ ରନ ଦେଇଥିଲେ। ମାର୍କ ଉଡ୍ ଓ ଡେଭିଡ୍ ୱିଲିଙ୍କ ଅନୁପସ୍ଥିତିରେ ମହସିନ ଖାନ୍, ନବୀନ ଉଲ୍ ହକ୍ ଓ ଯଶ ଠାକୁରଙ୍କୁ ନେଇ ଲକ୍ଷ୍ନୌ ପେସ୍ ବାହିନୀ ଦୁର୍ବଳ ମନେ ହୋଇଥିଲା। ଆସନ୍ତା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବା ପାଇଁ ସଂଘର୍ଷ ଚଳାଇଥିବା ରବି ବିଷ୍ଣୋଇ ପ୍ରତି ଟୁର୍ନାମେଣ୍ଟ ଓପନରରେ ଅତି ସାଧାରଣ ମନେହୋଇଥିଲେ। ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଅଧିନାୟକ ରାହୁଲ ଉଇକେଟକିପର-ବ୍ୟାଟର ଭୂମିକା ନିର୍ବାହ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ପ୍ରତ୍ୟାବର୍ତ୍ତନ ଗେମ୍‌ରେ ୫୮ରନ କରିଛନ୍ତି। ତାଙ୍କ ପ୍ରଦର୍ଶନ ଠିକ୍‌ଠାକ୍ ମନେହେଉଛି। ରୟାଲ୍ସ ବିପକ୍ଷ ମ୍ୟାଚ ଖେଳି ନ ଥିବା ତାଙ୍କ ଓପନିଂ ପାର୍ଟନର କ୍ୱିଣ୍ଟନ ଡି'କକ୍ ପଞ୍ଜାବ ବିପକ୍ଷ ମ୍ୟାଚରେ ଦଳକୁ ଫେରିବେ। ଡାଉନ ଅର୍ଡରରେ ଦେବଦତ୍ତ ପଡିକାଲ, ଆୟୁଷ ବଦାନୀ, ଦୀପକ ହୁଡାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ସଫଳତା ଆହୁରି ମଧ୍ୟ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସଙ୍କ ଫର୍ମରେ ନିର୍ଭରଶୀଳ। ଷ୍ଟୋଇନିସ (୪୦୮ରନ) ଗତବର୍ଷ ଦଳର ସବୁଠାରୁ ଅଧିକ ରନ ସଂଗ୍ରହକାରୀ ବ୍ୟାଟର ରହିଥିଲେ। ଅନ୍ୟପକ୍ଷରେ ଚଳିତ ସିଜନରେ ପଞ୍ଜାବ କିଙ୍ଗ୍ସର ପ୍ରଦର୍ଶନ ଏପର୍ଯ୍ୟନ୍ତ ୫୦-୫୦ ରେକର୍ଡ ରହିଛି। ଦଳ ଗୋଟିଏ ମ୍ୟାଚ ଜିତିଥିବା ବେଳେ ଗୋଟିଏରେ ପରାଜିତ ହୋଇଛି। ଶିଖର ଧାୱନଙ୍କ ନେତୃତ୍ୱାଧୀନ ଦଳକୁ ପାୱାର ପ୍ଲେରେ ଏହାର ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡ଼ିବ। ପ୍ରଥମ ଦୁଇଟି ଗେମ୍‌ରେ ଭଲ ପ୍ରଦର୍ଶନ କରିପାରି ନ ଥିବା ଜନି ବେୟାରଷ୍ଟୋଙ୍କୁ ଫର୍ମକୁ ଫେରିବାକୁ ପଡ଼ିବ। ଧାୱନଙ୍କୁ ତାଙ୍କ ଷ୍ଟ୍ରାଇକରେଟ୍ ବଢ଼ାଇବାକୁ ପଡ଼ିବ। ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ଲାଗି ଆଶା ରଖିଥିବା ଉପଅଧିନାୟକ ଜିତେଶ ଶର୍ମାଙ୍କୁ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ହେଲେ ଭଲ ପ୍ରଦର୍ଶନ କରିବାକୁ ହେବ।

# ପ୍ରଥମ ଦିବସରେ ଓଡ଼ିଶାକୁ ୨୬ ପୁରସ୍କାର

**ଖେଲୋ ଇଣ୍ଡିଆ ଜୁନିୟର ମହିଳା ସୁଇମିଂ ସିରିଜ**

**ଭୁବନେଶ୍ୱର, ୨୯।୩**

(ବିଜୟ ରଣା)

ବିହାର ରାଜ୍ୟସ୍ଥିତ ପାଟଣାଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସୁଇମିଂ ସିରିଜ ଜୋନ୍-୪ (ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟ ପ୍ରଦେଶ, ଓଡ଼ିଶା)ର ପ୍ରଥମ ଦିବସରେ ୫୦ଟି ପୁରସ୍କାର ମଧ୍ୟରୁ ଓଡ଼ିଶା ୨୬ଟି ପୁରସ୍କାର ଲାଭ କରିଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ଓଡ଼ିଶାର ସନ୍ତରଣକାରୀମାନେ ହେଲେ- ୧. ଦିବ୍ୟାଙ୍କ ଦିବ୍ୟଜ୍ୟୋତି ପ୍ରଧାନ: ୨୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ (୧୮ ବର୍ଷରୁ କମ୍)। ୨. ଅଞ୍ଚଲ ବାଗ୍: ୨୦୦ମିଟର ବ୍ରେଷ୍ଟଷ୍ଟ୍ରୋକ୍(୧୫ବର୍ଷରୁ କମ୍)। ୩. ଅର୍ପିତା ସାମଲ: ୧୦୦ମିଟର ବଟଲ ଫ୍ଲାଏ (୧୫ ବର୍ଷରୁ କମ୍)। ୪.ଅଂଶିକା ଆରାଧନା ସାହୁ: ୨୦୦ମିଟର ଫ୍ରିଷ୍ଟାଇଲ (୧୫ ବର୍ଷରୁ କମ୍)। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଓଡ଼ିଶା ସନ୍ତରଣକାରୀ- ୧.ଭଦ୍ର ଶତପଥୀ (୧୮ ବର୍ଷରୁ କମ୍) ୨୦୦ମିଟର ଫ୍ରିଷ୍ଟାଇଲ। ୨. ମାହିକା ମାହାକୁଡ଼ (୧୮ ବର୍ଷରୁ କମ୍) ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍। ୩. ପ୍ରିୟଦର୍ଶିନୀ ରାଉତ (୧୫ ବର୍ଷରୁ କମ୍) ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍। ୪. ଆକାଂକ୍ଷା ନାୟକ (୧୮ ବର୍ଷରୁ କମ୍) ୧୦୦ମିଟର ବଟର ଫ୍ଲାଏ। ୫. ସୃଷ୍ଟି କାଲାସ ସିନି (୧୫ ବର୍ଷରୁ କମ୍) ୧୦୦ମିଟର ବଟରଫ୍ଲାଏ। ୬. ଅଲ୍ୟାନା ପଣ୍ଡା (୧୫ ବର୍ଷରୁ କମ୍) ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍। ଓଡ଼ିଶାର ଅନ୍ୟ କେତେଜଣ ସନ୍ତରଣକାରୀ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ସହଯୋଗରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ୧ମରୁ ୫ମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କ ଲାଗି ଆର୍ଥିକ ପୁରସ୍କାରର ବ୍ୟବସ୍ଥା ଅଛି। ଅଂଶଗ୍ରହଣକାରୀ ଓଡ଼ିଶା ସନ୍ତରଣକାରୀମାନଙ୍କୁ ଓଡ଼ିଶା ସରକାରଙ୍କ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ସମସ୍ତ ସହାୟତା ପ୍ରଦାନ କରାଯାଇଥିଲା। ସେମାନଙ୍କୁ ଯଥା ଯିବା ଆସିବା ବିମାନ ଟିକେଟ, ଲଜିଂ ଓ ବୋର୍ଡିଂ ସୁବିଧା ଯୋଗାଇ ଦିଆଯାଇଥିଲା। ସନ୍ତରଣକାରୀଙ୍କ ଦର୍ଶନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସଭାପତି ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ଖେଲୋ ଇଣ୍ଡିଆ ଜୁନିୟର ମହିଳା ସୁଇମିଂ ସିରିଜର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ